ଧରିତ୍ରୀ
DHARITRI
ପୃଷ୍ଠା–୮+୮
ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୦/୨୦୨୬ (୮+୮=୧୬ ପୃଷ୍ଠା) Bhubaneswar, Monday, April 20/2026 Page 16 ₹ 7.00
୫୨ଶ ଭାଗ ୧୪୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 145 ମୂଲ୍ୟ ₹୭/-




KP GROUP
Quality Since 1965
ସଫଳ ଲୋକଙ୍କ ପ୍ରଥମ ପସନ୍ଦ
Safal
ପାନ ମସଲା
ପଲ୍ ପଲ୍ ସଫଲ୍
NEW PACK
CELEBRATING 60 YEARS
Safal
TM
PAN MASALA
No Tobacco, No Nicotine
•Not recommended for minors
•Chewing of pan masala is injurious to health



**ପୁଣି ମା’ ହେବେ ଦୀପିକା**

ବଲିଉଡ ଷ୍ଟାର୍ ଦୀପିକା ପାଡୁକୋନ-ରଣବୀର ସିଂ ଦ୍ୱିତୀୟ ଥର ମା’ବାପା ହେବାକୁ ଯାଉଥିବା ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି।

୦୨

୦୬

**ପ୍ରିୟାଂଶଙ୍କ ବିସ୍ଫୋରକ ବ୍ୟାଟିଂ**

ଲକ୍ଷ୍ନୌ ସୁପର ଜାଏଣ୍ଟ ବିପକ୍ଷ ଆଇପିଏଲ୍ ମ୍ୟାଚରେ ବିସ୍ଫୋରକ ବ୍ୟାଟିଂ କରିଛନ୍ତି ପଞ୍ଜାବ କିଙ୍ଗ୍ସର ପ୍ରିୟାଂଶ ଆର୍ଯ୍ୟ ।





ତାମିଲନାଡୁର ବିରୁଧୁନଗର ଜିଲା କଚ୍ଚନାରପଚ୍ଚିସ୍ଥିତ ବାଣ କାରଖାନାରେ ରବିବାର ବିସ୍ଫୋରଣ ପରେ ଉଦ୍ଧାର କାର୍ଯ୍ୟ କରାଯାଉଛି।

# ଡିଲ୍ ନ କଲେ ପାୱାର ପ୍ଲାଣ୍ଟ ଉଡ଼ାଇଦେବୁ: ଟ୍ରମ୍ପ

- ଆଜି ଇସ୍‌ଲାମାବାଦ ଯିବେ ଆମେରିକୀୟ ପ୍ରତିନିଧି
- ୨ୟ ପର୍ଯ୍ୟାୟ ଆଲୋଚନାରେ ସାମିଲ ହେବନି ଇରାନ୍

ୱାଶିଂଟନ୍/ ଇସ୍‌ଲାମାବାଦ, ୧୯।୪ (ଏ.ପି./ରଏଟର୍ସ)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତିନିଧିମାନେ ଇରାନ୍ ସହ ଶାନ୍ତି ଆଲୋଚନାରେ ଯୋଗଦେବା ପାଇଁ ସୋମବାର ଇସ୍‌ଲାମାବାଦ ଯିବେ। ସେମାନେ ସନ୍ଧ୍ୟା ସୁଦ୍ଧା ପହଞ୍ଚିଯିବେ ବୋଲି ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ସୂଚନା ଦେଇଛନ୍ତି। ତେବେ ଏଥର ଯେପରି ଆଲୋଚନା ସଫଳ ହେବ ସେଥିଲାଗି ଇରାନ୍ ଉପରେ ଚାପ ସୃଷ୍ଟି ପାଇଁ ଟ୍ରମ୍ପ ପୁନର୍ବାର ଚେତାବନୀ ଦେବାକୁ ପଛାଇନାହାନ୍ତି। ଟ୍ରମ୍ପ କହିଛନ୍ତି, ଆମେ ଏକ ଉତ୍ତମ ଓ ଅତ୍ୟନ୍ତ ଯୁକ୍ତିଯୁକ୍ତ ଡିଲ୍ ପାଇଁ ପ୍ରସ୍ତାବ ଦେଇଛୁ। ଇରାନୀୟ ପ୍ରତିନିଧି ଦଳ ଏହାକୁ ଗ୍ରହଣ କରିବେ ବୋଲି ଆଶା। ଯଦି ସେମାନେ ଗ୍ରହଣ ନ କରନ୍ତି, ତେବେ ଆମେରିକା ଇରାନ୍‌ର ପ୍ରତ୍ୟେକ ପାୱାର ପ୍ଲାଣ୍ଟ ଓ ବ୍ରିଜ୍‌କୁ ଟାର୍ଗେଟ କରିବ। ଆଉ ଦୟା କରାଯିବ ନାହିଁ। ଏପରି ଆକ୍ରମଣ କରାଯିବ ଯାହାକୁ ସେମାନେ ଗତ ୪୭ ବର୍ଷ ମଧ୍ୟରେ କେବେ ଦେଖି ନ ଥିବେ ବୋଲି ଟ୍ରମ୍ପ ଚେତାବନୀ



ଡୋନାଲ୍ଡ ଟ୍ରମ୍ପ

ଦେଇଛନ୍ତି। ଅନ୍ୟପକ୍ଷେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ସାମିଲ ହେବାକୁ ଇରାନ୍ ମନାକରିଦେଇଛି। ହର୍ମୁଜ୍ ଜଳପଥରେ ଜାହାଜ ଚଳାଚଳ ଓ ଆଣବିକ କାର୍ଯ୍ୟକ୍ରମ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆମେରିକା ସହିତ ଏଯାଏ ସହମତି ପ୍ରକାଶ ପାଇ ନ ଥିବା ଇରାନ୍ କହିଛି।

ପ୍ରକାଶ ଯେ, ଗତ ୧୦ରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟ୍‌କୋଫ୍ ଓ ବ୍ୟବସାୟୀ ତଥା ରାଷ୍ଟ୍ରପତିଙ୍କ ପୂର୍ବତନ ବରିଷ୍ଠ ପରାମର୍ଶଦାତା ଜାରେଡ୍ କୁଶନେର (ଟ୍ରମ୍ପଙ୍କ ଜ୍ୱାଇଁ)ଙ୍କୁ ନେଇ ଏକ ପ୍ରତିନିଧି ଦଳ ଇସ୍‌ଲାମାବାଦ ଗସ୍ତ କରିଥିଲା। ସେହିପରି ଟିମ୍ ଇରାନ୍‌ରେ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ୍ ଆରାଘଚି ଏବଂ ପାର୍ଲାମେଣ୍ଟ ସ୍ପିକର ମହମ୍ମଦ ବଘେର ଘଲିବାଫ୍‌ଙ୍କ ସମେତ ଅନ୍ୟମାନେ ସାମିଲ ହୋଇ ଆଲୋଚନା କରିଥିଲେ। କିନ୍ତୁ ୨୧ ଘଣ୍ଟାର ଆଲୋଚନା ପରେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ତେଣୁ ଅସ୍ତ୍ରବିରତି ଅବଧି ଆସନ୍ତା ୨୨ରେ ଶେଷ ହେବା ପୂର୍ବରୁ କୂଟନୈତିକ ଉପାୟରେ ସମାଧାନର ପନ୍ଥା ବାହାର କରିବାକୁ ପାକିସ୍ତାନ ଲାଗିପଡ଼ିଛି।

ପୂର୍ବ ଆଲୋଚନା ବିଫଳ ହୋଇଥିବାରୁ ବର୍ତ୍ତମାନ ମଧ୍ୟ ଉତ୍ତେଜନା ଲାଗି ରହିଛି। ଇରାନୀୟ ବନ୍ଦରଗୁଡ଼ିକରୁ ତୈଳ ପରିବହନକାରୀ ଜାହାଜଗୁଡ଼ିକର ପଥକୁ ଆମେରିକା ନୌସେନା ଅବରୋଧ କରି ରଖିଛି। ଏହାର ଜବାବରେ ଇରାନ୍ କହିଛି, ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଆଂଶିକ ହେଉ କି ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଛି। ଆମେରିକା ବ୍ଲକେଡ୍ ନ ହଟାଇବା ପର୍ଯ୍ୟନ୍ତ ☞ପୃଷ୍ଠା-୨

# ସାଙ୍ଗ ଗୁଳିରେ ଟଳିପଡ଼ିଲେ ନାବାଳକ

**ଶିକାରକୁ ଯିବା ମହଙ୍ଗା ପଡ଼ିଲା**

ଫୁଲବାଣୀ/ଚକାପାଦ, ୧୯।୪ (ରାକେଶ କୁମାର ରାଉତ/ପ୍ରତାପ କିଶୋର ବେହେରା)

ଜଙ୍ଗଲକୁ ଶିକାର କରିବାକୁ ୩ ସାଙ୍ଗ ଯାଇଥିଲେ। ହେଲେ ଶିକାର କଲାବେଳେ ବନ୍ଧୁକ ଧରିଥିବା ଯୁବକଙ୍କ ଗୁଳିରେ ଜଣେ ନାବାଳକ ସାଙ୍ଗର ଜୀବନ ଚାଲିଗଲା। ଏଭଳି ଏକ ଘଟଣା କନ୍ଧମାଳ ଜିଲା ଟିକାବାଲି ଥାନା ଅଞ୍ଚଳରେ ଘଟିଛି। ମୃତ ନାବାଳକ ହେଲେ ବୁଡ଼େଣୀ ଗ୍ରାମର ବିଭୂତି କହଁର(୧୬)। ପୋଲିସ ମୃତଦେହ ଜବତ କରିଛି। ଘଟଣାରେ ସମ୍ପୃକ୍ତ ମୃତ ନାବାଳକଙ୍କ ୨ ସହଯୋଗୀ ଫେରାର ଅଛନ୍ତି। ତେବେ ବନ୍ଧୁକ କେଉଁଠୁ ଆସିଲା ଏବଂ ପିଲାମାନେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବନ୍ଧୁ ନୁହେଁ**

# ବାଣ କାରଖାନାରେ ବିସ୍ଫୋରଣ: ୨୩ ମୃତ

ବିରୁଧୁନଗର,୧୯।୪(ପି.ଟି.)

ଦେଶର ୯୦% ବାଣ ତିଆରି ହେଉଥିବା ତାମିଲନାଡୁର ଶିବକାଶୀ ଅଞ୍ଚଳରେ ରବିବାର ଆଉ ଏକ ବଡ଼ ବିସ୍ଫୋରଣ ଘଟିଛି। ବିରୁଧୁନଗର ଜିଲା ଜିଲାର କଚ୍ଚନାରପଚ୍ଚି ଗ୍ରାମରେ ଥିବା ‘ବନଜା’ ବାଣ କାରଖାନାରେ ବିସ୍ଫୋରଣ ଘଟି ୨୩ ଜଣଙ୍କ ପ୍ରାଣ ଯାଇଥିବାବେଳେ ୧୧ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ବିରୁଧୁନଗର ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଅଗ୍ନିଶମ କର୍ମଚାରୀ ଅନେକ ଘଣ୍ଟାର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲିଭାଇବା ସମୟରେ ଦୀର୍ଘ ସମୟ ଯାଏ ବାଣ ଫୁଟିବା ଜାରି ରହିଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଭଗ୍ନାବଶେଷ ତଳେ ଅଧିକ ଶ୍ରମିକ ଫସିରହିଥିବା ଆଶଙ୍କା କରାଯାଉଛି। ମୃତାହତମାନେ ସମସ୍ତେ ବାଣ କାରଖାନାରେ କାମ କରୁଥିବା ଜଣାପଡ଼ିଛି। ବିସ୍ଫୋରଣର ମାତ୍ରା ଏତେ ତୀବ୍ର ଥିଲା ଯେ, ଏହାର ପ୍ରଭାବ ୧୦କି.ମି. ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା।

ରିପୋର୍ଟ ଅନୁଯାୟୀ, ‘ବନଜା’ ବାଣ କାରଖାନାର ମାଲିକାନା ମୁଥୁମନିକମ୍‌ଙ୍କ ନାମରେ ରହିଛି। ପ୍ରାରମ୍ଭିକ ତଦନ୍ତ ଅନୁଯାୟୀ, ଉକ୍ତ ବାଣ କାରଖାନା ନାଗପୁରର ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ନିରାପତ୍ତା ସଂଗଠନ (ପିଇଏସ୍‌ଓ)ରୁ ଲାଇସେନ୍ସ ପାଇଥିଲା। ସେଠାରେ ଶତାଧିକ ଶ୍ରମିକ ବାଣ ତିଆରି କାର୍ଯ୍ୟରେ ନିୟୋଜିତ ଥିଲେ। ସମ୍ମୁଖ ବାରଣ୍ଡା ଅଞ୍ଚଳରେ ଶ୍ରମିକମାନେ କଞ୍ଚାମାଲ୍ ପରିଚାଳନା କରିବା ସହ ବାଣକୁ ଅନ୍ତିମ ରୂପ ଦେଇଥାନ୍ତି। ସେହିଠାରେ ବିସ୍ଫୋରଣ ଘଟିଥିବା ବିଶ୍ୱାସ କରାଯାଉଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, କାରଖାନାର ଅନ୍ୟୂନ ୩ଟି ପ୍ରକୋଷ୍ଠ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି ଓ ପାଖରେ ଥିବା କେତେକ ଘର କ୍ଷତିଗ୍ରସ୍ତ ହୋଇଛି। ଏତେ ସଂଖ୍ୟାରେ ଲୋକଙ୍କ ମୃତ୍ୟୁକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଶୋକବ୍ୟକ୍ତ କରିବା ସହ ଆବଶ୍ୟକ ସହାୟତା ପ୍ରଦାନ ନିମନ୍ତେ ରାଜ୍ୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସେ ୨ ଜଣ ମନ୍ତ୍ରୀଙ୍କୁ ଉଦ୍ଧାର କାର୍ଯ୍ୟ ତଦାରଖ ପାଇଁ ଘଟଣାସ୍ଥଳକୁ ପଠାଇଛନ୍ତି।

ରାତି ସୁଦ୍ଧା ୨୩ଟି ମୃତଦେହ ମିଳିଥିବାବେଳେ ଅଧିକାଂଶ ଏଭଳି ପୋଡ଼ିଯାଇଛନ୍ତି ଯେ ଚିହ୍ନିବା ସମ୍ଭବ ହେଉନାହିଁ। ଆହତ ୧୧ଜଣଙ୍କ ମଧ୍ୟରୁ ୩ ମହିଳାଙ୍କ ଶରୀରର ୬୦ ଭାଗ ପୋଡ଼ିଯାଇଥିବା ଜଣେ ଅଧିକାରୀ କହିଛନ୍ତି। ଏହା ଉକ୍ତ ଅଞ୍ଚଳରେ ବର୍ଷର ସବୁଠୁ ମରଣାନ୍ତକ ଶିଳ୍ପ ଦୁର୍ଘଟଣା ବୋଲି କୁହାଯାଉଛି। କିଛିଦିନ ପୂର୍ବରୁ ଜିଲାର ଭେମ୍ବାକୋଟାଇରେ ଅନୁରୂପ ବିସ୍ଫୋରଣରେ ୪ ଜଣଙ୍କ ଜୀବନ ଯାଇଥିଲା।

ବିରୁଧୁନଗର ଜିଲାରେ ଅନେକ ବାଣ କାରଖାନା ରହିଥିବାବେଳେ ଗତ କିଛିବର୍ଷ ମଧ୍ୟରେ ସେଠାରେ ବିସ୍ଫୋରଣଜନିତ ଅନେକ ଦୁର୍ଘଟଣା ଘଟିଲାଣି। ଗତ ୧୩ ତାରିଖରେ ଜିଲାର ମୁଦାଥୁପଚ୍ଚିଠାରେ ଥିବା ଏକ୍ସେଲ୍ ବାଣ କାରଖାନାରେ ବିସ୍ଫୋରଣ ଘଟିଥିଲା। ସେହିପରି ୨୦୨୪ ଫେବୃଆରୀ ୧୭ରେ ସେଠାରେ ଥିବା ଅନ୍ୟ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୦ ଜଣଙ୍କ ଜୀବନ ଯିବା ସହ ୭ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସେହିବର୍ଷ ଜୁନ୍ ୨୯ରେ ଅନ୍ୟ ଏକ ବାଣ କାରଖାନା ବିସ୍ଫୋରଣରେ ୪ ଜଣଙ୍କ ମୃତ୍ୟୁ ଘଟିଥିଲା।

# ଆଜିଠାରୁ ୨୩ ଯାଏ ଖୋର୍ଦ୍ଧା, ଦେବଗଡ଼ର ସବୁ ସ୍କୁଲ ବନ୍ଦ

ଭୁବନେଶ୍ୱର/ଖୋର୍ଦ୍ଧା,୧୯।୪ (ରବିନାରାୟଣ ଜେନା/ ପ୍ରଭାତ ପାଣିଗ୍ରାହୀ)

ଗ୍ରୀଷ୍ମପ୍ରବାହ ଏବଂ ଅଂଶୁଘାତକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଓ ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ସବୁ ସ୍କୁଲ ଏପ୍ରିଲ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏସଂକ୍ରାନ୍ତରେ ପୃଥକ ଭାବେ ଖୋର୍ଦ୍ଧା ଓ ଦେବଗଡ଼ ଜିଲା ପ୍ରକଳ୍ପ ସଂଯୋଜକ ତଥା ଜିଲା ଶିକ୍ଷା ଅଧିକାରୀ(ଡିଇଓ) ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମାରେ ଖୋର୍ଦ୍ଧା ଡିଇଓ ସୋନାମିକା ରାୟ ଦର୍ଶାଇଛନ୍ତି, ଖୋର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ଘରୋଇ ବିଦ୍ୟାଳୟ ତଥା ଶିଶୁ ବାଟିକାଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ଏପ୍ରିଲ ୨୩ ତାରିଖ ଯାଏ ବନ୍ଦ ରହିବ। ମାତ୍ର ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀ ପରୀକ୍ଷା ‘ଓସେପା’ର କାର୍ଯ୍ୟସୂଚୀ ଅନୁଯାୟୀ ଠିକଣା ଭାବେ କରାଯିବ। ଏଥିପାଇଁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ମୁଖ୍ୟ ବିଦ୍ୟାଳୟରେ ପାନୀୟ ଜଳ, ଓଆର୍‌ଏସ୍, ଫାଷ୍ଟଏଡ୍ ଏବଂ ଭେଣ୍ଟିଲେଶନ ବ୍ୟବସ୍ଥା ନିଶ୍ଚିତ କରିବେ। ବିଦ୍ୟାଳୟରେ ନାମଲେଖା, ପ୍ରଶାସନିକ କାର୍ଯ୍ୟକଳାପ, ଜନଗଣନା କାର୍ଯ୍ୟ ଭଳି ଅନ୍ୟାନ୍ୟ ଜରୁରୀ କାର୍ଯ୍ୟକ୍ରମ ଜାରି ରହିବ। ଶିକ୍ଷକ ଏବଂ ଅଣଶିକ୍ଷକମାନେ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ଡିଇଓ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି।

ସେହିପରି ଦେବଗଡ଼ ଜିଲା ଶିକ୍ଷା ଅଧିକାରୀଙ୍କ ☞ପୃଷ୍ଠା-୨




# ଅନ୍ଧାରରେ ସରକାରଙ୍କ ୪୮,୪୪୮ କୋଟି

## ୧୦ରୁ ୨୦ ବର୍ଷ ଧରି ପଡ଼ିରହିଛି ୨୭ ବିଭାଗର ଇଣ୍ଟରନାଲ ଅଡିଟ୍

ଭୁବନେଶ୍ୱର, ୧୯।୪ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ତାଙ୍କର ୨୭ଟି ବିଭାଗରେ ବହୁ ହଜାର କୋଟି ଟଙ୍କାର ଆର୍ଥିକ ହେର୍‌ଫେର୍ ହୋଇଥିବା ତଥ୍ୟ ପ୍ରକାଶ କରିଛନ୍ତି। ଗତ ୨୬ ମାର୍ଚ୍ଚରେ ଅର୍ଥ ବିଭାଗ ଅତିରିକ୍ତ ସଚିବ ସାଗରିକା ହୋତା ୨୭ଟି ବିଭାଗର ଫାଇନାନ୍ସିଆଲ୍ ଆଡ୍‌ଭାଇଜର୍ (ଆର୍ଥିକ ପରାମର୍ଶଦାତା)ଙ୍କୁ ଚିଠି ଲେଖିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି, ଇଣ୍ଟରନାଲ୍ ଅଡିଟ୍ ରିପୋର୍ଟ ଏବଂ ଅଡିଟ୍ ପାରାଗୁଡ଼ିକର ସମାଧାନରେ ବହୁ ବିଳମ୍ବ ହୋଇଛି। ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁଯାୟୀ, ପ୍ରାୟ ୮,୨୧୪ଟି ଅଡିଟ ରିପୋର୍ଟ ଏବଂ ୭୭,୪୧୩ଟି ଅଡିଟ ପାରା ବକେୟା ପଡ଼ିଛି। ଏହି ବକେୟା ପାରାଗୁଡ଼ିକରେ ୪୮,୪୪୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ଅନିୟମିତତା ଜଡ଼ିତ ରହିଛି, ଯେଉଁଥିରେ ଅର୍ଥ ହରିଲୁଟ୍ ଏବଂ ବକେୟା ଅଗ୍ରିମ ଅର୍ଥ ଅନ୍ତର୍ଭୁକ୍ତ। ତୁରନ୍ତ ତାହାର ଅଡିଟ୍ କରି ଉତ୍ତରଦାୟିତ୍ୱ ସ୍ଥିର କରିବାକୁ ସଚିବ ହୋତା ନିର୍ଦ୍ଦେଶ ଦେଇଛନ୍ତି।

ଆଇନ ଏବଂ ସଂସଦୀୟ ବ୍ୟାପାର ବିଭାଗକୁ ଛାଡ଼ିଦେଲେ ବାକି ୨୭ ବିଭାଗରେ ଗତ ୧୦ରୁ ୨୦ ବର୍ଷ ମଧ୍ୟରେ ୪୮,୪୪୮ କୋଟି ୧୦ ଲକ୍ଷ ୧୮ ହଜାର ୮୩୦ ଟଙ୍କାର ଦୁରୁପଯୋଗ ହୋଇଛି। ଅନିୟମିତତା ହୋଇଥିବା ଅର୍ଥରାଶିର ପରିମାଣ ୨୦୨୬-୨୭ ଆର୍ଥିକ ବର୍ଷର କୃଷି ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ବଜେଟଠାରୁ ବହୁ ଅଧିକ, ଯାହା ରାଜ୍ୟ ସରକାରଙ୍କ ୩.୧ ଲକ୍ଷ କୋଟି ଟଙ୍କା ବଜେଟର ପ୍ରାୟ ୧୬ ପ୍ରତିଶତ। ରାଜ୍ୟ ସରକାରଙ୍କ ୨୭ଟି ବିଭାଗରେ ଆର୍ଥିକ କାରବାର ଅଡିଟ୍ କରିବା ଲାଗି



Government of Odisha
Finance Department

No. 8160 /F
FIN-CCA-AR-0001-2020
Date 26.3.2026

From
Smt. Sagarika Hota, IAS
Additional Secretary to Government

To
Financial Advisers (FAs)
All Departments of Government
(Except Law, PA & PE Department)

Sub: Serious backlog of Internal Audit Reports (IARs) and outstanding audit paras – strengthening audit compliance and fixation of responsibility.

Sir/Madam,

The position of compliance to Internal Audit Reports (IARs) and outstanding audit paras, as reflected in the Monthly Progress Reports (MPRs) till September 2025 received from 27 Administrative Departments, has been reviewed at this end.

1. The review reveals a serious backlog of 8,214 IARs and 77,413 audit paras, involving a total financial irregularity of ₹4,84,48,10,18,830.75, comprising misappropriation, amounts suggested for recovery, and amounts held under objection. The magnitude of pendency is a matter of grave concern and reflects systemic deficiencies in audit compliance and financial management.

2. It is seen that (i) Sufficient attention has not been given to audit of accounts and compliance thereof by the Auditee organization.

(ii) Accumulation of outstanding advances over several years, making fixation of accountability extremely difficult.

(iii) Pendency of audit paras for 10–20 years, during which concerned officials have retired or expired without initiation of recovery action and initiation of departmental proceedings against the erring Officers on fault finding or initiation of departmental proceeding.

(iv) Substantial loss to Government exchequer due to non-recovery of misappropriation amounts and non-adjustment of advances since long time.

3. In order to arrest the growing pendency and to enforce financial discipline, the FAs and AFAs of the Departments are requested to monitor the Audit Reports and pending paras, review them and direct the auditee organisations for early settlement.

4. The FAs and AFAs of the Departments should guide the auditee organisation in taking

ଅତିରିକ୍ତ ସଚିବ ସାଗରିକା ହୋତା ୨୭ଟି ବିଭାଗର ଫାଇନାନ୍ସିଆଲ୍ ଆଡ୍‌ଭାଇଜର୍ (ଆର୍ଥିକ ପରାମର୍ଶଦାତା)ଙ୍କୁ ଦେଇଥିବା ଚିଠିର ନକଲ ।

ସ୍ୱତନ୍ତ୍ର ଭାବେ ଅଡିଟର ରହିଛନ୍ତି। ପ୍ରତ୍ୟେକ ମାସରେ ବିଭାଗଗୁଡ଼ିକ ପକ୍ଷରୁ ଅଡିଟ୍ କରାଯାଇ ରିପୋର୍ଟ ଦିଆଯାଇଥାଏ। ମାତ୍ର ୧୦ରୁ ୨୦ ବର୍ଷ ଭିତରେ କିପରି ଅଡିଟ୍ ରିପୋର୍ଟ ନ ଆସିବା ସତ୍ତ୍ୱେ ଅର୍ଥ ବିଭାଗ ଚୁପ୍ ରହିଥିଲା, ସେନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ।

ସଚିବ ହୋତାଙ୍କ ଚିଠିରୁ ଜଣାପଡୁଛି, ଆକାଉଣ୍ଟ ଅଡିଟ୍ ଦାୟିତ୍ୱରେ ରହିଥିବା ସଂସ୍ଥାଗୁଡ଼ିକ ସେମାନଙ୍କ ଧ୍ୟାନ ଠିକ୍ ଭାବେ ଏହା ଉପରେ ଦେଇନାହାନ୍ତି। ବର୍ତ୍ତମାନ ସମୟରେ ଦୀର୍ଘବର୍ଷ ଧରି ଅନିୟମିତତା ହୋଇଥିବା ଏହି ଅର୍ଥକୁ ଆଦାୟ କରିବା ଏବଂ ଉତ୍ତରଦାୟିତ୍ୱ ସ୍ଥିର କରିବା ଏକ କଷ୍ଟକର ବ୍ୟାପାର ବୋଲି ସେ ଉଲ୍ଲେଖ କରିଛନ୍ତି। ଜଣେ ଆଇଏଏସ୍ ଅଧିକାରୀଙ୍କ ଚିଠିରୁ ଆହୁରି ବୁଝାପଡୁଛି ଯେ, ଅନିୟମିତତା ହୋଇଥିବା ସରକାରଙ୍କ ୪୮,୪୪୮ କୋଟିରୁ ଅଧିକ ଟଙ୍କା ବର୍ତ୍ତମାନ ସରକାରୀ ତହବିଲକୁ ଫେରିବା ଆଶା ନାହିଁ କହିଲେ ଚଳେ। କାରଣ ନିଜେ ସରକାର ଏଥିପାଇଁ କାହା ଉପରେ ଉତ୍ତରଦାୟିତ୍ୱ ସ୍ଥିର କରିବେ ସେ ନେଇ ଉପାୟଶୂନ୍ୟ ଥିବା ଚିଠିରୁ ଜଣାପଡୁଛି।

ବିଡ଼ମ୍ବନା ଯେ, ୧୦ରୁ ୨୦ ବର୍ଷ ଧରି ଯେଉଁ ଅଡିଟ୍ ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନିର୍ଭୟ ପକ୍ଷରୁ ଯୁବ ପୁରସ୍କାର ପ୍ରଦାନ, ସ୍ଥାନ: ହୋଟେଲ ମେ' ଫେୟାର କନ୍‌ଭେନ୍‌ସନ୍, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଅକ୍ଷୟ ତୃତୀୟା ଅବସରରେ ଭଜନ ସମାରୋହ, ସ୍ଥାନ: ଶିଶୁ ଅନନ୍ତ ପୀଠ, ବାଲିପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ କେଦାରନାଥ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଗବେଷଣା ପ୍ରତିଷ୍ଠାନ ସଭାଗୃହ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ରାଜ୍ୟସ୍ତରୀୟ ଅକ୍ଷୟ ତୃତୀୟା ମହୋତ୍ସବ, ସ୍ଥାନ: କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, ବିଦ୍ୟାଧରପୁର, ସମୟ: ସକାଳ ୮ଟା।
- ମା' ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପାଞ୍ଚଗାଁ, ପଞ୍ଚାୟତ ନିକଟ, ତିଗିରିଆ, ସମୟ: ସକାଳ ୯ଟା।
- ତିଗିରିଆ ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା ( ଅକ୍ଷିମୁଠି ଅନୁକୂଳ), ସ୍ଥାନ: ବାଲିପୁଟ, ତିଗିରିଆ, ସମୟ: ସକାଳ ୯ଟା।
- ସୁନ୍ଦରଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ଉଦ୍‌ଯାପନୀ ଉତ୍ସବ ସ୍ଥାନ: ବିଦ୍ୟାଳୟ ପରିସର, ସୁନ୍ଦରଗ୍ରାମ, ସମୟ: ଅପରାହ୍ନ ୫ଟା।

## ପୁରୀ

- ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ଜଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ସମୟ: ସକାଳ ୭ଟା।
- ନୀଳାଚଳ ସାରସ୍ୱତ ସଂଘ ନିମାପଡ଼ା ଶାଖାର ବାର୍ଷିକ ଅକ୍ଷୟ ତୃତୀୟା ଉତ୍ସବ, ସ୍ଥାନ: ନିମାପଡ଼ା ସାରସ୍ୱତ ସଂଘ ଆସନ ମନ୍ଦିର, ସମୟ: ସକାଳ ୮ଟା।
- ଶ୍ରୀଗରୁଡ଼ ଓ ଶ୍ରୀହନୁମାନଙ୍କ ନୂତନ ସିଂହାସନ ଉତ୍ସବ, ସ୍ଥାନ: ଆଖଡ଼ା ମଠ, ବଡ଼ଶଙ୍ଖ, ସମୟ: ସକାଳ ୮ଟା।
- ସଙ୍ଗମ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅକ୍ଷୟ ମିଳନ ସାହିତ୍ୟ ଉତ୍ସବ ୨୦୨୬ ଓ ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସ୍ଥାନ: ଗ୍ରୀନ୍‌ଲ୍ୟାଣ୍ଡ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସଂକଳ୍ପ ଫାଉଣ୍ଡେଶନ ପକ୍ଷରୁ ଜଳସେବା କାର୍ଯ୍ୟକ୍ରମ, ସ୍ଥାନ: କୋଇଲାଅଡ଼ା ଛକ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜୟଦେବ ଜୟନ୍ତୀ ଉତ୍ସବ, ସ୍ଥାନ: ଜିଲା ସ୍କୁଲ ଛକ, ସମୟ: ଅପରାହ୍ନ ୪ଟା।
- ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନ ଯାତ୍ରା ଆରମ୍ଭ, ସ୍ଥାନ: ଚନ୍ଦନ ପୋଖରୀ, ସମୟ: ଅପରାହ୍ନ ୪ଟା ଓ ଗୋଟିପୁଅ ନୃତ୍ୟ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ବନମାଳୀ ଶତପଥୀ ପାଠାଗାର ପକ୍ଷରୁ ପୂର୍ବତନ ନଗରପାଳ ସ୍ୱର୍ଗତ ବନମାଳୀ ଶତପଥୀଙ୍କ ୧୧୨ତମ ଜୟନ୍ତୀ ଉତ୍ସବ, ସ୍ଥାନ: ବନମାଳୀ ଶତପଥୀ ସ୍ମାରକୀ ସ୍ଥଳ, ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ଜଟଣୀ, ସମୟ: ସକାଳ ୮ଟା।
- ମା'ଭଗବତୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଗଜପତି ନଗର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।
- ରଥକାଠ ଅନୁକୂଳ, ସ୍ଥାନ: ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ ମନ୍ଦିର, ଜାଗୁଳିପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମଚରିତମାନସ ପାରାୟଣ ପ୍ରବଚନ ଓ ମହାଯଜ୍ଞ, ସ୍ଥାନ: ତନ୍ତମୁଣ୍ଡିଆ ଜରିପୁଟ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- କୃଷି ବିଜ୍ଞାନ କେନ୍ଦ୍ରରେ ଅକ୍ଷୟ ତୃତୀୟା ଦିବସ,ସ୍ଥାନ: ରାଣୀତାଲ,ସମୟ : ସକାଳ ୮ଟା।
- ଜଗନ୍ନାଥ ମନ୍ଦିର କଳସ ଶୋଭାଯାତ୍ରା,ସ୍ଥାନ: ଆଉସା ଜଗନ୍ନାଥ ମନ୍ଦିର, ଭୋଗରାଇ,ସମୟ : ସକାଳ ୮ଟା।
- ଜିଲାସ୍ତରୀୟ ଜୟଦେବ ଜୟନ୍ତୀ ସମାରୋହ,ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର,ସମୟ : ସକାଳ ୯ଟା।
- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ,ସ୍ଥାନ : ସରକାରୀ ସିଡ୍ ଫାର୍ମ, ଶେରଗଡ଼, ବାଲେଶ୍ୱର, ସମୟ: ସକାଳ ୯ଟା।

## ଭଦ୍ରକ

- ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଅଟଳବିହାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୮ଟା।
- ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଅଖିମୁଠି ବିଞ୍ଚନ କାର୍ଯ୍ୟକ୍ରମ, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ ଟା।
- ବାବା ଆଖଣ୍ଡଳମଣିଙ୍କ ଚନ୍ଦନ ଚାପ ପୂଜା ଆରମ୍ଭ, ସ୍ଥାନ: ଶିବଗଙ୍ଗା ପୁଷ୍କରିଣୀ, ଆରଡ଼ି, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ରଥ ନିର୍ମାଣ ଅନୁକୂଳ, ସ୍ଥାନ : ହରିହର ମନ୍ଦିର, ବଡ଼ବିଲ, ସମୟ: ସକାଳ ୬ ଟା।
- ରାଧାକୃଷ୍ଣ ମନ୍ଦିରରେ ୨୪ ପ୍ରହରର ନାମଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ଯୋଡ଼ା, ସମୟ: ସକାଳ ୭ ଟା।
- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ, ସ୍ଥାନ: ଜୁଡିଆ ଫାର୍ମ, କେନ୍ଦୁଝର, ସମୟ: ସକାଳ ୮ଟା।
- ଓରି ଫେଷ୍ଟ, ସ୍ଥାନ: ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ, କେନ୍ଦୁଝର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ବାସ୍ତବ ପକ୍ଷରୁ ଆନ୍ତଃ ଜିଲାସ୍ତରୀୟ ଆର୍ଟ ପ୍ରତିଯୋଗିତା,ସ୍ଥାନ: :ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ସକାଳ ୮ଟା।
- ମା'ମନଷା ଦେବୀଙ୍କ ପୀଠରେ ବାର୍ଷିକ ପୂଜା, ସ୍ଥାନ:ବାଘଡ଼ାରୋଡ୍ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ବଳାଙ୍ଗୀ ମହୋତ୍ସବରେ ସାନ୍ତାଳ ଷ୍ଟାର ନାଇଟ୍ସ ଓ ଝୁମର, ସ୍ଥାନ:ବୁଢ଼ାବଳଙ୍ଗ,ଚିପଟ ଓ ଇଟାଯୋଡ଼ି ନଦୀ ସଙ୍ଗମ ସ୍ଥଳ, ବାରିପଦା,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କୁମ୍ଭାରପଲ୍ଲୀ, ସମୟ: ଅପରାହ୍ନ ୫ଟା ୨୫।

## ଗଞ୍ଜାମ

- ଜିଲାସ୍ତରୀୟ ଅକ୍ଷୟ ତୃତୀୟା କୃଷକ ଦିସ ପାଳନ, ସ୍ଥାନ: ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର, ସମୟ: ସକାଳ ୮ ଟା।
- କବିସୂର୍ଯ୍ୟଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆଲୋଚନା ସଭା ଓ କବିତା ପାଠୋତ୍ସବ, ସ୍ଥାନ: ଦିଗପହଣ୍ଡି ବ୍ଲକ ଖମାରିଗାଁ ପଞ୍ଚାୟତ ବିଜୟନଗରଗଡ (କବିସୂର୍ଯ୍ୟଙ୍କ ଜନ୍ମସ୍ଥାନ), ସମୟ: ପୂର୍ବାହ୍ନ ୧୧ଟା ।

## ଗଜପତି

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ମୋହନା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।

## ଢେଙ୍କାନାଳ

- ଅକ୍ଷୟ ତୃତୀୟା ଉତ୍ସବ, ସ୍ଥାନ: ସରକାରୀ ବିହନ ଉତ୍ପାଦନ କୃଷି ଫାର୍ମ, ଗଁଦିଆ, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ଶ୍ରୀଜୟଦେବ ଜୟନ୍ତୀ ସମାରୋହ, ସ୍ଥାନ: ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଣ୍ଟର, ସମୟ: ଅପରାହ୍ନ ୩ଟା।

## ଅନୁଗୋଳ

- ଜିଲାପାଳଙ୍କ ମିଳିତ ଅଭିଯୋଗ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ଆଠମଲ୍ଲିକ, ସମୟ : ପୂର୍ବାହ୍ନ ୧୦ ଟା ।
- ଶ୍ରୀମଦ ଭାଗବତ ପାରାୟଣ ଦ୍ୱିତୀୟ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମା' ମହେଶରୀ ମନ୍ଦିର , ଆଠମଲ୍ଲିକ, ସମୟ : ସନ୍ଧ୍ୟା ୭ ଟା।

## ଜଗତ୍‌ସିଂହପୁର

- ରାମଦୟା ପରିଷଦ ପକ୍ଷରୁ ୪୦ତମ ବାର୍ଷିକ ଶ୍ରୀରାମ ଚରିତ ମାନସ କାର୍ଯ୍ୟକ୍ରମ, ସ୍ଥାନ: ରମଚରିତ ମଣ୍ଡପ, ମଧୁବନ ପାରାଦୀପ, ସମୟ: ସକାଳ ୬ ଟା।
- ଜିଲାସ୍ତରୀୟ କୃଷକ ଦିବସ, ଅକ୍ଷୟ ତୃତୀୟା ଦିବସ ପାଳନ, ସ୍ଥାନ: ମଣିଜଙ୍ଗା କଲ୍ୟାଣ ମଣ୍ଡପ, ତିର୍ତ୍ତୋଲ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

- ଶ୍ରୀଜଗନ୍ନାଥ, ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସାହାଡାସୁନ୍ଦରୀ ମନ୍ଦିର ପରିସର, ନୂଆଗାଁ, ଡେରାବିଶ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନିକ ଅଧିକାରୀଙ୍କ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରାଜକନିକା, ସମୟ: ସକାଳ ୭ଟା।
- ଶ୍ରୀବଳ୍ଲଭତାଳଧ୍ୱଜ ରଥ କାଠ ଅନୁକୂଳ, ସ୍ଥାନ: ଇଚ୍ଛାପୁର ରଥଦାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା।

## ଯାଜପୁର

- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଧର୍ମଶାଳା ଷ୍ଟାଡିୟମ୍ ପରିସର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ କୃଷକ ଏବଂ ଅକ୍ଷୟ ତୃତୀୟା ଦିବସ ପାଳନ, ସ୍ଥାନ: ଯାଜପୁର ବ୍ଲକ ମହେଶ୍ୱରପୁର ପଞ୍ଚାୟତ ଜୟପୁର ଗ୍ରାମ, ସମୟ: ସକାଳ ୯ଟା।
- କ୍ରାନ୍ତି ବୀର ବିପ୍ଳବୀ ରାମକୃଷ୍ଣ ସାମନ୍ତସିଂହାରଙ୍କ ୨୪୩ତମ ଜୟନ୍ତୀ ଉତ୍ସବ, ସ୍ଥାନ: ବାଲିଆ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼

- ଜିଲାସ୍ତରୀୟ ଅଖିମୁଠି ଅନୁକୂଳ, ସ୍ଥାନ:ନୟାଗଡ଼ ମୁଗ ଜାତୀୟ ଗବେଷଣା କେନ୍ଦ୍ର ପାଖ, ସମୟ:ସକାଳ ୭ଟା ୩୦ ।
- ରାଜ୍ୟସ୍ତରୀୟ କୃଷକ ଦିବସ ପାଳନ, ସ୍ଥାନ:ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ:୯ଟା ୩୦ ।
- ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଆରମ୍ଭ, ସ୍ଥାନ:ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୪ଟା ।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପାପଡ଼ାହାଣ୍ଡି, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ଅକ୍ଷୟ ତୃତୀୟା(କୃଷି ଦିବସ), ସ୍ଥାନ: ଜାନକୀ ନଗର, ନବରଙ୍ଗପୁର, ସମୟ: ସକାଳ ୭ଟା ୩୦।
- ହିତାଧିକାରୀଙ୍କୁ ଜମିପଟା ବଣ୍ଟନ, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଉମରକୋଟ, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ନେଇ ଅଖି ମୁଠା ଅନୁକୂଳ, ସ୍ଥାନ: ସରକାରୀ କୃଷି ଫାର୍ମ, କୋଟପାଡ଼, ସମୟ: ସକାଳ ୭ଟା ୩୦।
- ଅକ୍ଷତୃତୀୟା ଅବସରରେ ରଥ ଅନୁକୂଳ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ହାଲ ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା ୩୦।

## ସମ୍ବଲପୁର

- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୮ଟା।
- ଶ୍ରୀଶ୍ରୀ ବୁଢ଼ାରଜା ମହାଦେବଙ୍କ ଥାଳ ଉଠା ପର୍ବ, ସ୍ଥାନ : ବୁଢ଼ାରଜା ପାହାଡ ଶୀର୍ଷସ୍ଥ ମନ୍ଦିର ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳନ, ସ୍ଥାନ: ଲର୍କିପାଲି କୃଷି ଫାର୍ମ, ବଲାଙ୍ଗୀର, ସମୟ: ସକାଳ ୭ଟା ୩୦।
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପୁଇଁନ୍ତଲା, ସମୟ: ସକାଳ ୭ଟା ୩୦।
- ବଲାଙ୍ଗୀର ଜିଲା ମିଳିତ କୃଷକ ସଙ୍ଗଠନ ପକ୍ଷରୁ ରାସ୍ତାରୋକୋ, ସ୍ଥାନ: ସାଲେଭଟା, ଆଗଲପୁର ବ୍ଲକ, ସମୟ: ସକାଳ ୯ଟା।

## ରାଉରକେଲା

- ମା' ତାରିଣୀ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ, ସ୍ଥାନ: ଶକ୍ତି ନଗର ଛକ, ସମୟ: ସକାଳ ୮ଟା।
- ଅକ୍ଷୟ ତୃତୀୟା ପୂଜା, ସ୍ଥାନ: କୋଏଲନଗର ସି ବ୍ଲକ, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ଦକ୍ଷିଣକାଳୀ ମନ୍ଦିରର ୨୭ତମ ବିଗ୍ରହ ପ୍ରତିଷ୍ଠା ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୧, ସମୟ: ପୂର୍ବାହ୍ନ ୧୦ଟା।
- ରଥକାଠ ପୂଜା, ସ୍ଥାନ: ଶ୍ରୀ ଶ୍ରୀ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ସେକ୍ଟର-୩, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଆରମ୍ଭ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି, ସ୍ଥାନ:ଲହୁଣିପଡ଼ା ବ୍ଲକ କାର୍ଯ୍ୟାଳୟ ସଭାକକ୍ଷ,ସମୟ: ସକାଳ ୭ଟା।

## ବରଗଡ଼

- ସି.ଏମ୍ ଟ୍ରଫି ଜୁନିୟର ଫୁଟବଲ ପ୍ରତିଯୋଗିତା,ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ:ସକାଳ ୭ଟା।
- ରାଜ୍ୟସଭା ସଦସ୍ୟ ମନମୋହନ ସାମଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଅବସରରେ ଶୋଭାଯାତ୍ରା, ସ୍ଥାନ: ରେଙ୍ଗାଲି କେମ୍ପରୁ ଚକୁଲିଫାର୍ମ, ସମୟ:ସକାଳ ୮ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଏମ.ରାମପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଉତ୍ସବ ପାଳନ, ସ୍ଥାନ: ଜାତୀୟ ଉଦ୍ୟାନ କୃଷି ଗବେଷଣା ପ୍ରତିଷ୍ଠାନ ପାଲଝାର, ବୌଦ୍ଧ ବ୍ଲକ, ସମୟ: ସକାଳ ୮ଟା।
- ଚନ୍ଦନ ଯାତ୍ରା ଅବସରରେ ଶ୍ରୀ କୃଷ୍ଣଲୀଳା ନାଟ୍ୟ ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ଟିକିରାପଡା, ବାଉଁଶୁଣୀ, ବୌଦ୍ଧ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାସ୍ତରୀୟ କୃଷକ ଦିବସ ତଥା ଅଖିମୁଠି ଅନୁକୂଳ, ସ୍ଥାନ: ବାରକୋଟ ବ୍ଲକ୍ ବିଜୟନଗରସ୍ଥିତ ମା' ଶରଣୀପାଟ ମନ୍ଦିର, ସମୟ: ସକାଳ ୮ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତରଭା ବ୍ଲକ ଝାରତରଭା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୭ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୋଡେନ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ପାଳନ, ସ୍ଥାନ: ବୋଡେନ ବ୍ଲକ କର୍ଲାପଡା, ସମୟ: ସକାଳ ୭ଟା ୩୦।

## ଝାରସୁଗୁଡ଼ା

- ଜନ ଅଭିଯୋଗ ଶୁଣାଣି, ସ୍ଥାନ: କୋଲାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହ, ସମୟ:ସକାଳ ୭ଟା।
- ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ୨ୟ ଓଏସ୍‌ଏପି ପଡିଆ, ଝାରସୁଗୁଡ଼ା, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ମୁଖଭାବରେ ଶୁକ୍ର ଓ ଚନ୍ଦ୍ର ପରିବାର ସକାଶେ ସୁଖ, ସୌଭାଗ୍ୟକାରକ ହେବେ। ଶାନ୍ତି ଓ ସହାବସ୍ଥାନ ଜୀବନଯାତ୍ରା ପାଇଁ ପ୍ରୀତିପ୍ରଦାୟକ ରହିବ। ସଭାସମିତି, ବନ୍ଧୁଗହଣରେ କର୍ମାରମ୍ଭ ଓ ଆଲୋଚନା ପାଇଁ ସୁସ୍ଥ ପରିବେଶ ସୃଷ୍ଟିହେବ। ଆଜିର ଯାତ୍ରା, ସନ୍ତାନଙ୍କ କୃତିତ୍ୱ, ବାଣିଜ୍ୟ ଓ ନିର୍ମାଣ ତଥା ପରିବହନ କ୍ଷେତ୍ରରୁ ସଫଳତା ପାଇବେ।

**ବୃଷ** ରାଶ୍ୟାଧିପତିଙ୍କ ସ୍ଥିତି ଶୁକ୍ରଙ୍କ ଯୋଗୁ ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସାଙ୍ଗକୁ ମନ ଚାହୁଁଥିବା ପ୍ରକାରେ କାର୍ଯ୍ୟ ହାସଲ କରିବେ। ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇବାକୁ ବାଧ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ଋଣ ପରିଶୋଧ, ସମସ୍ୟା ସମାଧାନ, ସୁସମ୍ପର୍କ ରକ୍ଷା ଅପୂର୍ଣ୍ଣ ରହିଯିବ।

**ମିଥୁନ** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତାଜନିତ ମାନସିକ ଅସ୍ଥିରତା ଲାଗି ରହିବ। ଅନ୍ୟକୁ ସାହାଯ୍ୟ କରି ପ୍ରଶଂସା ବଦଳରେ ଅଧିକ କାମର ବରାଦ ପାଇବେ। ଆର୍ଥିକ ପରିସ୍ଥିତି ଉତ୍କୃଷ୍ଟ ରହିବନାହିଁ। ଶୁକ୍ର ଯୁକ୍ତ ଚନ୍ଦ୍ର ଯୋଗୁ ପରିବାର, ପରିବହନ, ପ୍ରଶାସନ, ପ୍ରକାଶନ, ରାଜନୀତି ଓ ଆନୁଷ୍ଠାନିକ କାମ କେତେକାଂଶରେ ଭଲ ରହିବ।

**କର୍କଟ** ଲାଭଭାବସ୍ଥ ଚନ୍ଦ୍ର ଅଭିଳାଷ ପୂରଣ ସାଙ୍ଗକୁ ଶାରୀରିକ ସୁସ୍ଥତା ଏବଂ ମାନସିକ ଅସ୍ଥିରତା ଦୂର କରିବ। ପ୍ରଶାସନିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବା ସହ ସାମାଜିକ ସ୍ତରରେ ପ୍ରଶଂସା ପାଇବେ। ଅର୍ଥସମ୍ପର୍କୀୟ ଆଲୋଚନା, ରାଜନୈତିକ ବିତର୍କ, ଆନୁଷ୍ଠାନିକ କାର୍ଯ୍ୟ ଏବଂ ନୂତନ ବନ୍ଧୁସମ୍ପର୍କରୁ ଖୁସି ରହିବେ।

**ସିଂହ** ଆଜି ଧାର୍ମିକ କାର୍ଯ୍ୟରେ ବନ୍ଧୁ ମିଳନ, ବସ୍ତ୍ରଭୂଷଣ ଲାଭ, ସଭାସମିତିରେ ସମ୍ମାନ ସାଙ୍ଗକୁ ପାରିବାରିକ ଶାନ୍ତି ଅକ୍ଷୁଣ୍ଣ ରହିବ। ଶାରୀରିକ ସୁସ୍ଥତା ସହ ବନ୍ଧୁଙ୍କ ପରାମର୍ଶ ହେତୁ ପ୍ରତିଯୋଗିତାରେ ସଫଳତା ପାଇବାର ସୂଚନା ମଧ୍ୟ ରହିଛି। ଶନିଙ୍କ କୁପ୍ରଭାବରେ ସାମାଜିକ ସ୍ତରରେ ବିରୋଧୀମାନେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିପାରନ୍ତି।

**କନ୍ୟା** ଚନ୍ଦ୍ର ଏବଂ ବୁଧଙ୍କ ଶୁଭପ୍ରଭାବରୁ ସହଜାତ ସୁଲଭ ଗୁଣ ଯୋଗୁ ବନ୍ଧୁମାନଙ୍କ ପ୍ରୀତିଭାଜନ ହେବେ। ଅର୍ଥର ଅଭାବ ରହିବନାହିଁ ଏବଂ ବନ୍ଧୁମିଳନ ସହ ମିଷ୍ଟାନ୍ନଲାଭ,ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ମଧ୍ୟ ଲାଭକରିବେ। ଦୀର୍ଘ ଦିନର ଅପୂରଣୀୟ ଆଶା ମନକୁ ବାରମ୍ବାର ଆଲୋଡନ କରିବା କାରଣରୁ ସାମୟିକ ଅଶାନ୍ତ ରହିପାରନ୍ତି।

**ତୁଳା** ଆଜି ନିଜ କାର୍ଯ୍ୟକୁ ପଛକୁ ପକାଇ କର୍ମକ୍ଷେତ୍ରରେ ସ୍ଥଗିତ ରହିଥିବା କାର୍ଯ୍ୟକୁ ପ୍ରାଧାନ୍ୟ ଦେବେ। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇଲେ ମଧ୍ୟ ଆବଶ୍ୟକ ଅର୍ଥ ବିଭିନ୍ନ ସୂତ୍ରରୁ ପାଇବାରେ ଅସୁବିଧା ହେବ ନାହିଁ। ସରକାରୀ ଆଦେଶପ୍ରାପ୍ତ ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, ସାହିତ୍ୟରେ ସମସ୍ୟା ସମାଧାନ କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ।

**ବିଛା** ରାଶିପ୍ରତି ଚନ୍ଦ୍ର ଓ ଶୁକ୍ରଙ୍କ ପ୍ରତ୍ୟକ୍ଷ ଦୃଷ୍ଟି କାର୍ଯ୍ୟସିଦ୍ଧି ସହ ସାମାଜିକ ସ୍ତରରେ ସମ୍ମାନ ଓ ପ୍ରଶଂସା ପାଇ ଖୁସି ହେବେ। ଆର୍ଥିକ ସ୍ଥିତିର ଦୁରବସ୍ଥା ବୃହସ୍ପତିଙ୍କ ଶୁଭ ଦୃଷ୍ଟିରୁ ଦୂରହେବାର ପୂର୍ଣ୍ଣ ସମ୍ଭାବନା ରହିଛି। ଆଇନ ସହାୟତା ଲାଭକରି କ୍ରୀଡ଼ା, କଳା, ସାହିତ୍ୟ ଓ ଚଳଚ୍ଚିତ୍ରରେ ସମସ୍ୟାକୁ ସମାଧାନ କରିବାରେ ସମର୍ଥ ହେବେ ।

**ଧନୁ** ଗୁରୁଙ୍କ କୃପାରୁ ସୁଯୋଗ ହାତକୁ ଆସିବ କିନ୍ତୁ ଶନିଙ୍କ କ୍ରୂର ଦୃଷ୍ଟିରେ ତାହା ଅଟକି ରହିବ କିମ୍ବା ଫେରିଯାଇପାରେ। ସହକର୍ମୀଙ୍କଠାରୁ କୌଣସି ଉଦ୍‌ବେଗ ସୃଷ୍ଟିକାରୀ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ, ସାମ୍ବାଦିକତା ଏବଂ ସାଂସ୍କୃତିକ କ୍ଷେତ୍ର ବିଶେଷ ଉନ୍ନତ ରହିବ।

**ମକର** ରାଶ୍ୟାଧିପ ଶନିଙ୍କ ଦୁର୍ବଳତାଜନିତ ନିଜର କାର୍ଯ୍ୟ, ଚିନ୍ତାଧାରା ନୈରାଶ୍ୟଜନକ ରହିବ। ସକାଳୁ ଯେଉଁ କାମରେ ବାହାରିଛନ୍ତି ସେଥିରେ ସଫଳତା ଅବଶ୍ୟ ପାଇବେ। ଉପର ଅଧିକାରୀ ଆପଣଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସାପୂର୍ବକ ଅନୁକମ୍ପା ପ୍ରଦର୍ଶନ କରିପାରନ୍ତି। ରପ୍ତାନି, ଏଜେନ୍ସି, ସାମ୍ବାଦିକତା କ୍ଷେତ୍ର ପ୍ରଭୃତି ମଧ୍ୟମ ପ୍ରକାରର ରହିପାରେ।

**କୁମ୍ଭ** କର୍ମକ୍ଷେତ୍ର ସରଗରମ ରହିବା ଯୋଗୁ ମାନସିକ ଉଦ୍‌ବେଗ ବୃଦ୍ଧି ଆପଣଙ୍କ ସୁଖ,ସନ୍ତୋଷକୁ ଛଡାଇ ନେଇପାରେ। କର୍ମକ୍ଷେତ୍ରରେ ସମାଲୋଚିତ ହୋଇପାରନ୍ତି। କର୍ମାରମ୍ଭ, ମାଲିମକଦ୍ଦମା, ଜମିଜମା, ଅର୍ଥନୈତିକ କାର୍ଯ୍ୟକ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆର୍ଥିକ ଉନ୍ନତି ଘଟିବାର ସମ୍ଭାବନା ରହିଛି।

**ମୀନ** ଆଜି ପରିସ୍ଥିତି ପ୍ରତି ସଜାଗ ରହି କାମକଲେ ସମସ୍ୟାମୂଳକ ପରିସ୍ଥିତିରୁ ରକ୍ଷା ପାଇବେ। ଆନୁଷ୍ଠାନିକ କର୍ମ, ସାଂଗଠନିକ ଆଲୋଚନା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ସାଧନା ତଥା ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ପାଇପାରନ୍ତି। ସାମାଜିକ ସ୍ତରରେ ବିଶିଷ୍ଟ ବ୍ୟକ୍ତିଙ୍କ ନିମନ୍ତ୍ରଣ ପାଇ ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେବାର ସୂଚନା ରହିଛି।

ଆଜି ଏପ୍ରିଲ ୨୦ ତାରିଖ, ଅକ୍ଷୟ ତୃତୀୟା, ବୈଶାଖ ଶୁକ୍ଳପକ୍ଷର ତୃତୀୟା ଯୁକ୍ତ ଚତୁର୍ଥୀ ସୋମବାର, ଚନ୍ଦନଯାତ୍ରା ଆରମ୍ଭ, ରଥକାଠ ଅନୁକୂଳ, ରେବତୀ ବିବାହ ଉତ୍ସବ, କବି ଜୟଦେବ ଜୟନ୍ତୀ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୮ ଗତେ, ଘ.୦୭।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୦୩ ଗତେ, ଘ.୦୮।୩୭ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାକେ ନାହିଁ କି ହାକେ ନାହିଁ**
**କି ଡର ନାହିଁ କାହାକୁ,**
**ଯୋଡ଼ା ଭାରିଯା ର କି ଯଶ ଅଛି**
**ପଚାର ଯା'ତୋ ମାଆକୁ।**

ଦି' ନାଆରେ ପାଦ ଦେଇଥିବା ବ୍ୟକ୍ତିଙ୍କ ପରିଣତି ସାଂଘାତିକ ହୋଇଥାଏ। ସ୍ଥଳ ବିଶେଷରେ ଏଭଳି ବ୍ୟକ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଯାଏ। ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ଦୁଃଖ ଦୁର୍ଦ୍ଦଶା ଭୋଗିବା ସହ ଅନେକ ହଟହଟା ହୋଇଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଡେଙ୍ଗେଇ ନାନୀ, ସରୁ କାଟେଣୀ
ପାଣି କାଢୁଥିଲା କୂଅରେ ;
ଟୋପି ଚନ୍ଦନିଆ ବୋକ ଦେଇଗଲା
କେଶର ଲାଗିଛି ମୁହଁରେ।

ସାଧାରଣତଃ ପ୍ରେମରେ ପଡ଼ିଥିବା ବ୍ୟକ୍ତି ପରସ୍ପରର ସାନ୍ନିଧ ପାଇବା ପାଇଁ ବ୍ୟାକୁଳ ହୋଇଉଠନ୍ତି। ପ୍ରେମିକାକୁ ପାଖରେ ପାଇ ପ୍ରେମ ଭାବ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପୁଣି ମା' ହେବେ ଦୀପିକା



ମୁମ୍ବାଇ: ବଲିଉଡ ଷ୍ଟାର୍ ଦୀପିକା ପାଡୁକୋନ-ରଣବୀର ସିଂ ଦ୍ୱିତୀୟ ଥର ମା'ବାପା ହେବାକୁ ଯାଉଛନ୍ତି। ଏବିଷୟରେ ଏହି ଷ୍ଟାର କପଲ୍ ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି। ସେମାନଙ୍କ ପ୍ରଥମ ସନ୍ତାନ ତଥା ଝିଅ ଦୁଆ ସେପ୍ଟେମ୍ବର ୨୦୨୪ରେ ଜନ୍ମ ଗ୍ରହଣ କରିଥିଲେ। ଏବେ ଏହି କପଲ ପୁଣି ମା'-ବାପା ହେଉଥିବା ଖୁସି ଖବର ସୋସିଆଲ ମିଡିଆରେ ମିଳିତ ଭାବେ ପୋଷ୍ଟ କରିଛନ୍ତି। ଯେଉଁଥିରେ ଦୁଆ ଏକ ପଜିଟିଭ ପ୍ରେଗ୍ନାନ୍ସି କିଟ୍ ଧରିଛନ୍ତି। ଏହା ଦେଖିବା ପରେ ବଲିଉଡ ଇଣ୍ଡଷ୍ଟ୍ରିର କଳାକାର ଏବଂ ପ୍ରଶଂସକଙ୍କ ପକ୍ଷରୁ ଉଭୟଙ୍କୁ ଅଭିନନ୍ଦନର ସୁଅ ଛୁଟିଛି। ସୂଚନାଯୋଗ୍ୟ, ୨୦୧୮ ନଭେମ୍ବରରେ ଇଟାଲୀର ଲେକ କୋମୋରେ ବିବାହ କରିଥିବା ଏହି ଯୋଡ଼ି ଏବେ ମଧ୍ୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ଆକ୍ଟିଭ ଅଛନ୍ତି। ଦୀପିକା ଅଲ୍ଲୁ ଅର୍ଜୁନଙ୍କ ସହିତ 'ରାକା' ଭଳି ବଡ଼ ପ୍ରୋଜେକ୍ଟରେ କାମ କରୁଛନ୍ତି ଏବଂ ଶାହରୁଖ ଖାନ୍‌ଙ୍କ ଆଗାମୀ ଚଳଚ୍ଚିତ୍ର 'କିଙ୍ଗ'ରେ ନଜର ଆସିବେ।

# ଅବଶିଷ୍ଟାଂଶ

## ଡିଲ୍ ନ କଲେ ପାୱାର...

ଅଚଳାବସ୍ଥା ଜାରି ରହିବ। ଏନେଇ ଟ୍ରମ୍ପ୍ କହିଛନ୍ତି, ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଇରାନ୍ ସିଜ୍‌ଫାୟାର ଉଲ୍ଲଂଘନ କରିଛି। ରବିବାର ଇରାନ୍ ଏହି ଜଳପଥରେ ଜାହାଜଗୁଡ଼ିକ ଉପରକୁ ଗୁଳି ଚଳାଇଥିଲା, ଯାହାକି ଅସ୍ତ୍ରବିରତିର ଉଲ୍ଲଂଘନ। ଇରାନ୍‌ର ସରକାରୀ ନ୍ୟୁଜ୍ ଏଜେନ୍ସି ଆଇଆର୍‌ଏନ୍‌ଏ ପ୍ରକାଶିତ ରିପୋର୍ଟ ଅନୁସାରେ ୱାଶିଂଟନ୍‌ର ଅତ୍ୟଧିକ ଦାବି, ଅବାସ୍ତବ ଆଶା, ଆଭିମୁଖ୍ୟରେ ବାରମ୍ବାର ପରିବର୍ତ୍ତନ, ମନ୍ତବ୍ୟରେ ବିରୋଧାଭାସ ଯୋଗୁ ତେହରାନ୍‌ରୁ କୌଣସି ପ୍ରତିନିଧି ଇସ୍‌ଲାମାବାଦ ଯିବେ ନାହିଁ। ତେବେ ଏହା ଉପରେ ହ୍ୱାଇଟ୍ ହାଉସ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ପ୍ରକାଶ ଯେ, ଇରାନୀୟ କର୍ତ୍ତୃପକ୍ଷଙ୍କ ଅନୁମତି ମିଳିବା ପରେ ହର୍ମୁଜ୍‌ରୁ ଶନିବାର ୨ଟି ଭାରତୀୟ ପତାକା ଲାଗିଥିବା ଜାହାଜ ଯାତ୍ରା ଆରମ୍ଭ କରିଥିଲା। କିନ୍ତୁ ଦୁଇ ଜାହାଜକୁ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ପକ୍ଷରୁ ଗୁଳି କରାଯାଇଥିଲା। ଏପରି କି ଫ୍ରାନ୍ସ ଓ ବ୍ରିଟେନ୍‌ର ଜାହାଜକୁ ମଧ୍ୟ ଟାର୍ଗେଟ୍ କରାଯାଇଥିବା ଜଣାପଡ଼ିଛି।

## ସାଙ୍ଗ ଗୁଳିରେ ....

ଶିକାର କରିବାକୁ ଯିବାବେଳେ ଘରଲୋକ କିପରି ଜାଣିପାରିଲେ ନାହିଁ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁସାରେ, ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ବୁଡ଼େଣୀ ଗ୍ରାମର ବିଭୂତି ଗତ ୧୮ ତାରିଖ ରାତିରେ ଘରେ ଶୋଇଥିଲେ। ରାତି ପ୍ରାୟ ୯ଟାରେ ଗ୍ରାମର ୨ ଯୁବକ ୨ଟି ଦେଶୀ ବନ୍ଧୁକ ଧରି ତାଙ୍କ ଘରେ ପହଞ୍ଚି ନିକଟସ୍ଥ କାମୁଟି ଜଙ୍ଗଲକୁ ଶିକାର ପାଇଁ ଯିବାକୁ ବିଭୂତିଙ୍କୁ ଡାକିଥିଲେ। ବିଭୂତିଙ୍କ ବାପା ବାରଣ କରିଥିଲେ ମଧ୍ୟ ସେ ସାଙ୍ଗମାନଙ୍କ କଥାରେ ଶିକାର କରିବାକୁ ଯାଇଥିଲେ। ପ୍ରାୟ ଅଧଘଣ୍ଟା ପରେ ଗୁଳିଶବ୍ଦ ଶୁଭିଥିଲା। ବନ୍ଧୁକରୁ ଗୁଳି ଫୁଟି ବିଭୂତିଙ୍କ ମୃତ୍ୟୁ ହୋଇଥିବା କଥା କିଛି ସମୟ ପରେ ସମ୍ପୃକ୍ତ ଯୁବକ ଆସି ବିଭୂତିଙ୍କ ବାପା ମାଧବଙ୍କୁ କହିଥିଲେ। ପରିବାର ଓ ଗ୍ରାମ ଲୋକେ ଘଟଣାସ୍ଥଳକୁ ଯାଇ ବିଭୂତି ରକ୍ତ ଜୁବୁବୁବୁ ଅବସ୍ଥାରେ ମରିପଡ଼ିଥିବା ଦେଖିଥିଲେ। ଏ ନେଇ ଥାନାକୁ ଜଣାଇବା ପରେ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତକରି ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏଥିସହ ଘଟଣାସ୍ଥଳରୁ ବନ୍ଧୁକ ଜବତ କରିଥିଲା। ଏହି ଘଟଣାରେ ଜଣଙ୍କୁ ଅଟକ ରଖାଯାଇଥିବା ଜଣାପଡ଼ିଛି। ଏ ନେଇ ଟିକାବାଲି ଥାନା ଅଧିକାରୀ ସମୀର କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଘଟଣାରେ ୨ଟି ବନ୍ଧୁକ ଜବତ ହୋଇଛି। ମାଧବଙ୍କ ଅଭିଯୋଗକ୍ରମେ ଘଟଣାର ତଦନ୍ତ ଚାଲିଛି ଏବଂ ନଂ.୮୬/୨୬ରେ ଥାନାରେ ଏକ ମାମଲା ରୁଜୁ ହୋଇଛି ବୋଲି ବେହେରା କହିଛନ୍ତି।

## ଅନ୍ଧାରରେ ସରକାରଙ୍କ ...

ପାରା ପଡ଼ିରହିଛି, ତା'ର ତର୍ଜମା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ମଧ୍ୟରୁ ଅଧିକାଂଶ ଅବସର ନେଇସାରିଥିବା ବେଳେ ବହୁଜଣ ଇହଧାମ ତ୍ୟାଗ କରିସାରିଲେଣି। ସେମାନଙ୍କ ମଧ୍ୟରୁ ବହୁଜଣ ସରକାରୀ ଅର୍ଥ ଆଦାୟ ରିପୋର୍ଟ ଦାଖଲ କରି ନ ଥିବାବେଳେ ଭୁଲ୍ କରିଥିବା ଅଧିକାରୀଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଂ ମଧ୍ୟ କରିନାହାନ୍ତି। ଦୁରୁପଯୋଗ କରାଯାଇଥିବା ଏହି ଅର୍ଥର ହିସାବ ନ ରଖାଯିବା, ଏଥିଯୋଗୁ କେତେ କ୍ଷତି ହେଲା ତାହାକୁ ଆଦାୟ ନ ହେବା ଚିନ୍ତାଜନକ। ବିଭାଗଗୁଡ଼ିକର ଆର୍ଥିକ ପରାମର୍ଶଦାତା ଏବଂ ଅତିରିକ୍ତ ଆର୍ଥିକ ପରାମର୍ଶଦାତାମାନେ ଅଡିଟ୍ ହୋଇ ନ ଥିବା ରିପୋର୍ଟ ଏବଂ ବଳକାଥିବା ପାରାଗୁଡ଼ିକର ତର୍ଜମା କରି ଏହାକୁ ତୁରନ୍ତ ସମାଧାନ କରିବାକୁ ଅର୍ଥ ବିଭାଗ ଉକ୍ତ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଆହୁରି ଅଧିକ ବିଳମ୍ବ ହେବା ପୂର୍ବରୁ ଆର୍ଥିକ ପରାମର୍ଶଦାତା ଏବଂ ଅତିରିକ୍ତ ଆର୍ଥିକ ପରାମର୍ଶଦାତାମାନେ ଅଡିଟ୍ ସଂଗଠନ ଜରିଆରେ ଦୋଷୀ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ ତଥ୍ୟ ଦେଇ କିପରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ, ସେଥିପ୍ରତି ଧ୍ୟାନ ଦେବେ। ଆସନ୍ତା ଅଡିଟ୍ ସମୟରେ ଏହାର ସମାଧାନ ଉପଯୁକ୍ତ ଢଙ୍ଗରେ କରିବେ। ବିଭାଗଦ୍ୱାରା ସମୀକ୍ଷା କରି ତ୍ରୁଟିଥିବା ଇଣ୍ଟରନାଲ୍ ଅଡିଟ୍ ରିପୋର୍ଟ ଏବଂ ପାରାକୁ ଅର୍ଥ ବିଭାଗ ଆଗରେ ତଥ୍ୟ ରଖି ଜଣାଇବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଅର୍ଥ ବିଭାଗ ପକ୍ଷରୁ ଅଧିକ ଅନିୟମିତତା ହୋଇଥିବା ନେଇ ଗତ ୧୬ ତାରିଖରେ ପୂର୍ତ୍ତ ବିଭାଗକୁ ଦିଆଯାଇଥିବା ଚିଠିରୁ ଏ ସମ୍ପର୍କିତ ତଥ୍ୟ ଲୋକଲୋଚନକୁ ଆସିଛି। ପୂର୍ତ୍ତ ବିଭାଗ ତୁରନ୍ତ ବାକିଆ ଥିବା ଅଡିଟ୍ ରିପୋର୍ଟ ଓ ପାରାକୁ ଗୁରୁତ୍ୱର ସହ ନେଇ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଆଜିଠାରୁ ୨୩ ଯାଏ ...

କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ସୋମବାରଠାରୁ ଏପ୍ରିଲ ୨୩ ତଥା ଗୁରୁବାର ପର୍ଯ୍ୟନ୍ତ ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ, କଲେଜ ଓ ବୈଷୟିକ ପ୍ରତିଷ୍ଠାନ ବନ୍ଦ ରହିବ। ଏହି ସମୟ ମଧ୍ୟରେ ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ଜାରି ରହିବ। ଖରା ସମୟରେ କୋମଳମତି ଛାତ୍ରୀଛାତ୍ରମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ପ୍ରାଥମିକତା ଦେଇ ଜିଲାପାଳ ଏହି ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଅବଗତ କରାଯାଇଛି।

## ହାତୀ ଆକ୍ରମଣରେ ବୃଦ୍ଧା ମୃତ

ରିଆମାଳ,୧୯।୪ (ବଦ୍ରିନାରାୟଣ ଅଗ୍ରୱାଲା): ଦେବଗଡ଼ ଜିଲା ରିଆମାଳ ଫରେଷ୍ଟ ରେଞ୍ଜ୍ କୁଣ୍ଡେଇଗୋଳା ସେକ୍ସନ ଅନ୍ତର୍ଗତ ଆଉଁଳି କୁଡ଼ାସାହିର ମହିଆ ଜଙ୍ଗଲରେ ଦନ୍ତାହାତୀ ଆକ୍ରମଣରେ ରବିବାର ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଆଉଁଳି ଗ୍ରାମର ପାତି ପ୍ରଧାନ(୬୫)। ସକାଳ ପ୍ରାୟ ସାଢ଼େ ୮ଟାରେ ପାତି ଉକ୍ତ ଜଙ୍ଗଲକୁ କାଠୁ ସଂଗ୍ରହ ପାଇଁ ଯାଇ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଫଳରେ ବୃଦ୍ଧାଙ୍କୁ ହାତୀ ସେଠାରେ କଚାଡ଼ି ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଚଳନ୍ତା ଟ୍ରେନ୍‌ରୁ ଖସି ଯୁବକ ଗୁରୁତର

### ରିଲ୍ସ କରିବା କାଳ ହେଲା

ସିମୁଳିଆ,୧୯।୪(ସନ୍ତୋଷ କୁମାର ନାୟକ)

ବାରମ୍ବାର ସଚେତନତା ସତ୍ତ୍ୱେ ମଧ ବଦଳୁ ନାହାନ୍ତି ଯୁବପିଢ଼ି। ରିଲ୍ସ କରିବା ନିଶାରେ ବିପଦପୂର୍ଣ୍ଣ ପନ୍ଥା ଆପଣାଉଛନ୍ତି। ରିଲ୍ସ କରିବା ଚକ୍କରରେ ଅନେକ ପ୍ରାଣ ହରାଇଥିବା ମଧ ନଜିର ରହିଛି। ତେବେ ଚଳନ୍ତା ଟ୍ରେନ୍‌ର ଦ୍ୱାର ପାଖରେ ରିଲ୍ସ କରୁଥିବା ବେଳେ ଖସିପଡ଼ି ଜଣେ ଯୁବକ ଗୁରୁତର ହେବା ଘଟଣା ବାଲେଶ୍ୱର ଜିଲା ସିମୁଳିଆସ୍ଥିତ ମାର୍କୋଣା ଷ୍ଟେଶନଠାରେ ଦେଖିବାକୁ ମିଳିଛି। ଗୁରୁତର ଯୁବକ ଜଣକ ହେଲେ ମୁଫିଦାର ଇସଲାମ(୨୯)। ତାଙ୍କ ଘର ଆନ୍ଧ୍ରପ୍ରଦେଶରେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ସିମୁଳିଆ ମେଡିକାଲ ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ମୁଫିଦାର ଆସାମରେ କାମ କରନ୍ତି। ସେ ଚେରାପଲି ଟ୍ରେନ୍ ଯୋଗେ ଘରକୁ ଫେରୁଥିଲେ। ରବିବାର ମଧ୍ୟାହ୍ନରେ ମାର୍କୋଣା ରେଳ ଷ୍ଟେଶନ ନିକଟରେ ସେ ଟ୍ରେନ ଦ୍ୱାର ପାଖରେ ରିଲ୍ସ କରୁଥିବାବେଳେ ଖସି ପଡ଼ିଥିଲେ। ଅନ୍ୟ ପାସେଞ୍ଜରମାନେ ଟ୍ରେନ୍‌ର ଚେନ୍ ଟାଣିବା ସହିତ ପୋଲିସକୁ ସୂଚନା ଦେଇଥିଲେ। ଷ୍ଟେଶନ କର୍ମଚାରୀମାନଙ୍କ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ମେଡିକାଲକୁ ନିଆଯାଇଥିଲା।

# ଏଯାଏ ଖୋଲିଲାନି ମାଧ୍ୟମିକ ଶିକ୍ଷକ ବଦଳି ପୋର୍ଟାଲ

### ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଏନ୍‌ପିଏସ୍ ଶିକ୍ଷକ ସଂଘ

ଭୁବନେଶ୍ୱର,୧୯।୪(ବନ୍ଦନା ସେଠୀ)

ଚଳିତ ବର୍ଷ ପ୍ରାଥମିକ ଶିକ୍ଷକଙ୍କ ଅନ୍‌ଲାଇନ ବଦଳି ପ୍ରକ୍ରିୟା ପାଇଁ କ୍ୟାଲେଣ୍ଡର କାର୍ଯ୍ୟସୂଚୀ ପ୍ରକାଶିତ ହୋଇସାରିଛି। ମାତ୍ର ମାଧ୍ୟମିକ ଶିକ୍ଷକଙ୍କ ପାଇଁ ଏପର୍ଯ୍ୟନ୍ତ ଅନ୍‌ଲାଇନ୍ ବଦଳି ପୋର୍ଟାଲ ଖୋଲାଯାଇ ନାହିଁ। ନିୟମ ଅନୁଯାୟୀ, ପ୍ରତିବର୍ଷ ଫେବୃଆରୀରେ ଅନ୍‌ଲାଇନ୍ ବଦଳି ପୋର୍ଟାଲ ଖୋଲିବା ଏବଂ ଜୁନ୍ ମଧ୍ୟରେ ସମସ୍ତ ପ୍ରକ୍ରିୟା ସମାପ୍ତ କରିବାର ନିର୍ଦ୍ଦେଶ ରହିଛି। ତେବେ ବ୍ୟବହାରିକ ଭାବରେ ଏହା ପାଳନ ହେଉ ନ ଥିବା ଓଡ଼ିଶା ଏନ୍.ପି.ଏସ୍ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ମୁଖ୍ୟମନ୍ତ୍ରୀ ଘଟଣାରେ ହସ୍ତକ୍ଷେପ କରିବା ସହ ତୁରନ୍ତ ଅନ୍‌ଲାଇନ୍ ବଦଳି ପୋର୍ଟାଲ ଖୋଲିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ଏହି କ୍ରମରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏନେଇ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, ବହୁ ମାଧ୍ୟମିକ ଶିକ୍ଷକ ଦୀର୍ଘଦିନ ଧରି ବଦଳି ପ୍ରକ୍ରିୟା ପାଇଁ ଅପେକ୍ଷା କରି ରହିଛନ୍ତି। ଏହା ବିଳମ୍ବ ହେଉଥିବାରୁ ସେମାନେ ମାନସିକ ଚାପରେ ରହିବା ସହ ବହୁ ବ୍ୟକ୍ତିଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଗୁରୁତର ଅସୁସ୍ଥ ଥିବା କେତେଜଣ ଶିକ୍ଷକ ବଦଳି ପାଇଁ ଆବେଦନ କରିପାରୁ ନ ଥିବାରୁ ଚିକିତ୍ସା ଓ ସ୍ଥାନାନ୍ତରଣ ସୁବିଧା ନ ପାଇ ଅସୁବିଧା ଭୋଗୁଛନ୍ତି। ତେଣୁ ଏହି ସମସ୍ୟାର ଗୁରୁତ୍ୱକୁ ଅନୁଭବ କରି ତୁରନ୍ତ ଅନ୍‌ଲାଇନ୍ ବଦଳି ପୋର୍ଟାଲ ଖୋଲିବା ପାଇଁ ଦାବି ଓ ନିବେଦନ କରାଯାଇଛି।

# ଅଂଶୁଘାତରେ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ ଅଭିଯୋଗ

### ଜନଗଣନା ଡ୍ୟୁଟି କରିବାକୁ ଯାଇଥିଲେ

ବୀରମହାରାଜପୁର /ଅମରପାଲି,୧୯।୪ (ଯୁଗଳ କିଶୋର ମିଶ୍ର/ ପୀତାମ୍ବର ସାହୁ)

ଜନଗଣନା ଡ୍ୟୁଟି କରିବାକୁ ଯାଇଥିବା ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଜଣେ ପ୍ରଧାନଶିକ୍ଷକଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ଉଲୁଣ୍ଡା ବ୍ଲକ ବମରାଜ ଗାଁର ବଂଶୀଧର ଭୋଇ(୫୫)। ରବିବାର ସେ ବ୍ଲକ ଅନ୍ତର୍ଗତ ସୁନାପାଲି ଗାଁକୁ ଜନଗଣନା କରିବାକୁ ଯାଇଥିଲେ। ସେଠାରୁ ଅପରାହ୍ନ ପ୍ରାୟ ୨ଟାରେ ଘରକୁ ଫେରିଲା ପରେ ଆସୁସ୍ଥ ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସୁବର୍ଣ୍ଣପୁର ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ୨ଘଣ୍ଟା ଧରି ଆମ୍ବୁଲାନ୍ସ ଆସି ନ ଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୮ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଡ୍ୟୁଟି କରି ସେ ଅଂଶୁଘାତରେ ମୃତ୍ୟୁବରଣ କରିଥିବା ଶିକ୍ଷକ ବଂଶୀଧର ଭୋଇଙ୍କ ସ୍ତ୍ରୀ ବାସନ୍ତୀ ଭୋଇ ଅଭିଯୋଗ କରିଛନ୍ତି।



ବଂଶୀଧର ଭୋଇ

ବଂଶୀଧର ସୁନାପାଲି ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ସ୍ତ୍ରୀ ଏବଂ ଦୁଇ ଅବିବାହିତ ଝିଅ ରହିଛନ୍ତି। ବୀରମହାରାଜପୁର ପୋଲିସ ମୃତଦେହ ଜବତ କରିଛି। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏ ନେଇ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬/୨୬)ରୁଜୁ ହୋଇଥିବା ଏଏସ୍‌ଆଇ ଗଜାନନ ବେହେରା କହିଛନ୍ତି। ଘଟଣା ସମ୍ପର୍କରେ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନା ସୁପରିଣ୍ଟେଣ୍ଡେଣ୍ଟ ଡ.ସୁବାସ ପଣ୍ଡାଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡିବ ବୋଲି କହିଛନ୍ତି।

# ମହିଳା ପ୍ରାର୍ଥୀ ଦେବାରେ ପଛରେ ଭାଜପା, କଂଗ୍ରେସ

ଭୁବନେଶ୍ୱର,୧୯।୪ (ଜିତେନ୍ଦ୍ର କୁମାର ନାୟକ)

### ୨୦୨୪ ଲୋକ ସଭା ଟିକେଟ ବଣ୍ଟନ




| ଦଳ | ଲଢ଼ିଥିବା ସିଟ୍ | ମହିଳା ପ୍ରାର୍ଥୀ | ପ୍ରତିଶତ |
|---|---|---|---|
| ଭାଜପା | ୪୪୦ | ୬୯ | ୧୫.୬୮ |
| କଂଗ୍ରେସ | ୩୨୭ | ୪୧ | ୧୨.୫୩ |
| ବିଜେଡି | ୨୧ | ୭ | ୩୩.୩୩ |
| ସମାଜବାଦୀ ପାର୍ଟି | ୭୧ | ୧୪ | ୨୦ |
| ଡିଏମ୍‌କେ | ୨୨ | ୩ | ୧୩.୬୩ |
| ଜେଡିୟୁ | ୧୬ | ୨ | ୧୨.୫ |
| ଏଲ୍‌ଜେପି | ୫ | ୨ | ୪୦ |
| ଟିଏମ୍‌ସି | ୪୨ | ୧୨ | ୨୮.୫୭ |
| ଜେଏମ୍‌ଏମ୍ | ୬ | ୨ | ୩୩.୩୩ |
| ଆର୍‌ଜେଡି | ୨୩ | ୬ | ୨୬.୦୮ |
| ଏଏପି | ୨୨ | ୦ | ୦ |

ଦେଶବ୍ୟାପୀ ଏବେ ଲୋକ ସଭା ଆସନ ବୃଦ୍ଧି ଓ ମହିଳା ସଂରକ୍ଷଣ ଆଇନ ସମ୍ପର୍କରେ ଆଲୋଚନା ତେଜିଛି। ଏପରି ପ୍ରଚ୍ଛଦପଟରେ ୨୦୨୩ରେ ମହିଳା ସଂରକ୍ଷଣ ଆଇନ ସଂସଦରେ ଗୃହୀତ ହୋଇସାରିଥିଲା। ତଥାପି ଦେଶର ଅଧିକାଂଶ ରାଜନୈତିକ ଦଳରୁ ମହିଳା ପ୍ରାର୍ଥୀମାନଙ୍କ ସଂଖ୍ୟା ଦେଖିଲେ ୨୦୨୪ ନିର୍ବାଚନର ଉଦାହରଣ ନୈରାଶ୍ୟଜନକ ବୋଲି କହିହେବ। ବିଶେଷକରି ୨ଟି ଜାତୀୟ ଦଳ-ଭାଜପା ଓ କଂଗ୍ରେସ ମହିଳା ପ୍ରାର୍ଥୀ ଦେବାରେ, ଅନ୍ୟ ଆଞ୍ଚଳିକ ଦଳ ତୁଳନାରେ ଯଥେଷ୍ଟ ପଛରେ ରହିଥିବା ତଥ୍ୟ ଦର୍ଶାଉଛି।

ଭାରତର ନିର୍ବାଚନ କମିଶନ(ଇସିଆଇ) ଓ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ତଥ୍ୟ ଅନୁଯାୟୀ ୨୦୨୪ ଲୋକ ସଭା ନିର୍ବାଚନରେ ୫୪୩ ଆସନ ପାଇଁ ସମୁଦାୟ ୮,୩୩୭ ପ୍ରାର୍ଥୀ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ସେମାନଙ୍କ ମଧ୍ୟରୁ ବିଭିନ୍ନ ଦଳର ମହିଳା ପ୍ରାର୍ଥୀ ଥିଲେ ମାତ୍ର ୭୯୭। ଅର୍ଥାତ୍ ୯.୫୫ ପ୍ରତିଶତ ମହିଳା ପ୍ରତିଦ୍ୱନ୍ଦ୍ୱିତା କରିବାର ସୁଯୋଗ ପାଇଥିଲେ। ଭାଜପା ୪୪୦ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ସେଥିମଧ୍ୟରୁ ୬୯ ଜଣ ମହିଳା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଅର୍ଥାତ୍ ଭାଜପା ୧୫.୬୮ ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ ହେବାର ସୁଯୋଗ ଦେଇଥିଲା। ଅନୁରୂପ ଭାବେ କଂଗ୍ରେସ ୩୨୭ ସିଟ୍‌ରେ ପ୍ରାର୍ଥୀ ଦେଇଥିବା ବେଳେ ମହିଳା ଥିଲେ ୪୧, ଯାହା ୧୨.୫୩ ପ୍ରତିଶତ। ଆଞ୍ଚଳିକ ରାଜନୈତିକ ଦଳ ବିଜୁ ଜନତା ଦଳ (ବିଜେଡି) ଓଡ଼ିଶାର ୨୧ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ସେଥିରୁ ୭ ଜଣ ମହିଳାଙ୍କୁ ଟିକେଟ ଦେଇଥିଲା। ଅର୍ଥାତ୍ ୩୩.୩୩ ପ୍ରତିଶତ ମହିଳା ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ଅବଶ୍ୟ କେହି ଲୋକ ସଭାରେ ଖାତା ଖୋଲିପାରି ନ ଥିଲେ। ଉଲ୍ଲେଖ କରାଯାଇପାରେ ଯେ, ରାଜ୍ୟରେ ଭାଜପା ଏହି ୨୧ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ମହିଳା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଅର୍ଥାତ୍ ଏମାନଙ୍କ ପ୍ରତିଶତ ଥିଲା ୧୯.୦୪। ସେହିଭଳି କଂଗ୍ରେସ ୨୦ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ମହିଳାଙ୍କ ସଂଖ୍ୟା ଥିଲା ୩, ଯାହାର ପ୍ରତିଶତ ୧୫। କଂଗ୍ରେସର ମେଣ୍ଟ ଭାବେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ଓଡ଼ିଶାରେ ଜଣେ ପ୍ରାର୍ଥୀଙ୍କୁ ଛିଡ଼ା କରାଇଥିଲା।

ତେବେ ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ (ଏଆଇଟିସି/ଟିଏମ୍‌ସି) ୪୨ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ୧୨ ଜଣ ମହିଳାଙ୍କୁ ସୁଯୋଗ ଦେଇଥିଲା, ଯାହାର ପ୍ରତିଶତ ହେଉଛି ୨୮.୬। ଏହି ୧୨ ଜଣଙ୍କ ମଧ୍ୟରେ ୧୧ ଜଣ ନିର୍ବାଚନରେ ବିଜୟଲାଭ କରିଥିଲେ।

ବର୍ତ୍ତମାନ ୩୩ ପ୍ରତିଶତ ମହିଳାଙ୍କୁ ସଂରକ୍ଷଣ ଦେବା ନେଇ 'ଘୋ' ଚାଲିଛି। ଜେଏମ୍‌ଏମ୍ ୬ ପ୍ରାର୍ଥୀ ଦେଇଥିବାବେଳେ ସେମାନଙ୍କ ମଧ୍ୟରେ ୨ ଜଣ ମହିଳା ଥିଲେ, ଯାହା ୩୩.୩୩%। ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ୫ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ମହିଳା ପ୍ରାର୍ଥୀ ଥିଲେ। ଏମାନଙ୍କ ପ୍ରତିନିଧିତ୍ୱ ୪୦ ପ୍ରତିଶତ ଥିଲା। ସଂଯୁକ୍ତ ଜନତାଦଳ(ଜେଡିୟୁ) ୧୬ ପ୍ରାର୍ଥୀ ଦେଇଥିବା ବେଳେ ୨ ଜଣ ମହିଳା ଥିଲେ, ଯାହା ୧୨.୫ % ଥିଲା। ସମାଜବାଦୀ ପାର୍ଟି (ଏସ୍‌ପି)ର ୭୧ ସମୁଦାୟ ପ୍ରାର୍ଥୀଙ୍କ ମଧ୍ୟରୁ ମହିଳା ପ୍ରାର୍ଥୀ ଥିଲେ ୧୪, ଯାହାର ପ୍ରତିଶତ ହେଉଛି ପ୍ରାୟ ୨୦। ଡିଏମ୍‌କେ ୨୨ ଜଣଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଟିକେଟ ଦେଇଥିବା ବେଳେ ସେଥିମଧ୍ୟରେ ୩ ଜଣ ଥିଲେ ମହିଳା(୧୩.୬୩%)।

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୋଟ ୨୩ ପ୍ରାର୍ଥୀଙ୍କ ମଧ୍ୟରୁ ୬ ମହିଳାଙ୍କୁ ଟିକେଟ ଦେଇଥିଲା, ଯାହା ୨୬%। ସବୁଠାରୁ କୌତୂହଳ କଥା ଯେ, ଆମ୍ ଆଦ୍‌ମୀ ପାର୍ଟି(ଏଏପି) ଦିଲ୍ଲୀ, ପଞ୍ଜାବ, ହରିୟାଣା ଓ ଗୁଜରାଟରେ ୨୨ ଜଣ ପ୍ରାର୍ଥୀ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ହେଲେ ମହିଳା ପ୍ରାର୍ଥୀ ନ ଥିବା ଜଣାପଡ଼ିଛି।

ନିର୍ବାଚନ କମିଶନଙ୍କ ସୂତ୍ରରୁ ଦର୍ଶାଯାଇଛି ଯେ, ୨୦୨୪ ମହିଳା ପ୍ରାର୍ଥୀ ଭରିଥିବା ଦଳଗୁଡ଼ିକ ମଧ୍ୟରେ 'ନାମ୍ ତାମିଲାର କାଚ୍ଚି' ୫୦%, ଏଲ୍‌ଜେପି (ରାମ୍‌ବିଳାସ) ୪୦%, ବିଜେଡି ଓ ଜେଏମ୍‌ଏମ୍ ୩୩% ଲେଖାଏ, ଆର୍‌ଜେଡି ୨୬%, ଟିଏମ୍‌ସି ୨୮.୫୭% ଓ ଏସ୍‌ପି ୨୦ ପ୍ରତିଶତ ପାର୍ଟି ଭିତରେ ଲିଙ୍ଗଗତ ପ୍ରତିନିଧିତ୍ୱ କରିଥିଲେ।

୨୦୨୪ ଲୋକ ସଭା ନିର୍ବାଚନ ସହିତ ୧୪୭ ଆସନ ବିଶିଷ୍ଟ ଓଡ଼ିଶା ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳାଙ୍କ ପ୍ରତିନିଧିତ୍ୱ ଦେଖିଲେ ବିଜେଡି ୩୩ ଜଣ ମହିଳାଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ଦେଇଥିଲା, ଯାହାର ପ୍ରତିଶତ ଦେଖିଲେ ଥିଲା ୨୨.୪୪। ସେହିପରି ଭାଜପା ୧୨(୮.୧୬%) ଜଣ ମହିଳାଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ୨୦ (୧୩.୬୦%) ଜଣ ମହିଳାଙ୍କୁ ଟିକେଟ ଦେଇଥିଲା। ଲୋକ ସଭା ଭଳି ରାଜ୍ୟ ବିଧାନସଭାରେ ଆଞ୍ଚଳିକ ଦଳ ବିଜେଡି ଜାତୀୟ ଦଳ ଭାଜପା ଓ କଂଗ୍ରେସଠାରୁ ଆଗରେ ରହିଥିଲା।

# ସପ୍ତାହେ ଯାଏ ତାତିରୁ ନିସ୍ତାର ନାହିଁ

### ■ ୪୦ ଡିଗ୍ରୀ ଉପରେ ୧୪ ସହର ■ ଝାରସୁଗୁଡ଼ାରେ ସର୍ବାଧିକ ୪୩.୩ ଡିଗ୍ରୀ ତାପମାତ୍ରା

ଭୁବନେଶ୍ୱର,୧୯।୪ (ବନ୍ଦନା ସେଠୀ)

ପ୍ରବଳ ଗ୍ରୀଷ୍ମତାପରେ ଶିଝୁଛି ଓଡ଼ିଶା। ଗରମ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବାବେଳେ ରବିବାର ମଧ ଅଧା ରାଜ୍ୟର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ଏହିଭଳି ସ୍ଥିତି ଲାଗି ରହିବ ଓ ତାତିରୁ ନିସ୍ତାର ମିଳିବ ନାହିଁ। ବିଶେଷକରି ପଶ୍ଚିମ ଓଡ଼ିଶାର ଝାରସୁଗୁଡା, ଟିଟିଲାଗଡ, ନୂଆପଡା, ବଲାଙ୍ଗୀର ଓ ଭବାନୀପାଟଣା ଅଧିକ ପ୍ରଭାବିତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ରିପୋର୍ଟ ଅନୁଯାୟୀ, ଗତ ୨୪ଘଣ୍ଟାରେ ରାଜ୍ୟର ୧୪ଟି ଅଞ୍ଚଳର ତାପମାତ୍ରା ୪୦ ଡିଗ୍ରୀ ଓ ଏହାଠାରୁ ଅଧିକ ରହିଥିଲା। ସର୍ବାଧିକ ତାପମାତ୍ରା ୪୩.୩ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ଟିଟିଲାଗଡ଼ରେ ୪୩ ଡିଗ୍ରୀ, ସୋନପୁର ୪୨.୩, ସମ୍ବଲପୁର ଓ ଭବାନୀପାଟଣା ୪୨, ସୁନ୍ଦରଗଡ଼, ବଲାଙ୍ଗୀର ଓ ରାଉରକେଲା ୪୧.୫, ଅନୁଗୋଳ ୪୧.୧, ହୀରାକୁଦ ଓ ନୂଆପଡ଼ା ୪୧, ବୌଦ୍ଧ ୪୦.୯, ଫୁଲବାଣୀ ଓ ତାଳଚେରରେ ୪୦.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଅପରପକ୍ଷେ ରାଜ୍ୟର କିଛି ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସାଙ୍ଗକୁ ବର୍ଷା ଓ ପବନ ବହିବା ନେଇ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି। ସୋମବାର ମୟୂରଭଞ୍ଜ, କେନ୍ଦୁଝର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଏବଂ କନ୍ଧମାଳ ଜିଲାରେ ଘଡ଼ଘଡ଼ି ସାଙ୍ଗକୁ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଏଥିସହ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ଆକଳନ କରାଯାଇଛି।

# ଜଳଭଣ୍ଡାରରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ

ଭଞ୍ଜନଗର,୧୯।୪(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଜଳଭଣ୍ଡାରରେ ବୁଡ଼ି ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ୨ ଛାତ୍ରଙ୍କ ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ ଏହି ଘଟଣା ଘଟିଛି। ମୃତ ଛାତ୍ରଦ୍ୱୟ ହେଲେ ଲାଲସିଂର କାହ୍ନା ପ୍ରଧାନ ଓ ଆଶୁତୋଷ ଭୂୟାଁ । ଭଞ୍ଜନଗର ମେଡିକାଲରେ ମୃତଦେହ ରହିଛି। ରାତି ହୋଇ ଯାଇଥିବାରୁ ସୋମବାର ବ୍ୟବଚ୍ଛେଦ କରାଯିବ। ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର କାହ୍ନା ଓ ଆଶୁତୋଷ ତାଙ୍କର ଆଉ ୪ ଜଣ ସାଙ୍ଗଙ୍କ ସହ ମିଶି ରବିବାର ଅପରାହ୍ନ ୫ଟାରେ ଭଞ୍ଜନଗର ଜଳଭଣ୍ଡାରକୁ ଗାଧୋଇବା ପାଇଁ ଯାଇଥିଲେ। ୫ ଜଣଙ୍କ ମଧ୍ୟରୁ କେବଳ ଜଣେ ପହଁରା ଶିଖିଥିଲେ। ସେମାନେ ଜଳଭଣ୍ଡାରରେ ବହୁ ସମୟ ରହିଥିଲେ। ତେବେ ଅସାବଧାନତାରୁ କାହ୍ନା ଓ ଆଶୁତୋଷ ପାଣିରେ ବୁଡ଼ିଯାଇଥିଲେ। ଅନ୍ୟ ସାଙ୍ଗମାନେ ଉଭୟଙ୍କୁ ଖୋଜାଖୋଜି କରିଥିଲେ ମଧ ନ ପାଇବାରୁ ଦମକଳ ବାହିନୀ ଏବଂ ପୋଲିସକୁ ସୂଚନା ଦେଇଥିଲେ। ସନ୍ଧ୍ୟାରେ ଭଞ୍ଜନଗର ଦମକଳ ବାହିନୀ ଓ ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ନେତୃତ୍ୱରେ ଜଳଭଣ୍ଡାରରେ ଖୋଜାଯିବା ପରେ ସେମାନଙ୍କୁ ଉଦ୍ଧାର କରି କାଳେ ବଞ୍ଚିଥିବେ ଭାବି ଭଞ୍ଜନଗର ହସ୍ପିଟାଲ ଅଣାଯାଇଥିଲା। ସେଠାରେ କାହ୍ନା ଓ ଆଶୁତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ୨୧ରେ ପୁରୀରେ ହେବ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ

ଭୁବନେଶ୍ୱର,୧୯।୪(ବନ୍ଦନା ସେଠୀ)

ଆସନ୍ତା ୨୧ ତାରିଖରେ ପୁରୀଠାରେ 'ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ବାଚସ୍ପତିଙ୍କ ଭୂମିକା' ସମ୍ପର୍କିତ କମିଟି ସମ୍ମିଳନୀ ଅନୁଷ୍ଠିତ ହେବ। ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ସୁରେଶ ନରେୱକରଙ୍କ ଅଧ୍ୟକ୍ଷତା ଏବଂ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ଏଥିରେ ମହାରାଷ୍ଟ୍ର, ଓଡ଼ିଶା ସମେତ କର୍ଣ୍ଣାଟକ, ନାଗାଲାଣ୍ଡ ବିଧାନସଭାର ବାଚସ୍ପତି ଯୋଗଦେଇ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ଦଳବଦଳ ନିରୋଧ ଆଇନର ପ୍ରାସଙ୍ଗିକତା, ପରିଣତି ଏବଂ ଏହାକୁ କିପରି ରୋକାଯାଇ ପାରିବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବେ। ସମ୍ମିଳନୀରେ ସମ୍ବିଧାନ ବିଶେଷଜ୍ଞମାନଙ୍କ ସହ ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ ଏବଂ ଲୋକସଭାର ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ବିଧାନସଭାର ସଚିବମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ବାଣ ବିସ୍ଫୋରଣ: ଦୁଃଖ ପ୍ରକାଶ କଲେ ନବୀନ

ଭୁବନେଶ୍ୱର,୧୯।୪(ରବିନାରାୟଣ ଜେନା)

ତାମିଲନାଡୁ ବିରୁଧୁନଗର ଜିଲାରେ ଏକ ବାଣ ତିଆରି କାରଖାନାରେ ବିସ୍ଫୋରଣରେ ଅନେକ ଲୋକଙ୍କ ମୃତାହତ ହୋଇଛନ୍ତି। ଏହି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ 'ଏକ୍ସ' ଯୋଗେ କହିଛନ୍ତି, ଏହି ଘଟଣାରେ ଯେଉଁମାନେ ନିଜର ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ଶୋକାକୁଳ ପରିବାରକୁ ସମବେଦନା ଜଣାଇବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରୁଛି। ଏହାସହିତ ଯେଉଁମାନେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ବରଗଡ଼ ଚକୁଳିଆ ଫାର୍ମରେ ଅଖିମୁଠି ଅନୁକୂଳ କରିବେ ମନମୋହନ

ଭୁବନେଶ୍ୱର,୧୯।୪(ରବିନାରାୟଣ ଜେନା)

ପବିତ୍ର ଅକ୍ଷୟତୃତୀୟାରେ ଭାଜପା ରାଜ୍ୟ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ମନମୋହନ ସାମଲ ସୋମବାର ବରଗଡ ଜିଲା ଚକୁଳିଆ ଫାର୍ମରେ ଅଖିମୁଠି ଅନୁକୂଳ କରିବେ। ସାମଲ ପୂର୍ବାହ୍ନ ୯ଟାରେ ଅନୁଷ୍ଠିତ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ୧୦ଟାରେ ଅତାବିରାଠାରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେବେ। ଏଥିପାଇଁ ରବିବାର ବରଗଡ ଜିଲା ଗସ୍ତ କରିଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଯୁବ ଡାକ୍ତର ଗ୍ରାମାଞ୍ଚଳରେ ରୋଗୀସେବା କରନ୍ତୁ: ବାଚସ୍ପତି




କର୍ମଶାଳା ଉଦ୍‌ଘାଟନ ଅବସରରେ ବାଚସ୍ପତି ସୁରମା ପାଢ଼ୀ ଏବଂ ଅନ୍ୟ ଅତିଥି।

### ଆଇଏମ୍‌ଏ ପକ୍ଷରୁ ଜେଡିଏନ୍ ଓଡ଼ିଶା ୟୁଥ୍‌କନ୍

କଟକ,୧୯।୪(ଶିଳ୍ପା ପ୍ରିୟଦର୍ଶିନୀ)

ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍ (ଆଇଏମ୍‌ଏ) କନିଷ୍ଠ ଡାକ୍ତର ଓଡ଼ିଶା ୟୁଥ୍‌କନ୍ ଇଷ୍ଟ ଜୋନ୍‌ର ଏକଦିବସୀୟ କର୍ମଶାଳା ରବିବାର ଆଇଏମ୍‌ଏ ହାଉସ ପରିସରରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଥିଲେ ଯେ, ରାଜ୍ୟର ବିଭିନ୍ନ ମେଡିକାଲ କଲେଜରେ ଡାକ୍ତର ପଦ ଖାଲିପଡ଼ିଛି। ଏହାକୁ ପୂରଣ କରିବା ଲାଗି ସରକାର ପ୍ରଚେଷ୍ଟା କରୁଛନ୍ତି। ଦକ୍ଷ ଡାକ୍ତର ହେବା ଲାଗି ପିଜି ପାଠ୍ୟକ୍ରମ ପରେ ଯୁବ ଡାକ୍ତରଙ୍କୁ ଗ୍ରାମାଞ୍ଚଳରେ ରୋଗୀସେବା କରିବାକୁ ନିୟୋଜିତ କରାଗଲେ ସେମାନଙ୍କ ଅଭିଜ୍ଞତା ବୃଦ୍ଧି ପାଇବ। ରୋଗୀ ସେବା କ୍ଷେତ୍ରରେ ଡାକ୍ତରଙ୍କର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନ ଥାଏ। ସେମାନେ ନିଷ୍ଠାର ସହ ବୃତ୍ତିରେ କାର୍ଯ୍ୟ କରି ରୋଗୀଙ୍କୁ ଉପଶମ କରିବାକୁ ଚେଷ୍ଟା କରିଥାନ୍ତି। ଏଥିଲାଗି ରୋଗୀ ଓ ଡାକ୍ତରଙ୍କ ସମ୍ପର୍କ ଏକ ପ୍ରବୃତ୍ତିରେ ପରିଣତ ହୋଇଥାଏ। ଡାକ୍ତରମାନେ କାର୍ଯ୍ୟରେ ଏପରି ବ୍ୟସ୍ତ ରହିଥାନ୍ତି ଯେ, ନିଜକୁ ସମୟ ଦେଇପାରନ୍ତି ନାହିଁ। ପ୍ରତ୍ୟେକ ଡାକ୍ତର ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଜରୁରୀ। ଡାକ୍ତରମାନେ ମାନସିକ ସ୍ତରରେ ସୁସ୍ଥ ରହିଲେ ରୋଗୀଙ୍କୁ ଉତ୍ତମ ଭାବେ ଚିକିତ୍ସା କରିପାରିବେ ବୋଲି ବାଚସ୍ପତି କହିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କମନ୍‌ୱେଲ୍‌ଥ ମେଡିକାଲ ଆସୋସିଏଶନର ସଭାପତି ଡା. ଜେ.ଏ. ଜୟଲାଲ, ଆଇଏମ୍‌ଏ ମୁଖ୍ୟାଳୟର ସାଧାରଣ ସମ୍ପାଦକ ଡା. ଜୟସ ଲେଲେ, ଆଇଏମ୍‌ଏ ରାଜ୍ୟ ସଭାପତି ଡା. ହରେକୃଷ୍ଣ ନାୟକ, ପୂର୍ବତନ ସଭାପତି ଡା. ଜୟନ୍ତ କୁମାର ପଣ୍ଡା, ଆଇଏମ୍‌ଏର ରାଜ୍ୟ ସମ୍ପାଦକ ଡା. ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମ୍ପାଦକ ଡା. ଚିନ୍ମୟ ସାହୁ ସ୍ୱାଗତ ଭାଷଣ ଏବଂ ଯୁଗ୍ମସମ୍ପାଦକ ଡା. ରଞ୍ଜିତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡାକ୍ତରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ମିଳନୀରେ ବିଭିନ୍ନ ରାଜ୍ୟରୁ ୫ ଶହରୁ ଊର୍ଦ୍ଧ୍ୱ କନିଷ୍ଠ ଡାକ୍ତର ଉପସ୍ଥିତ ଥିଲେ।

# ତହସିଲଦାରଙ୍କୁ ଟ୍ରାକ୍ଟର ଚଢ଼ାଇବା ଘଟଣା: ୧୦ ଗିରଫ

ଯାଜପୁର,୧୯।୪(ହର୍ଷବର୍ଦ୍ଧନ ବେହେରା)




### ୭ ଟ୍ରାକ୍ଟର, ୨ ଜେସିବି ଜବତ

ଯାଜପୁର ଜିଲା ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଉପରେ ମାଟି ଚୋରା ଚାଲାଣକାରୀମାନେ ଟ୍ରାକ୍ଟର ଚଢ଼ାଇଦେବା ଘଟଣାରେ କୋରେଇ ଥାନା ପୋଲିସ ୧୦ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଯାଜପୁର ଜିଲା କୋରେଇ ବ୍ଲକ ତୁଳତି ରାଜସ୍ୱ ନିରୀକ୍ଷକ ଇତିଶ୍ରୀ ସେନାପତିଙ୍କ ଅଭିଯୋଗକୁ ଆଧାର କରି ପୋଲିସ ବିଏନ୍‌ଏସ୍ ଦଫା ୧୩୨/୧୨୧(୧)/ ୧୨୧(୨)/ ୧୦୯(୧)/୩୦୩ (୨)/ ୩୫୧(୨)/୩(୫) ଏବଂ ଓଡ଼ିଶା ଲଘୁ ଖଣି ସଂଶୋଧନ ଆଇନ ଅନୁଯାୟୀ ମାମଲା (ନଂ.୧୫୧/୨୦୨୬) ରୁଜୁ ହୋଇଛି। ଏଥିସହ ୭ଟି ଟ୍ରାକ୍ଟର ଓ ୨ଟି ଜେସିବି ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଟ୍ରାକ୍ଟର ଡ୍ରାଇଭର ସେକ୍ ସୋହିବ କାଦିର ଓରଫ ସେକ୍ ନାୟତ୍, ମିଟୁ ପରିଡା, ହିଦ୍ୟାତୁଲା ଖାନ୍ ଓରଫ ବାବ୍ଲୁ, ମଜିଦ ଅହମ୍ମଦ ଖାନ ଓରଫ ରାଜା, କୀର୍ତ୍ତନ ଜେନା ଓ ମନିର ମହମ୍ମଦ, ଟ୍ରାକ୍ଟର ଓ ଜମି ମାଲିକ ସେକ୍ ଚାନ୍ଦ, ଜେସିବି ଡ୍ରାଇଭର ପିଙ୍କୁନ ପେଣ୍ଟେଇ ଓ ଜିତେନ୍ଦ୍ର ବେହେରା ଏବଂ ସୁପରଭାଇଜର ସେକ୍ ସାହିଲ୍। ତହସିଲଦାର ପଣ୍ଡାଙ୍କ ଉପରେ ଡ୍ରାଇଭର ସେକ୍ ସୋହିବ କାଦିର ଟ୍ରାକ୍ଟର ଚଢ଼ାଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।

ରବିବାର କୋରେଇ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଶରତଚନ୍ଦ୍ର ପାତ୍ର ଓ ଥାନାଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି ଯେ, ବ୍ୟାସନଗର ତହସିଲଦାର ପଣ୍ଡା ଅଫିସ ଗାଡ଼ିରେ ଫାଜଲପୁର ମୌଜାରେ କ୍ଷେତ୍ର ତଦନ୍ତ ପାଇଁ ଯାଇଥିଲେ। ସେହି ସମୟରେ କୋରେଇ ମୀନାବଜାର ନିକଟ ରାସ୍ତାର ପ୍ଲଟ ନଂ-୪୫୯ରେ ମାଟି ଖୋଳିବା ଏବଂ ବେଆଇନ ମାଟି ପରିବହନ ପାଇଁ ୨ଟି ଜେସିବି ଏବଂ ୪/୫ଟି ଟ୍ରାକ୍ଟର ନିୟୋଜିତ ଥିବା ଦେଖିବାକୁ ପାଇଥିଲେ। ଏହାର ଯାଞ୍ଚ କରିବା ପାଇଁ ମାଟି ଖୋଳିବା ସ୍ଥାନକୁ ଯାଇ ଡ୍ରାଇଭର ଏବଂ ଉପସ୍ଥିତ ଲୋକମାନଙ୍କୁ ନିଜକୁ ତହସିଲଦାର ବୋଲି ପରିଚୟ ଦେଇ ପ୍ରମାଣିତ କାଗଜପତ୍ର ଦେଖାଇବାକୁ କହିଲେ। ଏହାପରେ ହଠାତ୍ ଗୋଟିଏ ଜେସିବି ଘଟଣାସ୍ଥଳରୁ ପଳାଇଗଲା। ଏହାପରେ ଗୋଟିଏ ଟ୍ରାକ୍ଟର ତହସିଲଦାରଙ୍କ ଆଡ଼କୁ ଦ୍ରୁତ ଗତିରେ ମାଡ଼ି ଆସିଲା। ଫଳରେ ତହସିଲଦାର ପଣ୍ଡା ତଳେ ପଡ଼ିଗଲେ ଏବଂ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଉକ୍ତ ଟ୍ରାକ୍ଟରଟି ତାଙ୍କ ଉପରେ ଚଢ଼ି ଘଟଣାସ୍ଥଳରୁ ପଳାଇଗଲା। ଫଳରେ ତାଙ୍କ ଗୋଡ଼ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। କିନ୍ତୁ ସେ ଅଳ୍ପକେ ରକ୍ଷା ପାଇଗଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ କୋରେଇ ମେଡିକାଲ ଅଫିସର ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ରେଫର କରିଥିଲେ। ବର୍ତ୍ତମାନ ତହସିଲଦାର ପଣ୍ଡା କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଏସ୍‌ଡିପିଓ ପାତ୍ର କହିଛନ୍ତି ଯେ, ବେଆଇନ ଲଘୁ ଖଣିଜ ଉତ୍ତୋଳନ ଓ ପରିବହନ ରୋକିବାକୁ ପୋଲିସ ତତ୍ପର ରହିଛି। ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ଘଟଣା ପରେ ପୋଲିସ ବେଆଇନ ଲଘୁ ଖଣିଜ କାରବାର ଉପରେ କଠୋର ପଦକ୍ଷେପ ଗ୍ରହଣ କରିବ।

## ହାତୀ ଆକ୍ରମଣରେ ବୃଦ୍ଧା ମୃତ

ରିଆମାଳ,୧୯।୪ (ବଦ୍ରିନାରାୟଣ ଅଗ୍ରୱାଲା): ଦେବଗଡ଼ ଜିଲା ରିଆମାଳ ଫରେଷ୍ଟ ରେଞ୍ଜ୍ କୁଣ୍ଢେଇଗୋଳା ସେକ୍ସନ ଅନ୍ତର୍ଗତ ଆଉଁଳି କୁଡ଼ାସାହିର ମହିଆ ଜଙ୍ଗଲରେ ଦନ୍ତାହାତୀ ଆକ୍ରମଣରେ ରବିବାର ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଆଉଁଳି ଗ୍ରାମର ପାତି ପ୍ରଧାନ(୬୫)। ସକାଳ ପ୍ରାୟ ସାଢ଼େ ୮ଟାରେ ପାତି ଉକ୍ତ ଜଙ୍ଗଲକୁ କାଜୁ ସଂଗ୍ରହ ପାଇଁ ଯାଇ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଫଳରେ ବୃଦ୍ଧାଙ୍କୁ ହାତୀ ସେଠାରେ କଚାଡ଼ି ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଚଳନ୍ତା ଟ୍ରେନ୍‌ରୁ ଖସି ଯୁବକ ଗୁରୁତର

### ରିଲ୍ସ କରିବା କାଳ ହେଲା

ସିମୁଳିଆ,୧୯।୪(ସନ୍ତୋଷ କୁମାର ନାୟକ)

ବାରମ୍ବାର ସଚେତନତା ସତ୍ତ୍ୱେ ମଧ ବଦଳୁ ନାହାନ୍ତି ଯୁବପିଢ଼ି। ରିଲ୍ସ କରିବା ନିଶାରେ ବିପଦପୂର୍ଣ୍ଣ ପନ୍ଥା ଆପଣାଉଛନ୍ତି। ରିଲ୍ସ କରିବା ଚକ୍କରରେ ଅନେକ ପ୍ରାଣ ହରାଇଥିବା ମଧ ନଜିର ରହିଛି। ତେବେ ଚଳନ୍ତା ଟ୍ରେନ୍‌ର ଦ୍ୱାର ପାଖରେ ରିଲ୍ସ କରୁଥିବା ବେଳେ ଖସିପଡ଼ି ଜଣେ ଯୁବକ ଗୁରୁତର ହେବା ଘଟଣା ବାଲେଶ୍ୱର ଜିଲା ସିମୁଳିଆସ୍ଥିତ ମାର୍କୋଣା ଷ୍ଟେଶନଠାରେ ଦେଖିବାକୁ ମିଳିଛି। ଗୁରୁତର ଯୁବକ ଜଣକ ହେଲେ ମୁଫିଦାର ଇସଲାମ(୨୯)। ତାଙ୍କ ଘର ଆନ୍ଧ୍ରପ୍ରଦେଶରେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ସିମୁଳିଆ ମେଡିକାଲ ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ମୁଫିଦାର ଆସାମରେ କାମ କରନ୍ତି। ସେ ଚେରାପଲି ଟ୍ରେନ୍ ଯୋଗେ ଘରକୁ ଫେରୁଥିଲେ। ରବିବାର ମଧ୍ୟାହ୍ନରେ ମାର୍କୋଣା ରେଳ ଷ୍ଟେଶନ ନିକଟରେ ସେ ଟ୍ରେନ ଦ୍ୱାର ପାଖରେ ରିଲ୍ସ କରୁଥିବାବେଳେ ଖସି ପଡ଼ିଥିଲେ। ଅନ୍ୟ ପାସେଞ୍ଜରମାନେ ଟ୍ରେନ୍‌ର ଚେନ୍ ଟାଣିବା ସହିତ ପୋଲିସକୁ ସୂଚନା ଦେଇଥିଲେ। ଷ୍ଟେଶନ କର୍ମଚାରୀମାନଙ୍କ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ମେଡିକାଲକୁ ନିଆଯାଇଥିଲା।

# ମହିଳା ପ୍ରାର୍ଥୀ ଦେବାରେ ପଛରେ ଭାଜପା, କଂଗ୍ରେସ

ଭୁବନେଶ୍ୱର,୧୯।୪
(ଜିତେନ୍ଦ୍ର କୁମାର ନାୟକ)

### ୨୦୨୪ ଲୋକ ସଭା ଟିକେଟ ବଣ୍ଟନ




ଦେଶବ୍ୟାପୀ ଏବେ ଲୋକ ସଭା ଆସନ ବୃଦ୍ଧି ଓ ମହିଳା ସଂରକ୍ଷଣ ଆଇନ ସମ୍ପର୍କରେ ଆଲୋଚନା ତେଜିଛି। ଏପରି ପ୍ରଚ୍ଛଦପଟରେ ୨୦୨୩ରେ ମହିଳା ସଂରକ୍ଷଣ ଆଇନ ସଂସଦରେ ଗୃହୀତ ହୋଇସାରିଥିଲା। ତଥାପି ଦେଶର ଅଧିକାଂଶ ରାଜନୈତିକ ଦଳରୁ ମହିଳା ପ୍ରାର୍ଥୀମାନଙ୍କ ସଂଖ୍ୟା ଦେଖିଲେ ୨୦୨୪ ନିର୍ବାଚନର ଉଦାହରଣ ନୈରାଶ୍ୟଜନକ ବୋଲି କହିହେବ। ବିଶେଷକରି ୨ଟି ଜାତୀୟ ଦଳ-ଭାଜପା ଓ କଂଗ୍ରେସ ମହିଳା ପ୍ରାର୍ଥୀ ଦେବାରେ, ଅନ୍ୟ ଆଞ୍ଚଳିକ ଦଳ ତୁଳନାରେ ଯଥେଷ୍ଟ ପଛରେ ରହିଥିବା ତଥ୍ୟ ଦର୍ଶାଉଛି।

ଭାରତର ନିର୍ବାଚନ କମିଶନ(ଇସିଆଇ) ଓ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ତଥ୍ୟ ଅନୁଯାୟୀ ୨୦୨୪ ଲୋକ ସଭା ନିର୍ବାଚନରେ ୫୪୩ ଆସନ ପାଇଁ ସମୁଦାୟ ୮,୩୩୭ ପ୍ରାର୍ଥୀ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ସେମାନଙ୍କ ମଧ୍ୟରୁ ବିଭିନ୍ନ ଦଳର ମହିଳା ପ୍ରାର୍ଥୀ ଥିଲେ ମାତ୍ର ୭୯୭। ଅର୍ଥାତ୍ ୯.୫୫ ପ୍ରତିଶତ ମହିଳା ପ୍ରତିଦ୍ୱନ୍ଦ୍ୱିତା କରିବାର ସୁଯୋଗ ପାଇଥିଲେ। ଭାଜପା ୪୪୦ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ସେଥିମଧ୍ୟରୁ ୬୯ ଜଣ ମହିଳା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଅର୍ଥାତ୍ ଭାଜପା ୧୫.୬୮ ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ ହେବାର ସୁଯୋଗ ଦେଇଥିଲା। ଅନୁରୂପ ଭାବେ କଂଗ୍ରେସ ୩୨୭ ସିଟ୍‌ରେ ପ୍ରାର୍ଥୀ ଦେଇଥିବା ବେଳେ ମହିଳା ଥିଲେ ୪୧, ଯାହା ୧୨.୫୩ ପ୍ରତିଶତ। ଆଞ୍ଚଳିକ ରାଜନୈତିକ ଦଳ ବିଜୁ ଜନତା ଦଳ (ବିଜେଡି) ଓଡ଼ିଶାର ୨୧ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ସେଥିରୁ ୭ ଜଣ ମହିଳାଙ୍କୁ ଟିକେଟ ଦେଇଥିଲା। ଅର୍ଥାତ୍ ୩୩.୩୩ ପ୍ରତିଶତ ମହିଳା ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ଅବଶ୍ୟ କେହି ଲୋକ ସଭାରେ ଖାତା ଖୋଲିପାରି ନ ଥିଲେ। ଉଲ୍ଲେଖ କରାଯାଇପାରେ ଯେ, ରାଜ୍ୟରେ ଭାଜପା ଏହି ୨୧ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ମହିଳା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଅର୍ଥାତ୍ ଏମାନଙ୍କ ପ୍ରତିଶତ ଥିଲା ୧୯.୦୪। ସେହିଭଳି କଂଗ୍ରେସ ୨୦ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ମହିଳାଙ୍କ ସଂଖ୍ୟା ଥିଲା ୩, ଯାହାର ପ୍ରତିଶତ ୧୫। କଂଗ୍ରେସର ମେଣ୍ଟ ଭାବେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍ଏମ୍) ଓଡ଼ିଶାରେ ଜଣେ ପ୍ରାର୍ଥୀଙ୍କୁ ଛିଡ଼ା କରାଇଥିଲା।

ତେବେ ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ (ଏଆଇଟିସି/ଟିଏମ୍‌ସି) ୪୨ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ୧୨ ଜଣ ମହିଳାଙ୍କୁ ସୁଯୋଗ ଦେଇଥିଲା, ଯାହାର ପ୍ରତିଶତ ହେଉଛି ୨୮.୬। ଏହି ୧୨ ଜଣଙ୍କ ମଧ୍ୟରେ ୧୧ ଜଣ ନିର୍ବାଚନରେ ବିଜୟଲାଭ କରିଥିଲେ। ବର୍ତ୍ତମାନ ୩୩ ପ୍ରତିଶତ ମହିଳାଙ୍କୁ ସଂରକ୍ଷଣ ଦେବା ନେଇ 'ଘୋ' ଚାଲିଛି। ଜେଏମ୍ଏମ୍ ୬ ପ୍ରାର୍ଥୀ ଦେଇଥିବାବେଳେ ସେମାନଙ୍କ ମଧ୍ୟରେ ୨ ଜଣ ମହିଳା ଥିଲେ, ଯାହା ୩୩.୩୩%। ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ୫ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ମହିଳା ପ୍ରାର୍ଥୀ ଥିଲେ। ଏମାନଙ୍କ ପ୍ରତିନିଧିତ୍ୱ ୪୦ ପ୍ରତିଶତ ଥିଲା। ସଂଯୁକ୍ତ ଜନତାଦଳ(ଜେଡିୟୁ) ୧୬ ପ୍ରାର୍ଥୀ ଦେଇଥିବା ବେଳେ ୨ ଜଣ ମହିଳା ଥିଲେ, ଯାହା ୧୨.୫ % ଥିଲା। ସମାଜବାଦୀ ପାର୍ଟି (ଏସ୍‌ପି)ର ୭୧ ସମୁଦାୟ ପ୍ରାର୍ଥୀଙ୍କ ମଧ୍ୟରୁ ମହିଳା ପ୍ରାର୍ଥୀ ଥିଲେ ୧୪, ଯାହାର ପ୍ରତିଶତ ହେଉଛି ପ୍ରାୟ ୨୦। ଡିଏମ୍‌କେ ୨୨ ଜଣଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଟିକେଟ ଦେଇଥିବା ବେଳେ ସେଥିମଧ୍ୟରେ ୩ ଜଣ ଥିଲେ ମହିଳା(୧୩.୬୩%)।

| ଦଳ | ଲଢ଼ିଥିବା ସିଟ୍ | ମହିଳା ପ୍ରାର୍ଥୀ | ପ୍ରତିଶତ |
|---|---|---|---|
| ଭାଜପା | ୪୪୦ | ୬୯ | ୧୫.୬୮ |
| କଂଗ୍ରେସ | ୩୨୭ | ୪୧ | ୧୨.୫୩ |
| ବିଜେଡି | ୨୧ | ୭ | ୩୩.୩୩ |
| ସମାଜବାଦୀ ପାର୍ଟି | ୭୧ | ୧୪ | ୨୦ |
| ଡିଏମ୍‌କେ | ୨୨ | ୩ | ୧୩.୬୩ |
| ଜେଡିୟୁ | ୧୬ | ୨ | ୧୨.୫ |
| ଏଲ୍‌ଜେପି | ୫ | ୨ | ୪୦ |
| ଟିଏମ୍‌ସି | ୪୨ | ୧୨ | ୨୮.୫୭ |
| ଜେଏମ୍ଏମ୍ | ୬ | ୨ | ୩୩.୩୩ |
| ଆର୍‌ଜେଡି | ୨୩ | ୬ | ୨୬.୦୮ |
| ଏଏପି | ୨୨ | ୦ | ୦ |

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୋଟ ୨୩ ପ୍ରାର୍ଥୀଙ୍କ ମଧ୍ୟରୁ ୬ ମହିଳାଙ୍କୁ ଟିକେଟ ଦେଇଥିଲା, ଯାହା ୨୬%। ସବୁଠାରୁ କୌତୂହଳ କଥା ଯେ, ଆମ୍ ଆଦ୍‌ମୀ ପାର୍ଟି(ଏଏପି) ଦିଲ୍ଲୀ, ପଞ୍ଜାବ, ହରିୟାଣା ଓ ଗୁଜରାଟରେ ୨୨ ଜଣ ପ୍ରାର୍ଥୀ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ହେଲେ ମହିଳା ପ୍ରାର୍ଥୀ ନ ଥିବା ଜଣାପଡ଼ିଛି।

ନିର୍ବାଚନ କମିଶନଙ୍କ ସୂତ୍ରରୁ ଦର୍ଶାଯାଇଛି ଯେ, ୨୦୨୪ ମହିଳା ପ୍ରାର୍ଥୀ ଭରିଥିବା ଦଳଗୁଡ଼ିକ ମଧ୍ୟରେ 'ନାମ୍ ତାମିଲାର କାଚ୍ଚି' ୫୦%, ଏଲ୍‌ଜେପି (ରାମ୍‌ବିଳାସ) ୪୦%, ବିଜେଡି ଓ ଜେଏମ୍ଏମ୍ ୩୩% ଲେଖାଏ, ଆର୍‌ଜେଡି ୨୬%, ଟିଏମ୍‌ସି ୨୮.୫୭% ଓ ଏସ୍‌ପି ୨୦ ପ୍ରତିଶତ ପାର୍ଟି ଭିତରେ ଲିଙ୍ଗଗତ ପ୍ରତିନିଧିତ୍ୱ କରିଥିଲେ।

୨୦୨୪ ଲୋକ ସଭା ନିର୍ବାଚନ ସହିତ ୧୪୭ ଆସନ ବିଶିଷ୍ଟ ଓଡ଼ିଶା ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳାଙ୍କ ପ୍ରତିନିଧିତ୍ୱ ଦେଖିଲେ ବିଜେଡି ୩୩ ଜଣ ମହିଳାଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ଦେଇଥିଲା, ଯାହାର ପ୍ରତିଶତ ଦେଖିଲେ ଥିଲା ୨୨.୪୪। ସେହିପରି ଭାଜପା ୧୨(୮.୧୬%) ଜଣ ମହିଳାଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ୨୦ (୧୩.୬୦%) ଜଣ ମହିଳାଙ୍କୁ ଟିକେଟ ଦେଇଥିଲା। ଲୋକ ସଭା ଭଳି ରାଜ୍ୟ ବିଧାନସଭାରେ ଆଞ୍ଚଳିକ ଦଳ ବିଜେଡି ଜାତୀୟ ଦଳ ଭାଜପା ଓ କଂଗ୍ରେସଠାରୁ ଆଗରେ ରହିଥିଲା।

# ଏଯାଏ ଖୋଲିଲାନି ମାଧ୍ୟମିକ ଶିକ୍ଷକ ବଦଳି ପୋର୍ଟାଲ

### ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଏନ୍‌ପିଏସ୍ ଶିକ୍ଷକ ସଂଘ

ଭୁବନେଶ୍ୱର,୧୯।୪(ବନ୍ଦନା ସେଠୀ)

ଚଳିତ ବର୍ଷ ପ୍ରାଥମିକ ଶିକ୍ଷକଙ୍କ ଅନ୍‌ଲାଇନ ବଦଳି ପ୍ରକ୍ରିୟା ପାଇଁ କ୍ୟାଲେଣ୍ଡର କାର୍ଯ୍ୟସୂଚୀ ପ୍ରକାଶିତ ହୋଇସାରିଛି। ମାତ୍ର ମାଧ୍ୟମିକ ଶିକ୍ଷକଙ୍କ ପାଇଁ ଏପର୍ଯ୍ୟନ୍ତ ଅନ୍‌ଲାଇନ୍ ବଦଳି ପୋର୍ଟାଲ ଖୋଲାଯାଇ ନାହିଁ। ନିୟମ ଅନୁଯାୟୀ, ପ୍ରତିବର୍ଷ ଫେବୃଆରୀରେ ଅନ୍‌ଲାଇନ୍ ବଦଳି ପୋର୍ଟାଲ ଖୋଲିବା ଏବଂ ଜୁନ୍ ମଧ୍ୟରେ ସମସ୍ତ ପ୍ରକ୍ରିୟା ସମାପ୍ତ କରିବାର ନିର୍ଦ୍ଦେଶ ରହିଛି। ତେବେ ବ୍ୟବହାରିକ ଭାବରେ ଏହା ପାଳନ ହେଉ ନ ଥିବା ଓଡ଼ିଶା ଏନ୍.ପି.ଏସ୍ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ମୁଖ୍ୟମନ୍ତ୍ରୀ ଘଟଣାରେ ହସ୍ତକ୍ଷେପ କରିବା ସହ ତୁରନ୍ତ ଅନ୍‌ଲାଇନ୍ ବଦଳି ପୋର୍ଟାଲ ଖୋଲିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ଏହି କ୍ରମରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଏନେଇ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, ବହୁ ମାଧ୍ୟମିକ ଶିକ୍ଷକ ଦୀର୍ଘଦିନ ଧରି ବଦଳି ପ୍ରକ୍ରିୟା ପାଇଁ ଅପେକ୍ଷା କରି ରହିଛନ୍ତି। ଏହା ବିଳମ୍ବ ହେଉଥିବାରୁ ସେମାନେ ମାନସିକ ଚାପରେ ରହିବା ସହ ବହୁ ବ୍ୟକ୍ତିଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଗୁରୁତର ଅସୁସ୍ଥ ଥିବା କେତେଜଣ ଶିକ୍ଷକ ବଦଳି ପାଇଁ ଆବେଦନ କରିପାରୁ ନ ଥିବାରୁ ଚିକିତ୍ସା ଓ ସ୍ଥାନାନ୍ତରଣ ସୁବିଧା ନ ପାଇ ଅସୁବିଧା ଭୋଗୁଛନ୍ତି। ତେଣୁ ଏହି ସମସ୍ୟାର ଗୁରୁତ୍ୱକୁ ଅନୁଭବ କରି ତୁରନ୍ତ ଅନ୍‌ଲାଇନ୍ ବଦଳି ପୋର୍ଟାଲ ଖୋଲିବା ପାଇଁ ଦାବି ଓ ନିବେଦନ କରାଯାଇଛି।

## ବାଣ ବିସ୍ଫୋରଣ: ଦୁଃଖ ପ୍ରକାଶ କଲେ ନବୀନ

ଭୁବନେଶ୍ୱର,୧୯।୪(ରବିନାରାୟଣ ଜେନା)

ତାମିଲନାଡୁ ବିରୁଧୁନଗର ଜିଲାରେ ଏକ ବାଣ ତିଆରି କାରଖାନାରେ ବିସ୍ଫୋରଣରେ ଅନେକ ଲୋକଙ୍କ ମୃତାହତ ହୋଇଛନ୍ତି। ଏହି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ 'ଏକ୍ସ' ଯୋଗେ କହିଛନ୍ତି, ଏହି ଘଟଣାରେ ଯେଉଁମାନେ ନିଜର ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ଶୋକାକୁଳ ପରିବାରକୁ ସମବେଦନା ଜଣାଇବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

# ସପ୍ତାହେ ଯାଏ ତାତିରୁ ନିସ୍ତାର ନାହିଁ | ୪୦ ଡିଗ୍ରୀ ଉପରେ ୧୪ ସହର

ଭୁବନେଶ୍ୱର,୧୯।୪ (ବନ୍ଦନା ସେଠୀ)

ପ୍ରବଳ ଗ୍ରୀଷ୍ମତାପରେ ଶିଝୁଛି ଓଡ଼ିଶା। ଗରମ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ୁଥିବାବେଳେ ରବିବାର ମଧ ଅଧା ରାଜ୍ୟର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ଏହିଭଳି ସ୍ଥିତି ଲାଗି ରହିବ ଓ ତାତିରୁ ନିସ୍ତାର ମିଳିବ ନାହିଁ। ବିଶେଷକରି ପଶ୍ଚିମ ଓଡ଼ିଶାର ଝାରସୁଗୁଡା, ଟିଟିଲାଗଡ, ନୂଆପଡା, ବଲାଙ୍ଗୀର ଓ ଭବାନୀପାଟଣା ଅଧିକ ପ୍ରଭାବିତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ରିପୋର୍ଟ ଅନୁଯାୟୀ, ଗତ ୨୪ଘଣ୍ଟାରେ ରାଜ୍ୟର ୧୪ଟି ଅଞ୍ଚଳର ତାପମାତ୍ରା ୪୦ ଡିଗ୍ରୀ ଓ ଏହାଠାରୁ ଅଧିକ ରହିଥିଲା। ସର୍ବାଧିକ ତାପମାତ୍ରା ୪୩.୩ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ଟିଟିଲାଗଡ଼ରେ ୪୩ ଡିଗ୍ରୀ, ସୋନପୁର ୪୨.୩, ସମ୍ବଲପୁର ଓ ଭବାନୀପାଟଣା ୪୨, ସୁନ୍ଦରଗଡ଼, ବଲାଙ୍ଗୀର ଓ ରାଉରକେଲା ୪୧.୫, ଅନୁଗୋଳ ୪୧.୧, ହୀରାକୁଦ ଓ ନୂଆପଡ଼ା ୪୧, ବୌଦ୍ଧ ୪୦.୯, ଫୁଲବାଣୀ ଓ ତାଳଚେରରେ ୪୦.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଅପରପକ୍ଷେ ରାଜ୍ୟର କିଛି ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସାଙ୍ଗକୁ ବର୍ଷା ଓ ପବନ ବହିବା ନେଇ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି।

# ଯୁବ ଡାକ୍ତର ଗ୍ରାମାଞ୍ଚଳରେ ରୋଗୀସେବା କରନ୍ତୁ: ବାଚସ୍ପତି




କର୍ମଶାଳା ଉଦ୍‌ଘାଟନ ଅବସରରେ ବାଚସ୍ପତି ସୁରମା ପାଢ଼ୀ ଏବଂ ଅନ୍ୟ ଅତିଥି।

### ଆଇଏମ୍ଏ ପକ୍ଷରୁ ଜେଡିଏନ୍ ଓଡ଼ିଶା ଯୁଥ୍‌କନ୍

କଟକ,୧୯।୪(ଶିଳ୍ପା ପ୍ରିୟଦର୍ଶିନୀ)

ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍ (ଆଇଏମ୍ଏ) କନିଷ୍ଠ ଡାକ୍ତର ଓଡ଼ିଶା ଯୁଥ୍‌କନ୍ ଇଷ୍ଟ ଜୋନ୍‌ର ଏକଦିବସୀୟ କର୍ମଶାଳା ରବିବାର ଆଇଏମ୍ଏ ହାଉସ ପରିସରରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଥିଲେ ଯେ, ରାଜ୍ୟର ବିଭିନ୍ନ ମେଡିକାଲ କଲେଜରେ ଡାକ୍ତର ପଦ ଖାଲିପଡ଼ିଛି। ଏହାକୁ ପୂରଣ କରିବା ଲାଗି ସରକାର ପ୍ରଚେଷ୍ଟା କରୁଛନ୍ତି। ଦକ୍ଷ ଡାକ୍ତର ହେବା ଲାଗି ପିଜି ପାଠ୍ୟକ୍ରମ ପରେ ଯୁବ ଡାକ୍ତରଙ୍କୁ ଗ୍ରାମାଞ୍ଚଳରେ ରୋଗୀସେବା କରିବାକୁ ନିୟୋଜିତ କରାଗଲେ ସେମାନଙ୍କ ଅଭିଜ୍ଞତା ବୃଦ୍ଧି ପାଇବ। ରୋଗୀ ସେବା କ୍ଷେତ୍ରରେ ଡାକ୍ତରଙ୍କର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନ ଥାଏ। ସେମାନେ ନିଷ୍ଠାର ସହ ବୃତ୍ତିରେ କାର୍ଯ୍ୟ କରି ରୋଗୀଙ୍କୁ ଉପଶମ କରିବାକୁ ଚେଷ୍ଟା କରିଥାନ୍ତି। ଏଥିଲାଗି ରୋଗୀ ଓ ଡାକ୍ତରଙ୍କ ସମ୍ପର୍କ ଏକ ପ୍ରବୃତ୍ତିରେ ପରିଣତ ହୋଇଥାଏ। ଡାକ୍ତରମାନେ କାର୍ଯ୍ୟରେ ଏପରି ବ୍ୟସ୍ତ ରହିଥାନ୍ତି ଯେ, ନିଜକୁ ସମୟ ଦେଇପାରନ୍ତି ନାହିଁ। ପ୍ରତ୍ୟେକ ଡାକ୍ତର ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଜରୁରୀ। ଡାକ୍ତରମାନେ ମାନସିକ ସ୍ତରରେ ସୁସ୍ଥ ରହିଲେ ରୋଗୀଙ୍କୁ ଉତ୍ତମ ଭାବେ ଚିକିତ୍ସା କରିପାରିବେ ବୋଲି ବାଚସ୍ପତି କହିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କମନ୍‌ୱେଲ୍‌ଥ ମେଡିକାଲ ଆସୋସିଏଶନର ସଭାପତି ଡା. ଜେ.ଏ. ଜୟଲାଲ, ଆଇଏମ୍ଏ ମୁଖ୍ୟାଳୟର ସାଧାରଣ ସମ୍ପାଦକ ଡା. ଜୟସ ଲେଲେ, ଆଇଏମ୍ଏ ରାଜ୍ୟ ସଭାପତି ଡା. ହରେକୃଷ୍ଣ ନାୟକ, ପୂର୍ବତନ ସଭାପତି ଡା. ଜୟନ୍ତ କୁମାର ପଣ୍ଡା, ଆଇଏମ୍ଏର ରାଜ୍ୟ ସମ୍ପାଦକ ଡା. ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମ୍ପାଦକ ଡା. ଚିନ୍ମୟ ସାହୁ ସ୍ୱାଗତ ଭାଷଣ ଏବଂ ଯୁଗ୍ମସମ୍ପାଦକ ଡା. ରଞ୍ଜିତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡାକ୍ତରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ମିଳନୀରେ ବିଭିନ୍ନ ରାଜ୍ୟରୁ ୫ ଶହରୁ ଊର୍ଦ୍ଧ୍ୱ କନିଷ୍ଠ ଡାକ୍ତର ଉପସ୍ଥିତ ଥିଲେ।

## ୨୧ରେ ପୁରୀରେ ହେବ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ

ଭୁବନେଶ୍ୱର,୧୯।୪(ବନ୍ଦନା ସେଠୀ)

ଆସନ୍ତା ୨୧ ତାରିଖରେ ପୁରୀଠାରେ 'ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ବାଚସ୍ପତିଙ୍କ ଭୂମିକା' ସମ୍ପର୍କିତ କମିଟି ସମ୍ମିଳନୀ ଅନୁଷ୍ଠିତ ହେବ। ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ସୁରେଶ ନରେୱକରଙ୍କ ଅଧ୍ୟକ୍ଷତା ଏବଂ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ଏଥିରେ ମହାରାଷ୍ଟ୍ର, ଓଡ଼ିଶା ସମେତ କର୍ଣ୍ଣାଟକ, ନାଗାଲାଣ୍ଡ ବିଧାନସଭାର ବାଚସ୍ପତି ଯୋଗଦେଇ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ଦଳବଦଳ ନିରୋଧ ଆଇନର ପ୍ରାସଙ୍ଗିକତା, ପରିଣତି ଏବଂ ଏହାକୁ କିପରି ରୋକାଯାଇ ପାରିବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବେ। ସମ୍ମିଳନୀରେ ସମ୍ବିଧାନ ବିଶେଷଜ୍ଞମାନଙ୍କ ସହ ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ ଏବଂ ଲୋକସଭାର ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ବିଧାନସଭାର ସଚିବମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ତହସିଲଦାରଙ୍କୁ ଟ୍ରାକ୍ଟର ଚଢ଼ାଇବା ଘଟଣା: ୧୦ ଗିରଫ

### ୭ ଟ୍ରାକ୍ଟର, ୨ ଜେସିବି ଜବତ

ଯାଜପୁର,୧୯।୪(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଉପରେ ମାଟି ଚୋରା ଚାଲାଣକାରୀମାନେ ଟ୍ରାକ୍ଟର ଚଢ଼ାଇଦେବା ଘଟଣାରେ କୋରେଇ ଥାନା ପୋଲିସ ୧୦ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଯାଜପୁର ଜିଲା କୋରେଇ ବ୍ଲକ ତୁଳତି ରାଜସ୍ୱ ନିରୀକ୍ଷକ ଇତିଶ୍ରୀ ସେନାପତିଙ୍କ ଅଭିଯୋଗକୁ ଆଧାର କରି ପୋଲିସ ବିଏନ୍ଏସ୍ ଦଫା ୧୩୨/୧୨୧(୧)/ ୧୨୧(୨)/ ୧୦୯(୧)/୩୦୩ (୨)/ ୩୫୧(୨)/୩(୫) ଏବଂ ଓଡ଼ିଶା ଲଘୁ ଖଣି ସଂଶୋଧନ ଆଇନ ଅନୁଯାୟୀ ମାମଲା (ନଂ.୧୫୧/୨୦୨୬) ରୁଜୁ ହୋଇଛି। ଏଥିସହ ୭ଟି ଟ୍ରାକ୍ଟର ଓ ୨ଟି ଜେସିବି ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଟ୍ରାକ୍ଟର ଡ୍ରାଇଭର ସେକ୍ ସୋହିବ କାଦିର ଓରଫ ସେକ୍ ନାୟତ୍, ମିଟୁ ପରିଡା, ହିଦ୍ୟାତୁଲା ଖାନ୍ ଓରଫ ବାଣ୍ଟୁ, ମଜିଦ ଅହମ୍ମଦ ଖାନ ଓରଫ ରାଜା, କୀର୍ତ୍ତନ ଜେନା ଓ ମନିର ମହମ୍ମଦ, ଟ୍ରାକ୍ଟର ଓ ଜମି ମାଲିକ ସେକ୍ ଚାନ୍ଦ, ଜେସିବି ଡ୍ରାଇଭର ପିଙ୍କୁନ ପେଣ୍ଟେଇ ଓ ଜିତେନ୍ଦ୍ର ବେହେରା ଏବଂ ସୁପରଭାଇଜର ସେକ୍ ସାହିଲ୍। ତହସିଲଦାର ପଣ୍ଡାଙ୍କ ଉପରେ ଡ୍ରାଇଭର ସେକ୍ ସୋହିବ କାଦିର ଟ୍ରାକ୍ଟର ଚଢ଼ାଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।

ରବିବାର କୋରେଇ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ଓ ଥାନାଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି ଯେ, ବ୍ୟାସନଗର ତହସିଲଦାର ପଣ୍ଡା ଅଫିସ ଗାଡ଼ିରେ ଫାଜଲପୁର ମୌଜାରେ କ୍ଷେତ୍ର ତଦନ୍ତ ପାଇଁ ଯାଇଥିଲେ। ସେହି ସମୟରେ କୋରେଇ ମୀନାବଜାର ନିକଟ ରାସ୍ତାର ପ୍ଲଟ ନଂ-୪୫୯ରେ ମାଟି ଖୋଳିବା ଏବଂ ବେଆଇନ ମାଟି ପରିବହନ ପାଇଁ ୨ଟି ଜେସିବି ଏବଂ ୪/୫ଟି ଟ୍ରାକ୍ଟର ନିୟୋଜିତ ଥିବା ଦେଖିବାକୁ ପାଇଥିଲେ। ଏହାର ଯାଞ୍ଚ କରିବା ପାଇଁ ମାଟି ଖୋଳିବା ସ୍ଥାନକୁ ଯାଇ ଡ୍ରାଇଭର ଏବଂ ଉପସ୍ଥିତ ଲୋକମାନଙ୍କୁ ନିଜକୁ ତହସିଲଦାର ବୋଲି ପରିଚୟ ଦେଇ ପ୍ରମାଣିତ କାଗଜପତ୍ର ଦେଖାଇବାକୁ କହିଲେ। ଏହାପରେ ହଠାତ୍ ଗୋଟିଏ ଜେସିବି ଘଟଣାସ୍ଥଳରୁ ପଳାଇଗଲା। ଏହାପରେ ଗୋଟିଏ ଟ୍ରାକ୍ଟର ତହସିଲଦାରଙ୍କ ଆଡ଼କୁ ଦ୍ରୁତ ଗତିରେ ମାଡ଼ି ଆସିଲା। ଫଳରେ ତହସିଲଦାର ପଣ୍ଡା ତଳେ ପଡ଼ିଗଲେ ଏବଂ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଉକ୍ତ ଟ୍ରାକ୍ଟରଟି ତାଙ୍କ ଉପରେ ଚଢ଼ି ଘଟଣାସ୍ଥଳରୁ ପଳାଇଗଲା। ଫଳରେ ତାଙ୍କ ଗୋଡ଼ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। କିନ୍ତୁ ସେ ଅଳ୍ପକେ ରକ୍ଷା ପାଇଗଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ କୋରେଇ ମେଡିକାଲ ଅଫିସର ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ରେଫର କରିଥିଲେ। ବର୍ତ୍ତମାନ ତହସିଲଦାର ପଣ୍ଡା କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଏସ୍‌ଡିପିଓ ପାତ୍ର କହିଛନ୍ତି ଯେ, ବେଆଇନ ଲଘୁ ଖଣିଜ ଉତ୍ତୋଳନ ଓ ପରିବହନ ରୋକିବାକୁ ପୋଲିସ ତତ୍ପର ରହିଛି। ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ଘଟଣା ପରେ ପୋଲିସ ବେଆଇନ ଲଘୁ ଖଣିଜ କାରବାର ଉପରେ କଠୋର ପଦକ୍ଷେପ ଗ୍ରହଣ କରିବ।



ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ- ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡ଼ିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ- ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। – ଶ୍ରୀଅରବିନ୍ଦ



# ବନ୍ଧୁ ନୁହେଁ

ଇରାନ୍‌ର ହର୍ମୁଜ ଜଳପଥ ଖୋଲାଯିବାର ଦିନକ ପରେ ପୁଣି ଏହାକୁ ବନ୍ଦ କରିଦିଆଗଲା। ଏପରିକି ଭାରତର ଦୁଇଟି ଜାହାଜ ଉପରେ ଇରାନ୍ ନୌସେନାର ଗୁଳିବର୍ଷଣ ଭାରତ ସରକାରଙ୍କୁ ଏକ ଝଟକା ଭାବେ ଲାଗିବା କଥା। ଦେଶ ଭିତରେ ଗଣମାଧ୍ୟମ ଦ୍ୱାରା ଅସତ୍ୟ ପ୍ରଚାର କରାଇ ଏକ ଧାରଣା ସୃଷ୍ଟି କରାଯିବାର ଉଦ୍ୟମ ଚାଲୁ ରହିଛି, ଯେଉଁଥିରେ କୁହାଯାଉଛି ଯେ, ଇରାନ୍ ସହିତ ଭାରତର ସୁସମ୍ପର୍କ ଏବେ ମଧ୍ୟ ବଳବତ୍ତର ରହିଛି। ତେବେ ଏହି ସ୍ତମ୍ଭରେ ପୂର୍ବରୁ ଲେଖିଛେ ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ମାନିବାକୁ ଯାଇ ଭାରତ ଯେଉଁଭଳି ଚବାହାର ବନ୍ଦର ଦାୟିତ୍ୱରୁ ହଠାତ୍ ଓହରିଗଲା, ତାହା ଇରାନ୍ ସରକାର ମନରେ ବଡ଼ ଆଘାତ ଲଗାଇଥିବ। ସାଧାରଣରେ ଏହିଭଳି ବଡ଼ ଧରଣର ଭିତ୍ତିଭୂମି ନିର୍ମାଣ କରିବାର ଦାୟିତ୍ୱ ନେଇଥିବା ଦେଶ ଓହରି ଯାଆନ୍ତି ନାହିଁ। ଯଦି ବିନା କାରଣରେ ଓହରି ଯିବେ ତେବେ ଦୁଇ ଦେଶ ମଧ୍ୟରେ ସେ ଯେକୌଣସି ଦେଶ ହୋଇଥାଉ, ସମ୍ପର୍କ ବିଗିଡ଼ିଯିବା ସ୍ୱାଭାବିକ। ତେଣୁ ଭାରତ ସାଙ୍ଗରେ ଏବେ ଇରାନ୍ ବନ୍ଧୁତ୍ୱ ନିଶ୍ଚିତଭାବେ ମାଡ଼ ଖାଇଛି।

**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ମାନିବାକୁ ଯାଇ ଭାରତ ଯେଉଁଭଳି ଚବାହାର ବନ୍ଦର ଦାୟିତ୍ୱରୁ ହଠାତ୍ ଓହରିଗଲା, ତାହା ଇରାନ୍ ସରକାର ମନରେ ବଡ଼ ଆଘାତ ଲଗାଇଥିବା। ସାଧାରଣରେ ଏହିଭଳି ବଡ଼ ଧରଣର ଭିତ୍ତିଭୂମି ନିର୍ମାଣ କରିବାର ଦାୟିତ୍ୱ ନେଇଥିବା ଦେଶ ଓହରି ଯାଆନ୍ତି ନାହିଁ। ଯଦି ବିନା କାରଣରେ ଓହରି ଯିବେ ତେବେ ଦୁଇ ଦେଶ ମଧ୍ୟରେ ସେ ଯେକୌଣସି ଦେଶ ହୋଇଥାଉ, ସମ୍ପର୍କ ବିଗିଡ଼ିଯିବା ସ୍ୱାଭାବିକ। ତେଣୁ ଭାରତ ସାଙ୍ଗରେ ଏବେ ଇରାନ୍ ବନ୍ଧୁତ୍ୱ ନିଶ୍ଚିତଭାବେ ମାଡ଼ ଖାଇଛି।**

ଭାରତର ଦୁଇ ପଡ଼ୋଶୀ, ପାକିସ୍ତାନ ଓ ଚାଇନା, ଇରାନ୍ ଯୁଦ୍ଧରୁ ଲାଭବାନ୍ ହୋଇଛନ୍ତି। ଚାଇନା ଯେଉଁଭଳି ବିରାଟକାୟ ପତାକା ଉଡ଼ାଇ ତାହାର ତୈଳବାହୀ ଜାହାଜ ହର୍ମୁଜ ଜଳପଥ ଦେଇ ଯିବାଆସିବା କରାଉଛି, ଅନ୍ୟ କୌଣସି ଦେଶ ସେଭଳି ଶକ୍ତି ପ୍ରଦର୍ଶନ କରିବାରେ ଅସମର୍ଥ। ଅବଶ୍ୟ ସେଇ ପାଖାପାଖି ଅଞ୍ଚଳରେ ଚାଇନାର ୪୮ତମ ନୌଭେଳା ଉପସ୍ଥିତ ଅଛି। ଦରକାର ପଡ଼ିଲେ କାମରେ ଲାଗିବ। ଅନ୍ୟପଟେ ଆମେରିକା ନୌସେନାର ଜାହାଜ ହର୍ମୁଜ ପାଖରେ ଗଦା ହୋଇ ରହିଛନ୍ତି। ଏତେ ଶକ୍ତିଶାଳୀ ହୋଇଥିବା ସତ୍ତ୍ୱେ ଆମେରିକା କୌଣସିଭାବେ ଚାଇନା ପତାକା ଉଡ଼ାଯାଉଥିବା ଜାହାଜକୁ ରୋକି ପାରୁନାହିଁ। ଗୋଟେପଟେ ଭାରତର ପଡ଼ୋଶୀ ଚାଇନାର ବଳ ପ୍ରଦର୍ଶନ ହେଉଥିବା ବେଳେ ଅନ୍ୟପଟେ ସମଗ୍ର ବିଶ୍ୱ ଦେଖିଲା ପାକିସ୍ତାନର କୂଟନୈତିକ ସଫଳତା। ଉଭୟ ଇରାନ୍ ଓ ଆମେରିକାକୁ ଗୋଟିଏ ଟେବୁଲରେ ବସାଇବାର ଶକ୍ତି କେବଳ ଇସ୍‌ଲାମାବାଦର ଅଛି ବୋଲି ପ୍ରମାଣିତ ହୋଇଗଲା। ଅବଶ୍ୟ ଭାରତକୁ ଦେଖିଲେ କହିହେବ ଯେ, କେତୋଟି ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ବିଧାନସଭା ଭୋଟ ମାଡ଼ି ଆସୁଥିଲା। ମନେରଖିବାକୁ ହେବ ଯେ, ଭାରତୀୟ ନେତାଙ୍କ ପାଇଁ ଭୋଟରେ ଜିତିବା ସବୁବେଳେ ସର୍ବଉପରେ ରହିଥାଏ। ଭାରତରେ ତାହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅନ୍ୟ କିଛି ହେବା ଅସମ୍ଭବ। ଅନ୍ୟ ଦେଶରେ ବିଶ୍ୱ କଥା ଚିନ୍ତା କରାଯାଇ ସମୟ ବ୍ୟର୍ଥ କରୁଥିବା ନେତାମାନେ ଭାରତୀୟ ନେତାମାନଙ୍କର ଚିନ୍ତାଧାରା ବୁଝିବା ପାଇଁ ଆହୁରି ଅନେକ ଶତାବ୍ଦୀ ଲାଗିଯାଇ ପାରେ। ସବୁବେଳେ ଭୋଟ ପରେ ଭାରତରେ ଦରଦାମ୍ ବୃଦ୍ଧି ପାଇଲେ ନାଗରିକଙ୍କର ମଧ୍ୟ ଚିନ୍ତା ରହେନାହିଁ। ତେଣୁ ଭାରତର ବିଶ୍ୱ ସ୍ତରରେ ଗୌଣ ହୋଇଯାଉଥିବା ଗୁରୁତ୍ୱ ହୁଏତ ଆମ ସମସ୍ତଙ୍କୁ ଏକ ସକାରାତ୍ମକ ଶିକ୍ଷା ଭବିଷ୍ୟତରେ ଦେଇପାରେ।

## ୫୦ ବର୍ଷ ତଳର ଧରିତ୍ରୀ

### ୨୦ ଏପ୍ରିଲ ୧୯୭୭

- ଗଙ୍ଗାନଦୀର ଜଳବଣ୍ଟନ ଘେନି ଭାରତ ଓ ବାଂଲାଦେଶ ଏକ ବୁଝାମଣାରେ ଉପନୀତ ହୋଇଛନ୍ତି।
- ବିଧାନସଭାକୁ ଭାଙ୍ଗିଦେଇ ସାନି ନିର୍ବାଚନର ମୁକାବିଲା କରିବା ଲାଗି ୯ଟି କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ କେନ୍ଦ୍ରର ପରାମର୍ଶ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | 7 | 1 | |
| | 2 | | | | | | | 3 |
| | | 8 | | | | 9 | 5 | |
| | | | | | | | | 4 |
| 8 | | 9 | 1 | | | | 7 | |
| | | | | | | 1 | 8 | |
| 9 | | | 8 | | 5 | | | |
| 7 | | 3 | 6 | 1 | | | 4 | |
| | 6 | 1 | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 8 | 6 | 5 | 3 | 9 | 7 | 2 |
| 6 | 2 | 7 | 9 | 4 | 8 | 5 | 1 | 3 |
| 9 | 3 | 5 | 2 | 1 | 7 | 8 | 4 | 6 |
| 3 | 8 | 4 | 5 | 6 | 2 | 7 | 9 | 1 |
| 1 | 7 | 6 | 3 | 8 | 9 | 4 | 2 | 5 |
| 2 | 5 | 9 | 1 | 7 | 4 | 6 | 3 | 8 |
| 8 | 9 | 1 | 4 | 3 | 6 | 2 | 5 | 7 |
| 7 | 4 | 3 | 8 | 2 | 5 | 1 | 6 | 9 |
| 5 | 6 | 2 | 7 | 9 | 1 | 3 | 8 | 4 |

ଗତକାଲିର ଉତ୍ତର

# ପେସା ଆଇନକୁ ପେଷି ଦିଆଯାଉଛି



ବିଚିତ୍ର ବିଶ୍ୱାଳ

ଭାରତବର୍ଷର ଯେଉଁ କେତୋଟି ଆଇନ ଆଦିବାସୀମାନଙ୍କୁ ପ୍ରକୃତ ସଶକ୍ତୀକରଣ କରିବାରେ ସାହାଯ୍ୟ କରେ, ସେଥିମଧ୍ୟରୁ ପଞ୍ଚାୟତ(ଏକ୍ସଟେନସନ ଟୁ ଦି ସିଡ୍ୟୁଲଡ ଏରିୟାଜ) ଆକ୍ଟ ବା ପେସା ଆଇନ (ଅନୁସୂଚିତ ଅଞ୍ଚଳରେ ପଞ୍ଚାୟତ ଆଇନର ସମ୍ପ୍ରସାରଣ) ଅନ୍ୟତମ। ୧୯୯୬ରେ କେନ୍ଦ୍ର ସରକାର ଏହି ଆଇନ ଲଗୁ କରିଥିଲେ। ଆଦିବାସୀମାନଙ୍କୁ କ୍ଷମତା ପ୍ରଦାନ କରିବାରେ ଜଙ୍ଗଲ ଅଧିକାର ଆଇନ ପରି ପେସା ଆଇନ ଏକ ଯୁଗାନ୍ତକାରୀ ଆଇନ। ଏହି ଆଇନ ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତକୁ କେତେଗୁଡ଼ିଏ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରେ, ଯାହା ବାସ୍ତବ ଅର୍ଥରେ ଆଦିବାସୀଙ୍କୁ ସଶକ୍ତୀକରଣ କରିବାରେ ସାହାଯ୍ୟ କରିବ।

ପେସା ଆଇନ ଅନୁସାରେ ଆଦିବାସୀ ଅଧ୍ୟୁଷିତ ଗ୍ରାମପଞ୍ଚାୟତର ଜଳ, ଜମି, ଜଙ୍ଗଲ ଓ ଗୋଷ୍ଠୀ ସମ୍ପଦର ସୁରକ୍ଷାର ସମ୍ପୂର୍ଣ୍ଣ ଅଧିକାର ଗ୍ରାମସଭାକୁ ଦିଆଯିବ। ଲଘୁ ବନଜାତ ଦ୍ରବ୍ୟର ମାଲିକାନା ସ୍ୱତ୍ୱ ଗ୍ରାମସଭା ପାଖରେ ରହିବ। ଅର୍ଥାତ ଲଘୁ ବନଜାତ ଦ୍ରବ୍ୟର ବିକ୍ରି, ରପ୍ତାନି ଅଧିକାର ଆଦି ପାଇଁ ଆଦିବାସୀଙ୍କୁ ବନ ବିଭାଗ ପାଖରୁ ଅନୁମତି ନେବାକୁ ପଡ଼ିବ ନାହିଁ। ସେମାନେ ନିଜ ଗ୍ରାମସଭା ମାଧ୍ୟମରେ ଏହା କରିପାରିବେ। ପେସା ଆଇନ କହୁଛି, ଏହି ଆଇନ ଲାଗୁ ହୋଇଥିବା ଅନୁସୂଚିତ ଅଞ୍ଚଳରେ କୌଣସି ବି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପୂର୍ବରୁ ଗ୍ରାମସଭାର ଅନୁମତି ନିହାତି ଆବଶ୍ୟକ। ଅର୍ଥାତ ପେସା ଆଇନ ଅଞ୍ଚଳରେ ଗ୍ରାମସଭା ନ ଚାହିଁଲେ କମ୍ପାନୀ କାରଖାନା ସ୍ଥାପନ କରିପାରିବ ନାହିଁ। ଗ୍ରାମରେ ମଦ ବିକ୍ରୟ, ମଦ୍ୟପାନର ନିୟନ୍ତ୍ରଣ ଆଦି ବିଷୟରେ ବି ପଞ୍ଚାୟତ ନିଷ୍ପତ୍ତି ନେଇପାରିବ। ଗ୍ରାମର ବିକାଶ ପାଇଁ ହେଉଥିବା ଯୋଜନାର ହିତାଧିକାରୀ ଚୟନ ଗ୍ରାମସଭା ଦ୍ୱାରା କରାଯିବ। ଆଜିକାଲି ଯେପରି ବିଧାୟକ ଓ ଅନ୍ୟାନ୍ୟ ଶାସକ ଦଳର ନେତାମାନେ ଅନ୍ୟାୟପୂର୍ଣ୍ଣ ଭାବେ ନିଜର ପାଖ ଲୋକଙ୍କୁ ବିଭିନ୍ନ ଯୋଜନାର ହିତାଧିକାରୀ କରିଦେଉଛନ୍ତି ବା ଅଫିସରମାନେ ଅଯୋଗ୍ୟ ବ୍ୟକ୍ତିଙ୍କୁ ଯୋଜନାର ଲାଭ ଦେଉଛନ୍ତି, ପେସା ଆଇନ ଲାଗୁହେଲେ ଏବଂ ଗ୍ରାମସଭା ପାଖରେ ହିତାଧିକାରୀ ଚୟନ କରିବାର କ୍ଷମତା ରହିଲେ, ସେମାନେ ଆଉ ଏପରି କରିବାକୁ ସୁଯୋଗ ପାଇବେ ନାହିଁ। ପେସା ଆଇନର ମୂଳ ଉଦ୍ଦେଶ୍ୟ ହେଉଛି, ଆଦିବାସୀ ଗାଁରେ ଆଦିବାସୀଙ୍କ ଶାସନ। ପେସା ଆଇନ ସେମାନଙ୍କୁ ନିଜର ପରମ୍ପରା, ସଂସ୍କୃତି ଓ ସମ୍ବଳକୁ ରକ୍ଷା କରିବା ପାଇଁ ସର୍ବୋଚ୍ଚ କ୍ଷମତା ପ୍ରଦାନ କରିଥାଏ। ଏହି ଆଇନକୁ ଅନୁଧ୍ୟାନ କଲେ, ଯେ କେହି ବି ବୁଝିପାରିବେ, ଆଦିବାସୀଙ୍କ ପାଇଁ ଏହା କେତେ ଜରୁରୀ!



କିନ୍ତୁ ଆମ ସମସ୍ତଙ୍କୁ ଏହି ଖବର ନିଶ୍ଚୟ ଚମକେଇ ଦେବ ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ଆଇନ ପ୍ରଣୟନ ହେବାର ଦୀର୍ଘ ତିରିଶ ବର୍ଷ ପରେ ମଧ୍ୟ ଆମ ରାଜ୍ୟରେ ଏହି ଆଇନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। କିନ୍ତୁ କାହିଁକି? ଏହି ପଥରେ ଅନ୍ତରାୟ କିଏ ଏବଂ କାହିଁକି? ପ୍ରତ୍ୟେକ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଏକ ନିୟମାବଳୀ ହୋଇଥାଏ। ଓଡ଼ିଶାରେ ପେସାର କାର୍ଯ୍ୟକାରିତା ପାଇଁ ଚୂଡ଼ାନ୍ତ ନିୟମାବଳୀ ଏପର୍ଯ୍ୟନ୍ତ ତିଆରି ହୋଇନାହିଁ। ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ତେଲଙ୍ଗାନା, ହିମାଚଳ ପ୍ରଦେଶ, ରାଜସ୍ଥାନ ଆଦି ନଅଟି ରାଜ୍ୟରେ ପେସା ଆଇନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇଛି। ଏହିସବୁ ରାଜ୍ୟ ନିଜ ନିଜ ପାଇଁ ପେସା ଆଇନକୁ ଲାଗୁ କରିବା ସକାଶେ ନିୟମାବଳୀ ପ୍ରସ୍ତୁତ କରିଛନ୍ତି। ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ଛତିଶଗଡ଼ ଭଳି ଓଡ଼ିଶା ଏକ ଆଦିବାସୀ ବହୁଳ ଓ ଖଣିଜସମ୍ପଦ ପରିପୂର୍ଣ୍ଣ ରାଜ୍ୟ। ଯଦି ସେହିସବୁ ରାଜ୍ୟ ପେସା ଆଇନକୁ କାର୍ଯ୍ୟକାରୀ କରିପାରୁଛନ୍ତି, ତାହେଲେ ଓଡ଼ିଶା ପଛରେ ରହିଛି କାହିଁକି?

ଓଡ଼ିଶାର ମୟୂରଭଞ୍ଜ, ସୁନ୍ଦରଗଡ଼, କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁର ଜିଲାରେ ସମ୍ପୂର୍ଣ୍ଣ ଭାବେ ପେସା ଆଇନ କାର୍ଯ୍ୟକାରୀ ହେବାର ସୁଯୋଗ ରହିଛି। ସେହିପରି କେଉଁଝର, କନ୍ଧମାଳ, ଗଜପତି, ଗଞ୍ଜାମ, କଳାହାଣ୍ଡି, ସମ୍ବଲପୁର ଓ ବାଲେଶ୍ୱର ଜିଲାରେ ଆଂଶିକ ଭାବେ ଏହି ଆଇନ କାର୍ଯ୍ୟକାରୀ ହୋଇପାରିବ। ଆମ ରାଜ୍ୟର ପ୍ରାୟ ୨୦୬୮ଟି ପଞ୍ଚାୟତରେ ପେସା ଆଇନ କାର୍ଯ୍ୟକାରୀ ହେବା ପାଇଁ ସୁଯୋଗ ରହିଛି। କିନ୍ତୁ ବାସ୍ତବତା ହେଉଛି, ଆଇନକୁ ଓଡ଼ିଶାରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ନ କରିବା ସରକାରଙ୍କର ଆଦିବାସୀ ବିରୋଧୀ ମନୋଭାବକୁ ସ୍ପଷ୍ଟ ଭାବେ ଉଜାଗର କରୁଛି। ଆମ ରାଜ୍ୟରେ ଏହି ଆଇନ କାର୍ଯ୍ୟକାରୀ ନ ହେବାର ଏକ ମୁଖ୍ୟ କାରଣ ହେଉଛି ଶାସକ ଗୋଷ୍ଠୀର ସାମନ୍ତବାଦୀ ମନୋଭାବ। ଆଦିବାସୀମାନେ ନିଜେ ନିଜର ନିଷ୍ପତ୍ତି ପଞ୍ଚାୟତ ସ୍ତରରେ ନେବେ, ଏହା ବୋଧହୁଏ ଶାସକ ବର୍ଗଙ୍କୁ ହଜମ ହେଉନାହିଁ। ଆମ ରାଜ୍ୟର ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତଗୁଡ଼ିକରେ ଏହି ଆଇନ ଲାଗୁହେଲେ, ସେହି ପଞ୍ଚାୟତରେ ସମସ୍ତ ବିକାଶମୂଳକ ପ୍ରକଳ୍ପର ନିଷ୍ପତ୍ତି ଗ୍ରାମସଭା ନେବ। ଅର୍ଥାତ ସେଠାରେ ଖଣି ଖୋଲା ହେବ କି ନାହିଁ, ପାହାଡ଼, ଜଙ୍ଗଲ ଓ ଝରଣାକୁ ବିକାଶ ନାଁରେ ବିଦେଶୀଙ୍କ ହାତକୁ ଟେକି ଦିଆଯିବ କି ନାହିଁ, ତାହାର ନିଷ୍ପତ୍ତି ରାଜ୍ୟ ସରକାର ନ ନେଇ ଉକ୍ତ ପଞ୍ଚାୟତ ବା ଗ୍ରାମସଭା ନେବ। ତେଣୁ ସରକାର ସମ୍ପ୍ରତି ଯେପରି ଭାବେ ଗୋଟିଏ କାଗଜରେ ସନ୍ତକ କରି ଆଦିବାସୀଙ୍କ ପାହାଡ଼, ଝରଣା, ଜଙ୍ଗଲ ଆଦିକୁ ବିଦେଶୀ କମ୍ପାନୀଙ୍କ ହାତକୁ ଟେକି ଦେଉଛନ୍ତି, ତାହା ଆଉ ସମ୍ଭବ ହୋଇପାରିବ ନାହିଁ। ଏପରି ହୋଇ ନ ପାରିଲେ ନେତା ଓ ଅଫିସରଙ୍କ ପକେଟକୁ କମ୍ପାନୀର କୋଟି କୋଟି ଟଙ୍କା ଚାନ୍ଦା ପଶିପାରିବ ନାହିଁ। ତେଣୁ ସମସ୍ତେ ମିଶି ଜାଣି ଜାଣି ପେସା ଆଇନ ଲାଗୁ କରିବାରେ ବିଳମ୍ବ କରି ଚାଲୁଛନ୍ତି। ପେସା ଆଇନ ଲାଗୁ ହୋଇଗଲେ ଉପରୋକ୍ତ ପଞ୍ଚାୟତରେ ଲଘୁ ବନଜାତ ଦ୍ରବ୍ୟ, କ୍ଷୁଦ୍ର ଜଳସେଚନ, ଶିକ୍ଷାନୁଷ୍ଠାନର ପରିଚାଳନା, ଅଙ୍ଗନୱାଡ଼ି ବିଭିନ୍ନ ଯୋଜନାରେ ନିଷ୍ପତ୍ତି ନେବା ପାଇଁ ଗ୍ରାମସଭା କ୍ଷମତା ପାଇବ। ସ୍ଥାନୀୟ ପ୍ରଶାସନର କ୍ଷମତା ସଙ୍କୁଚିତ ହୋଇ ତାହା ଲୋକଙ୍କୁ କ୍ଷମତାପନ୍ନ କରିବ। ତେଣୁ କିଏ ବା କାହିଁକି ନିଜ କ୍ଷମତାକୁ ଛାଡ଼ି ଆଦିବାସୀଙ୍କୁ କ୍ଷମତା ଦେବାକୁ ଯିବ! ପେସା ଆଇନକୁ ପୂର୍ଣ୍ଣପ୍ରାଣରେ କାର୍ଯ୍ୟକାରୀ ନ କରିବାର ଏହା ବି ଅନ୍ୟ ଏକ କାରଣ।

ଆଦିବାସୀ ବସବାସ କରୁଥିବା ଅଞ୍ଚଳରେ ଜଙ୍ଗଲ ଅଛି, ଝରଣା ପାଣି ଅଛି, ମାଟି ତଳେ ଖଣିଜ ସମ୍ବଳ ଅଛି, ଯାହାକୁ ହାତେଇବା ପାଇଁ ବହୁରାଷ୍ଟ୍ରୀୟ କମ୍ପାନୀ ଶାଗୁଣା ପରି ଚାହିଁ ରହିଛନ୍ତି। ସେମାନଙ୍କର ଏହି ହାତେଇବା ରାସ୍ତାରେ ସେମାନେ ନେତା, ଅଫିସର ଓ ରାଜନୈତିକ ଦଳ ସମସ୍ତଙ୍କୁ କୋଟି କୋଟି ଟଙ୍କା ଲାଞ୍ଚ ଓ ଚାନ୍ଦା ଦେଉଛନ୍ତି। ଥରେ ପେସା ଆଇନ ଲାଗୁ ହୋଇଗଲେ, କମ୍ପାନୀଗୁଡ଼ିକ ହୁଏତ ଏହିସବୁ ସମ୍ବଳକୁ ହାତେଇ ପାରିବେ ନାହିଁ ଓ ତାଙ୍କ ହାତବାରିଶି ସାଜିଥିବା ନେତା ଅଫିସର ଟଙ୍କା ରୋଜଗାର କରିବାକୁ ସୁଯୋଗ ପାଇବେ ନାହିଁ। ତେଣୁ ସମସ୍ତେ ମିଶି ସରକାରକୁ ହାତକରି କଳେବଳେ କୌଶଳେ ପେସା ଆଇନକୁ ପଛକୁ ଠେଲିବାକୁ ପ୍ରୟାସ କରୁଛନ୍ତି। ଆଦିବାସୀଙ୍କ ଅଧିକାରକୁ ଲୁଣ୍ଠନ କରିବା ପାଇଁ ଓ ପ୍ରାକୃତିକ ସମ୍ବଳକୁ ବିଦେଶୀଙ୍କ ହାତକୁ ଟେକି ଦେବା ପାଇଁ ପେସା ଆଇନକୁ ପ୍ରଶାସନର ନାଳିଫିତା ତଳେ ପେଷି ଦିଆଯାଉଛି।

– ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

# କ୍ୟୁବା ଉପରେ ନଜର



ଲଳିତେନ୍ଦୁ ପଲାଉରୀ

ଜର୍ମାନୀର ନାଜି ଶାସକ ଆଡ଼ଲ୍‌ଫ୍ ହିଟ୍‌ଲର। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବିଶ୍ୱ ଦେଖିଥିଲା ଏହି ନାଜି ଏକଚ୍ଛତ୍ରବାଦୀଙ୍କ ଶାସନର କ୍ରୂରତା। ହିଟ୍‌ଲରଙ୍କ କୁଖ୍ୟାତି ଇତିହାସରେ ଲିପିବଦ୍ଧ ହୋଇ ରହିଛି। ତେବେ ଏବେ ବିଶ୍ୱରେ ଉଭାହୋଇଛନ୍ତି ଆଉ ଜଣେ ହିଟ୍‌ଲର। ସେ ହେଉଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ନିଜକୁ ସେ ଜଣେ ଏକଚ୍ଛତ୍ରବାଦୀ ବୋଲି କହିଛନ୍ତି। ଟ୍ରମ୍ପ୍ ଗତ ଜାନୁଆରୀରେ ସୁଇଜରଲାଣ୍ଡର ଡାଭୋସ୍‌ରେ ଆୟୋଜିତ ବିଶ୍ୱ ଅର୍ଥନୈତିକ ଫୋରମ ବୈଠକରେ ବେଳେ ବେଳେ ଏକଚ୍ଛତ୍ରବାଦୀ ହେବା ଜରୁରୀ ବୋଲି କହିଥିଲେ। ତେଣୁ ଟ୍ରମ୍ପଙ୍କ ମେଳ ମଧ୍ୟ ହିଟ୍‌ଲରଙ୍କ ସହ ଅନେକ ମାତ୍ରାରେ ସାମଞ୍ଜସ୍ୟ ରଖୁଛି। ହିଟ୍‌ଲର ଜର୍ମାନୀର ୱିମର ଗଣତନ୍ତ୍ରକୁ ଭାଙ୍ଗି ୧୯୩୪ ସୁଦ୍ଧା ଜର୍ମାନୀକୁ ଏକଦଳୀୟ ଶାସନ ବ୍ୟବସ୍ଥା ଓ ଏକଚ୍ଛତ୍ରବାଦରେ ପରିଣତ କରିଥିଲେ। ଜର୍ମାନୀରେ ହିଟ୍‌ଲରଙ୍କ ଉଗ୍ର ଜାତୀୟତାବାଦ ଏବଂ ବିସ୍ତାରବାଦୀ ନୀତି ବିଶ୍ୱକୁ ପ୍ରଭାବିତ କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିଟ୍‌ଲରଙ୍କ ମୁଖ୍ୟ ଶତ୍ରୁ ଥିଲେ ମିତ୍ରଶକ୍ତି ସୋଭିଏଟ୍ ସଂଘ, ବ୍ରିଟେନ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକା। ହିଟଲର ୧୯୩୯ରେ ପୋଲାଣ୍ଡ ଅଧିକାର କରିଥିଲେ। ସେ ୬ଲକ୍ଷ ଇହୁଦୀଙ୍କୁ ହତ୍ୟାକରିଥିଲେ। ସାମ୍ୟବାଦ ପ୍ରଚାର କରୁଥିବା ଇହୁଦୀଙ୍କୁ ଜର୍ମାନୀ ଜାତି ପାଇଁ ପରମ ଶତ୍ରୁ ବୋଲି ଭାବି ନେଇଥିଲେ ହିଟ୍‌ଲର। ତେବେ ଏକଚ୍ଛତ୍ରବାଦୀ ହିଟ୍‌ଲର ଇହଧାମରୁ ଯିବାର ୮୧ବର୍ଷ ପରେ ବିଶ୍ୱ ଭୂ-ରାଜନୈତିକ ସ୍ଥିତିରେ ଶୀତଳଯୁଦ୍ଧ ସହ ଅନେକ ଛୋଟବଡ଼ ଯୁଦ୍ଧ ଦେଖି ସାରିଲେଣି ବିଶ୍ୱବାସୀ। କିନ୍ତୁ ଏବେ ଡୋନାଲ୍ଡ ଟ୍ରମ୍ପ୍ ହିଟ୍‌ଲରଙ୍କ ଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ଟ୍ରମ୍ପ୍ କିନ୍ତୁ ଇହୁଦୀଙ୍କୁ ହତ୍ୟା ନ କରି ସେମାନଙ୍କୁ ମିତ୍ର ବନାଇଛନ୍ତି। ଇସ୍ରାଏଲର ଇହୁଦୀଙ୍କୁ ବନ୍ଧୁ ବୋଲି ଆପଣେଇଛନ୍ତି ଟ୍ରମ୍ପ୍, ଆମେରିକାରେ ଥିବା ଇହୁଦୀଙ୍କ କାର୍ଯ୍ୟକୁ ପ୍ରଶଂସା କରୁଛନ୍ତି। ଗାଜାରେ ହମାସକୁ ହତ୍ୟା ନାଁରେ ଶହ ଶହ ଲୋକଙ୍କୁ ହତ୍ୟା କରିଛନ୍ତି ଆମେରିକା ଓ ଇସ୍ରାଏଲର ମିଳିତ ସେନା।

ଇରାନ୍ ସୁପ୍ରିମ ଲିଡରଙ୍କ ବିରୋଧରେ ଜନ ଆନ୍ଦୋଳନ ଆଳ ଦେଖାଇ ଇରାନ୍ ଉପରେ ଆକ୍ରମଣ କରିଛନ୍ତି ଇସ୍ରାଏଲ ଓ ଆମେରିକା। ସେପଟେ ଭେନେଜୁଏଲାଠାରୁ କାନାଡା ଆଉ ଗ୍ରୀନ୍‌ଲାଣ୍ଡ, ଏପଟେ ଇରାନ୍‌ରୁ କ୍ୟୁବା ଯାଏ ଦେଶକୁ ଅକ୍ତିଆର କରିବାକୁ ଯୋଜନା ବନାଇଛନ୍ତି ଟ୍ରମ୍ପ୍। ୨୦୨୫ରେ ନୋବେଲ ଶାନ୍ତି ପୁରସ୍କାର ପାଇଁ ନିଜକୁ ପ୍ରଚୁର ବିଜ୍ଞାପନ କରି ନିରାଶ ହେବା ପରେ ଏବେ ବିଶ୍ୱ ଅଶାନ୍ତିର ସୂତ୍ରଧର ପାଲଟିଛନ୍ତି ଟ୍ରମ୍ପ୍। 'ମେକ୍ ଆମେରିକା ଗ୍ରେଟ୍ ଏଗେନ' ନାରାକୁ ସଫଳ କରିବାକୁ ବିଭିନ୍ନ ଦେଶ ଉପରେ ଲଗାଇଛନ୍ତି ଉଚ୍ଚ ଟାରିଫ। ଏହାସହ ଟ୍ରମ୍ପଙ୍କ ମିଶନ ପାଲଟିଛି ଛୋଟ ଦେଶର ପ୍ରାଚୁର୍ଯ୍ୟ ଓ ତୈଳ ସମ୍ପଦ। କାନାଡାକୁ ଆମେରିକାର ଅଂଶ ବୋଲି କହିବା ସହ ଭେନେଜୁଏଲର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ରାତାରାତି ବାନ୍ଧି ନେଇଛନ୍ତି।



ଭେନେଜୁଏଲାର ତୈଳ ସମ୍ପଦ ଓ ପ୍ରାକୃତିକ ସମ୍ପଦକୁ କବ୍‌ଜା କରିଛନ୍ତି। ଗାଜାରେ ହମାସଙ୍କୁ ନିପାତ କରି ନୂଆ ଟ୍ରମ୍ପ୍ ସିଟିର ପରିକଳ୍ପନା କରିଛନ୍ତି। ଭାରତ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବନ୍ଦର ସୂତ୍ରଧର କହି ବାହୁସ୍ଫୋଟ ମାରୁଛନ୍ତି। ଏବେ ଇରାନ୍‌ର ଅଶୋଧିତ ତୈଳ ଭଣ୍ଡାର ହାତେଇବା ପାଇଁ ପ୍ରତିଜ୍ଞା କରିଛନ୍ତି ଟ୍ରମ୍ପ୍। ଟ୍ରମ୍ପଙ୍କ କୋପରୁ ବର୍ତ୍ତିପାରୁନାହାନ୍ତି ଇରାନ୍ ଓ ଏହାର ସହଯୋଗୀ ରାଷ୍ଟ୍ରର ସାଧାରଣ ଜନତା।

ଇରାନ୍ ବିରୋଧରେ ଯୁଦ୍ଧର ପ୍ରଥମ ଦିନରୁ ୨୮ ଫେବୃଆରୀରେ ଦକ୍ଷିଣ ଇରାନ୍‌ର ହର୍ମୋଜଗାନ ପ୍ରଦେଶର ଏକ ବାଳିକା ପ୍ରାଥମିକ ବିଦ୍ୟାଳୟରେ ମିଶାଇଲ ମାଡ଼କରି ୧୬୭ ନିରୀହ ଶିଶୁଙ୍କୁ ହତ୍ୟାକରିଛନ୍ତି। କିନ୍ତୁ ଏଥିପାଇଁ ଅନୁତାପ କରୁନାହାନ୍ତି ଟ୍ରମ୍ପ୍। ଇସ୍ରାଏଲ ସହ ମିଶି ଇରାନ୍‌ର ସୁପ୍ରିମ ଲିଡର ଆୟାତୋଲ୍ଲା ଖାମେନେଇ, ଇରାନ୍‌ର ଟପ୍ କମାଣ୍ଡର ଅଲି ଲାରିଜାନି, ଜେନେରାଲ ଅଜିଜ୍ ନାସିରଜାଦେ, ଅଲି ମହମ୍ମଦ ନୈନିଙ୍କ ଭଳି ଇରାନ୍ ମିଲିଟାରିର ଶୀର୍ଷ ଅଧିକାରୀଙ୍କୁ ହତ୍ୟାକରିବା ପରେ ଏବେ ଖର୍ଗ ହାତେଇବାକୁ ୨ହଜାର ଆମେରିକୀୟ ସୈନ୍ୟ ଓ ଆହୁରି ୩ ନୌଜାହାଜ ପଠାଇଛନ୍ତି ଟ୍ରମ୍ପ୍। ଟ୍ରମ୍ପଙ୍କ ଇରାନ୍ ମିଶନ ଶେଷ ନ ହେଉଣୁ କ୍ୟୁବା ଅଧିକାର ପାଇଁ ଏହାର ରାଷ୍ଟ୍ରପତି ମିଗୁଏଲ ଡିଆଜ-କାନେଲଙ୍କୁ ଟ୍ରମ୍ପ୍ ଧମକ ଦେଇଛନ୍ତି। କ୍ୟୁବା ରାଷ୍ଟ୍ରପତିଙ୍କୁ ହଟାଇ ସ୍ୱାଧୀନ ରାଷ୍ଟ୍ର ଘୋଷଣା କରିବାକୁ ନୂଆ ଯୋଜନା କରିଛନ୍ତି ଟ୍ରମ୍ପ୍। ଆମେରିକା ଏବଂ କ୍ୟୁବା ମଧ୍ୟରେ ସମ୍ପର୍କ ଦୀର୍ଘ ୬୫ ବର୍ଷ ଧରି ତିକ୍ତ ରହିଛି। କିଛିଦିନ ହେଲା ଟ୍ରମ୍ପ୍ ପ୍ରଶାସନ କ୍ୟୁବା ଉପରେ ଚାପ ସୃଷ୍ଟିକରିବା ସହ କ୍ୟୁବାକୁ ତୈଳ ଯୋଗାଣ ଜାନୁଆରୀରୁ ବନ୍ଦ ରଖିଛନ୍ତି। ଅନ୍ୟ ଦେଶଗୁଡ଼ିକୁ ମଧ୍ୟ କ୍ୟୁବାକୁ ତେଲ ଯୋଗାଣ ନ କରିବାକୁ ଚେତାବନୀ ଦେଇଛି ଆମେରିକା। ନିକଟରେ ଆମେରିକା ତଟରକ୍ଷୀ ବାହିନୀ କଲମ୍ବିଆରୁ କ୍ୟୁବା ଯାଉଥିବା ଏକ ତୈଳ ଟ୍ୟାଙ୍କରକୁ ଅଟକାଇଥିଲା। ଜାନୁଆରୀ ୯ ପରଠାରୁ କ୍ୟୁବାକୁ କୌଣସି ପ୍ରମୁଖ ତୈଳ ଯୋଗାଣ ହେଉନାହିଁ। କ୍ୟୁବାର ପରିସ୍ଥିତି ବିଗୁଡୁଥିବା ବେଳେ ସାରା ଦେଶରେ ବ୍ଲାକ୍‌ଆଉଟ ସ୍ଥିତି। କ୍ୟୁବାକୁ ଆମେରିକାର ଧମକ ଦେଖି ରୁଷିଆ ଆଗକୁ ଆସିଛି। କ୍ୟୁବାକୁ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ରୁଷିଆ। ୧୮୯୮ରେ ସ୍ପେନ୍ ଆମେରିକା ଯୁଦ୍ଧ ପରେ କ୍ୟୁବା ସ୍ପେନ୍ ଠାରୁ ସ୍ୱାଧୀନ ହୋଇଥିଲା। କିନ୍ତୁ କ୍ୟୁବାର ପ୍ରକୃତ ନିୟନ୍ତ୍ରଣ ଆମେରିକା ହାତକୁ ଚାଲି ଯାଇଥିଲା। ୧୯୫୯ରେ କ୍ୟୁବାର ନେତା ଫିଡେଲ କାଷ୍ଟ୍ରୋଙ୍କ ନେତୃତ୍ୱରେ ଗେରିଲା ଯୁଦ୍ଧ ସହ କ୍ୟୁବାରୁ ଏକଚ୍ଛତ୍ରବାଦୀ ବାଟିଷ୍ଟାଙ୍କୁ କ୍ଷମତାରୁ ହଟାଯାଇଥିଲା। ବାଟିଷ୍ଟାଙ୍କୁ ହଟାଇବାକୁ କାଷ୍ଟ୍ରୋଙ୍କୁ ସମର୍ଥନ କରିଥିଲା ଆମେରିକା। କାଷ୍ଟ୍ରୋ କିନ୍ତୁ କ୍ଷମତାକୁ ଫେରିବା ପରେ ସେ ରୁଷିଆର ନିକଟତର ହୋଇଥିଲେ। ଫଳରେ କାଷ୍ଟ୍ରୋ ଆମେରିକା ପାଇଁ ଶତ୍ରୁ ପାଲଟିଥିଲେ। ଫିଡେଲ କାଷ୍ଟ୍ରୋ ୧୯୫୯ ରୁ ୨୦୦୮ ପର୍ଯ୍ୟନ୍ତ ପ୍ରାୟ ୫ଦଶନ୍ଧି ଧରି ଶାସନ କରିଥିଲେ। ବର୍ତ୍ତମାନ ଟ୍ରମ୍ପ୍ ପ୍ରଶାସନ ଫିଡେଲ କାଷ୍ଟ୍ରୋଙ୍କ ପରିବାର ଉପରେ ପୁରୁଣା ରାଗ ଶୁଝାଇବାକୁ ଚାହୁଁଛି। ଶେଷରେ ଏତିକି କୁହାଯାଇପାରେ ଟ୍ରମ୍ପଙ୍କ ସାମ୍ରାଜ୍ୟବାଦ ନୀତି, ଯୁଦ୍ଧଖୋର ମନୋଭାବ ହିଟ୍‌ଲର ନୀତିଠାରୁ କିଛି କମ୍ ନୁହେଁ।

ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୯୭୦୩୬

## ଏଇ ଭାରତରେ

ପିଲାବେଳେ ରାସ୍ତା ଦୁର୍ଘଟଣାର ଶିକାର ହୋଇ ସୂର୍ଯ୍ୟ ଉତ୍କର୍ଷ ଅନେକ ଦିନର ଚିକିତ୍ସା ପରେ ଏକ ନୂଆ ଜୀବନ ପାଇଥିଲେ। ପରେ ସେ ତାଙ୍କ ଜୀବନକୁ ସାମାଜିକ ସେବାରେ କଟାଇବା ଲାଗି ନିଷ୍ପତ୍ତି ନେଇଛନ୍ତି। ସୂର୍ଯ୍ୟ ବେଙ୍ଗାଲୁରୁରେ ମାର୍ଚ୍ଚ ୨୦୨୪ରୁ 'ଦି ମାର୍ଗ' ଅଭିଯାନ ଆରମ୍ଭ କରି ସଡ଼କ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରିବାରେ ଲାଗିଛନ୍ତି। ମାର୍ଗ ଅର୍ଥ ପଥ, ଯାହା ଲୋକଙ୍କୁ ମାର୍ଗଦର୍ଶନ କରିବା ପାଇଁ ଯୁବ ପ୍ରବର୍ତ୍ତକଙ୍କ ଦୃଷ୍ଟିକୋଣକୁ ପ୍ରକାଶ କରେ। ସୂର୍ଯ୍ୟଙ୍କୁ ବୟସ ଏବେ ୧୪। ସେ ବେଙ୍ଗାଲୁରୁ ରାଜାଜିନଗରସ୍ଥିତ ନ୍ୟାଶନାଲ ପବ୍ଲିକ ସ୍କୁଲର ୯ମ ଶ୍ରେଣୀ ଛାତ୍ର। ସେ ରୋଡିଜ୍ ନାମକ ଏକ ଶିକ୍ଷାଭିତ୍ତିକ ମୋବାଇଲ ଗେମ୍ ପ୍ରସ୍ତୁତ କରି ଖେଳ ମାଧ୍ୟମରେ ପିଲାଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ଏବେସୁଦ୍ଧା ଭାରତରେ ୫୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପାଖରେ ସଚେତନତାର ବାର୍ତ୍ତା ପହଞ୍ଚାଇ ସାରିଲେଣି। ଏଥିମଧ୍ୟରୁ ୨୫ ହଜାର ଲୋକଙ୍କୁ ଡିଜିଟାଲ କ୍ୟାମ୍ପେନ ଏବଂ ୧୫ ହଜାର ଲୋକଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ସଚେତନ କରାଇଛନ୍ତି। ସ୍କୁଲରେ କର୍ମଶାଳା ଆୟୋଜନ କରି ପିଲାଙ୍କୁ ସଡ଼କ ସୁରକ୍ଷା ବିଷୟରେ ଅବଗତ କରାଉଛନ୍ତି।

## ଚିରନ୍ତନୀ

ମୋ ବିରହେ ପରା ତାରକା ଗହଳେ
ଆକାଶ ନଇଁଛି ଧରିଣୀର ତଳେ
ମୋ ବିରହେ ସତେ ସାଗର ବକ୍ଷେ
ଲାଗିଛି ଚିର ପରାସ
ଆଜି ଚଳିବି ମୁଁ ପରବାସ ।
–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗୋଶାଳାରୁ ବାୟୋଗ୍ୟାସ୍ ଉତ୍ପାଦନ ହେଉ

ମହାଶୟ,

ବର୍ତ୍ତମାନ ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ରନ୍ଧନ ନିମନ୍ତେ ଜାଳେଣି ଗ୍ୟାସ୍‌ର ସଙ୍କଟ ଦେଖାଦେଇଛି। ଓଡ଼ିଶାର ଅନେକ ସ୍ଥାନରେ ଗୋଶାଳା ପ୍ରତିଷ୍ଠା କରାଯାଇଛି। ଏହି ଗୋଶାଳାଗୁଡ଼ିକରେ ବାୟୋଗ୍ୟାସ୍ ପ୍ଲାଣ୍ଟ ବସିଛି କି ନାହିଁ ସେକଥା ପତ୍ରପ୍ରେରକକୁ ଜଣାନାହିଁ। ଯଦି ଗୋଶାଳାରେ ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ ହୋଇ ନ ଥାଏ ତେବେ ତାହା ସ୍ଥାପନ କରାଗଲେ ସେଥିରୁ ଅନେକ ପରିମାଣର ବାୟୋଗ୍ୟାସ୍ ଉତ୍ପାଦିତ ହୋଇପାରିବ। ଏହାକୁ ନିକଟବର୍ତ୍ତୀ ଅଞ୍ଚଳରେ ବିକ୍ରି କରାଯାଇପାରିବ। ଦ୍ୱିତୀୟତଃ ହାଟବଜାର, ଗାଁ, ସହର ସବୁଠାରେ ବୁଲାଗୋରୁ ବୁଲୁଛନ୍ତି। ସେମାନଙ୍କୁ ନେଇ ଗୋଶାଳାରେ ଥଇଥାନ କରିବା ଫଳରେ ଗୋସମ୍ପଦର ସୁରକ୍ଷା ହେବା ସହ ଅନେକ ବାୟୋଗ୍ୟାସ୍ ଉତ୍ପାଦିତ ହୋଇପାରିବ। ଗ୍ୟାସ୍ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ସହରବାସୀଙ୍କ ପାଇଁ ଗ୍ୟାସ୍ ଯୋଗାଣ/ବିଦ୍ୟୁତ୍ ସରବରାହ ନିଶ୍ଚିତ କରାଯିବା ପାଇଁ ଯେତିକି ବ୍ୟଗ୍ରତା ପ୍ରକାଶ ପାଉଛି ସେହି ତୁଳନାରେ ବାୟୋଗ୍ୟାସ୍ ଉତ୍ପାଦନ ନିମନ୍ତେ ପଦକ୍ଷେପ ନିଆଯିବା ଦରକାର।

**– ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗଡ଼କୁଣ୍ଡ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପଶ୍ଚିମବଙ୍ଗର ପୁରୁଲିଆ, ଝାରଗ୍ରାମ, ମେଦିନିପୁର ଏବଂ ବିଷ୍ଣୁପୁରରେ ମାରାଥନ ନିର୍ବାଚନ ପ୍ରଚାର କରିଛନ୍ତି। ଝାରଗ୍ରାମରେ ପ୍ରଚାର ଅବସରରେ ସେ ଅଚାନକ ଏକ ରାସ୍ତାପାର୍ଶ୍ୱ ଛୋଟ ଦୋକାନରେ କିଛି ସମୟ ଅଟକି ଝାଲ୍‌ମୁଢ଼ି କିଣି ଖାଉଛନ୍ତି।

# ଆମେରିକାରେ ଗୁଳିକାଣ୍ଡ: ୮ ପିଲାଙ୍କ ମୃତ୍ୟୁ

**ଶ୍ରେଭେପୋର୍ଟ,୧୯।୪**

ଆମେରିକାର ଲୁଇସିଆନା ପ୍ରଦେଶ ଅନ୍ତର୍ଗତ ଶ୍ରେଭେପୋର୍ଟଠାରେ ସ୍ଥାନୀୟ ସମୟ ରବିବାର ସକାଳ ୬ଟା ବେଳେ ଗୁଳିକାଣ୍ଡ ଘଟି ୮ ଜଣ ପିଲାଙ୍କ ଜୀବନ ଯାଇଛି। ପିଲାମାନଙ୍କ ବୟସ ୧ରୁ ୧୪ ବର୍ଷ ମଧ୍ୟରେ ବୋଲି ପୋଲିସ ମୁଖ୍ୟ ୱେନେ ସ୍ମିଥ୍ କହିଛନ୍ତି। ବନ୍ଧୁକଧାରୀ ଏକାଧିକ ଘରେ ପଶି ଗୁଳି ଚଳାଇଥିଲେ। ଘରୋଇ ବିବାଦରୁ ଏହି ଗୁଳିକାଣ୍ଡ ଘଟିଥିବା କୁହାଯାଉଛି। ମୋଟ ୧୦ ଜଣଙ୍କୁ ଗୁଳି କରାଯାଇଥିଲା। ବନ୍ଧୁକଧାରୀ ଏକ କାର୍ ଚୋରିକରି ଘଟଣାସ୍ଥଳରୁ ଖସି ପଳାଉଥିବାବେଳେ ପୋଲିସ ପିଛା କରିଥିଲା। ପୋଲିସ ଗୁଳିରେ ବନ୍ଧୁକଧାରୀ ନିହତ ହୋଇଛନ୍ତି। ଆକ୍ରମଣର ସମ୍ମୁଖୀନ ହୋଇଥିବା ପିଲାମାନଙ୍କ ମଧ୍ୟରୁ କେତେଜଣ ସନ୍ଦିଗ୍ଧଙ୍କ ସମ୍ପର୍କୀୟ ବୋଲି ପୋଲିସ କହିଛି।

ଏକ ଖବରଦାତା ସମ୍ମିଳନୀରେ ଶ୍ରେଭେପୋର୍ଟ ପୋଲିସ ମୁଖ୍ୟ ଲୋକମାନଙ୍କୁ ଧୈର୍ଯ୍ୟ ଧରିବାକୁ ଅନୁରୋଧ କରିଛନ୍ତି। ଏଭଳି ଘଟଣା କିପରି ଘଟିଲା, ତାହା କଳ୍ପନା କରିହେଉନାହିଁ ବୋଲି ସେ କହିଛନ୍ତି। ଏହା ସବୁଠୁ ଦୁଃଖଦ ସ୍ଥିତି ବୋଲି ସ୍ଥାନୀୟ ମେୟର ଟମ୍ ଆର୍ସେନେଉକ୍ସ କହିଛନ୍ତି। ଶ୍ରେଭେପୋର୍ଟ ପୋଲିସକୁ ଘଟଣାର ତଦନ୍ତ ପାଇଁ କୁହାଯାଇଥିବା ଲୁଇସିଆନା ରାଜ୍ୟ ପୋଲିସ କହିଛି। ଗୁଳିମାଡ଼ରେ କୌଣସି ଅଫିସର ଆହତ ହୋଇନାହାନ୍ତି। ଗୁଳିମାଡ଼ରେ ୮ ଜଣ ପିଲାଙ୍କ ଜୀବନ ଯିବା ଘଟଣାରେ ଲୁଇସିଆନା ଗଭର୍ନର ଜେଫ୍ ଲାଣ୍ଡ୍ରି ଓ ତାଙ୍କ ସ୍ତ୍ରୀ ମର୍ମାହତ ବୋଲି କହିଛନ୍ତି।

# ୨୦ରୁ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା

**ୱାଶିଂଟନ୍,୧୯।୪**

ଆମେରିକା ପ୍ରତିନିଧିଙ୍କ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ ଆଲୋଚନା ପାଇଁ ଆସନ୍ତା ୨୦ ତାରିଖରୁ ଭାରତୀୟ ଅଧିକାରୀମାନେ ୱାଶିଂଟନ୍ ଗସ୍ତରେ ଯାଉଛନ୍ତି। ୱାଶିଂଟନ୍ ଡିସିରେ ୨୦ରୁ ୨୨ ପର୍ଯ୍ୟନ୍ତ ବୈଠକ ଅନୁଷ୍ଠିତ ହେବ। ବାଣିଜ୍ୟ ବିଭାଗ ଅତିରିକ୍ତ ସଚିବ ଦର୍ପଣ ଜୈନ ଭାରତୀୟ ଟିମ୍‌ର ନେତୃତ୍ୱ ନେଉଛନ୍ତି। ଆମେରିକା ଟାରିଫ୍‌ରେ ପରିବର୍ତ୍ତନ ଆସିଥିବାରୁ ଉଭୟ ପକ୍ଷ ଫେବୃଆରୀ ୭ରେ ପ୍ରକାଶିତ ବାଣିଜ୍ୟ ଚୁକ୍ତିର ରୂପରେଖକୁ ପୁନର୍ବାର ବିଚାର କରିପାରନ୍ତି। ଆମେରିକା ଭାରତ ଉପରେ ଲଗାଇଥିବା ୫୦% ଟାରିଫ୍‌କୁ ୧୮%କୁ କମାଇବାକୁ ରାଜି ହୋଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ଅତ୍ୟଧିକ ଶୁଳ୍କ ଲାଗୁ କରିବା ବିରୋଧରେ ସେଠାର ସୁପ୍ରିମକୋର୍ଟ ରାୟ ଦେବା ପରେ ପ୍ରଶାସନ ଫେବୃଆରୀ ୨୪ରୁ ସବୁ ଦେଶ ଉପରେ ୧୫୦ ଦିନ ପାଇଁ ୧୦ ପ୍ରତିଶତ ଟାରିଫ୍ ଲଗାଇଥିଲା। ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ ୨ଟି ଏକପାଖିଆ ତଦନ୍ତ ମଧ୍ୟ ଆଲୋଚନାରେ ସ୍ଥାନ ପାଇପାରେ।

## ସାଟେଲାଇଟ୍ ଫୋନ୍ ରଖିଥିବା ୨ ଆମେରିକୀୟ ଅଟକ

**ଶ୍ରୀନଗର,୧୯।୪**

ଶ୍ରୀନଗର ବିମାନବନ୍ଦରରୁ ରବିବାର ୨ ଆମେରିକୀୟଙ୍କୁ ଅଟକ ରଖାଯାଇଛି। ଯାଞ୍ଚ ବେଳେ ସେମାନଙ୍କ ଲଗେଜ୍‌ରୁ ଗୋଟିଏ ସାଟେଲାଇଟ୍ ଫୋନ୍ ମିଳିଥିଲା। ସରକାରଙ୍କ ପ୍ରାକ୍ ଅନୁମତି ବିନା ଭାରତରେ ସାଟେଲାଇଟ୍ ଫୋନ୍ ବ୍ୟବହାର ମନା। ଗାଇଡ୍‌ଲାଇନ ଅନୁଯାୟୀ, ସାଟେଲାଇଟ୍ ଫୋନ୍ ଆଣିବା କିମ୍ବା ବ୍ୟବହାର କରିବା ଲାଗି ଟେଲିକମ୍ ବିଭାଗରୁ ଲିଖିତ ଅନୁମତି ଆଣିବା ବାଧ୍ୟତାମୂଳକ। ସୁରକ୍ଷାଗତ କାରଣରୁ ଭାରତ ଟେଲିକମ୍ କଟକଣା ଲାଗୁ କରିଛି। ଅତୀତରେ ସାଟେଲାଇଟ୍ ଫୋନ୍ ରଖିଥିବା ଭାରତୀୟଙ୍କ ସମେତ ବିଦେଶୀ ନାଗରିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଛନ୍ତି।

## ବାଂଲାଦେଶ ପାଇଁ ଭାରତର ଉଚ୍ଚାୟୁକ୍ତ ହୋଇପାରନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିନେଶ ତ୍ରିବେଦୀ



**ନୂଆଦିଲ୍ଲୀ,୧୯।୪**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିନେଶ ତ୍ରିବେଦୀ ବାଂଲାଦେଶ ପାଇଁ ଭାରତର ଉଚ୍ଚାୟୁକ୍ତ ନିଯୁକ୍ତ ହୋଇପାରନ୍ତି। ୨୦୨୨ ସେପ୍ଟେମ୍ବରରୁ ଢାକାରେ ଭାରତର ଉଚ୍ଚାୟୁକ୍ତ ଥିବା ପ୍ରଣୟ ବର୍ମାଙ୍କୁ ବେଲଜିୟମ ଓ ୟୁରୋପୀୟ ସଂଘର ପରବର୍ତ୍ତୀ ରାଷ୍ଟ୍ରଦୂତ ନିଯୁକ୍ତ କରାଯାଇଛି। ଉଚ୍ଚାୟୁକ୍ତ ପଦବୀରେ କେବଳ ଭାରତୀୟ ବିଦେଶ ସେବା (ଆଇଏଫ୍ଏସ୍) ଅଫିସରଙ୍କୁ ନିଯୁକ୍ତି ଦିଆଯାଉଥିବାବେଳେ ବାଂଲାଦେଶରେ ଜଣେ ରାଜନେତାଙ୍କୁ ଏହି ପଦବୀରେ ଅବସ୍ଥାପିତ କରିବାକୁ ନୂଆଦିଲ୍ଲୀ ବିଚାର କରୁଥିବା ଜଣାପଡ଼ିଛି। ଦିନେଶ ତୃଣମୂଳ କଂଗ୍ରେସ ଛାଡ଼ିବା ପରେ ୨୦୨୧ରେ ଭାଜପାରେ ଯୋଗ ଦେଇଥିଲେ।

# ହର୍ମୁଜ୍‌ରେ ଅଚଳାବସ୍ଥା, ପାକ୍‌ରେ ଶାନ୍ତି ପ୍ରସ୍ତୁତି

**ଆମେରିକା ଓ ଇରାନ୍ ମଧ୍ୟରେ ଦେଢ଼ମାସରୁ ଉର୍ଦ୍ଧ୍ୱ ସମୟ ଧରି ଘମାଘୋଟ ଲଢ଼େଇ ପରେ ଏପ୍ରିଲ ୮ରେ ୨ ସପ୍ତାହର ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିଲା। ଏହି ଅବଧି ଆସନ୍ତା ୨୨ରେ ଶେଷ ହେବାକୁ ଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅସ୍ତ୍ରବିରତି ଅବଧି ଆଉ ବଢ଼ାଇବାକୁ ଚାହୁଁ ନ ଥିବା ଦୋହରାଉଛନ୍ତି। ତାଙ୍କ ମତରେ ଏପ୍ରିଲ ୨୨ ପୂର୍ବରୁ ଇରାନ୍ ଆମେରିକା ସହ ଡିଲ୍ କରୁ। ନଚେତ୍ ପୁନର୍ବାର ଆକ୍ରମଣର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହୁ। ଇତିମଧ୍ୟରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଶୁକ୍ରବାର ଖୋଲିଦେଇଥିବା ଇରାନ୍ ଘୋଷଣା କରିଥିଲା। କିନ୍ତୁ ଆମେରିକାର ପ୍ରତିକୂଳ ଆଭିମୁଖ୍ୟ ଦେଖି ତେହରାନ୍ ପୁଣି ନିଷ୍ପତ୍ତି ବଦଳାଇଛି। ଇରାନୀୟ ବନ୍ଦରଗୁଡ଼ିକରେ ଆମେରିକୀୟ ନୌସେନା ଅବରୋଧ ନ ହଟାଇବା ପର୍ଯ୍ୟନ୍ତ ହର୍ମୁଜ ଜଳପଥରେ ଜାହାଜ ଚଳାଚଳ ସ୍ୱାଭାବିକ ହେବାକୁ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛି। ଏଭଳି ସ୍ଥିତିରେ ଇରାନ୍‌ରେ ଗଚ୍ଛିତ ଥିବା ସମୃଦ୍ଧିତ ୟୁରାନିୟମ୍‌କୁ ଆମେରିକା ହାତେଇବାକୁ ଚାହୁଁଛି। ତେହରାନ୍ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିବା ସହ ୱାଶିଂଟନ୍‌କୁ ୟୁରାନିୟମ୍ ହସ୍ତାନ୍ତର କରାଯିବ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇଦେଇଛି। ଫଳରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାକୁ ନେଇ ସ୍ପଷ୍ଟତା ଦେଖାଯାଉନାହିଁ। ଏଭଳି ସମୟରେ ପାକିସ୍ତାନ କିନ୍ତୁ ସମ୍ଭାବ୍ୟ ଶାନ୍ତି ଆଲୋଚନା ପାଇଁ ଜୋର୍‌ଦାର ଉଦ୍ୟମ ଚଳାଇଛି। ଏପ୍ରିଲ ୧୧ ଓ ୧୨ରେ ଇସ୍‌ଲାମାବାଦ ଆଲୋଚନାରୁ କିଛି ନିଷ୍କର୍ଷ ବାହାରି ନ ଥିବାରୁ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାକୁ ସଫଳ କରିବାକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଓ ସର୍ବୋଚ୍ଚ ସାମରିକ ଅଧିକାରୀ ଫିଲ୍ଡ ମାର୍ଶାଲ ଆସିମ ମୁନିର କୂଟନୈତିକ ଉଦ୍ୟମକୁ ତ୍ୱରାନ୍ୱିତ କରିଛନ୍ତି। ଦ୍ୱୈତ ନଗରୀ ଇସ୍‌ଲାମାବାଦ ଓ ରାୱଲପିଣ୍ଡିରେ ପ୍ରଶାସନ ତଥା ସେନା ପକ୍ଷରୁ କଡ଼ା ସୁରକ୍ଷା ବନ୍ଦୋବସ୍ତ ସହ ବ୍ୟାପକ ପ୍ରସ୍ତୁତି ଜଣାଇ ଦେଉଛି ଯେ, ଏଥର କିଛି ଗୋଟିଏ ଚୂଡ଼ାନ୍ତ ହେବାକୁ ଯାଉଛି।**

## ୨୨ରେ ସରୁଛି ଅସ୍ତ୍ରବିରତି



ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଅଚଳାବସ୍ଥା ଲାଗି ରହିଥିବାବେଳେ ଓମାନ୍‌ସ୍ଥିତ ମୁସାନ୍‌ଦମ୍ ଉପକୂଳରେ ଜାହାଜ ଓ ତୈଳ ଟ୍ୟାଙ୍କର ଫସିରହିଛି।

**ଦୁବାଇ/ୱାଶିଂଟନ/ଇସ୍‌ଲାମାବାଦ, ୧୯।୪(ଏ.ପି./ରଏଟର୍ସ)**

ଆମେରିକା-ଇରାନ୍ ଅସ୍ତ୍ରବିରତି ଅବଧି ଶେଷ ହେବାକୁ ବସିଲାଣି। ତେଣୁ ଇସ୍‌ଲାମାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ ପାକିସ୍ତାନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଆଲୋଚନା କେବେ ହେବ ସେନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନ ଥିଲେ ମଧ୍ୟ ଦୁଇପକ୍ଷ ମଧ୍ୟରେ ଯୁଦ୍ଧ ଶେଷ ପାଇଁ ଚୂଡ଼ାନ୍ତ ଚୁକ୍ତି ଲାଗି ପାକିସ୍ତାନର କୂଟନୈତିକ ପ୍ରୟାସ ଜାରି ରହିଛି। ଏପ୍ରିଲ ୧୫ରୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ସାଉଦି ଆରବ ପରେ କାତାର ଓ ତୁର୍କୀ ଗସ୍ତ କରିଥିବାବେଳେ ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍ (ସିଡିଏଫ୍) ଫିଲ୍ଡ ମାର୍ଶାଲ ଆସିମ ମୁନିର ଇରାନ୍‌ରେ ୩ ଦିନ ଅବସ୍ଥାନ କରିଥିଲେ। ଆମେରିକା-ଇରାନ୍ ଯୁଦ୍ଧର ସ୍ଥାୟୀ ସମାଧାନ ଥିଲା ଉଭୟ ଶରିଫ୍ ଓ ମୁନିରଙ୍କ ଗସ୍ତର ଉଦ୍ଦେଶ୍ୟ। ଉଭୟେ ଫେରିବା ପରେ ପାକିସ୍ତାନ ମଧ୍ୟସ୍ଥତାରେ ପୁଣି ହେବାକୁ ଥିବା ଶାନ୍ତି ଆଲୋଚନା ଉପରେ ବିଶ୍ୱ ସମୁଦାୟର ଧ୍ୟାନ କେନ୍ଦ୍ରୀଭୂତ ହୋଇଛି।

ଇସ୍‌ଲାମାବାଦରେ ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ବିଦେଶୀ ପ୍ରତିନିଧିଙ୍କ ଆଗମନକୁ ଦୃଷ୍ଟିରେ ରଖି ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଇସ୍‌ଲାମାବାଦରେ ସମ୍ଭାବ୍ୟ ଆଲୋଚନା ପୂର୍ବରୁ ରାଜଧାନୀ ସଂଲଗ୍ନ ସାମରିକ ସହର ରାୱଲପିଣ୍ଡିରେ ସୁରକ୍ଷା ପାଇଁ ୬୦୦ ଚେକ୍‌ପଏଣ୍ଟ ପ୍ରତିଷ୍ଠା କରାଯାଇଥିବାବେଳେ ୧୦,୦୦୦ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିବା ଏକ୍ସପ୍ରେସ୍ ଟ୍ରିବ୍ୟୁନ୍‌ରେ ରିପୋର୍ଟ ପ୍ରକାଶ ପାଇଛି। ନୁର୍ ଖାନ୍ ଏୟାରବେସ୍ ଓ ଇସ୍‌ଲାମାବାଦ ଅନ୍ତର୍ଜାତୀୟ ବିମାନବନ୍ଦର ଆଖପାଖ ସମ୍ବେଦନଶୀଳ ଅଞ୍ଚଳକୁ ରବିବାର ମଧ୍ୟରାତ୍ରିରୁ ବନ୍ଦ ଘୋଷଣା କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍ ସହ ଚୁକ୍ତିରେ ସ୍ୱାକ୍ଷର କରିବା ପାଇଁ ପାକିସ୍ତାନ ଯାଇପାରନ୍ତି ବୋଲି ପୂର୍ବରୁ କହିଥିବାରୁ ରାୱଲପିଣ୍ଡି ସାମରିକ ଅଧିକାରୀମାନେ ନିରାପତ୍ତା କ୍ଷେତ୍ରରେ କୌଣସି ତ୍ରୁଟିବିଚ୍ୟୁତି ଘଟିବାକୁ ଦେବେ ନାହିଁ। ଏପରି କି ରାୱଲପିଣ୍ଡି ଆକାଶରେ ଡ୍ରୋନ୍ ଉଡ଼ାଣ ଏବଂ ଏରିଅଲ ଫାୟାରିଂ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। ଭାରି ପରିବହନ ଓ ସାଧାରଣ ପରିବହନକୁ ଅନ୍ୟାଦେଶ ଜାରି ହେବା ପର୍ଯ୍ୟନ୍ତ ବନ୍ଦ କରାଯାଇଥିବା ଇସ୍‌ଲାମାବାଦ ଜିଲା କମିଶନର Xରେ ସୂଚନା ଦେଇଛନ୍ତି। ରାୱଲପିଣ୍ଡିରେ ମଧ୍ୟ ଅନୁରୂପ ପଦକ୍ଷେପ ନିଆଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଉଭୟ ସହରର ଉଚ୍ଚଶିକ୍ଷାନୁଷ୍ଠାନ ଓ ୟୁନିଭର୍ସିଟିଗୁଡ଼ିକୁ ଛୁଟି କରାଯାଇଛି। ଏପରି କି ଆମେରିକା-ଇରାନ୍ ଆଲୋଚନା ପୂର୍ବରୁ ପରୀକ୍ଷାଗୁଡ଼ିକୁ ମଧ୍ୟ ସ୍ଥଗିତ ରଖାଯାଇଛି। ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସୋମବାର ସନ୍ଧ୍ୟାରେ ଇସ୍‌ଲାମାବାଦରେ ପହଞ୍ଚିବେ ବୋଲି ଟ୍ରମ୍ପ ସୂଚନା ଦେଇଛନ୍ତି। ରାୱଲପିଣ୍ଡି ସିଟି ପୋଲିସ ଅଫିସର ସୟେଦ ଖାଲିଦ୍ ମେହମୁଦ୍ ହମ୍‌ଦାନି ଫୁଲ୍‌ପ୍ରୁଫ୍ ସିକ୍ୟୁରିଟି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।




ଆମେରିକା-ଇରାନ୍ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପୂର୍ବରୁ ରବିବାର ଇସ୍‌ଲାମାବାଦର ଫୈଜାଲ ମସ୍‌ଜିଦ ନିକଟ ରାସ୍ତାରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ ଚାଲିଛି।

## ଇଟାଲୀରେ ୨ ଭାରତୀୟଙ୍କୁ ଗୁଳିକରି ହତ୍ୟା

**ରୋମ୍,୧୯।୪**

ଇଟାଲୀର ବେର୍ଗାମୋ ପ୍ରଦେଶ ଅନ୍ତର୍ଗତ କୋଭୋସ୍ଥିତ ଏକ ଗୁରୁଦ୍ୱାରା ବାହାରେ ୨ ଜଣ ଭାରତୀୟଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଗତ ଶୁକ୍ରବାର ମଧ୍ୟରାତ୍ରର କିଛି ସମୟ ପୂର୍ବରୁ ବୈଶାଖୀ ଉତ୍ସବ ଅବସରରେ ଗୁରୁଦ୍ୱାରା ମାତା ସାହିବ କୌର୍‌ଜୀ ସମ୍ମୁଖ ଉପାସନା ସ୍ଥଳ ଭାବେ ବ୍ୟବହୃତ ଏକ ଗୋଦାମ ଘରୁ ୨ ଭାରତୀୟ ବାହାରୁଥିବାବେଳେ ଆକ୍ରମଣ ହୋଇଥିଲା ବୋଲି ସ୍ଥାନୀୟ ଖବରକାଗଜ ପ୍ରକାଶ କରିଛି। ମୃତକ ହେଲେ କୋଭୋ ବାସିନ୍ଦା ରାଜିନ୍ଦର ସିଂ(୪୮) ଏବଂ ଆଗନାଡେଲୋ ବାସିନ୍ଦା ଗୁରମିତ ସିଂ(୪୮)। ଆକ୍ରମଣକାରୀମାନେ ଗୁଳି ଚଳାଇ କାର୍‌ରେ ଫେରାର ହୋଇଯାଇଥିଲେ। ତଦନ୍ତବେଳେ ଘଟଣାସ୍ଥଳରୁ ୧୦ଟି ଖୋଖା ମିଳିଥିବାବେଳେ ଏହା ଏକ ଯୋଜନାବଦ୍ଧ ଆକ୍ରମଣ ବୋଲି ସନ୍ଦେହ କରାଯାଉଛି। ଆକ୍ରମଣକାରୀ ଜଣେ ଭାରତୀୟ ଓ ସେ ବହୁ ସମୟରେ ଗୁରୁଦ୍ୱାରା ଆସିଥାନ୍ତି ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## ଆୟାତୋଲ୍ଲା ଖାମେନେଇଙ୍କୁ ଏଯାଏ କବର ଦିଆଯାଇନାହିଁ

**ବିରୁଧୁନଗର,୧୯।୪**

ଗତ ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲୀ ସେନାର ମିଳିତ ଆକ୍ରମଣରେ ଇରାନର ତତ୍କାଳୀନ ସୁପ୍ରିମ ଲିଡର ୮୬ ବର୍ଷୀୟ ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ଘଟିଥିଲା। ଇତିମଧ୍ୟରେ ଦେଢ଼ ମାସରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ମୃତ ସୁପ୍ରିମ ଲିଡରଙ୍କ ମରଶରୀରକୁ ଏପର୍ଯ୍ୟନ୍ତ କବର ଦିଆଯାଇନାହିଁ। ସର୍ବସାଧାରଣରେ ବୃହତ୍ ଶେଷକୃତ୍ୟ ଆୟୋଜନ କରିବାରେ ଇରାନୀୟ ଅଧିକାରୀମାନେ ସୁରକ୍ଷାକୁ ନେଇ ଆଶଙ୍କା କରୁଛନ୍ତି।

ମାର୍ଚ୍ଚ ୪ରୁ ୩ଦିନିଆ ରାଷ୍ଟ୍ରୀୟ ଶେଷକୃତ୍ୟ ପାଇଁ ଇରାନ୍ ପ୍ରଥମେ ଯୋଜନା କରିଥିଲା। ସେତେବେଳେ ଆମେରିକା ଏବଂ ଇସ୍ରାଏଲୀ ସୈନ୍ୟ ଜୋର୍‌ଦାର ବୋମାମାଡ଼ ଜାରି ରଖିଥିବାରୁ ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଅନ୍ତ୍ୟେଷ୍ଟିକ୍ରିୟାରେ ଅଭୂତପୂର୍ବ ଜନସମାଗମ ହେବାକୁ ଥିବାରୁ



ଏହାକୁ ବିଳମ୍ବିତ କରାଯାଇଥିଲା। ଇରାନ ଏବେ ବଡ଼ ଉତ୍ସବ ଆୟୋଜନ କରିବା ସ୍ଥିତିରେ ନାହିଁ। ଶାସନ ବ୍ୟବସ୍ଥା ଏତେ ଦୁର୍ବଳ ଓ ଭୟଭୀତ ଯେ, ସେମାନେ ବଡ଼ ଧରଣର କାର୍ଯ୍ୟକ୍ରମ କରିବାକୁ ସାହସ କରୁନାହାନ୍ତି ବୋଲି ଆମେରିକୀୟ ବିଶ୍ଳେଷକ ବେହନାମ ତାଲେବ୍ଲୁ କହିଛନ୍ତି।

# ୨ ଯାଆଁଳା ଝିଅଙ୍କୁ ଗଳାକାଟି ହତ୍ୟା, ଧରାଦେଲେ ବାପା

**କାନପୁର,୧୯।୪**

ଉତ୍ତରପ୍ରଦେଶର କାନପୁରରେ ଜଣେ ୪୮ ବର୍ଷୀୟ ବ୍ୟକ୍ତି ତାଙ୍କ ୧୧ ବର୍ଷର ୨ ଯମଜ ଝିଅଙ୍କ ଗଳାକାଟି ହତ୍ୟା କରିବା ପରେ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମେଡିକାଲ ରିପ୍ରେଜେଣ୍ଟେଟିଭ୍ ଭାବେ କାର୍ଯ୍ୟ କରୁଥିବା ଅଭିଯୁକ୍ତ ଶଶୀରଞ୍ଜନ ମିଶ୍ରା ୨ ଝିଅଙ୍କୁ ହତ୍ୟା କରିଥିବା ପୋଲିସକୁ ଡାକି କହିଥିଲେ। ଶଶୀଙ୍କ ଘର ବିହାର ହୋଇଥିବାବେଳେ ସେ ତାଙ୍କ ସ୍ତ୍ରୀ ରେଶମା, ୨ ଯାଆଁଳା ଝିଅ ରିଦ୍ଧି ଓ ସିଦ୍ଧି ଏବଂ ୬ ବର୍ଷର ପୁଅ ସହ କାନପୁରରେ ରହୁଥିଲେ। ସ୍ତ୍ରୀଙ୍କ ପରକୀୟା ପ୍ରୀତି ରହିଥିବା ନେଇ ଶଶୀ ସନ୍ଦେହ କରିଆସୁଥିଲେ। ରେଶମାଙ୍କ କହିବା ଅନୁଯାୟୀ, ଶଶୀ ବିଚଳିତ ରହିବା ସହ ଘର ଭିତରେ ଅନେକ ସିସିଟିଭି କ୍ୟାମେରା ଲଗାଇଥିଲେ। ସେ ରେଶମାଙ୍କୁ ତାଙ୍କ ଝିଅମାନଙ୍କ ପ୍ରକୋଷ୍ଠରେ ପୂରାଇ ଦେଉ ନ ଥିଲେ। ଶନିବାର ରାତିରେ ଖାଇସାରିବା ପରେ ଶଶୀ ୨ ଝିଅଙ୍କୁ ନେଇ ଶୋଇବାକୁ ଯାଇଥିଲେ। ରାତି ସାଢ଼େ ୨ଟା ବେଳେ ସେ ଜଣେ ଝିଅଙ୍କୁ ନେଇ ୱାଶରୁମ୍ ଯାଇଥିଲେ। ପରେ ରୁମ୍‌କୁ ଫେରିଆସି ଲାଇଟ୍ ଲିଭାଇ ଦେଇଥିଲେ। ଏହାର ୨ ଘଣ୍ଟା ପରେ ସେ ପୋଲିସ ଜରୁରୀ ସେବା ନମ୍ବରରେ ଫୋନ୍ କରି ଡାକିବା ସହ ୨ ଝିଅଙ୍କୁ ହତ୍ୟା କରିଥିବା କହିଥିଲେ।



ଶଶିରଞ୍ଜନ ମିଶ୍ରା ଓ ୨ ଯାଆଁଳା ଝିଅ।

# ୧୨ କଲରାପତରିଆ 'ନରଖାଦକ' ଅଭିଯୋଗମୁକ୍ତ

## ଡିଏନ୍ଏ ପରୀକ୍ଷା କରାଇଥିଲା ବନ ବିଭାଗ

**ଡେରାଡୁନ୍,୧୯।୪**

ଉତ୍ତରାଖଣ୍ଡ ବନ ବିଭାଗ ୧୨ କଲରାପତରିଆ ବାଘଙ୍କୁ 'ନରଖାଦକ' ଅଭିଯୋଗରୁ ମୁକ୍ତ କରିଛି। ମଣିଷ ମାରି ଖାଇଥିବା ଅଭିଯୋଗ ପରେ ବାଘଗୁଡ଼ିକୁ ବର୍ଷେ ହେଲା ପିଞ୍ଜରାରେ ରଖାଯାଇଥିଲା। ତେବେ ସ୍ଥାନୀୟ ଲୋକଙ୍କ ଉପରେ ମରଣାନ୍ତକ ଆକ୍ରମଣ ପାଇଁ ସେମାନେ ଦାୟୀ ନୁହନ୍ତି ବୋଲି ଫୋରେନ୍‌ସିକ୍ ତଦନ୍ତରୁ ସ୍ପଷ୍ଟ ହୋଇଛି।

ଲୋକଙ୍କ ଉପରେ ଆକ୍ରମଣ କରୁଥିବା ଅଭିଯୋଗ ପରେ ୧୨ କଲରାପତରିଆଙ୍କୁ ଉତ୍ତରାଖଣ୍ଡର



ବିଭିନ୍ନ ବିବାଦୀୟ ଜୋନ୍‌ରୁ ଧରାଯାଇ ଆଲମୋରାସ୍ଥିତ ଏନ୍‌ଟିଡି ଉଦ୍ଧାର କେନ୍ଦ୍ରରେ ପର୍ଯ୍ୟବେକ୍ଷଣ ଓ ବିଜ୍ଞାନସମ୍ମତ ପରୀକ୍ଷା ପାଇଁ ରଖାଯାଇଥିଲା। ବଣ୍ୟପ୍ରାଣୀ-ମଣିଷ ଲଢ଼େଇ ସ୍ଥାନରୁ ସଂଗୃହୀତ ଡିଏନ୍ଏ ନମୁନାର ପିଞ୍ଜରାରେ ଥିବା ୧୨ କଲରାପତରିଆଙ୍କ ସହ ମେଳ ଖାଇ ନ ଥିବା ଲାବରେଟୋରି ପରୀକ୍ଷାରୁ ଜଣାପଡ଼ିଛି। ରିପୋର୍ଟ ଆସିବା ପରେ ବନ ବିଭାଗ ଉକ୍ତ କଲରାପତରିଆଙ୍କୁ ମୁକ୍ତ କରିଦେଇଛି। ଏହି ୧୨ ବାଘ ଦୋଷ ନ କରି ସେମାନଙ୍କ ପ୍ରାକୃତିକ ବାସସ୍ଥାନରୁ ଦୂରେଇ ରହି ବର୍ଷେ ହେଲା ରେସ୍କ୍ୟୁ ସେଣ୍ଟରରେ ଦଣ୍ଡ ଭୋଗିଲେ ବୋଲି ଜଣେ ବନ ଅଧିକାରୀ କହିଛନ୍ତି।




# କେକେଆର୍‌କୁ ଜିତାଇଲେ ରିଙ୍କୁ

**କୋଲକାତା,୧୯।୪**

ସ୍ପିନରଙ୍କ ଯାଦୁଗରି ବୋଲିଂ ପରେ ରିଙ୍କୁ ସିଂଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ରବିବାର ଅପରାହ୍ନରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍)କୁ ୪ ଉଇକେଟରେ ପରାସ୍ତ କରିଛି। ଏହା କୋଲକାତା ପାଇଁ ସପ୍ତମ ମ୍ୟାଚ୍‌ରେ ପ୍ରଥମ ବିଜୟ ହୋଇଥିବା ବେଳେ ରାଜସ୍ଥାନ ଲାଗି ଷଷ୍ଠ ମ୍ୟାଚ୍‌ରେ ଦ୍ୱିତୀୟ ପରାଜୟ। ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଆଲାନ ବର୍ଡର ଐତିହାସିକ ଇଡେନ ଗାର୍ଡେନ୍ସ ବେଲ ବଜାଇ ଏହି ମ୍ୟାଚ୍ ଆରମ୍ଭ କରିଥିଲେ। ଏହି ଅବସରରେ ପୂର୍ବତନ ଭାରତୀୟ ଅଧିନାୟକ ତଥା କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ମୁଖ୍ୟ ସୌରଭ ଗାଙ୍ଗୁଲି ଉପସ୍ଥିତ ଥିଲେ।

ଟସ୍ ଜିତି ବ୍ୟାଟିଂ କରିଥିବା ରାଜସ୍ଥାନକୁ ଯଶସ୍ୱୀ ଜୟସ୍ୱାଲ ଓ ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ପାୱାରପ୍ଲେରେ ୬୩ ରନ କରିବା ସହ ପ୍ରଥମ ଉଇକେଟରେ ୮.୪ ଓଭରରେ ୮୧ ରନ ଯୋଡ଼ିଥିଲେ। ବୈଭବ ୨୮ ବଲରେ ୪୬ (୬ ଚୌକା ଓ ୨ ଛକା) ଓ ଜୟସ୍ୱାଲ ୨୯ ବଲରେ ୩୯ (୪ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିଲେ। ଦୁଇ ଓପନର ଆଉଟ୍ ହେବା ସହ କୋଲକାତାର ସ୍ପିନରଙ୍କ ସମ୍ମୁଖରେ ରାଜସ୍ଥାନର ବ୍ୟାଟିଂ ଲାଇନ୍ ତାସଘର ଭଳି ଭୁଶୁଡ଼ି ପଡ଼ିଥିଲା। ଫଳରେ ରାଜସ୍ଥାନ ୨୦ ଓଭରରେ ୯ ଉଇକେଟ ହରାଇ ୧୫୫ ରନ କରିପାରିଥିଲା। କୋଲକାତା ପାଇଁ ବରୁଣ ଚକ୍ରବର୍ତ୍ତୀ (୩/୧୪) ଓ ସୁନୀଲ ନାରିନ (୨/୨୬)ଙ୍କ ସ୍ପିନ ଯୋଡ଼ି ୫ ଉଇକେଟ ନେଇଥିବା ବେଳେ କାର୍ତ୍ତିକ ତ୍ୟାଗୀ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କେକେଆର ଆରମ୍ଭରୁ ଦୁଇ ଓପନର ଟିମ୍ ସିଫର୍ଟ ଓ ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କ ଉଇକେଟ ହରାଇଥିଲା। କ୍ରମାଗତ ଉଇକେଟ ପତନ ଘଟିବାରୁ କେକେଆର ଏକଦା ୧୩.୩ ଓଭର ସୁଦ୍ଧା ୮୫ ରନରେ ୬ ଉଇକେଟ ହରାଇ ପରାଜୟ ଆଡ଼େ ମୁହାଁଇଥିଲା। ଏଭଳି ପରିସ୍ଥିତିରେ ଅନୁକୂଳ ରୟ ଓ ରିଙ୍କୁ ସିଂ ଅବିଭାଜିତ ସପ୍ତମ ଉଇକେଟରେ ୩୭ ବଲରେ ୭୬ ରନ ଯୋଡ଼ି ଦଳକୁ ଜିତାଇଥିଲେ। ରିଙ୍କୁ ୩୪ ବଲରେ ୫୩ (୫ ଚୌକା ଓ ୨ ଛକା) ଓ ଅନୁକୂଳ ୧୬ ବଲରେ ୨୯ (୧ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ। ରାଜସ୍ଥାନ ପାଇଁ ରବୀନ୍ଦ୍ର ଜାଡେଜା ୨ ଉଇକେଟ ନେଇଥିଲେ।




ବରୁଣ ଚକ୍ରବର୍ତ୍ତୀ ଓ ରିଙ୍କୁ ସିଂ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୧୫୫/୯(ବୈଭବ ସୂର୍ଯ୍ୟବଂଶୀ–୪୬, ଯଶସ୍ୱୀ ଜୟସ୍ୱାଲ–୩୯, ବରୁଣ ଚକ୍ରବର୍ତ୍ତୀ–୩/୧୪, କାର୍ତ୍ତିକ ତ୍ୟାଗୀ–୩/୨୨, ସୁନୀଲ ନାରିନ–୨/୨୬)। କୋଲକାତା ନାଇଟ୍ ରାଇଡର୍ସ: ୧୯.୪ ଓଭରରେ ୧୬୧/୬ (ରିଙ୍କୁ ସିଂ–୫୩*, ଅନୁକୂଳ ରୟ–୨୯*, ରବୀନ୍ଦ୍ର ଜାଡେଜା–୨/୮, ନାନ୍ଦ୍ରେ ବର୍ଗର–୧/୨୦)।

# ପଞ୍ଜାବର ବିଜୟ ଧାରା ଜାରି

**ମୁଲାନପୁର,୧୯।୪**

ପ୍ରିୟାଂଶ ଆର୍ଯ୍ୟ ଓ କୁପର କନୋଲୀଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ରବିବାର ରାତିରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି)କୁ ୫୪ ରନରେ ପରାସ୍ତ କରିଛି। ଏଥିସହିତ ପଞ୍ଜାବର ବିଜୟ ଧାରା ଜାରି ରହିଥିବା ବେଳେ ଏହା ଦଳର ଷଷ୍ଠ ମ୍ୟାଚ୍‌ରେ ପଞ୍ଚମ ବିଜୟ। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୫୪ ରନ କରିଥିଲା। ଦଳ ପାଇଁ କନୋଲୀ ୪୬ ବଲରେ ୮୭ (୮ ଚୌକା ଓ ୭ ଛକା) ଓ ପ୍ରିୟାଂଶ ୩୭ ବଲରେ ୯୩ (୪ ଚୌକା ଓ ୯ ଛକା) ରନ କରିଥିଲେ। ଦୁହେଁ ଦ୍ୱିତୀୟ ଉଇକେଟରେ ୮୦ ବଲରେ ୧୮୨ ରନ ଯୋଡ଼ିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍କସ ଷ୍ଟୋଇନିସ ୧୬ ବଲରେ ୨୯ (୨ ଲେଖାଏ ଚୌକା ଓ ଛକା) ଓ ଶଶାଙ୍କ ସିଂ ୧୭ (୧ ଚୌକା ଓ ୨ ଛକା) ରନ କରିଥିଲେ। ଜବାବରେ ଲକ୍ଷ୍ନୌକୁ ମିଚେଲ ମାର୍ଶ (୨୮ ବଲ, ୪୦ ରନ, ୩ ଚୌକା ଓ ୨ ଛକା) ଓ ଆୟୁଷ ବଦୋନୀ (୨୧ ବଲ, ୩୫ ରନ, ୫ ଚୌକା ଓ ୧ ଛକା) ୬ ଓଭରରେ ୬୧ ରନର ଆରମ୍ଭ ଦେଇଥିଲେ। ନଂ.୩ରେ ଆସିଥିବା ଅଧିନାୟକ ରିଷଭ ପନ୍ତ ୨୩ ବଲରେ ୪୩ (୧ ଚୌକା ଓ ୪ ଛକା) ରନ କରିଥିବା ବେଳେ ନିକୋଲାସ ପୁରନ (୯) ଫେଲ ମାରିଥିଲେ। ଶେଷ ଆଡ଼କୁ ଏଡେନ ମାରକ୍ରାମ (୪୨ ରନ, ୩ ଲେଖାଏ ଚୌକା ଓ ଛକା) ଓ ମୁକୁଲ ଚୌଧାରୀ (୨୧ ରନ, ୧ ଲେଖାଏ ଚୌକା ଓ ଛକା) ଚେଷ୍ଟା କରିଥିଲେ। ହେଲେ ତାହା ଦଳର ଯଥେଷ୍ଟ ହୋଇ ନ ଥିଲା। ଲକ୍ଷ୍ନୌ ୨୦ ଓଭରରେ ୫ ଉଇକେଟ ହରାଇ ୨୦୦ ରନ କରିଥିଲା।




ଶଟ୍ ଖେଳିବା ଅବସରରେ ପ୍ରିୟାଂଶ ଆର୍ଯ୍ୟ ଓ କୁପର କନୋଲୀ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୫୪/୭ (ପ୍ରିୟାଂଶ ଆର୍ଯ୍ୟ–୯୩, କୁପର କନୋଲୀ–୮୭, ମନିମାରନ ସିଦ୍ଧାର୍ଥ–୨/୩୫, ପ୍ରିନ୍ସ ଯାଦବ–୨/୨୫)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୨୦୦/୫ (ମିଚେଲ ମାର୍ଶ–୪୦, ରିଷଭ ପନ୍ତ–୪୩, ଆୟୁଷ ବଦୋନୀ–୩୫, ମାର୍କୋ ଜାନସେନ–୨/୩୭)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଗୁଜରାଟ
ବନାମ ମୁମ୍ବାଇ
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଭାରତୀୟ ନାଗରିକତ୍ୱକୁ ପ୍ରତ୍ୟାଖ୍ୟାନ କରିଥିଲେ ରଶିଦ୍

**ନୂଆଦିଲ୍ଲୀ,୧୯।୪(ପି.ଟି.)**

ଆଫଗାନିସ୍ତାନର ଷ୍ଟାର ଲେଗ୍ ସ୍ପିନର ରଶିଦ ଖାନ୍‌ଙ୍କୁ ଭାରତ ସମେତ ଦୁଇଟି ଦେଶରୁ ନାଗରିକତ୍ୱ ପ୍ରସ୍ତାବ ସହିତ ସେମାନଙ୍କ ପାଇଁ ଖେଳିବାର ସୁଯୋଗ ଦିଆଯାଇଥିଲା। ହେଲେ ରଶିଦ ଏହାକୁ ପ୍ରତ୍ୟାଖ୍ୟାନ କରିବା ସହ ନିଜ ଦେଶ ପ୍ରତି ବିଶ୍ୱସ୍ତ ରହିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଏକ ନୂଆ ପୁସ୍ତକରେ ଉଲ୍ଲେଖ ରହିଛି। ସୋମବାର ପ୍ରକାଶ ପାଇବାକୁ ଯାଉଥିବା ‘ରଶିଦ୍ ଖାନ୍: ରାସ୍ତାରୁ ଷ୍ଟାରଡମ ପର୍ଯ୍ୟନ୍ତ’ ନାମକ ପୁସ୍ତକରେ ଆଫଗାନିସ୍ତାନ ଅଲରାଉଣ୍ଡର ଲେଖକ ମହମ୍ମଦ ହାଣ୍ଡ ଜାଫରଙ୍କୁ ଉଭୟ ଭାରତ ଓ ଅଷ୍ଟ୍ରେଲିଆରୁ ନାଗରିକତ୍ୱ ପ୍ରସ୍ତାବ ଆସିଥିବା ପ୍ରକାଶ କରିଛନ୍ତି।

‘ମୋତେ ଭାରତ ଓ ଅଷ୍ଟ୍ରେଲିଆରୁ ନାଗରିକତ୍ୱ ଓ ଖେଳିବା ପ୍ରସ୍ତାବ ଆସିଥିଲା। କିନ୍ତୁ ସେମାନଙ୍କୁ ମୁଁ କହିଥିଲି ଯେ, ଯଦି ମୁଁ ମୋ ଦେଶ ପାଇଁ ନ ଖେଳେ, ତେବେ ଅନ୍ୟ କୌଣସି ଦେଶ ଲାଗି ଖେଳିବି ନାହିଁ’ ବୋଲି ଖାନ କହିଛନ୍ତି। ୨୦୨୩ ଆଇପିଏଲ୍ ସିଜନ ବେଳେ ଭାରତ ପକ୍ଷରୁ ନାଗରିକତ୍ୱ ପ୍ରସ୍ତାବ ପାଇଥିବା ରଶିଦ କହିଛନ୍ତି। ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସ ପାଇଁ ଖେଳୁଥିବା ବେଳେ ଭାରତୀୟ କ୍ରିକେଟ ବୋର୍ଡର ଉଚ୍ଚ ପଦାଧିକାରୀ ମୋତେ ଭେଟିବାକୁ ଚାହୁଁଥିବା ମୋ ଦଳର ଅଧିକାରୀ ମୋତେ କହିଥିଲେ। ମୁଁ ତାଙ୍କୁ ଭେଟିଥିଲି। ସେ ମୋତେ କହିଥିଲେ, ତୁମ ଦେଶରେ ପରିସ୍ଥିତି ଭଲ ନାହିଁ। ଭାରତରେ ଆସି ରୁହ। ଆମେ ତୁମକୁ ଭାରତୀୟ ନାଗରିକତ୍ୱ ଦେବୁ। ଏଠାରେ ରୁହ ଏବଂ କ୍ରିକେଟ ଖେଳ। ତାଙ୍କର ଏଭଳି ପ୍ରସ୍ତାବ ମୋତେ ଚକିତ କରିଥିଲା। କିନ୍ତୁ ମୁଁ ସେମାନଙ୍କୁ ଧନ୍ୟବାଦ୍ ଦେବା ସହ ମୋ ଦେଶ ପାଇଁ ଖେଳିବା ମୋତେ ପସନ୍ଦ ବୋଲି କହିଥିଲି।

# ଭାରତର ସୂରଜ ଚାନ୍ଦ ଫାଇନାଲରେ

**ସ୍କ୍ୱାଶ ପିଏସ୍‌ଏ ଚ୍ୟାଲେଞ୍ଜର ଟୁର୍**

**ଚେନ୍ନାଇ, ୧୯।୪ (ପି.ଟି)**

ଭାରତର ସୂରଜ କୁମାର ଚାନ୍ଦ ଏଠାରେ ଚାଲିଥିବା ଏଚ୍‌ସିଏଲ୍ ସ୍କ୍ୱାଶ ପିଏସ୍‌ଏ ଚ୍ୟାଲେଞ୍ଜର ଟୁର୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ସ୍ଥାନୀୟ ଇଣ୍ଡିଆ ସ୍କ୍ୱାଶ ଏକାଡେମୀରେ ରବିବାର ଖେଳାଯାଇଥିବା ଏକ ପୁରୁଷ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ଚାନ୍ଦ ୧୧–୮, ୧୧–୭, ୧୧–୬ରେ ହଂକଂର ୱେଲକ୍ ଟୁଁଙ୍କୁ ୧୧–୮, ୧୧–୭ ଓ ୧୧–୬ରେ ହରାଇ ଦେଇଛନ୍ତି। ବିଶ୍ୱର ୧୩୪ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଚାନ୍ଦ ବର୍ତ୍ତମାନ ୮ମ ସିଡ୍ ତଥା ଦକ୍ଷିଣ କୋରିଆର ଜେଅଙ୍ଗମିନ୍ ରିୟୁଙ୍କୁ ଭେଟିବେ। ଭାରତୀୟ ଖେଳାଳିଙ୍କର ଏହା ହେବ ୫ମ ପିଏସ୍‌ଏ ଟୁର୍ ଫାଇନାଲ। ରିୟୁ ୫ମ ସିଡ୍ ହଂକଂର ଆଣ୍ଡେସ ଲିଙ୍ଗ୍‌ଙ୍କୁ ୧୧–୧୩, ୧୧–୯, ୧୧–୩, ୧୩–୧୧ରେ ହରାଇ ଦେଇଛନ୍ତି।

# ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୬ | ୫ | ୦ | ୧ | ୧୧ | +୧.୪୨୦ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୪ | ୨ | ୦ | ୮ | +୧.୧୬୧ |
| ରାଜସ୍ଥାନ ରୟାଲ୍ସ | ୬ | ୪ | ୨ | ୦ | ୮ | +୦.୫୯୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୩ | ୩ | ୦ | ୬ | +୦.୫୬୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୩ | ୨ | ୦ | ୬ | +୦.୩୧୦ |
| ଗୁଜରାଟ ଟାଇଟନ୍ସ | ୫ | ୩ | ୨ | ୦ | ୬ | +୦.୦୧୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୨ | ୪ | ୦ | ୪ | –୦.୬୮୦ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୨ | ୪ | ୦ | ୪ | –୧.୧୬୩ |
| ନାଇଟ ରାଇଡର୍ସ | ୭ | ୧ | ୫ | ୧ | ୩ | –୦.୮୭୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୦ | ୨ | –୧.୦୭୬ |

# କେନ୍ଦୁଝରର ରୋମାଞ୍ଚକ ବିଜୟ

**୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

**କଟକ,୧୯।୪(କୁମାରଶ୍ରୀ)**

ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୬ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଏକ ମ୍ୟାଚରେ କେନ୍ଦୁଝର ରୋମାଞ୍ଚକ ସ୍ଥିତିରେ ବିଜୟ ହାସଲ କରିଛି। ଟାଙ୍ଗୀର ଡ୍ରିମ୍ସ ଗ୍ରାଉଣ୍ଡରେ ଏକ ଲୋସ୍କୋରିଂ ମ୍ୟାଚ୍‌ରେ କେନ୍ଦୁଝର ୯ରନରେ ବଲାଙ୍ଗୀରକୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦୁଝର ମାତ୍ର ୬୦ରନରେ ଅଲଆଉଟ ହୋଇଥିଲା। ଆଶୁତୋଷ ମହାନ୍ତ ସର୍ବାଧିକ ୧୯ରନ କରିଥିଲେ। ବଲାଙ୍ଗୀରର ଦିଲେଶ୍ୱର କଥାର ଏବଂ ପ୍ରିୟାଂଶୁ ସାହୁ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ମାତ୍ର ୬୧ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ବଲାଙ୍ଗୀର ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୫୧ରନରେ ଅଲଆଉଟ ହୋଇଥିଲା। ସିଦ୍ଧେଶ୍ୱର ବାଗ୍ (୧୮ରନ)ଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଅଧିକ ସମୟ କ୍ରିଜରେ ତିଷ୍ଠି ପାରିନଥିଲେ। ବିଜୟୀ କେନ୍ଦୁଝର ପକ୍ଷରୁ ଡାହାଣହାତୀ ମିଡିୟମ ପେସ ବୋଲର ଓମ୍‌ପ୍ରକାଶ ସେଠୀ ୨୪ରନ ବ୍ୟୟରେ ୬ଟି ଉଇକେଟ ଦଖଲ କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରବିବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡ଼ିକରେ ଭୁବନେଶ୍ୱର–ବି ୩୩ରନରେ ଝାରସୁଗୁଡାକୁ, ଭଦ୍ରକ ୭ ଉଇକେଟରେ କେନ୍ଦ୍ରାପଡାକୁ, ନୟାଗଡ ୧୪୫ରନରେ ବରଗଡକୁ, ପାରାଦୀପ ୭ ଉଇକେଟରେ ସୋନପୁରକୁ, କଳାହାଣ୍ଡି ୧୯୨ରନରେ ରାୟଗଡାକୁ ପରାସ୍ତ କରିଛି।



ଓମ୍‌ପ୍ରକାଶ ସେଠୀ




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ Business queries: <advt@dharitri.com>

ଧରିତ୍ରୀ 52 Years
ପୃଷ୍ଠା-୮+୮
DHARITRI
ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୦/୨୦୨୬ (୮+୮=୧୬ ପୃଷ୍ଠା) Bhubaneswar, Monday, April 20/2026 Page 16 ₹ 7.00
୫୨ଶ ଭାଗ ୧୪୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 145 ମୂଲ୍ୟ ₹୭/-

# 'ଓଡ଼ିଶା ପ୍ରତି ନିବେଶକଙ୍କ ବିଶ୍ୱାସ ବଢୁଛି'




ଖୋର୍ଦ୍ଧା-ଇନ୍‌ଫୋଭ୍ୟାଲିଠାରେ ସେମିକଣ୍ଡକ୍ଟର ସଂସ୍ଥା ଥ୍ରୀ-ଡି' ଗ୍ଲାସ୍ ସଲ୍ୟୁସନର ଶିଳାନ୍ୟାସ ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଥ୍ରୀ-ଡି' ଗ୍ଲାସ୍ ସଲ୍ୟୁସନର ପ୍ରେସିଡେଣ୍ଟ ଓ ସିଇଓ ବାବୁ ମନ୍ଦାବା ପ୍ରମୁଖ।

## ଥ୍ରୀ-ଡି' ଗ୍ଲାସ୍ ସଲ୍ୟୁସନ ପ୍ରକଳ୍ପର ଶିଳାନ୍ୟାସ

■ ନୂତନ ବିକାଶର ଯୁଗ ଆରମ୍ଭ ହୋଇଛି: କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ

ଭୁବନେଶ୍ୱର,୧୯।୪(ରବିନାରାୟଣ ଜେନା)

ଇଣ୍ଟେଲ, ଲକ୍‌ହିଡ ମାର୍ଟିନ ଓ ଆପ୍ଲାଏଡ୍ ମ୍ୟାଟେରିଆଲ୍ସ ପରି ବିଶ୍ୱସ୍ତରୀୟ ସଂସ୍ଥା ଥ୍ରୀ-ଡି' ଗ୍ଲାସ୍ ସଲ୍ୟୁସନ ସହ ଯୋଡ଼ିହେବା ଓଡ଼ିଶା ପ୍ରତି ବିଶ୍ୱରେ ବୃଦ୍ଧି ପାଉଥିବା ଭରସାର ପ୍ରମାଣ ଦେଉଛି। ଓଡ଼ିଶା ଏବେ ନିବେଶକମାନଙ୍କ ପ୍ରଥମ ପସନ୍ଦର ରାଜ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଖୋର୍ଦ୍ଧା-ଇନ୍‌ଫୋଭ୍ୟାଲିଠାରେ ସେମିକଣ୍ଡକ୍ଟର ସଂସ୍ଥା ଥ୍ରୀ-ଡି' ଗ୍ଲାସ୍ ସଲ୍ୟୁସନରି ଅତ୍ୟାଧୁନିକ ଗ୍ଲାସ୍ ସବ୍‌ଷ୍ଟ୍ରେଟ ପ୍ୟାକେଜିଂ ୟୁନିଟ୍ ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜିର ଦିନ କେବଳ ଓଡ଼ିଶା ପାଇଁ ନୁହେଁ, ଭାରତର ଟେକ୍ନୋଲୋଜିକାଲ ଲିଡରଶିପ୍ ଯାତ୍ରା ପାଇଁ ମଧ୍ୟ ଏକ ସ୍ମରଣୀୟ ମୁହୂର୍ତ୍ତ। ଏହି ପ୍ରକଳ୍ପ ଦେଶରେ ପ୍ରଥମ ଥର ପାଇଁ ଏକ ଆଡ୍‌ଭାନ୍ସଡ୍ ଥ୍ରୀ-ଡି' ☞ପୃଷ୍ଠା-୭

15001/21/2627

### ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଜୟ ଜଗନ୍ନାଥ !

କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀ, ବିଶେଷ କରି କୃଷକ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୃଷି କାର୍ଯ୍ୟର ଅୟମାରମ୍ଭ ହୋଇଥାଏ । ଏହି ପବିତ୍ର ତିଥିରେ ଆମ ଅନ୍ନଦାତା ଅକ୍ଷିମୁଠି ଅନୁକୂଳ କରି ଖେତରେ ସୁନାର ଫସଲ ଫଳାଇବା ପାଇଁ ସଂକଳ୍ପ ନେଇଥାନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଚଳିତ ବର୍ଷ ଅକ୍ଷିମୁଠି ଅନୁକୂଳ ଶୁଭଙ୍କର ହେଉ । ଓଡ଼ିଶା ମାଟି ଶସ୍ୟଶ୍ୟାମଳା ହେଉ । ପ୍ରତିଟି ଚାଷୀ ପରିବାର ହସଖୁସି ଓ ସମୃଦ୍ଧିରେ ଭରି ଉଠୁ, ଏହା ହିଁ ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0021

1001/16/2627

### ପବିତ୍ର ଅକ୍ଷୟ ତୃତୀୟା ଅବସରରେ

## ରାଜ୍ୟସ୍ତରୀୟ କୃଷକ ଦିବସ
ଏବଂ
## ସିଏମ୍ କିଷାନ ସହାୟତା ରାଶି ହସ୍ତାନ୍ତର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ମୁଖ୍ୟ ଅତିଥି**

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ





**ଗରିମାମୟ ଉପସ୍ଥିତି**

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ଭର୍ତ୍ତୃହରି ମହତାବ
ସାଂସଦ, କଟକ

ଶ୍ରୀ ବୈଜୟନ୍ତ ପଣ୍ଡା
ସାଂସଦ, କେନ୍ଦ୍ରାପଡ଼ା

ଡ଼ଃ. ବିଭୁ ପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର

ବିଧାୟକ ବୃନ୍ଦ, କଟକ ଜିଲ୍ଲା

୨୦ ଅପ୍ରେଲ ୨୦୨୬ । ସକାଳ ୯ ଘଟିକା । କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, ବିଦ୍ୟାଧରପୁର, କଟକ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-1001/1102/2/26-27/0001



ବିଏସ୍ଇ ସେନ୍ସେକ୍ସ
୭୮,୪୯୩ (+୫୦୪.୮୬)



୧ ଡଲାର = ୯୨.୬୦ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୮୩.୮୫ ଡଲାର

# ୧୦ ହଜାର ମେଟା କର୍ମଚାରୀଙ୍କ ଚାକିରି ସଙ୍କଟରେ

ନୂଆଦିଲ୍ଲୀ,୧୯।୪

ଫେସବୁକ୍ ଓ ଇନ୍ଷ୍ଟାଗ୍ରାମ କମ୍ପାନୀ ମେଟାରେ କର୍ମଚାରୀଙ୍କ ପାଇଁ ବହୁତ ଖରାପ ଖବର ଆସିଛି। କମ୍ପାନୀର ମାଲିକ ମାର୍କ ଜୁକରବର୍ଗ ଏବେ ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ଉପରେ ପୂରା ଧ୍ୟାନ ଦେଉଛନ୍ତି। ଏଥିପାଇଁ କମ୍ପାନୀ ୧୬ ହଜାର କର୍ମଚାରୀଙ୍କୁ ଚାକିରିରୁ ଛଟେଇ ଯୋଜନା କରୁଛି। ମେ ୨୦ ତାରିଖରୁ ପ୍ରଥମ ରାଉଣ୍ଡ ଛଟେଇ ଆରମ୍ଭ ହେବ। ଏହି ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୮ ହଜାର ଲୋକଙ୍କ ଚାକିରି ଯାଇପାରେ। ଏହା କମ୍ପାନୀର ମୋଟ କର୍ମଚାରୀଙ୍କ ମଧ୍ୟରୁ ୧୦% ହେବ। ବର୍ଷ ଶେଷ ସୁଦ୍ଧା ମୋଟ ୧୬ ହଜାର ଲୋକ ଚାକିରି ହରାଇପାରନ୍ତି। ଯେଉଁ କାମ ଏଆଇ କରିପାରିବ, ସେହି କର୍ମଚାରୀଙ୍କ ଚାକିରି ଯିବାର ଆଶଙ୍କା ସବୁଠୁ ଅଧିକ ଅଛି। କମ୍ପାନୀ ଏ ବିଷୟରେ ଏପର୍ଯ୍ୟନ୍ତ କିଛି ବିଧିବଦ୍ଧ ଘୋଷଣା କରିନାହିଁ । ମାତ୍ର ସାଧାରଣରେ ହେଉଥିବା ଚର୍ଚ୍ଚା ଅନୁସାରେ, କମ୍ପାନୀର ବରିଷ୍ଠ ଅଧିକାରୀମାନେ ଏବେ କେଉଁ କେଉଁ ଲୋକଙ୍କୁ ଛଟେଇ କରାଯିବ ତାହାର ତାଲିକା ପ୍ରସ୍ତୁତ କରୁଛନ୍ତି। ଅନ୍ୟପଟେ ଜୁକରବର୍ଗ ମେଟାକୁ ଏଆଇରେ ବଡ଼ କମ୍ପାନୀ କରିବାକୁ ଚାହୁଁଛନ୍ତି। ଏଥିପାଇଁ ଚଳିତ ବର୍ଷ କମ୍ପାନୀ ୧୩୫ ବିଲିୟନ ଡଲାର ଖର୍ଚ୍ଚ କରିବ। ଏହି ଟଙ୍କା ନୂଆ ଡାଟା ସେଣ୍ଟର, ଉନ୍ନତ ଚିପ୍ ଆଉ ଏଆଇ ସଫ୍ଟୱେର ତିଆରି କରିବାରେ ଲାଗିବ। ଏହା ପ୍ରଥମ ଥର ନୁହେଁ। ୨୦୨୨ ଓ ୨୦୨୩ ମସିହାରେ ମଧ୍ୟ ଜୁକରବର୍ଗ ୨୧ ହଜାର କର୍ମଚାରୀଙ୍କୁ ଚାକିରିରୁ ବାହାର କରିଥିଲେ। ଏବେ କମ୍ପାନୀରେ ମାନବ ସମ୍ବଳ ବଦଳରେ ଏଆଇ ଅଧିକ କାମ କରିବ। କେବଳ ମେଟା ନୁହେଁ, ପୂରା ଟେକ୍ ଇଣ୍ଡଷ୍ଟ୍ରିରେ ଏହି ପରିସ୍ଥିତି ଅଛି। ଆମାଜନ ସମ୍ପ୍ରତି ୩୦ ହଜାର ଲୋକଙ୍କୁ ଛଟେଇ କରିଛି। ଫିନଟେକ୍ କମ୍ପାନୀ ବ୍ଲକ୍ ମଧ୍ୟ ଏମିତି କରିଛି। ଚଳିତ ବର୍ଷ ଏପର୍ଯ୍ୟନ୍ତ ୯୫ଟି ବଡ଼ ଟେକ୍ କମ୍ପାନୀ ୭୩ ହଜାରରୁ ଅଧିକ ଲୋକଙ୍କୁ ନୌକରିରୁ ବିଦାୟ ଦେଇଛନ୍ତି। ଏଆଇ ଆସିବା ଯୋଗୁ ଟେକ୍ କର୍ମଚାରୀଙ୍କ ମଧ୍ୟରେ ଡର ଲାଗିଛି। ଲୋକମାନେ ଏବେ ନିଜର କାମ ଏଆଇ ସହ ଶିଖିବାକୁ ଚେଷ୍ଟା କରୁଛନ୍ତି।

# ନିଷ୍ଠା ହିଁ ଆଗ୍ରହକୁ ଦକ୍ଷତାରେ ପରିଣତ କରେ

**ନିଗମଜ୍ୟୋତି ପାଠୀ ହେଉଛନ୍ତି ଜଣେ ଦୂରଦର୍ଶୀ ଉଦ୍ୟୋଗୀ, ଯାହାଙ୍କର ପାକକଳା ପ୍ରତି ଥିବା ଗଭୀର ଭଲପାଇବା ଯୋଗୁ ମୟୂରଭଞ୍ଜର ବାରିପଦା ସହରରେ ଜନ୍ମନେଇଛି ଲୋକପ୍ରିୟ ରେଷ୍ଟୁରାଣ୍ଟ 'ନମସ୍ତେ ବାରିପଦା'। କୋଭିଡ୍ ମହାମାରୀର ଅନେକ ଚ୍ୟାଲେଞ୍ଜ ମଧ୍ୟରେ ପ୍ରତିଷ୍ଠାତା ନିଗମଜ୍ୟୋତି ଏବଂ ତାଙ୍କ ଭାଇ ରୋଷେଇ ପ୍ରତି ଥିବା ନିଜର ଆଗ୍ରହକୁ ଏକ 'କ୍ଲାଉଡ୍ କିଚେନ୍'ର ରୂପ ଦେଇଥିଲେ, ଯାହା ଲୋକଙ୍କ ସେବା କରିବାର ଏକ କ୍ଷୁଦ୍ର ପ୍ରୟାସ ଭାବେ ଆରମ୍ଭ ହୋଇଥିଲା। ତାହା ଆଜି ସ୍ଥାନୀୟ ସ୍ୱାଦ ଓ ଆଧୁନିକତାର ଏକ ପ୍ରତୀକ ସାଜିଛି । ସୁସ୍ୱାଦୁ ଖାଦ୍ୟ ପାଇଁ 'ନମସ୍ତେ ବାରିପଦା'କୁ ଏକ ପ୍ରସିଦ୍ଧ ଗନ୍ତବ୍ୟ ସ୍ଥଳରେ ପରିଣତ କରିଥିବା ନିଗମଜ୍ୟୋତିଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର....**



ନିଗମଜ୍ୟୋତି ପାଠୀ

ଧରିତ୍ରୀ | OrissaPOST BUSINESS EMINENCE AWARDS

**ପ୍ରଶ୍ନ–'ନମସ୍ତେ ବାରିପଦା' ଆରମ୍ଭ କରିବା ପଛରେ ଆପଣଙ୍କର ମୂଳ ଲକ୍ଷ୍ୟ କ'ଣ ଥିଲା ଏବଂ ଏହା କିପରି ବିକଶିତ ହେଲା?**

ଉତ୍ତର– ସତ କହିବାକୁ ଗଲେ, ଏହା କୌଣସି ବଡ଼ ଯୋଜନାରୁ ଆରମ୍ଭ ହୋଇ ନ ଥିଲା। କୋଭିଡ୍ ମହାମାରୀ ସମୟରେ ଆମର ପାରିବାରିକ ବ୍ୟବସାୟ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଥିଲା ଏବଂ ଆମକୁ ଏକ ନୂଆ ପନ୍ଥାର ଆବଶ୍ୟକତା ଥିଲା। ମୁଁ ଏବଂ ମୋ ଭାଇ ରୋଷେଇ କରିବା ଓ ଲୋକଙ୍କୁ ଖୁଆଇବାକୁ ସବୁବେଳେ ଭଲ ପାଉଥିଲୁ, ତେଣୁ ଏକ କ୍ଲାଉଡ୍ କିଚେନ ଆରମ୍ଭ କରିବା ଆମ ପାଇଁ ସ୍ୱାଭାବିକ ଥିଲା। ମୁଁ ପାରମ୍ପରିକ ଭାରତୀୟ ବ୍ୟଞ୍ଜନ ଉପରେ ଧ୍ୟାନ ଦେଇଥିବାବେଳେ ସେ ଚାଇନିଜ୍ ଖାଦ୍ୟରେ ବିଶେଷଜ୍ଞ ଥିଲେ। ଆମର ପୂର୍ବ ବ୍ୟବସାୟ ସହ ଜଡ଼ିତ ଲୋକଙ୍କ ସମର୍ଥନରେ ଆମ ଖାଦ୍ୟ ଧୀରେ ଧୀରେ ଲୋକପ୍ରିୟ ହେଲା ଏବଂ 'ନମସ୍ତେ ବାରିପଦା' ଆଜି ଏକ ବ୍ରାଣ୍ଡରେ ପରିଣତ ହୋଇଛି।

**ପ୍ରଶ୍ନ– ପ୍ରତିଯୋଗିତାମୂଳକ ବଜାରରେ ଆପଣ 'ନମସ୍ତେ ବାରିପଦା'କୁ କିପରି ସ୍ୱତନ୍ତ୍ର କରିପାରିଛନ୍ତି?**

ଉତ୍ତର– ପାରମ୍ପରିକ ସ୍ୱାଦ ସହିତ ଆଧୁନିକ ବ୍ୟଞ୍ଜନର ଠିକ୍ ମିଶ୍ରଣ ହିଁ ଆମକୁ ଅନ୍ୟମାନଙ୍କଠାରୁ ଅଲଗା କରେ। ଆମ କାର୍ଯ୍ୟ କେବଳ ଖାଦ୍ୟ ପରଷିଦେବା ନୁହେଁ, ବରଂ ଗ୍ରାହକଙ୍କୁ ଏକ ନିଆରା ଅନୁଭୂତି ଦେବା, ଯେଉଁଠି ସେମାନେ ପରିଚିତ ସ୍ୱାଦ ସହ କିଛି ନୂତନତ୍ୱ ପାଇପାରିବେ। ଆରମ୍ଭ ସମୟରେ ବାରିପଦାରେ ଅନେକ ପୁରୁଣା ରେଷ୍ଟୁରାଣ୍ଟ ଥିଲା, ତେଣୁ ନିଜର ପରିଚୟ ସୃଷ୍ଟି କରିବା ଏକ ବଡ଼ ଚ୍ୟାଲେଞ୍ଜ ଥିଲା। କିନ୍ତୁ ସମୟ ସହିତ ଆମ ଖାଦ୍ୟର ଗୁଣବତ୍ତା ନିଜେ କହିବା ଆରମ୍ଭ କଲା ଏବଂ ଲୋକଙ୍କ ପ୍ରଶଂସା ହିଁ ଆମର ସବୁଠାରୁ ବଡ଼ ଶକ୍ତି ସାଜିଲା।

**ପ୍ରଶ୍ନ– ଖାଦ୍ୟର ଗୁଣବତ୍ତା ବଜାୟ ରଖିବା ସହ ମୂଲ୍ୟ ନିର୍ଦ୍ଧାରଣ କ୍ଷେତ୍ରରେ ଆପଣ କିପରି ସନ୍ତୁଳନ ରକ୍ଷା କରନ୍ତି?**

ଉତ୍ତର– ବଜାରରେ ଦରଦାମ୍‌ର ଅନିଶ୍ଚିତତା ମଧ୍ୟରେ ମୂଲ୍ୟ ସନ୍ତୁଳିତ ରଖିବା ସବୁବେଳେ ଏକ ଆହ୍ୱାନ। ଆମେ କଟକ କିମ୍ବା ଭୁବନେଶ୍ୱର ପରି ବଡ଼ ସହରର ରେଷ୍ଟୁରାଣ୍ଟ ଭଳି ମୂଲ୍ୟ ରଖିପାରିବୁ ନାହିଁ, କାରଣ ଏହା ଆମ ସ୍ଥାନୀୟ ଗ୍ରାହକଙ୍କ ପାଇଁ ଉପଯୁକ୍ତ ହେବନାହିଁ। ସେହିପରି ଗୁଣବତ୍ତା ସହ ସାଲିସ କରିବା ଆମ ପାଇଁ ଅସମ୍ଭବ। ତେଣୁ, ଆମେ ଖାଦ୍ୟର ସାମଗ୍ରୀ ଓ ସ୍ୱାଦକୁ ଅକ୍ଷୁଣ୍ଣ ରଖି ବାରିପଦାର ଲୋକଙ୍କ ପାଇଁ ଏକ ସୁଲଭ ମୂଲ୍ୟ ଉପରେ ଗୁରୁତ୍ୱ ଦେଉ।

**ପ୍ରଶ୍ନ– ଆପଣଙ୍କର ଏହି ଯାତ୍ରା ଏପର୍ଯ୍ୟନ୍ତ କିପରି ରହିଛି? ଭବିଷ୍ୟତରେ ବ୍ୟବସାୟ ସମ୍ପ୍ରସାରଣ କିମ୍ବା ଫ୍ରାଞ୍ଚାଇଜ୍ ଦେବାର କିଛି ଯୋଜନା ଅଛି କି?**

ଉତ୍ତର– ଏହି ଯାତ୍ରାରେ ଅନେକ ଚ୍ୟାଲେଞ୍ଜ ଥିଲା, କିନ୍ତୁ ଏହା ଅତ୍ୟନ୍ତ ସନ୍ତୋଷଜନକ ରହିଛି। ଲୋକମାନେ ଆମ ଖାଦ୍ୟକୁ ପସନ୍ଦ କରି ବାରମ୍ବାର ଆସିବା ଦେଖିଲେ ଆମକୁ ପ୍ରେରଣା ମିଳେ। ବର୍ତ୍ତମାନ ଆମେ ବ୍ୟବସାୟକୁ ଅଧିକ ସ୍ଥାୟୀ କରିବା ସହ ସମ୍ପ୍ରସାରଣ ଓ ଫ୍ରାଞ୍ଚାଇଜ୍ ପାଇଁ ଯୋଜନା କରୁଛୁ। ଆମର ଲକ୍ଷ୍ୟ ହେଉଛି ଏହି ସ୍ୱାଦକୁ ସାରା ଦେଶର ଲୋକଙ୍କ ପାଖରେ ପହଞ୍ଚାଇବା। କିନ୍ତୁ ପ୍ରତିଟି ଆଉଟଲେଟ୍‌ରେ 'ନମସ୍ତେ ବାରିପଦା'ର ସେହି ଅସଲି ସ୍ୱାଦ ବଜାୟ ରଖିବା ଆମର ପ୍ରାଥମିକତା।

**ପ୍ରଶ୍ନ– ଜଣେ ଉଦ୍ୟୋଗୀ ଭାବେ ଆପଣ ଏହି କ୍ଷେତ୍ରକୁ କାହିଁକି ବାଛିଲେ? ନୂତନ ଭାବେ ଏହି ବ୍ୟବସାୟକୁ ଆସୁଥିବା ବ୍ୟକ୍ତିଙ୍କୁ ଆପଣ କ'ଣ ପରାମର୍ଶ ଦେବେ?**

ଉତ୍ତର– ଏହି କ୍ଷେତ୍ରକୁ ବାଛିଲି କାରଣ ମୁଁ ରୋଷେଇ କରିବା ଓ ଲୋକଙ୍କୁ ଖୁଆଇବାକୁ ହୃଦୟରୁ ଭଲ ପାଏ। ଏହା କେବଳ ଏକ ବ୍ୟବସାୟିକ ନିଷ୍ପତ୍ତି ନ ଥିଲା। ନୂଆ କରି ଏହି କ୍ଷେତ୍ରକୁ ଆସୁଥିବା ବ୍ୟକ୍ତିଙ୍କ ପାଇଁ ମୋର ପରାମର୍ଶ ହେଉଛି, ଆପଣ ଯେଉଁ କାମରେ ଭଲ ଏବଂ ଯାହା ପ୍ରତି ଆପଣଙ୍କର ଆଗ୍ରହ ଅଛି, ତାହାକୁ ହିଁ ବାଛନ୍ତୁ। ନିଷ୍ଠା ହିଁ ଆପଣଙ୍କ ଆଗ୍ରହକୁ ଦକ୍ଷତାରେ ପରିଣତ କରିପାରିବ। ଖାଦ୍ୟ ଶିଳ୍ପରେ ରହିବାକୁ ହେଲେ ନୂଆ ନୂଆ ଜିନିଷ ଶିଖିବା, ବିଭିନ୍ନ ପ୍ରକାର ଖାଦ୍ୟକୁ ବୁଝିବା ଏବଂ ଗ୍ରାହକଙ୍କ ପସନ୍ଦକୁ ଜାଣିବା ଅତ୍ୟନ୍ତ ଜରୁରୀ।

# ରାଜ୍ୟରେ ଚାଲିଛି ୯୦,୦୦୦ କୋଟିର ରେଳ ପ୍ରକଳ୍ପ

ଭୁବନେଶ୍ୱର,୧୯।୪(ଅନୁରାଧା ମହାରଣା)

## ଭୁବନେଶ୍ୱର ଷ୍ଟେଶନରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା



ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଓଡ଼ିଶା ଗସ୍ତରେ ଆସି ରବିବାର ଭୁବନେଶ୍ୱର ରେଳ ଷ୍ଟେଶନରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଭୁବନେଶ୍ୱର ରେଳ ଷ୍ଟେଶନରେ ଚାଲିଥିବା ପୁନଃବିକାଶ ଏବଂ ଆଧୁନିକୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ସେଠାରେ ସେ ଉନ୍ନତ ଯାତ୍ରୀ ସୁବିଧା ବୃଦ୍ଧି, ବର୍ଦ୍ଧିତ ସୁଗମତା, ଉନ୍ନତ ସର୍କୁଲେଶନ୍ ଏରିଆ ଏବଂ ଆଧୁନିକ, ବିମାନବନ୍ଦର ଭଳି ସୁବିଧା ସମେତ ଯାତ୍ରୀ କୈନ୍ଦ୍ରିକ ଉନ୍ନତୀକରଣର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଅବସରରେ ବୈଷ୍ଣବ ଯାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟର ଗତିକୁ ତ୍ୱରାନ୍ୱିତ କରିବା ଏବଂ ସମୟସୀମା ମଧ୍ୟରେ ସମାପ୍ତି ସୁନିଶ୍ଚିତ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଷ୍ଟେଶରେ ପୂର୍ବ ପାର୍ଶ୍ୱରେ ପ୍ରସ୍ତାବିତ ଏଲିଭେଟେଡ୍ କରିଡରର ସମୀକ୍ଷା କରି ଏହାର ଶୀଘ୍ର ସମାପ୍ତି ପାଇଁ ସମସ୍ତ ସମସ୍ୟାକୁ ପ୍ରାଥମିକତା ଦେଇ ସମାଧାନ କରିବାକୁ ଗୁରୁତ୍ୱାରୋପ କରିଥିଲେ। ପରେ ସେ ହେଟେରୋଜିନିଅସ୍ ଇଣ୍ଟିଗ୍ରେସନ୍ ପ୍ୟାକେଜିଙ୍ଗ ସଲ୍ୟୁସନ୍ସ (୩ଡି ଗ୍ଲାସ୍ ସଲ୍ୟୁସନ୍ସ) ନାମକ ଭାରତର ପ୍ରଥମ ଆଧୁନିକ ଗ୍ଲାସ୍ ସେମିକଣ୍ଡକ୍ଟର ପ୍ୟାକେଜିଂ ୟୁନିଟର ଭୂମିପୂଜନ ଅନୁଷ୍ଠାନରେ ଯୋଗଦେଇ ଓଡ଼ିଶାରେ ଚାଲିଥିବା ରେଳ ବିକାଶ କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ୯୦,୦୦୦ କୋଟିରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପଗୁଡ଼ିକ ବର୍ତ୍ତମାନ ରାଜ୍ୟ ସାରା କାର୍ଯ୍ୟକାରୀ ହେଉଛି, ଯାହା ରେଳ ଭିତ୍ତିଭୂମିର ଏକ ଐତିହାସିକ ପ୍ରସାରକୁ ପ୍ରତିଫଳିତ କରୁଛି। ସେ ଆହୁରି ଗୁରୁତ୍ୱାରୋପ କରିଥିଲେ ଯେ, ଓଡ଼ିଶା ରେଳ ବିକାଶ ପାଇଁ ୧୦,୯୨୮କୋଟିରୁ ଅଧିକ ରେକର୍ଡ ବଜେଟ୍ ଆବଣ୍ଟନ ପାଇଛି, ଯାହା ପୂର୍ବ ଦଶନ୍ଧିଗୁଡ଼ିକରେ ହାରାହାରି ଆବଣ୍ଟନ ତୁଳନାରେ ଯଥେଷ୍ଟ ଅଧିକ ଏବଂ ପ୍ରାୟ ୧୩ ଗୁଣ ଅଧିକ। ବିଶେଷକରି ଜୁନାଗଡ଼–ନବରଙ୍ଗପୁର–ଜୟପୁର–ମାଲକାନଗିରି–ଭଦ୍ରାଚଳମ କରିଡର ସହିତ ରେଳ ସଂଯୋଗୀକରଣକୁ ସୁଦୃଢ଼ କରିବା ନେଇ ଉଲ୍ଲେଖ କରିଥିଲେ, ଯାହା ଆଦିବାସୀ ଏବଂ ଆକାଂକ୍ଷୀ ଅଞ୍ଚଳଗୁଡ଼ିକୁ ଯୋଗାଯୋଗରେ ଯଥେଷ୍ଟ ଉନ୍ନତି ଆଣିବ।

# ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବଦଳି ଗୁଜବ

ଭୁବନେଶ୍ୱର,୧୯।୪(ଅନୁରାଧା ମହାରଣା)

ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବଦଳି ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନୂଆ ନିୟମ ଆଣିଥିବା ଗୁଜବ ସୃଷ୍ଟି ହୋଇଛି। ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ଏହି ଗୁଜବ ସୃଷ୍ଟି ହେବା ପରେ ଲୋକମାନେ ଚିନ୍ତାରେ ପଡ଼ିଛନ୍ତି। ମାତ୍ର ପ୍ରେସ୍ ଇନ୍‌ଫର୍ମେଶନ୍ ବ୍ୟୁରୋ (ପିଆଇବି) ଏହି ଦାବିର ସତ୍ୟତା ଯାଞ୍ଚ କରି ଏହାର ସ୍ୱଷ୍ଟତା ପ୍ରକାଶ କରିଛି। ସୋସିଆଲ୍ ମିଡିଆରେ ଏକ ଖବରର ସ୍କ୍ରିନସଟ୍ ଶେୟାର କରାଯାଉଛି। ଖବର ସହିତ ଆରବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ଫଟୋ ଓ ପୁରୁଣା ୫୦୦ ଟଙ୍କିଆ ନୋଟର ଚିତ୍ର ମଧ୍ୟ ଲଗାଯାଇଛି। ପିଆଇବି ଏହି ପୋଷ୍ଟର ସତ୍ୟାସତ୍ୟ ଯାଞ୍ଚ କରି ଏକ୍ସ'ରେ ଲେଖିଛି, ଏହି ଦାବି ସମ୍ପୂର୍ଣ୍ଣ ଭାବେ ମିଥ୍ୟା। ଆରବିଆଇ ଏପରି କୌଣସି ଘୋଷଣା କରିନାହିଁ। ଆର୍ଥିକ ନିୟମ ଓ ମୁଦ୍ରା ସମ୍ବନ୍ଧୀୟ ଘୋଷଣାର ଅପଡେଟ୍ ପାଇଁ ଆରବିଆଇର ଅଫିସିଆଲ୍ ୱେବସାଇଟ୍ ହିଁ ଏକମାତ୍ର ବିଶ୍ୱସନୀୟ ଉତ୍ସ ବୋଲି ଜନସାଧାରଣଙ୍କୁ ସତର୍କ କରାଯାଇଛି। ସୂଚନା ଥାଉକି, ୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେତେବେଳର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବନ୍ଦ କରିବା ଘୋଷଣା କରିଥିଲେ। ଆରବିଆଇ ପୁରୁଣା ୫୦୦ ଟଙ୍କିଆ ନୋଟ୍ ସ୍ଥାନରେ ନୂଆ ୫୦୦ ଟଙ୍କା ନୋଟ୍ ଛାପିଥିଲା। ଏକ ହଜାର ଟଙ୍କା ନୋଟ୍ ବଦଳରେ ୨୦୦୦ ଟଙ୍କା ନୋଟ୍ ଜାରି ହୋଇଥିଲା। ପରେ ଆରବିଆଇ ୨୦୦୦ ଟଙ୍କା ନୋଟ୍ ମଧ୍ୟ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ସେଗୁଡ଼ିକୁ ବଦଳି ବା ଜମା କରିବା ପ୍ରକ୍ରିୟା ଏବେ ସମାପ୍ତ ହୋଇସାରିଛି।

# ମାସକରେ ୧୭.୨୫ ଲକ୍ଷ ୫ କିଲୋଗ୍ରାମ ଏଫ୍‌ଟିଏଲ୍ ସିଲିଣ୍ଡର ବିକ୍ରି

ଭୁବନେଶ୍ୱର,୧୯।୪(ଅନୁରାଧା ମହାରଣା)



ହର୍ମୁଜ୍ ପ୍ରଣାଳୀ ସହିତ ଜଡ଼ିତ ପରିସ୍ଥିତି ପରିପ୍ରେକ୍ଷୀରେ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସାରା ଦେଶରେ ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଏଲପିଜିର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେଉଛି। ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏଲପିଜିର ମହଜୁଦ ଏବଂ କଳାବଜାର ରୋକିବା ପାଇଁ ସାରା ଦେଶରେ ଭୂରାଜନୈତିକ ପରିସ୍ଥିତି ଦ୍ୱାରା ଏଲପିଜି ଯୋଗାଣ ପ୍ରଭାବିତ ହେଉଛି। ଘରୋଇ ପରିବାରକୁ ଏଲପିଜି ଯୋଗାଣକୁ ପ୍ରାଥମିକତା ଦିଆଯାଇଛି। ଏଲପିଜି ବିତରକଙ୍କଠାରେ କୌଣସି ଡ୍ରାଏ–ଆଉଟ୍ ରିପୋର୍ଟ କରାଯାଇନାହିଁ। ଗତକାଲି ସମଗ୍ର ଶିଳ୍ପରେ ଅନଲାଇନ୍ ଏଲପିଜି ବୁକିଂ ପ୍ରାୟ ୯୮% ବୃଦ୍ଧି ପାଇଛି। କେନ୍ଦ୍ର ସରକାର ଜଣାଇଛନ୍ତି ଯେ ପ୍ରବାସୀ ଶ୍ରମିକଙ୍କୁ ବଣ୍ଟନ ପାଇଁ ଉପଲବ୍ଧ ପ୍ରତ୍ୟେକ ରାଜ୍ୟରେ ଦୈନିକ ୫ କିଲୋଗ୍ରାମ ଏଫଟିଏଲ ସିଲିଣ୍ଡର ପରିମାଣ ୨୦୨୬ ମାର୍ଚ୍ଚ ୨ ରୁ ୩ ତାରିଖ ମଧ୍ୟରେ ପ୍ରଦାନ କରାଯାଇଥିବା ହାରାହାରି ଦୈନିକ ଯୋଗାଣ (ସିଲିଣ୍ଡର ସଂଖ୍ୟା) ଉପରେ ଆଧାର କରି ଦ୍ୱିଗୁଣିତ କରାଯାଉଛି। ଯାହା ମାର୍ଚ୍ଚ ୨୧ ତାରିଖର ପତ୍ରରେ ଉଲ୍ଲେଖ କରାଯାଇଥିବା ୨୦% ସୀମା ଅତିକ୍ରମ କରିଯାଇଛି। ଏହି ୫ କିଲୋଗ୍ରାମ ଏଫଟିଏଲ ସିଲିଣ୍ଡର ରାଜ୍ୟ ସରକାରଙ୍କ ହାତରେ କେବଳ ତୈଳ ବିପଣନ କମ୍ପାନୀ (ଓଏମସି) ସହାୟତାରେ ସେମାନଙ୍କ ରାଜ୍ୟରେ ପ୍ରବାସୀ ଶ୍ରମିକଙ୍କୁ ଯୋଗାଣ ପାଇଁ ରହିବ। ମାର୍ଚ୍ଚ ୨୩ଠାରୁ ୧୭.୨୫ଲକ୍ଷ ୫କିଲୋଗ୍ରାମରୁ ଅଧିକ ଏଫଟିଏଲ୍ ସିଲିଣ୍ଡର ବିକ୍ରି ହୋଇଛି। ଆଇଓସିଏଲ୍, ଏଚପିସିଏଲ୍ ଏବଂ ବିପିସିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଏକ ତିନି ସଦସ୍ୟ ବିଶିଷ୍ଟ କମିଟି ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକରେ ବାଣିଜ୍ୟିକ ଏଲପିଜି ବଣ୍ଟନ ଯୋଜନା କରିବା ପାଇଁ ରାଜ୍ୟ କର୍ତ୍ତୃପକ୍ଷ ଏବଂ ଶିଳ୍ପ ସଂସ୍ଥାଗୁଡ଼ିକ ସହିତ ସମନ୍ୱୟ ସ୍ଥାପନ କରୁଛି। ୮୨୧ ମେଟ୍ରିକ ଟନ୍ ବାଣିଜ୍ୟିକ ଏଲପିଜି ବିକ୍ରି ହୋଇଥିଲା। ମାର୍ଚ୍ଚ ୧୪ ପରଠାରୁ ମୋଟ ୧,୫୮,୫୮୩ ମେଟ୍ରିକ ଟନ୍ ବାଣିଜ୍ୟିକ ଏଲପିଜି ବିକ୍ରି ହୋଇଛି। ଏଥିରେ ୯୨୦୦ ମେଟ୍ରିକ ଟନ୍‌ରୁ ଅଧିକ ଅଟୋ ଏଲପିଜି ଅନ୍ତର୍ଭୁକ୍ତ ରହିଛି।

# ସିବିଏସ୍ଇ ଦଶମରେ ଫିଜିକ୍ସୱାଲାର ସଫଳତା

ଭୁବନେଶ୍ୱର,୧୯।୪
(ଅନୁରାଧା ମହାରଣା)



କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ୨୦୨୬ ପାଇଁ ଦଶମ ଶ୍ରେଣୀ ଫଳାଫଳ ନିକଟରେ ଘୋଷଣା କରିଛି। ଆୟୁଷ୍ମାନ ମହାପାତ୍ର ପୂରା ୫୦୦ରୁ ୫୦୦ ନମ୍ବର ରଖି ଭାରତର ଶୀର୍ଷ ପ୍ରଦର୍ଶନକାରୀ ଛାତ୍ରମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ, ହରିରାଜପୁର, ପିପିଲିର ଜଣେ ଛାତ୍ର ଭାବରେ ଆୟୁଷ୍ମାନ ତାଙ୍କର ଏହି ସଫଳତା ପାଇଁ ତାଙ୍କ ପରିବାର ଏବଂ ଶିକ୍ଷକମାନଙ୍କ ନିରନ୍ତର ସମର୍ଥନକୁ ଶ୍ରେୟ ଦେଇଛନ୍ତି। ସେ ବୋର୍ଡ ପରୀକ୍ଷା ପ୍ରସ୍ତୁତି ପାଇଁ ଫିଜିକ୍ସୱାଲା ( ପିଡବ୍ଲ୍ୟୁ )ର ଉଡାନ୍ ବ୍ୟାଚ୍‌ରେ ନାମ ଲେଖାଇଥିଲେ ଏବଂ ଇଂଲିଶ, ଓଡ଼ିଆ, ଗଣିତ, ସାମାଜିକ ବିଜ୍ଞାନ ଏବଂ କୃତ୍ରିମ ବୁଦ୍ଧିମତ୍ତାରେ ପୂର୍ଣ୍ଣ ୧୦୦ ନମ୍ବର ରଖିଛନ୍ତି। ନିଜର ଯାତ୍ରା ବିଷୟରେ ଆୟୁଷ୍ମାନ କହିଛନ୍ତି, ସେ ପ୍ରସ୍ତୁତି ପାଇଁ ଏକ ସରଳ ପଦ୍ଧତି ଅନୁସରଣ କରିଥିଲେ । ଫିଜିକ୍ସୱାଲା ( ପିଡବ୍ଲ୍ୟୁ ) ସହିତ ପ୍ରସ୍ତୁତି ତାଙ୍କୁ ସୁସଂଗଠିତ ରହିବାକୁ ଓ ଧାରଣାଗତ ବୁଝାମଣାକୁ ମଜଭୁତ କରିବାରେ ସାହାଯ୍ୟ କରିଥିବା ସେ କହିଛନ୍ତି।

# ସାମୁଦ୍ରିକ ବୀମା ସୁରକ୍ଷା ପ୍ରଦାନ ଲାଗି ୧୨,୯୮୦ କୋଟି

ଭୁବନେଶ୍ୱର,୧୯।୪(ଅନୁରାଧା ମହାରଣା)

ନିରନ୍ତର ସାମୁଦ୍ରିକ ବୀମା ସୁରକ୍ଷା ଯୋଗାଇ ଦେବା ଲାଗି ୧୨,୯୮୦ କୋଟି ଟଙ୍କାର ସାର୍ବଭୌମ ଗ୍ୟାରେଣ୍ଟି ସହ ଗଠନ ହେବ ବିଏମ୍‌ଆଇ ପୁଲ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ସ୍ୱଦେଶୀ ବୀମା ପୁଲ୍ ସୃଷ୍ଟି କରିବା ପ୍ରସ୍ତାବକୁ ଅନୁମୋଦନ କରିଛି। ଏହା ନିରନ୍ତର ସାମୁଦ୍ରିକ ବୀମା ସୁରକ୍ଷାକୁ ସୁଗମ କରିବ। ଯେକୌଣସି ଅନ୍ତର୍ଜାତୀୟ ଉତ୍ସରୁ ଭାରତୀୟ ବନ୍ଦର ପର୍ଯ୍ୟନ୍ତ କିମ୍ବା ଏହାର ବିପରୀତ ମାର୍ଗରେ ମାଲ୍ ନେଇ ଯାଉଥିବା ଜାହାଜଗୁଡ଼ିକୁ ସୁଲଭ ବୀମା ଯୋଗାଣ ପାଇଁ ଏହା ଭାରତୀୟ ବ୍ୟବସାୟଗୁଡ଼ିକୁ ସହାୟକ ହେବ । ଅସ୍ଥିର ସାମୁଦ୍ରିକ ମାର୍ଗ ଦେଇ ଅତିକ୍ରମ କରୁଥିବା ଜାହାଜଗୁଡ଼ିକୁ ମଧ୍ୟ ବୀମା ସୁବିଧା ମିଳିବ। ବର୍ଦ୍ଧିତ ବିଶ୍ୱସ୍ତରୀୟ ଭୂରାଜନୈତିକ ଅସ୍ଥିରତା ଯୋଗୁଁ ସାମୁଦ୍ରିକ ବାଣିଜ୍ୟ ବାଧାପ୍ରାପ୍ତ ହୋଇଛି, ଯାହା ଫଳରେ ମାଲ୍ ଏବଂ ଜାହାଜଗୁଡ଼ିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ବୃଦ୍ଧି ପାଇଛି। ଫଳସ୍ୱରୂପ, ବୀମା ମୂଲ୍ୟ ବୃଦ୍ଧି ପାଇଛି ଏବଂ ନିରନ୍ତର ବୀମା ସୁରକ୍ଷା ଉପଲବ୍ଧତାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏହା ବ୍ୟତୀତ ଭାରତୀୟ ଜାହାଜଗୁଡ଼ିକ ପିଏଣ୍ଡଆଇ ବୀମା ପାଇଁ 'ଅନ୍ତର୍ଜାତୀୟ ସୁରକ୍ଷା ଏବଂ କ୍ଷତିପୂରଣ ଗୋଷ୍ଠୀ (ଆଇଜିପିଏଣ୍ଡଆଇ) କ୍ଲବ' ଉପରେ ଅତ୍ୟଧିକ ନିର୍ଭର କରନ୍ତି – ଯାହା ତୈଳ ପ୍ରଦୂଷଣ ଦାୟିତ୍ୱ, ନଷ୍ଟ ହୋଇଯାଇଥିବା ପଦାର୍ଥ ଅପସାରଣ, ମାଲ୍ କ୍ଷତି, କର୍ମଚାରୀଙ୍କ ଆଘାତ ଓ ପ୍ରତ୍ୟାବର୍ତ୍ତନ, ସଂଘର୍ଷ ଦାୟିତ୍ୱ ଇତ୍ୟାଦି ତୃତୀୟପକ୍ଷ ଦେୟତାକୁ କଭର କରିଥାଏ। ତେଣୁ ଏକ ସ୍ୱଦେଶୀ ସାମୁଦ୍ରିକ ବିପଦ ସୁରକ୍ଷା ପୁଲର ଆବଶ୍ୟକତା ଥିଲା, ଯାହା ବାଣିଜ୍ୟର ସାର୍ବଭୌମତ୍ୱ ଏବଂ ନିରନ୍ତରତାକୁ ସୁରକ୍ଷା ଦେବାରେ ସକ୍ଷମ। ଏପରିକି କଟକଣା କିମ୍ବା ଭୂରାଜନୈତିକ ଉତ୍ତେଜନା ଯୋଗୁ ବୀମା ସୁରକ୍ଷା ପ୍ରତ୍ୟାହାର କରାଯାଉଥିବା ପରିସ୍ଥିତିରେ ମଧ୍ୟ ଏଥିରେ ସୁରକ୍ଷା ମିଳିପାରିବ। ତେବେ ଏହି ପୁଲ୍ ସମସ୍ତ ସାମୁଦ୍ରିକ ବିପଦ, ଯେପରିକି ହଲ୍ ଓ ଯନ୍ତ୍ରାଂଶ, କାର୍ଗୋ, ପିଏଣ୍ଡଆଇ ଏବଂ ଯୁଦ୍ଧ ବିପଦକୁ କଭର କରିବ। ପୁଲ୍‌ର ସଦସ୍ୟ ବୀମାକାରୀଙ୍କ ଦ୍ୱାରା ବୀମା ପଲିସି ଜାରି କରାଯିବ, ଯେଉଁମାନେ ପୁଲର ସାମୂହିକ ଅଣ୍ଡରରାଇଟିଂ କ୍ଷମତାକୁ ବ୍ୟବହାର କରିବେ। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୯୫୦ କୋଟି ଟଙ୍କା ହେବ। ଏହି ପୁଲ୍ ଭାରତୀୟ ଜାହାଜ ଚଳାଚଳ ପରିସ୍ଥିତି ଓ ନିୟାମକ ଆବଶ୍ୟକତା ଅନୁରୂପ ସ୍ଥାନୀୟ ସ୍ତରରେ ଦେୟତା ବୀମାର ପରିଚାଳନା କରିବା ତଥା ଭାରତ ଭିତରେ ସ୍ୱତନ୍ତ୍ର ସାମୁଦ୍ରିକ ବୀମା, ଦାବି ପରିଚାଳନା ଏବଂ ଆଇନଗତ ବିଶେଷଜ୍ଞତା ବିକଶିତ କରିବାରେ ସହାୟକ ହେବ।

# ୨୦,୦୦୦ କୋଟିର ସୁନାରୁପା କାରବାର ଆକଳନ

ଭୁବନେଶ୍ୱର,୧୯।୪(ଅନୁରାଧା ମହାରଣା)

ଚଳିତ ବର୍ଷ ଅକ୍ଷୟତୃତୀୟାରେ ଧର୍ମୀୟ ଆସ୍ଥା ଓ ଅର୍ଥନୈତିକ କାରବାରର ଏକ ଅପୂର୍ବ ମିଳନ ଦେଖିବାକୁ ମିଳୁଛି। ସୁନା ଓ ରୁପାର ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଥିବା ସତ୍ତ୍ୱେ ଦେଶବ୍ୟାପୀ ବଜାରରେ କିଣାକିଣି ଜାରି ରହିଛି। ବ୍ୟବସାୟୀମାନଙ୍କ ଅନୁମାନ ଅନୁଯାୟୀ ଏଥର ପ୍ରାୟ ୨୦,୦୦୦ କୋଟି ଟଙ୍କାର କାରବାର ହୋଇପାରେ ବୋଲି ଆକଳନ କରାଯାଇଛି। ଗତ ବର୍ଷ ତୁଳନାରେ ଏହା ଏକ ବଡ଼ ଉନ୍ନତି ଏବଂ ଦରବୃଦ୍ଧି ସତ୍ତ୍ୱେ ମଧ୍ୟ ଲୋକଙ୍କ ପାରମ୍ପରିକ ବିଶ୍ୱାସ ଏହି ପରମ୍ପରା ଉପରେ ଅଟଳ ରହିଥିବାର ସ୍ପଷ୍ଟ ସଙ୍କେତ ଦେଉଛି। ଚଳିତ ବର୍ଷ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ୍ ପ୍ରତି ପ୍ରାୟ ୧.୫୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଛି। ସେହିପରି ରୁପାର ମୂଲ୍ୟ ପ୍ରତି କିଲୋଗ୍ରାମ ପ୍ରତି ୨.୫୫ ଲକ୍ଷ ଟଙ୍କାରେ ପହଞ୍ଚିଛି। ଗତ ବର୍ଷ ତୁଳନାରେ ଏହି ମୂଲ୍ୟବୃଦ୍ଧି ଆଶ୍ଚର୍ଯ୍ୟଜନକ ହୋଇଥିଲେ ମଧ୍ୟ ବଜାରରେ ଚାହିଦା କମ୍ ହୋଇ ନାହିଁ। ମାତ୍ର ପୂର୍ବ ବର୍ଷ ପରି ଗ୍ରାହକମାନେ ଖୋଲାଖୋଲି କ୍ରୟ ନକରି ଏବେ ଭାବିଚିନ୍ତି ନିବେଶ କରୁଛନ୍ତି ବୋଲି ବ୍ୟବସାୟୀମାନେ କହୁଛନ୍ତି। ଏହି ପରମ୍ପରା କେବଳ ଧାର୍ମିକ ଆସ୍ଥାର ପ୍ରତୀକ ନୁହେଁ, ଅର୍ଥନୀତିକୁ ମଧ୍ୟ ଗତି ଦେଉଛି।

# ଷ୍ଟାର୍ଟଅପରେ ମହିଳାଙ୍କ ଯୋଗଦାନ ବଢ଼ୁଛି

ନୂଆଦିଲ୍ଲୀ,୧୯।୪




ଆର୍ଥିକ ବର୍ଷ ୨୦୨୫–୨୬ରେ ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ରେକର୍ଡ ବୃଦ୍ଧି ହୋଇଛି। ସରକାରୀ ତଥ୍ୟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ଦେଶରେ ୫୫,୨୦୦ରୁ ଅଧିକ ନୂଆ ଷ୍ଟାର୍ଟଅପ୍ ମାନ୍ୟତା ଲାଭ କରିଛନ୍ତି, ଯାହା ଗତ ବର୍ଷ ତୁଳନାରେ ପ୍ରାୟ ୫୧.୬ ପ୍ରତିଶତ ଅଧିକ। ଏହି ଦ୍ରୁତ ବୃଦ୍ଧି କେବଳ ବ୍ୟବସାୟ ନୁହେଁ, ରୋଜଗାର ସୃଷ୍ଟି ଏବଂ ମହିଳା ସଶକ୍ତୀକରଣ ଦିଗରେ ମଧ୍ୟ ଏକ ବଡ଼ ସଫଳତା ହୋଇଛି। ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଦେଶରେ ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟଅପର ସଂଖ୍ୟା ୨.୨୩ ଲକ୍ଷରୁ ଅଧିକ ହୋଇଛି। ଏହି ଷ୍ଟାର୍ଟଅପଗୁଡ଼ିକ ମିଳିତ ଭାବେ ୨୩.୩୬ ଲକ୍ଷରୁ ଅଧିକ ସିଧାସଳଖ ରୋଜଗାର ସୃଷ୍ଟି କରିଛନ୍ତି। ମହିଳାଙ୍କ ନେତୃତ୍ୱରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଅଧିକ ସମାବେଶୀ ହେଉଛି। ପ୍ରାୟ ୪୮ ପ୍ରତିଶତ ଅର୍ଥାତ୍ ୧.୦୭ ଲକ୍ଷରୁ ଅଧିକ ଷ୍ଟାର୍ଟଅପରେ ଅତି କମରେ ଜଣେ ମହିଳା ଡାଇରେକ୍ଟର କିମ୍ବା ପାର୍ଟନର୍ ଅଛନ୍ତି। ଏହା ସ୍ପଷ୍ଟ କରୁଛି ଯେ ମହିଳାମାନେ ଏବେ ଷ୍ଟାର୍ଟଅପ୍ କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢ଼ୁଛନ୍ତି। ସରକାର ଷ୍ଟାର୍ଟଅପକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ଯୋଜନା ଚଳାଇଛନ୍ତି। ଫଣ୍ଡ ଅଫ୍ ଫଣ୍ଡସ ଫର୍ ଷ୍ଟାର୍ଟଅପସ (ଏଫ୍‌ଏଫ୍‌ଏସ୍), ଷ୍ଟାର୍ଟଅପ୍ ଇଣ୍ଡିଆ ସିଡ୍ ଫଣ୍ଡ ସ୍କିମ୍ (ଏସ୍‌ଆଇଏସ୍‌ଏଫ୍‌ଏସ୍) ଏବଂ କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍ ଫର୍ ଷ୍ଟାର୍ଟଅପସ(ସିଜିଏସ୍‌ଏସ୍) ପରି କାର୍ଯ୍ୟକ୍ରମ ବିଭିନ୍ନ ପର୍ଯ୍ୟାୟରେ ଆର୍ଥିକ ସହାୟତା ପ୍ରଦାନ କରୁଛି। ଏହି ଯୋଜନାଗୁଡ଼ିକ ମାଧ୍ୟମରେ ଷ୍ଟାର୍ଟଅପଗୁଡ଼ିକୁ ଟ୍ୟାକ୍ସ ଲାଭ ଏବଂ ସରଳ କମ୍ପ୍ଲାଏନ୍ସ ସୁବିଧା ମଧ୍ୟ ମିଳୁଛି। ଏଫ୍‌ଏଫ୍‌ଏସ୍ ଅଧୀନରେ ଆର୍ଥିକବର୍ଷ ୨୦୨୫–୨୬ରେ ୭,୦୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ୧୩୫ରୁ ଅଧିକ ଅଲଟରନେଟିଭ୍ ଇନଭେଷ୍ଟମେଣ୍ଟ ଫଣ୍ଡ (ଏଆଇଏଫ୍)କୁ ପ୍ରଦାନ କରାଯାଇଛି। ଏହି ଫଣ୍ଡଗୁଡ଼ିକ ମିଳିତ ଭାବେ ୧,୪୨୦ରୁ ଅଧିକ ଷ୍ଟାର୍ଟଅପରେ ପ୍ରାୟ ୨୬,୯୦୦ କୋଟି ଟଙ୍କାର ନିବେଶ କରିଛନ୍ତି। ସିଜିଏସ୍‌ଏସ୍ ଯୋଜନାରେ ଗ୍ୟାରେଣ୍ଟି କଭରକୁ ୨୦ କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ାଯାଇଛି ଏବଂ ଫିସ୍ ମଧ୍ୟ କମ୍ କରାଯାଇଛି, ଯାହା ଫଳରେ ଅଧିକ ଷ୍ଟାର୍ଟଅପ୍ ଉପକୃତ ହେବେ। ଏସ୍‌ଆଇଏସ୍‌ଏଫ୍‌ଏସ୍‌ଅଧୀନରେ ୨୧୯ ଇନକ୍ୟୁବେଟର୍ ଚୟନ କରାଯାଇଛି ଏବଂ ମୋଟ ୯୪୫ କୋଟି ଟଙ୍କାର ଫଣ୍ଡ ନିର୍ଦ୍ଧାରିତ ହୋଇଛି। ଏହି ଇନକ୍ୟୁବେଟରଗୁଡ଼ିକ ମିଳିତ ଭାବେ ୩,୪୦୦ରୁ ଅଧିକ ଷ୍ଟାର୍ଟଅପକୁ ୬୦୫ କୋଟି ଟଙ୍କାରୁ ଅଧିକ ଫଣ୍ଡିଙ୍ଗ୍ ମଞ୍ଜୁର କରିଛନ୍ତି। ଏହା ସହିତ ଆର୍ଥିକବର୍ଷ ୨୦୨୫–୨୬ ଶେଷ ସୁଦ୍ଧା ୪୧୦ରୁ ଅଧିକ ଋଣ, ଯାହାର ମୋଟ ରାଶି ୧,୨୫୦ କୋଟି ଟଙ୍କାରୁ ଅଧିକ, ଗ୍ୟାରେଣ୍ଟି ଅଧୀନରେ ପ୍ରଦାନ କରାଯାଇଛି। ଷ୍ଟାର୍ଟଅପଗୁଡ଼ିକ କେବଳ ବ୍ୟବସାୟ ନୁହେଁ, ଉଦ୍ଭାବନ କ୍ଷେତ୍ରରେ ମଧ୍ୟ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି। ଏପର୍ଯ୍ୟନ୍ତ ୧୯,୪୦୦ରୁ ଅଧିକ ପେଟେଣ୍ଟ ଆବେଦନ ଦାଖଲ ହୋଇଛି। ଆର୍ଥିକବର୍ଷ ୨୦୨୪–୨୫ରେ ୨,୮୫୦ ପେଟେଣ୍ଟ ଦାଖଲ ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏହି ସଂଖ୍ୟା ବଢ଼ି ୪,୪୮୦ରୁ ଅଧିକ ହୋଇଛି।

# ହାଇଦ୍ରାବାଦର କଫସିରପ୍, ଗୁଜରାଟରେ ମାଷ୍ଟରମାଇଣ୍ଡ

**ଫୁଲନଖରାରୁ ୮ ହଜାର କଫସିରପ୍ ଜବତ ଘଟଣା**

**ତଦନ୍ତ ପାଇଁ ଦୁଇ ରାଜ୍ୟକୁ ଗଲା ଏସ୍‌ଟିଏଫ୍ ଟିମ୍**

**ଓଡ଼ିଶା ହୋଲ୍‌ସେଲର ଧର୍ମେନ୍ଦ୍ରଙ୍କୁ ଗିରଫ ପାଇଁ ଚଢ଼ାଉ ଜାରି**

ଭୁବନେଶ୍ୱର,୧୯।୪(ତ୍ରିନାଥ ମହାନ୍ତି)

କଟକ ଫୁଲନଖରାରେ ଥିବା ଏକ ସଂସ୍ଥାର ଗୋଦାମରୁ ୮ହଜାର ୮୪୦ ବୋତଲ ନିଷିଦ୍ଧ କଫସିରପ୍ ଜବତ ଘଟଣାର ଲିଙ୍କ୍ ଗୁଜରାଟ ଓ ହାଇଦ୍ରାବାଦକୁ ଲମ୍ବିଛି। ଏହି ବେଆଇନ କାରବାରର ମାଷ୍ଟରମାଇଣ୍ଡ ଗୁଜରାଟରେ ରହି ଓଡ଼ିଶାକୁ କଫ୍‌ସିରପ୍ ପଠାଉଥିଲେ। ଉକ୍ତ କଫସିରପ୍ ହାଇଦ୍ରାବଦରେ ତିଆରି ହେଉଥିବାବେଳେ ଫୁଲନଖରାରେ ମିଛ କମ୍ପାନୀ କରି ବସିଥିବା ଧର୍ମେନ୍ଦ୍ର କୁମାର ରାଉତ ଏହାକୁ ଗୋଦାମରେ ରଖି ରାଜ୍ୟର ବିଭିନ୍ନ ଜିଲାକୁ ପଠାଇ ମାଲାମାଲ ହେଉଥିଲେ। ତଦନ୍ତ ସମୟରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଏହା ଜାଣିବା ପରେ ଏହାର ଦୁଇଟି ସ୍ୱତନ୍ତ୍ର ଟିମ୍ ଦୁଇ ରାଜ୍ୟ ଅଭିମୁଖେ ଗସ୍ତ କରିଥିବା ସୂଚନା ମିଳିଛି। ଏକ ଟିମ୍ ଗୁଜରାଟ ଯାଇ ସେଠାରେ ରହି ର୍‍ୟାକେଟ ଚଳାଉଥିବା ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ ଉଦ୍ୟମ ଚଳାଇଥିବାବେଳେ ଅନ୍ୟ ଏକ ଟିମ୍ ହାଇଦ୍ରାବାଦ ଯାଇ କଫସିରପ୍ ପ୍ରସ୍ତୁତ କରୁଥିବା କମ୍ପାନୀ ସମ୍ପର୍କରେ ପଚରାଉରା କରୁଥିବା ଜଣାପଡ଼ିଛି।

ଓଡ଼ିଶାରେ ନିଷିଦ୍ଧ କଫସିରପ୍‌ର ହୋଲ୍‌ସେଲର ଥିଲେ ଧର୍ମେନ୍ଦ୍ର। ରାଜ୍ୟର ବିଭିନ୍ନ ଜିଲାରେ ଥିବା ଛୋଟ ଏବଂ ବଡ଼ ବେପାରୀଙ୍କୁ ସେ କଫସିରପ୍ ଯୋଗାଉଥିଲେ। ତେବେ ଗୁଜରାଟରୁ ଆସୁଥିବା କଫସିରପ୍‌ର କାଗଜପତ୍ରରେ ମେଡିସିନ୍ ବୋଲି ଉଲ୍ଲେଖ କରାଯାଉଥିଲା। ଫଳରେ ବାଟରେ ପୋଲିସ ଅଟକାଇ ଯାଞ୍ଚ କରୁ ନ ଥିଲା। ୨୦୨୨ ଓ ୨୦୨୫ରେ ବାଲେଶ୍ୱରରୁ ବଡ଼ ପରିମାଣର କଫସିରପ୍ ଜବତ କରାଯାଇଥିଲା। ଡ୍ରଗ୍ସ କଣ୍ଟ୍ରୋଲର ବିଭାଗ ତଦନ୍ତ କରିବା ପରେ ଏହି କାରବାରରେ ଭୁବନେଶ୍ୱର ଲିଙ୍କ୍ ପଦାକୁ ଆସିଥିଲା। ତଦନ୍ତ କରିବା ପରେ ଫୁଲନଖରାରେ ଥିବା ଏମ୍‌ଏସ୍ ଶୁଭମ ସଂସ୍ଥା ଏଭଳି ବେଆଇନ୍ କଫ୍‌ସିରପ ଯୋଗାଉଥିବା ଜଣାପଡିଥିଲା। ଏହାପରେ ଏସ୍‌ଟିଏଫ ସହାୟତାରେ ଫୁଲନଖରାସ୍ଥିତ ଶୁଭମ୍ ଆସୋସିଏଟ୍ ସଂସ୍ଥାର ଗୋଦାମରେ ଚଢାଉ କରାଯାଇ ପ୍ରାୟ ୧୫ ଲକ୍ଷ ଟଙ୍କାର ୭୪ ପେଟି କଫସିରପ୍ ଜବତ କରାଯାଇଥିଲା। ଡ୍ରଗ୍ସ ଇନ୍ସପେକ୍ଟର ଚିନ୍ମୟ କୁମାର ଜେନାଙ୍କ ଅଭିଯୋଗକ୍ରମେ ସଂସ୍ଥାର ମାଲିକ ଧର୍ମେନ୍ଦ୍ରଙ୍କ ନାମରେ ମାମଲା (ନଂ.୭/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେ ଫେରାର ଥିବାରୁ ତାଙ୍କୁ ଗିରଫ ପାଇଁ ଏସ୍‌ଟିଏଫ୍ ବିଭିନ୍ନ ସ୍ଥାନରେ ଚଢାଉ ଚଳାଇଛି। ତେବେ ସେ ବାରମ୍ବାର ସ୍ଥାନ ବଦଳାଉଛନ୍ତି। ତାଙ୍କ ସହ ର୍‍ୟାକେଟର ମାଷ୍ଟରମାଇଣ୍ଡ ଓ ଅନ୍ୟମାନଙ୍କୁ ଗିରଫ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି।



# ଆଇଟିଆଇ ଅଧକ୍ଷଙ୍କ ନାଁରେ ଯୌନ ନିର୍ଯାତନା ମାମଲା

ଦେବଗଡ଼,୧୯।୪ (ଶଶାଙ୍କ ଶେଖର ଝଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳର ଏକ ସରକାରୀ ଆଇଟିଆଇରେ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଆଇଟିଆଇର ଅଧକ୍ଷ ରତିକାନ୍ତ ପରିଡ଼ା ସମ୍ପୃକ୍ତା ଛାତ୍ରୀଙ୍କୁ ପ୍ରାୟ ୧ ମାସ ହେବ ଏଭଳି ନିର୍ଯାତନା ଦେଉଥିଲେ। ଏନେଇ ଛାତ୍ରୀ ଜଣଙ୍କ ବାରକୋଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ପ୍ରତିବର୍ଷ ମାଟ୍ରିକ୍ ପାସ୍ ପରେ ସ୍ଥାନୀୟ ଅଞ୍ଚଳର ଏକାଧିକ ଶିଶୁଗୃହର ଅନ୍ତେବାସୀ ବାରକୋଟସ୍ଥିତ ଉକ୍ତ ସରକାରୀ ଆଇଟିଆଇରେ ବୈଷୟିକ ଶିକ୍ଷା ପାଇଁ ନାମ ଲେଖାନ୍ତି। ଗତବର୍ଷ ସ୍ଥାନୀୟ ଏକ ଶିଶୁଗୃହର କେତେଜଣ ଅନ୍ତେବାସୀ ଏହି ବୈଷୟିକ ଶିକ୍ଷାନୁଷ୍ଠାନରେ ପଢ଼ିବା ପାଇଁ ନାମ ଲେଖାଇଥିଲେ। ସେମାନେ ବାରକୋଟସ୍ଥିତ ସରକାରୀ ଆଇଟିଆଇର ହଷ୍ଟେଲରେ ରୁହନ୍ତି ଓ ଛୁଟି ହେଲେ ପୁଣି ଶିଶୁଗୃହକୁ ଫେରନ୍ତି। କାରଣ ଶିଶୁଗୃହର ପରିଚାଳକ ସେମାନଙ୍କ ସ୍ଥାନୀୟ ଅଭିଭାବକ ଭାବେ ଦାୟିତ୍ୱରେ ଅଛନ୍ତି। ଛୁଟି ସରିଲା ପରେ ପିଲାମାନେ ପୁଣି ଆଇଟିଆଇ ହଷ୍ଟେଲକୁ ଫେରିଯାଆନ୍ତି। ଏହି କ୍ରମରେ ଏବେ ଛୁଟିରେ ଶିଶୁଗୃହକୁ ଫେରିଥିବା ଜଣେ ନାବାଳିକାଙ୍କ ପାଖରେ ଦାମୀ ଉପହାର, ଟଙ୍କା ଓ ମୋବାଇଲ ଥିବା ଦେଖିବାକୁ ମିଳିଥିଲା। ଏପରି କି ଅନ୍‌ଲାଇନ୍‌ରେ ତାଙ୍କ ପାଖକୁ ଉପହାର ମଧ୍ୟ ଆସିଥିଲା। ଏ ସମ୍ପର୍କରେ ଶିଶୁଗୃହର ଶିଶୁ ମଙ୍ଗଳ ଅଧିକାରିଣୀ ଜାଣିବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଦୃଷ୍ଟିକୁ ଆଣିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଶିଶୁଗୃହର କାଉନ୍‌ସିଲର ସମ୍ପୃକ୍ତା ଛାତ୍ରୀଙ୍କୁ ଘଟଣା ବିଷୟରେ ପଚାରି ବୁଝିଥିଲେ। ପରେ ଏ ସମ୍ପର୍କିତ ରିପୋର୍ଟ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ସମ୍ପୃକ୍ତା ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ଜଣାପଡିଛି।

ଅଭିଯୋଗ ଅନୁଯାୟୀ, ଅନ୍ୟ ଛାତ୍ରୀଛାତ୍ର ଶ୍ରେଣୀଗୃହରେ ପାଠ ପଢୁଥିବାବେଳେ ହଷ୍ଟେଲ ୱାର୍ଡେନ ସମ୍ପୃକ୍ତା ଛାତ୍ରୀଙ୍କୁ ଅଧକ୍ଷ ପରିଡ଼ାଙ୍କ ରୁମ୍‌କୁ ଖାଇବା ନେଇ ପରଷିବା ପାଇଁ ବାଧ କରନ୍ତି। ଏପରି କି ଅଧକ୍ଷଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ରୁମ୍‌ରେ ପୋଛା ମାରିବା, ଫୁଲ ତୋଳି ଆଣି ଦେବା, ହାତଗୋଡ଼ ଘଷିବା ଇତ୍ୟାଦି କାମ ପାଇଁ ମଧ କହନ୍ତି। ଅପରପକ୍ଷେ ଅଧକ୍ଷ ଶାରୀରିକ ସମ୍ପର୍କ ରଖିବାକୁ ସମ୍ପୃକ୍ତା ଛାତ୍ରୀଙ୍କୁ ବାଧ କରନ୍ତି। ମନ ଭୁଲାଇବା ପାଇଁ ଅଧକ୍ଷ ନିଜ କାରରେ ଛାତ୍ରୀଙ୍କୁ ବିଭିନ୍ନ ସ୍ଥାନକୁ ନେଇ ଗୁପ୍‌ଚୁପ୍, ଚାଓମିନ, ଆଇସକ୍ରିମ୍ ଖାଇବାକୁ ଦେବା ସହ ଦାମୀ ଉପହାର ଦେଇଥାନ୍ତି। ପ୍ରାୟ ୧ ମାସ ଧରି ଅଧକ୍ଷ ଶାରୀରିକ ସମ୍ପର୍କ ରଖିବା ସହ ନିର୍ଯାତନା ଦେଉଥିବା ଛାତ୍ରୀ ଜଣଙ୍କ କହିଛନ୍ତି। ଏହି ଘଟଣା ନଜରକୁ ଆସିବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର, ଉକ୍ତ ଶିଶୁଗୃହର ପରିଚାଳକ ଓ କାଉନ୍‌ସିଲର ଶୁକ୍ରବାର ସମ୍ପୃକ୍ତା ଛାତ୍ରୀଙ୍କୁ ନେଇ ବାରକୋଟ ଥାନାରେ ପହଞ୍ଚିଥିଲେ। ଏ ସମ୍ପର୍କରେ ଛାତ୍ରୀ ଅଧକ୍ଷଙ୍କ ନାଁରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ବିଏନ୍‌ଏସ୍ ଧାରା ୬୪(୨)(ଏଫ୍), ୬୪(୨)(ଏମ୍) ଓ ପୋକ୍ସୋ-୬ ଅନୁଯାୟୀ ଏକ ମାମଲା(ନଂ.୧୬୧/୨୬) ରୁଜୁ କରିଛି। ଏନେଇ ଅଧକ୍ଷ ପରିଡ଼ାଙ୍କୁ ଯୋଗାଯୋଗ କରାଯିବାରୁ ସେ ଫୋନ୍ ରିସିଭ୍ କରି ନ ଥିଲେ। ଅପରପକ୍ଷେ ବାରକୋଟ ଆଇଆଇସି ସୁଶାନ୍ତ ବଡ଼ାଇ କହିଛନ୍ତି, ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ତଦନ୍ତ ଜାରି ରହିଛି।

# ଲଙ୍ଗଳ ଲୁହା ଆକ୍ରମଣରେ ଜଣେ ମୃତ, ୮ ଆହତ

**ମାନସିକ ବିକୃତ ଯୁବକଙ୍କ ଉନ୍ମତ୍ତ କାଣ୍ଡ**

ବଡ଼ଗାଁ,୧୯।୪(ଅଶୋକ ଷଡ଼ଙ୍ଗୀ)



ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଗ୍ରାମର ଲଖୁଆପଡ଼ା ଗାଁ ଦାଣ୍ଡ ଶନିବାର ରାତିରେ ରକ୍ତରଞ୍ଜିତ ହୋଇଛି। ମାନସିକ ବିକୃତ ଯୁବକ ଜଣକ ଗାଁ ଦାଣ୍ଡରେ ଶୋଇଥିବା ବ୍ୟକ୍ତିଙ୍କୁ ଲଙ୍ଗଳ ଲୁହାରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୮ଜଣ ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ରାଜ କୁମାର ବରୁଆ (୫୬)। ଏହି ଘଟଣାରେ ରବିବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଯୋଗେଶ୍ୱର ଚମାର(୩୫)। ଏ ନେଇ ସ୍ଥାନୀୟ ପୋଲିସ ଏକ ମାମଲା (ନଂ.୧୨୬/୨୬) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ପ୍ରକାଶ ଯେ, ପ୍ରଚଣ୍ଡ ଗରମ ଯୋଗୁ ଗାଁ ଦାଣ୍ଡରେ ଲୋକମାନେ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ଅଭିଯୁକ୍ତ ଯୋଗେଶ୍ୱର ଏକ ଲଙ୍ଗଳ ଲୁହା ଧରି ଘରୁ ବାହାରିଥିଲେ। ରାସ୍ତାରେ ଖଟ ପକାଇ ଶୋଇଥିବା ରାଜ କୁମାରଙ୍କ ମୁଣ୍ଡକୁ ପ୍ରଥମେ ସେ ଲଙ୍ଗଳ ଲୁହାରେ ଆକ୍ରମଣ କରିଥିଲେ। ରାଜ କୁମାର ପାଟି କରିବାରୁ ତାଙ୍କ ସ୍ତ୍ରୀ ସୁଭଦ୍ରା, ଭଉଣୀ ଯଶୋଦା ଓ ଭାଉଜ ଚଞ୍ଚଳା ବରୁଆ ଘରୁ ବାହାରିଥିଲେ। ଏହି ସମୟରେ ଯୋଗେଶ୍ୱର ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହି ଘଟଣା ପରେ ଲୋକେ ଯୋଗେଶ୍ୱରଙ୍କୁ ଧରିବାକୁ ଉଦ୍ୟମ କଲାବେଳେ ବସନ୍ତ ଲେହେରି, ବିକାଶ ଲେହେରି, ସନ୍ତୋଷ ନାଗ ଓ ସୁରଜମନୀ ନାଗ ଆକ୍ରମଣର ଶିକାର ହୋଇଥିଲେ। ପରେ ବହୁ କଷ୍ଟରେ ସେମାନେ ଯୋଗେଶ୍ୱରଙ୍କୁ କାବୁ କରି ମାଡ଼ ମାରିଥିଲେ। ଏଥିରେ ଅଭିଯୁକ୍ତ ମଧ୍ୟ ଆହତ ହୋଇଥିଲେ। ଖବର ପାଇ ବଡ଼ଗାଁ ଥାନା ଏଏସ୍‌ଆଇ ବିଜୟ କୁମାର କର ପୋଲିସ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ ଯୋଗେଶ୍ୱରଙ୍କୁ ଗିରଫ କରିଥିଲେ। ସମସ୍ତ ଗୁରୁତର ଆହତଙ୍କୁ ବଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରାଜ କୁମାର ବରୁଆଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ରାଉରକେଲା ମେଡିକାଲକୁ ନେଲାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଅଭିଯୁକ୍ତ ଜଣକ ମାନସିକ ବିକୃତ ଥିବା ନେଇ ତାଙ୍କ ସ୍ତ୍ରୀ, ଗ୍ରାମବାସୀ ଓ ପୋଲିସ ପକ୍ଷରୁ ଜଣାପଡ଼ିଛି।

# ନାବାଳିକାଙ୍କୁ ବଳାତ୍କାର

ଯୋଡ଼ା,୧୯।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ବିଲେଇପଦା ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଏ ନେଇ ଯୋଡ଼ା ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବୁଦ୍ଧଦେବ ସାହୁ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଫାଣ୍ଡି ଅଞ୍ଚଳର ଜଣେ ଯୁବକ ଗତ ୪ ତାରିଖରେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ କଥାବାର୍ତ୍ତା ପାଇଁ ଘର ବାହାରକୁ ଡାକିଥିଲେ। ନାବାଳିକା ଆସିବା ପରେ ତାଙ୍କୁ ଜବରଦସ୍ତ ଏକ ଘରକୁ ଟେକି ନେଇ ବଳାତ୍କାର କରିଥିଲେ। ପରଦିନ ତାଙ୍କୁ ନେଇ ୯ କି.ମି. ଦୂର ବଳଭଦ୍ରପୁରରେ ରହୁଥିବା ନାବାଳିକାଙ୍କ ସାଙ୍ଗଙ୍କ ଘରେ ଛାଡ଼ିଦେଇଥିଲେ। ସେଠାରେ ୩ ଦିନ ରହିବା ପରେ ସାଙ୍ଗ ନାବାଳିକାଙ୍କ ମା', ବାପାଙ୍କୁ ଖବର ଦେଇଥିଲେ। ଗତ ୮ ତାରିଖରେ ନାବାଳିକାଙ୍କ ମା', ବାପା ଘରକୁ ନେଇ ଆସିଥିଲେ। ଗାଁର ଭଦ୍ର ବ୍ୟକ୍ତିଙ୍କ ଜରିଆରେ ସମାଧାନ ପାଇଁ କହିବାରୁ ଗତ ୧୭ ତାରିଖରେ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଗାଁରେ ଏହାର ସମାଧାନ ନ ହେବାରୁ ଶନିବାର ନାବାଳିକାଙ୍କ ମା' ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ.୧୪୪/୨୬)ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ୨ ପରିବାର ମଧ୍ୟରେ ସଂଘର୍ଷ, ୭ ଗୁରୁତର

କବିସୂର୍ଯ୍ୟନଗର,୧୯।୪ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଗୁଡିଆଳି ଛକରେ ରବିବାର ୨ ପରିବାର ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ଉଭୟ ପରିବାରର ୭ ଜଣ ଗୁରୁତର ଆହତ ହୋଇ କବିସୂର୍ଯ୍ୟନଗର, ଆସିକା ଓ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

ଗୁରୁତର ଆହତ ସୁଦର୍ଶନ ବେହେରା କହିଛନ୍ତି ଯେ, ଗୁଡ଼ିଆଳି ଛକରେ ଏକ ଅସ୍ଥାୟୀ ଜଳଖିଆ ଦୋକାନକୁ କେନ୍ଦ୍ର କରି ତାଙ୍କ ପରିବାର ସହ ଅନ୍ୟ ଏକ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ରବିବାର ଅପରାହ୍ନ ୧ଟାରେ ଏହା ଉଗ୍ରରୂପ ଧାରଣ କରିଥିଲା। ୨ ପରିବାର ଖଣ୍ଡା, ଛଡ ଆଦି ଧରି ଆକ୍ରମଣ, ପ୍ରତି ଆକ୍ରମଣ କରିଥିଲେ। ଏଥିରେ ଗୋଟିଏ ପରିବାରର ଅକ୍ଷୟ ପାତ୍ର, ଟୁକୁଲା ପାତ୍ର ଓ ଅଜୟ ପାତ୍ର ଗୁରୁତର ହୋଇଛନ୍ତି। ଅକ୍ଷୟ ଆସିକା ମେଡିକାଲ ଓ ଟୁକୁଲା ଏବଂ ଅଜୟ କବିସୂର୍ଯ୍ୟନଗର ମେଡିକାଲରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ସେହିପରି ଅନ୍ୟ ଏକ ପରିବାରର ସୁଦର୍ଶନ ବେହେରା କବିସୂର୍ଯ୍ୟନଗର ମେଡିକାଲ ଓ ଅନ୍ୟ ୪ ଜଣ ତ୍ରିଲୋଚନ ବେହେରା, ସଜନୀ ବେହେରା, ଅକ୍ଷୟ ବେହେରା ଏବଂ ଜଗା ବେହେରା ଆସିକାରେ ଚିକିତ୍ସିତ ହୋଇଛନ୍ତି। ଅଜୟ କହିଛନ୍ତି, ତାଙ୍କ ଘରକୁ ୪ରୁ ୫ଜଣ ଖଣ୍ଡା, ରଡ୍ ଧରି ଆସି ଗାଡ଼ି, ଘର ଭଙ୍ଗାରୁଜା କରିବା ସହ ଆକ୍ରମଣ କରିଛନ୍ତି। ତେବେ ଘଟଣାର ତଦନ୍ତ ପରେ ସଂଘର୍ଷର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ଘରୁ ସୁନାଗହଣା ଚୋରି ପରେ ଏଟିଏମ୍‌ରୁ କଟିଗଲା ଟଙ୍କା

ଭୁବନେଶ୍ୱର,୧୯।୪ (ତ୍ରିନାଥ ମହାନ୍ତି)

ଘରୁ ସୁନାଗହଣା, ଏଟିଏମ୍ କାର୍ଡ ଚୋରି ପରେ ଆକାଉଣ୍ଟରୁ ଲୁଟିନେଲେ ଟଙ୍କା। ଏହି ଘଟଣା ଖାରବେଳନଗର ଥାନା ୟୁନିଟ୍-୩ରେ ଦେଖିବାକୁ ମିଳିଛି। ଏନେଇ ଥାନାରେ ସସ୍ମିତା ନାୟକ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ଅଭିଯୋଗ ଅନୁସାରେ, ଗତ ୧୪ ତାରିଖ ଦିନ ସସ୍ମିତାଙ୍କ ଦେହ ଖରାପ ହୋଇଥିବାରୁ ସେ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ଘରେ କେହି ନଥିବା ବେଳେ ତାଙ୍କ ଘରୁ ସୁନାଚେନ, ସୁନା ଲକେଟ ଏବଂ ଏଟିଏମ୍ କାର୍ଡ ଚୋରି ହୋଇଥିଲା। ଅଭିଯୁକ୍ତ ଏଟିଏମ୍ କାର୍ଡ ନେଇ ସେଥିରୁ ୩ହଜାର ଟଙ୍କା ଲୁଟି ନେଇଥିଲେ। ସସ୍ମିତାଙ୍କ ମୋବାଇଲ୍‌କୁ ମେସେଜ ଆସିବା ପରେ ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ସେ ବ୍ୟାଙ୍କ ଯାଇ ବୁଝିବା ପରେ କେହି ଏଟିଏମ୍ ଦ୍ୱାରା ଟଙ୍କା ଉଠାଇ ନେଇଥିବା ଜାଣିବାକୁ ପାଇଥିଲେ। ପରେ ଘରକୁ ଯିବା ପରେ ଘରୁ ମଧ୍ୟ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ।

## ରାଜ୍ୟ ଖବର

# ଭାଜପା ରାଜ୍ୟ ପଦାଧିକାରୀ ବୈଠକ

**ସଙ୍ଗଠନକୁ ବୁଥ୍‌ସ୍ତର ପର୍ଯ୍ୟନ୍ତ ସଶକ୍ତ ପାଇଁ ନିଷ୍ପତ୍ତି**

ଭୁବନେଶ୍ୱର,୧୯।୪ (ରବିନାରାୟଣ ଜେନା)

ଭାଜପାର ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ସଫଳତାର ସହ ଶେଷ ହୋଇଛି। ଆସନ୍ତା ମେ'ପହିଲାରୁ ମାସ ଶେଷ ସୁଦ୍ଧା ରାଜ୍ୟର ୩୭ଟି ସାଙ୍ଗଠନିକ ଜିଲାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ସଙ୍ଗଠନକୁ ବୁଥ୍‌ସ୍ତର ପର୍ଯ୍ୟନ୍ତ ସଶକ୍ତ କରାଯିବ ବୋଲି ରାଜ୍ୟ ଭାଜପା ପଦାଧିକାରୀ ବୈଠକରେ ନିଷ୍ପତ୍ତି ହୋଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ରାଜ୍ୟ ପଦାଧିକାରୀ ବୈଠକ ପରେ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି, ଭାରତୀୟ ଜନତା ପାର୍ଟିର ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଥାଏ। ସେ ଦୃଷ୍ଟିରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ରବିବାର ରାଜ୍ୟ ପଦାଧିକାରୀ ଏବଂ ଜିଲା ପ୍ରଭାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନକୁ ବୁଥ୍‌ସ୍ତର ପର୍ଯ୍ୟନ୍ତ ସଶକ୍ତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟ ମନ୍ କୀ ବାତ୍ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ମଣ୍ଡଳ ଓ ବୁଥସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ବିସ୍ତୃତ ଆଲୋଚନା ହୋଇଥିବା ତ୍ରିପାଠୀ କହିଛନ୍ତି। ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ସମସ୍ତ ରାଜ୍ୟ ପଦାଧିକାରୀ ଏବଂ ଜିଲା ପ୍ରଭାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରର ମନ୍ଦ ଉଦ୍ଦେଶ୍ୟ ଥିଲା: ବିଜେଡି

ଭୁବନେଶ୍ୱର,୧୯।୪ (ରବିନାରାୟଣ ଜେନା)

ମହିଳା ସଂରକ୍ଷଣ ନାଁରେ ମନ୍ଦ ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାର ଡିଲିମିଟେଶନ ବିଲ୍ ଆଣିଥିଲେ ବୋଲି ରବିବାର ବିଜେଡି ସମାଲୋଚନା କରିଛି। ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା କହିଛନ୍ତି, ମହିଳା ସଂରକ୍ଷଣ ନାଁରେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯିବା ପରେ ବିରୋଧୀ ଦଳ ନେତା ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ରାଜ୍ୟର ସ୍ୱାର୍ଥ ହାନି ହେଉଥିବା ଅନୁଭବ କରିଥିଲେ। ଡିଲିମିଟେଶନ ବିଲ୍ ସଂକ୍ରାନ୍ତରେ ଆଲୋଚନା କରିବା ପାଇଁ ତୁରନ୍ତ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ନବୀନ ଦଳମତ ନିର୍ବିଶେଷରେ ରାଜ୍ୟର ସାଂସଦଙ୍କୁ ପତ୍ର ଲେଖି ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ସଂସଦରେ ମୁହଁ ଖୋଲିବାକୁ ଅନୁରୋଧ କରିଥିଲେ। ସଂସଦରେ ବିଲ୍ ଆସିବା ପରେ ଜଣାପଡିଲା ଯେ, ସମସ୍ତଙ୍କୁ ଅନ୍ଧାରରେ ରଖି ମହିଳା ସଂରକ୍ଷଣ ନାଁରେ ଡିଲିମିଟେଶନ ବିଲ୍‌ରେ ଥିବା ପ୍ରାବଧାନ ଓଡ଼ିଶାର ସ୍ୱାର୍ଥ କ୍ଷୁଣ୍ଣ କରିବ। ଭାରତ ସରକାରଙ୍କ ଜନସଂଖ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ନିଷ୍ଠାର ସହ ଅନୁପାଳନ କରି ଜନସଂଖ୍ୟା ନିୟନ୍ତ୍ରଣରେ ଓଡ଼ିଶା ସଫଳ ହୋଇଛି। ୨୦୧୧ ଜନଗଣନା ଅନୁସାରେ ଡିଲିମିଟେଶନ ହୋଇଥିଲେ ରାଜ୍ୟ ଆସନ ସଂଖ୍ୟା ଆନୁପାତିକ ଭାବେ ହ୍ରାସ ପାଇଥାଆନ୍ତା। ତେଣୁ ଏକଛତ୍ରବାଦୀ ଏବଂ ଓଡ଼ିଶା ସ୍ୱାର୍ଥ ବିରୋଧୀ ଡିଲିମିଟେଶନ ବିଲ୍‌କୁ ବିଜେଡି ବିରୋଧ କଲା ବୋଲି ଦାସବର୍ମା କହିଛନ୍ତି। ଏହି ଅବସରରେ ବିଜେଡି ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି, ମହିଳା ସଂରକ୍ଷଣ ବାବଦରେ ବିଜେଡି ଆଭିମୁଖ୍ୟ ଅତ୍ୟନ୍ତ ସ୍ପଷ୍ଟ। ବିଜୁବାବୁଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଲାଗି ସାରା ଦେଶରେ ପ୍ରଥମ ଥର ପାଇଁ ମହିଳାମାନେ ପଞ୍ଚାୟତ ଓ ସ୍ଥାନୀୟ ପୌର ପ୍ରଶାସନରେ ୩୩% ସଂରକ୍ଷଣ ପାଇପାରିଥିଲେ। ମହିଳା ସଂରକ୍ଷଣକୁ ଢାଲ କରି ଡିଲିମିଟେଶନ ବିଲ୍‌କୁ ପାରିତ କରିବା ପାଇଁ ଅପଚେଷ୍ଟା ବିଫଳ ହୋଇଛି ବୋଲି ଲେନିନ୍ କହିଛନ୍ତି।

# ନାରୀ ସଶକ୍ତୀକରଣର ମୁଖା ପିନ୍ଧିଛନ୍ତି ବିରୋଧୀ: ମୁଖ୍ୟମନ୍ତ୍ରୀ

**'ନାରୀ ଶକ୍ତି ବନ୍ଦନ' ପ୍ରସଙ୍ଗରେ ଭାଜପାର ସମାଲୋଚନା**

**▪ ସୁଯୋଗ ହରାଇଛ, ଅଭିଶାପ ପଡ଼ିବ: ବାଂଶୁରୀ ସ୍ୱରାଜ**

ଭୁବନେଶ୍ୱର,୧୯।୪ (ରବିନାରାୟଣ ଜେନା)




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ଏମ୍‌ପି ବାଂଶୁରୀ ସ୍ୱରାଜ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ରାଜ୍ୟ ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟପାଲ ସିଂ ତୋମାର।

କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ମହିଳା ସଶକ୍ତୀକରଣ ଉପରେ କେବଳ ସ୍ଲୋଗାନ ଦେଉଛନ୍ତି, ମାତ୍ର ବାସ୍ତବ କ୍ଷେତ୍ରରେ ସେମାନଙ୍କର ସେଭଳି କିଛି ଉଦ୍ୟମ ଦେଖିବାକୁ ମିଳୁନାହିଁ। ବିରୋଧୀ ମହିଳା ସଶକ୍ତୀକରଣର ମୁଖା ପିନ୍ଧି ଅଭିନୟ କରୁଛନ୍ତି। ସେମାନେ ମହିଳା ବିରୋଧୀ ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରାଜ୍ୟ ଭାଜପା କାର୍ଯ୍ୟାଳୟରେ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଉପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳାଙ୍କ ସଶକ୍ତୀକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯଜ୍ଞ କରୁଥିବାବେଳେ ବିରୋଧୀ ଏହାକୁ ବିଫଳ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ଦେଶର ପ୍ରାୟ ୧୪୦ କୋଟି ଜନସଂଖ୍ୟାର ଅଧା ହେଉଛନ୍ତି ମହିଳା। ଦେଶର ଝିଅ ଓ ମହିଳାମାନେ ସବୁ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି। 'ଅପରେଶନ ସିନ୍ଦୂର' ସମୟରେ ନାରୀଶକ୍ତିର ଚମତ୍କାରିତା ସାରା ବିଶ୍ୱ ଦେଖିଥିଲା। ମାତ୍ର ବିରୋଧୀ ଦଳଗୁଡ଼ିକ ପାଇଁ ମହିଳା ସଶକ୍ତୀକରଣ କେବଳ ଏକ ସ୍ଲୋଗାନ ଓ ଫ୍ୟାଶନ। ଯେତେବେଳେ ନାରୀମାନଙ୍କୁ ପ୍ରକୃତ ସମ୍ମାନ ଓ ଅଧିକାର ଦେବାର ବେଳ ଆସିଲା, ବିଭିନ୍ନ ଆଳ ଦେଖାଇ ସେମାନେ ସେଥିରୁ ଓହରିଗଲେ। ମହିଳାଙ୍କୁ ନେତୃତ୍ୱ ଦେବା ପାଇଁ ନୁହେଁ, ତାଙ୍କୁ କେବଳ ନିଜ ନିଜ ଦଳରେ ଗୋଡ଼ାଣିଆ ଭାବେ ବ୍ୟବହାର କରିବା ପାଇଁ ଷଡ଼ଯନ୍ତ୍ର କରାଗଲା। ଲୋକ ସଭାରେ ୨ ଦିନ ଧରି ହୋଇଥିବା ବିତର୍କ ବେଳେ ସେମାନଙ୍କ ଅସଲ ରୂପ ପଦାକୁ ଆସିଛି। କଂଗ୍ରେସ, ଟିଏମ୍‌ସି, ସମାଜବାଦୀ ପାର୍ଟି, ଆପ୍, ଡିଏମ୍‌କେ, ବାମପନ୍ଥୀ ଦଳଗୁଡ଼ିକର ଆଭିମୁଖ୍ୟରୁ ସେମାନେ ମହିଳା ବିରୋଧୀ ବୋଲି ସ୍ପଷ୍ଟ ହେଉଛି। କଂଗ୍ରେସ ଓ ସହଯୋଗୀ ଦଳଗୁଡ଼ିକ ପୂର୍ବରୁ ଦୁର୍ନୀତି ଓ ପରିବାରବାଦ ପାଇଁ ଜଣାଶୁଣା ଥିଲେ, କିନ୍ତୁ ବର୍ତ୍ତମାନ ତାଙ୍କ ମୁଣ୍ଡରେ 'ମହିଳା ବିରୋଧୀ' କଳଙ୍କର ଷ୍ଟାମ୍ପ ଲାଗିଗଲା। ଗତ ୧୭ ତାରିଖ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ 'କଳା ଦିବସ' ଥିଲା। ଏହା ଦେଶର ମହିଳାଙ୍କ ପରାଜୟ ନୁହେଁ, ବରଂ ବିରୋଧୀଙ୍କ ଅହଂକାରକୁ ଦର୍ଶାଉଛି ବୋଲି ମୁଖ୍ୟମନ୍ତ୍ରୀ ସମାଲୋଚନା କରିଛନ୍ତି।

ଦିଲ୍ଲୀର ଭାଜପା ଏମ୍‌ପି ବାଂସୁରୀ ସ୍ୱରାଜ ଏଥିରେ ଯୋଗଦେଇ କହିଛନ୍ତି, ନାରୀଶକ୍ତି ବନ୍ଦନ ଅଧିନିୟମ ୨୦୨୩ ସେପ୍ଟେମ୍ବରରେ ପାରିତ ହୋଇଥିଲା। ସେତେବେଳେ ବିରୋଧୀ ଦଳଗୁଡ଼ିକ ଏହା ସପକ୍ଷରେ ସହମତି ପ୍ରକାଶ କରିଥିଲେ। ମାତ୍ର ଅଧିନିୟମ ଲାଗୁ ହେବାବେଳକୁ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି, ସମାଜବାଦୀ ପାର୍ଟିଙ୍କ ସହ ଇଣ୍ଡି ମେଣ୍ଟରେ ଥିବା ସବୁ ବିରୋଧୀଦଳ ମାତୃଶକ୍ତି ସହ ବିଶ୍ୱାସଘାତ କରିଛନ୍ତି। ଯେଉଁମାନେ ନାରୀଶକ୍ତିର ସ୍ୱାର୍ଥକୁ ବଳି ପକାଇ ଦେଇଛନ୍ତି, ସେମାନଙ୍କୁ ଅଭିଶାପର ଫଳ ନିଶ୍ଚୟ ମିଳିବ। ଏହାର ପ୍ରତିବାଦରେ ଭାଜପା ଜନ ଜାଗରଣ ସୃଷ୍ଟି କରିବ। ପଞ୍ଚାୟତରୁ ପାର୍ଲିଆମେଣ୍ଟ ପର୍ଯ୍ୟନ୍ତ ସବୁଠି ସ୍ୱର ଉତ୍ତୋଳନ କରିବ ବୋଲି ବାଂସୁରୀ କହିଛନ୍ତି। ଏହି ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ପ୍ରମୁଖ ଉପସ୍ଥିତ ଥିଲେ।

# ସବୁବେଳେ କ୍ଷମତାରେ ରହିବାକୁ ଏ ନାଟକ: କଂଗ୍ରେସ

ଭୁବନେଶ୍ୱର,୧୯।୪(ରବିନାରାୟଣ ଜେନା)

'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଆଳରେ ସବୁ ଦିନ କ୍ଷମତାରେ ରହିବା ପାଇଁ ଭାଜପାକୁ ସୁହାଇବା ଭଳି ନିର୍ବାଚନମଣ୍ଡଳୀ ପରିସୀମା ନିର୍ଦ୍ଧାରଣ ବିଲ୍ ଲୁଚାଇ ପାସ୍ କରିବାକୁ ଚାହୁଁଥିଲେ। ହେଲେ ଏଥିରେ ସଫଳ ହୋଇପାରିଲେ ନାହିଁ। ଭାଜପାର କ୍ଷମତାସୀନ ନାଟକ ଧରାପଡ଼ିଛି ବୋଲି ଏଆଇସିସି ମୁଖପାତ୍ର ଡ. ହମିଦ ହୁସେନ କହିଛନ୍ତି। ରାଜ୍ୟ କଂଗ୍ରେସ ଭବନରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ହୁସେନ କହିଛନ୍ତି, ଭାଜପା କ୍ଷମତାସୀନ ହେବା ଦିନରୁ ବିକାଶ କାମକୁ ଛାଡ଼ି କେବଳ ପ୍ରଧାନମନ୍ତ୍ରୀ ଓ ଦଳର ବାହାବା ନେବାରେ ବ୍ୟସ୍ତ ରହିଛି। କିନ୍ତୁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ଦଳଗୁଡ଼ିକ ଏକଜୁଟ ହୋଇ ସରକାରଙ୍କ ପ୍ରବଞ୍ଚନାପୂର୍ଣ୍ଣ ମହିଳା ସଂରକ୍ଷଣ ବିଲ୍‌କୁ ନାକଚ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ଅମଳରେ କଂଗ୍ରେସ ମହିଳା ବିଲ୍ ଆଣି ରାଜ୍ୟ ସଭାରେ ପାରିତ କରାଇଥିଲା, କିନ୍ତୁ ସଂଖ୍ୟା ନ ଥିବାରୁ ଲୋକ ସଭାରେ ତାହା ଗୃହୀତ ହୋଇପାରି ନ ଥିଲା।

ହୁସେନ୍ କହିଛନ୍ତି, ଭାଜପା ସରକାର ୨୦୨୩ରେ ମହିଳା ସଂରକ୍ଷଣ ବିଲ୍ ପାସ୍ କରାଇଥିଲା। ତାହା ଉପରେ ରାଷ୍ଟ୍ରପତିଙ୍କ ମୋହର ବାଜିଥିଲା କିନ୍ତୁ ଲାଗୁ କରିବା ପାଇଁ ନୋଟିଫିକେଶନ ଜାରି ଲାଗି ୩ ବର୍ଷ କାହିଁକି ଲାଗିଲା ବୋଲି ସେ ସରକାରଙ୍କୁ ଜବାବ ମାଗିଛନ୍ତି। କେନ୍ଦ୍ର ପ୍ରକାରାନ୍ତେ ମହିଳା ସଂରକ୍ଷଣ ନାମରେ ଡିଲିମିଟେଶନ ବିଲ୍ ଆଣିବାକୁ ଚାହୁଁଥିଲା, ଯାହାକି ଅସାମ୍ବିଧାନିକ। ଏହି ବିଲ୍‌ରେ ଆସାମ ଏବଂ ଜମ୍ମୁ-କଶ୍ମୀରର ସିଟ୍‌ସଂଖ୍ୟା ବୃଦ୍ଧି କରାଯାଇନାହିଁ। ଡିଲିମିଟେଶନ ବିଲ୍‌କୁ କୋର୍ଟରେ ମଧ୍ୟ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ। ଏହାର ଅର୍ଥ ହେଉଛି ଭାଜପା ଦୀର୍ଘବର୍ଷ ଧରି ନିରଙ୍କୁଶ କ୍ଷମତାରେ ରହିବା ଲାଗି ଏସବୁ ନାଟକ ରଚିଥିଲା ବୋଲି ହୁସେନ୍ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ପ୍ରକାଶ ଜେନା କହିଛନ୍ତି, କେନ୍ଦ୍ର ସରକାର ୨୦୨୩ରେ ମହିଳା ସଂରକ୍ଷଣ ବିଲ୍ ଆଗତ କରି ତାକୁ ପାସ କରିସାରିଛି। ଏବେ ସଂଖ୍ୟାବଳ ନ ଥିବା ଜାଣି ମଧ୍ୟ ପ୍ରହସନ ଚଳାଇ ପୁଣି ଥରେ ମହିଳା ସଂରକ୍ଷଣ ବିଲ୍ ଆଣିବା ଦୁର୍ଭାଗ୍ୟଜନକ ବୋଲି ପ୍ରକାଶ ସମାଲୋଚନା କରିଛନ୍ତି।

# ଗ୍ୟାସ୍ ବୁକିଂ ନାଁରେ ବଢୁଛି ସାଇବର ଠକେଇ

ଭୁବନେଶ୍ୱର, ୧୯।୪ (ତ୍ରିନାଥ ମହାନ୍ତି)

■କେୱାଇସି ଅପଡେଟ୍ ପାଇଁ ଆସୁଛି ଫେକ୍ ଲିଙ୍କ୍
■ସାଇବର ଥାନାରେ ୬ ଅଭିଯୋଗ, ସତର୍କ କଲା ପୋଲିସ

ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଓଡ଼ିଶାରେ ଏବେ ବି ରନ୍ଧନ ଗ୍ୟାସ ସମସ୍ୟା ଲାଗି ରହିଛି। ବୁକିଂ ସମୟସୀମା ୨୫ ଦିନକୁ ବଢାଇ ଦିଆଯାଇଥିବାବେଳେ ବହୁ ବିଳମ୍ବରେ ସିଲିଣ୍ଡର ଡେଲିଭରି ହେଉଛି। ଏଭଳି ସ୍ଥିତିରେ ଗ୍ୟାସ୍ ପାଇଁ ଲୋକେ ବ୍ୟସ୍ତ ହୋଇପଡୁଥିବାବେଳେ ଏହାର ଫାଇଦା ଉଠାଉଛନ୍ତି ସାଇବର ଠକ। ଗ୍ରାହକଙ୍କ ପାଖକୁ ଫେକ୍ ମେସେଜ ଓ ଲିଙ୍କ୍ ପଠାଇ ବ୍ୟାଙ୍କ୍ ଆକାଉଣ୍ଟକୁ ଖାଲି କରିଦେଉଛନ୍ତି। କେତେବେଳେ କେୱାଇସି ଅପ୍‌ଡେଟ୍ ତ ଆଉ କେତେବେଳେ ଶୀଘ୍ର ବୁକିଂ ପାଇଁ ଲିଙ୍କ ପଠାଇ ଚତୁରତାର ସହ ଗ୍ରାହକଙ୍କ ବ୍ୟାଙ୍କ ଡିଟେଲ୍ସ ପାଇଯିବା ପରେ ଟଙ୍କା ଲୁଟୁଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଠକେଇ ବଢୁଥିବାବେଳେ ଗତ ୧୦ ଦିନରେ କେବଳ ଭୁବନେଶ୍ୱରରେ ୬ଟି ଅଭିଯୋଗ ଆସିଛି।

ନୟାପଲ୍ଲୀର କାଳୁ ବେହେରା ନାମକ ଜଣେ ବ୍ୟକ୍ତି ସାଇବର ଠକାମିର ଶିକାର ହୋଇଛନ୍ତି। ତାଙ୍କ ଆକାଉଣ୍ଟରୁ ସାଇବର ଠକ ୬ଲକ୍ଷ ଟଙ୍କା ଠକି ନେଇଥିବା ସାଇବର ଥାନାରେ ଅଭିଯୋଗ ହୋଇଛି। ତାଙ୍କ ମୋବାଇଲ୍ ଫୋନ୍‌କୁ ୪ଦିନ ତଳେ ଏକ ମେସେଜ୍ ଆସିଥିଲା, ଯେଉଁଥିରେ ଗ୍ୟାସ୍ ଶୀଘ୍ର ବୁକିଂ କରିବା ପାଇଁ ଏକ ଲିଙ୍କ୍ ଦିଆଯାଇଥିଲା। ଉକ୍ତ ଲିଙ୍କ୍‌ରେ କ୍ଲିକ୍ କରିବା ପରେ ନିଜର ତଥ୍ୟ ଦେଇ ସହଜରେ ଗ୍ୟାସ୍ ବୁକିଂ କରିପାରିବ ବୋଲି ଲେଖାଥିଲା। ଏହି ମେସେଜ୍‌କୁ ଦେଖି କାଳୁ ଉକ୍ତ ଲିଙ୍କ୍‌ରେ କ୍ଲିକ୍ କରିବା ପରେ ତାଙ୍କ ମୋବାଇଲ୍ ହ୍ୟାକ୍ ହୋଇଯାଇଥିଲା। ପରେ ସାଇବର ଠକ ତାଙ୍କ ଆକାଉଣ୍ଟରୁ ୬ଲକ୍ଷ ଟଙ୍କା ଟ୍ରାନ୍ସଫର୍ କରିନେଇଥିଲେ। ସେହିପରି ରାଜୁ ଜେନା ନାମକ ବ୍ୟକ୍ତି ୬୦ ହଜାର ଟଙ୍କା ଠକେଇର ଶିକାର ହୋଇଛନ୍ତି। ଗ୍ୟାସ୍ ବୁକିଂ ନାମରେ ଏକ ଏପିକେ ଫାଇଲ୍ ତାଙ୍କ ମୋବାଇଲ୍ ଫୋନ୍‌କୁ ଆସିଥିଲା। ସେ ଏହି ଫାଇଲ୍‌କୁ ଖୋଲି ଦେଖିବା ପରେ ତାଙ୍କ ମୋବାଇଲ୍ ଫୋନ୍ ହ୍ୟାକ୍ ହୋଇଯାଇଥିଲା। ପରେ ସାଇବର ଠକ ତାଙ୍କ ଆକାଉଣ୍ଟରୁ ୬୦ ହଜାର ଟଙ୍କା ଠକି ନେଇଥିଲେ।

ଏଭଳି ଠକେଇ ବଢୁଥିବାରୁ ପୋଲିସ ଲୋକଙ୍କୁ ସଚେତନ କରିଛି। ପୋଲିସ କହିଛି ଯେ, ଗ୍ୟାସ୍ ବୁକ୍ ନେଇ ଏଭଳି ମେସେଜ୍ ଆସୁଥିବା ଲିଙ୍କ୍ କିମ୍ବା ଏପିକେ ଫାଇଲ୍ ଉପରେ କ୍ଲିକ୍ କରନ୍ତୁ ନାହିଁ। ଗ୍ୟାସ୍ ବୁକିଂ ପାଇଁ ଗ୍ୟାସ୍ ଏଜେନ୍ସି ପକ୍ଷରୁ ଦିଆଯାଇଥିବା ନମ୍ବରରେ କଲ୍ କରନ୍ତୁ କିମ୍ବା ସେଠାକୁ ଯାଇ ବୁକିଂ କରନ୍ତୁ। ତେବେ ଯଦି କେହି ଏଭଳି ସାଇବର ଠକେଇର ଶିକାର ହୁଅନ୍ତି ବା ସାଇବର ଠକମାନେ ମୋବାଇଲ୍ ହ୍ୟାକ୍ କରି ଆକାଉଣ୍ଟରୁ ଟଙ୍କା ଲୁଟି ନେଉଥିବା ଜଣାପଡେ, ତୁରନ୍ତ ସାଇବର ସେଲ୍‌କୁ କଲ୍ କରି ଜଣାଇବା ସହ ସାଇବର ଥାନାକୁ ଯାଇ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏନେଇ ସାଇବର ଏକ୍ସପର୍ଟ ଅବିନାଶ ଗୁରୁ କହିଛନ୍ତି, ସାଇବର ଠକ ଗ୍ୟାସ୍ ବୁକିଂ ନାମରେ ଫେକ୍ ୱେବ୍‌ସାଇଟ୍ ଖୋଲିଛନ୍ତି, ଯାହାକୁ ଦେଖିଲେ ସତ ପରି ଲାଗିବ। ତେଣୁ କୌଣସି ଲିଙ୍କ୍ କିମ୍ବା ମେସେଜ୍ ଆସୁଥିଲେ ସାବଧାନ ହେବାକୁ ପଡିବ। ଠକେଇ କରୁଥିବା ସାଇବର ଠକ ପ୍ରାୟତଃ ରାଜ୍ୟ ବାହାରର ହୋଇଥିବାରୁ ଟଙ୍କା କଟିବା ମାତ୍ରେ ମିଳିବା କଷ୍ଟକର ବୋଲି ସେ କହିଛନ୍ତି।



କେନ୍ଦ୍ର ସରକାରଙ୍କ ୟୁଜିସି ବିଲ୍ ଓ ରାଜ୍ୟ ଉଚ୍ଚ ଶିକ୍ଷାରେ ବର୍ଦ୍ଧିତ ଜାତି ଆଧାରିତ କୋଟା ପ୍ରତ୍ୟାହୃତ ଦାବିରେ ରବିବାରଠାରୁ ସାଧାରଣ ବର୍ଗ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।

## ସ୍ତ୍ରୀଙ୍କୁ ଆକ୍ରମଣ, ସ୍ୱାମୀ ଗିରଫ

ଭୁବନେଶ୍ୱର, ୧୯।୪ (ପ୍ରସନଜିତ୍ ସାହୁ)

ଚରିତ୍ର ସନ୍ଦେହ କରି ସ୍ତ୍ରୀଙ୍କୁ ଆକ୍ରମଣ ଓ ହତ୍ୟା ଉଦ୍ୟମ ଅଭିଯୋଗରେ ଶନିବାର ନୟାପଲ୍ଲୀ ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ନୟାପଲ୍ଲୀ ତ୍ରିନାଥ ନଗର ବସ୍ତିର ଜିତୁ ବେହେରା (୩୧)। ଗତ ୧୬ ତାରିଖରେ ଜିତୁ ଆକ୍ରମଣ କରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ପରେ ଅଭିଯୁକ୍ତ ତାଙ୍କ ମୋବାଇଲ ଫୋନ ଛଡ଼ାଇ ନେଇ ପଳାଇ ଯାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଅଭିଯୁକ୍ତଙ୍କୁ ଓଡ଼ଗାଁ ଥାନା ଅନ୍ତର୍ଗତ ବନ୍ଧପୁର ଅଞ୍ଚଳରୁ ଗିରଫ କରିଥିଲା।

## ଆମ ବସ୍ ଭଙ୍ଗାରୁଜା, ଡ୍ରାଇଭରଙ୍କୁ ପଥର ମାଡ଼ ଘଟଣା
# ୨ ଅଭିଯୁକ୍ତ ଗିରଫ, ସ୍କୁଟି ଜବତ

ଭୁବନେଶ୍ୱର, ୧୯।୪ (ପ୍ରସନଜିତ୍ ସାହୁ)

ଗାଡ଼ି ସାଇଡ୍‌ମରାକୁ ନେଇ ଆମ ବସ୍ ଭଙ୍ଗାରୁଜା ଓ ଡ୍ରାଇଭରଙ୍କୁ ପଥର ମାଡ଼ ଘଟଣାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ରବିବାର ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଭଦ୍ରକର ସରୋଜ ଜେନା (୨୬) ଓ ଭୁବନେଶ୍ୱର ମଞ୍ଚେଶ୍ୱର ଆଦିମାତା କଲୋନୀର ବରୁଣ ପଟ୍ଟନାୟକ (୨୪)। ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ସାଇଡ୍‌ମରାକୁ ନେଇ ୩ଜଣ ଯୁବକ ଆମ ବସ୍‌କୁ ଶୈଳଶ୍ରୀବିହାର ଜଗନ୍ନାଥ ମନ୍ଦିର ନିକଟରେ ଅଟକାଇଥିଲେ। ଡ୍ରାଇଭର ନକୁଳ ଚନ୍ଦ୍ର ସାହୁଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ତାଙ୍କ ଉପରେ ପଥର ମାଡ଼ କରିଥିଲେ। ତାଙ୍କ ମୁଣ୍ଡରେ ପଥର ମାଡ଼ ହେବାରୁ ସେ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଫଳରେ ବସ୍‌ଟି ରାସ୍ତାରେ ପ୍ରାୟ ୩୦ ମିନିଟ ଅଟକିଥିଲା। ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିବାରୁ ଦୁଇ ଯୁବକ ବସ୍ ଭଙ୍ଗାରୁଜା କରିଥିଲେ। ଚନ୍ଦ୍ରଶେଖର ଥାନା ପୋଲିସ ପହଞ୍ଚିବାରୁ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଡ୍ରାଇଭର ନକୁଳଙ୍କ ଅଭିଯୋଗ ଆଧାରରେ ଗତ ୧୬ ତାରିଖରେ ପୋଲିସ ମାମଲା (ନଂ. ୩୬୬/୨୦୨୬) ରୁଜୁ କରି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣ ଶିଖରଚଣ୍ଡୀ ନିକଟ ଏକ ସ୍ଥାନରେ ଭୋଜି କରୁଥିବା ଖବର ପାଇ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ଏକ ସ୍କୁଟି ଜବତ ହୋଇଛି। ଏହି ଘଟଣାରେ ଅନ୍ୟଜଣେ ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ଗିରଫ ପାଇଁ ଚଢ଼ାଉ ଚାଲିଥିବା ପୋଲିସ କହିଛି।

# 'ଜାତିଗତ ଜନଗଣନା ନ କରି ପଛୁଆବର୍ଗ ସମାଜକୁ ଡବଲ ଧୋକା ଦେଇଛନ୍ତି ସରକାର'

ଭୁବନେଶ୍ୱର, ୧୯।୪ (ବନ୍ଦନା ସେଠୀ)

ଜାତିଗତ ଜନଗଣନା ପାଇଁ ଲୋକ ସଭାରେ ବିରୋଧୀ ଦଳ ପକ୍ଷରୁ ବାରମ୍ବାର ଦାବି ଫଳରେ ପ୍ରଧାନମନ୍ତ୍ରୀ ଜାତିଗତ ଜନଗଣନା କରିବା ପାଇଁ ଘୋଷଣା କରିଥିଲେ। ପରେ ଜାତିଗତ ଜନଗଣନା କରିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ନୀତିଗତ ଭାବେ ନିଷ୍ପତ୍ତି ନେଇଥିବା ସୂଚନା ଓ ଲୋକସମ୍ପର୍କ ତଥା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରେସ୍ ବାର୍ତ୍ତାରେ ଜଣାଇଥିଲେ। ମାତ୍ର ଡବଲ୍ ଇଞ୍ଜିନ୍ ସରକାର ପଛୁଆବର୍ଗ ସମାଜକୁ ଡବଲ ଧୋକା ଦେଇଛନ୍ତି ବୋଲି ଅଲ୍ ଓଡ଼ିଶା ଓବିସି ଫେଡେରେଶନ ପକ୍ଷରୁ ଅଭିଯୋଗ କରାଯାଇଛି। ଚଳିତ ଜନଗଣନାରେ ଥିବା ୩୩ଟି ପ୍ରଶ୍ନ ମଧ୍ୟରେ ୧୨ ନମ୍ବର ପ୍ରଶ୍ନରେ କେବଳ ତଫସିଲ୍‌ଭୁକ୍ତ ଜାତି, ଜନଜାତି ଓ ଅନ୍ୟାନ୍ୟ ବୋଲି ଉଲ୍ଲେଖ ରହିଛି। ପଛୁଆବର୍ଗ, ଅତି ପଛୁଆବର୍ଗ ତଥା ଅଳ୍ପ ସଂଖ୍ୟକ ବର୍ଗଙ୍କ ଉପରେ କୌଣସି ପ୍ରଶ୍ନ ନାହିଁ। ତେଣୁ ଭାଜପା ସରକାର ପଛୁଆବର୍ଗଙ୍କ ଜାତିଗତ ଜନଗଣନା ନ କରି ପଛୁଆବର୍ଗ ସମାଜକୁ ଭୁଆଁ ବୁଲାଇବା ପାଇଁ ପ୍ରୟାସ କରିଛନ୍ତି। ତେଣୁ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇଥିବା ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ମହାସଂଘ ଦାବି କରିଛି। ଏଥିସହ ଜାତିଗତ ଜନଗଣନା ପାଇଁ ଭାରତ ସରକାର ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ ନ କଲେ ଆଗାମୀ ଦିନରେ ପଛୁଆ ବର୍ଗ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମହାସଂଘ ସଭାପତି ଅନାଦି ସାହୁ ଓ ମହାସଚିବ ପ୍ରତାପ କିଶୋର ବାରିକ ଚେତବାନୀ ଦେଇଛନ୍ତି।

# ଓଡ଼ିଶା ବ୍ରାହ୍ମଣ ମହାସଂଘ ପାଳିଲା ପର୍ଶୁରାମ ଜୟନ୍ତୀ

ଭୁବନେଶ୍ୱର, ୧୯।୪ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ବ୍ରାହ୍ମଣ ମହାସଂଘ ଭୁବନେଶ୍ୱର ଶାଖା ଆନୁକୂଲ୍ୟରେ ଖାରବେଳନଗରସ୍ଥିତ ଓଡେଶା ଭବନ ସଭାଗୃହରେ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ମହାସଂଘର ଭୁବନେଶ୍ୱର ଶାଖା ସଭାପତି ରମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅତିଥି ଭାବେ ଡ. ଅମ୍ବରୀଶ ଶତପଥୀ, ଅନନ୍ତ ଗୋପାଳ ପଣ୍ଡା, ପଦ୍ମନାଭ ଦାଶ, ଇଂ. ହରିହର ତ୍ରିପାଠୀ, ଶିକ୍ଷୟିତ୍ରୀ ଭବାନୀ କୁମାରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଭଗବାନ ପର୍ଶୁରାମ କେବଳ ଜଣେ ଅବତାର ନ ଥିଲେ, ସେ ଥିଲେ ଅଦ୍ୱିତୀୟ ଯୁଗ ପୁରୁଷ ଓ ଆଦର୍ଶ ବ୍ରାହ୍ମଣ। ତାଙ୍କର ଶାସ୍ତ୍ର ଓ ଶସ୍ତ୍ରର ସମନ୍ୱୟ ଆଜିର ଯୁବପିଢିଙ୍କ ପାଇଁ ଏକ ବଡ଼ ଶିକ୍ଷା। ତାଙ୍କ ଜୀବନୀରୁ ଆଜିର ସମାଜ ବହୁତ କିଛି ଶିଖିବାର ଅଛି ବୋଲି ମତପ୍ରକାଶ ପାଇଛି। ଭୁବନେଶ୍ୱର ଶାଖା ସମ୍ପାଦକ ପରମେଶ୍ୱର ମିଶ୍ର ସ୍ୱାଗତ ଭାଷଣ ଓ ଇଞ୍ଜିନିୟର ଶରତ ଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ।



ପର୍ଶୁରାମ ଜୟନ୍ତୀରେ ଓଡ଼ିଶା ବ୍ରାହ୍ମଣ ମହାସଂଘର କର୍ମକର୍ତ୍ତାମାନେ।

## କମ୍ପାନୀରୁ ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୯।୪ (ପ୍ରସନଜିତ୍ ସାହୁ)

ଚୋରି ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବମିଖାଲ ଅଞ୍ଚଳର ବିକ୍ରମ ବେହେରା (୩୨)। ଅଭିଯୁକ୍ତଙ୍କ ନିକଟରୁ ଚୋରା ସାମଗ୍ରୀ ଜବତ କରାଯାଇଛି। ସୂଚନାଯୋଗ୍ୟ, ଜଗନ୍ନାଥ ନଗରରେ ଥିବା ବ୍ଲୁ ଏଜ୍ ଟ୍ରେଡ ଭେଞ୍ଚର ପ୍ରାଇଭେଟ ଲିମିଟେଡରେ ଗତ ୧୬ ତାରିଖ ରାତିରେ କିଛି ଜିନିଷ ଚୋରି ହୋଇଥିଲା। କମ୍ପାନୀର ଷ୍ଟୋର୍ ରୁମରୁ ସାଉଣ୍ଡ୍ ବକ୍ସ, ହାଲୋଜେନ ଲାଇଟ୍, ମ୍ୟାଟ୍, ରଙ୍ଗିନ ବଲ୍ ଓ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ଚୋରି ହୋଇଥିଲା। ଏନେଇ କମ୍ପାନୀର ପରିଚାଳକ ସଞ୍ଜୟ କୁମାର ମିଶ୍ର ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୨୩୧/୨୦୨୬) ରୁଜୁ କରି ତଦନ୍ତ ଚଳାଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚନ୍ଦ୍ରଶେଖର


@ ଅଜୟ


@ ହରିଶ


@ ଜିତୁ


@ ବିଦ୍ୟାଭୂଷଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ ଆରମ୍ଭ

ପୁରୁଣା ଭୁବନେଶ୍ୱର, ୧୯।୪
(ସୁବାଷ ଚନ୍ଦ୍ର ପ୍ରଧାନ)

ବାଲ୍ୟ ବିବାହକୁ ବିରୋଧ କରି ଅକ୍ଷୟତୃତୀୟା ଅବସରରେ ଖୋର୍ଦ୍ଧା ଜିଲାର ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଭରତପୁରଠାରେ ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ଅଧିକ ସଂଖ୍ୟାରେ ନାରୀ ନେତ୍ରୀ, ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିରର ପୂଜକ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ଶିକ୍ଷୟିତ୍ରୀଶିକ୍ଷକ ତଥା ବାଲ୍ୟ ବିବାହ ନିରୋଧୀ ଅଧିକାରିଣୀ ଯୋଗଦେଇ ସେମାନଙ୍କ ସମର୍ଥନ ଏବଂ ପ୍ରତିବଦ୍ଧତା ପ୍ରତିପାଦନ କରିଥିଲେ। 'ବାଲ୍ୟ ବିବାହମୁକ୍ତ ଭାରତ' ଲେଖାଥିବା ବ୍ୟାନର ଧରି ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇବା ସହ ବାଲ୍ୟ ବିବାହ ବିରୋଧରେ ଶପଥପାଠ କରାଇଥିଲେ। ସଂଗଠନର ଜିଲା ସଂଯୋଜିକା ଶିବାନୀ ନାୟକ, ହରପ୍ରିୟା ପତି, ଘନଶ୍ୟାମ ଭୋଇ, ଶ୍ରଦ୍ଧାଞ୍ଜଳି ବାରିକ, ରିଙ୍କିନା ସ୍ୱାଇଁ ଏବଂ ଅଜୟ କୁମାର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ବାଲ୍ୟ ବିବାହମୁକ୍ତ ଭାରତର ବାର୍ତ୍ତା ନେଇ ଅନୁଷ୍ଠିତ ଶୋଭାଯାତ୍ରା।

# 'ଫ୍ୟାଟି ଲିଭର' ସୁସ୍ଥ ଭାରତ ଗଠନରେ ବଡ଼ ବାଧକ: ସ୍ୱାସ୍ଥ୍ୟମନ୍ତ୍ରୀ

## ଖୁବ୍‌ଶୀଘ୍ର ଏସ୍‌ସିବିରେ ପୁନଃ କାର୍ଯ୍ୟକ୍ଷମ ହେବ ଯକୃତ ପ୍ରତ୍ୟାରୋପଣ

ଭୁବନେଶ୍ୱର, ୧୯।୪ (ବନ୍ଦନା ସେଠୀ)

ବିଶ୍ୱରେ ଦିନକୁ ଦିନ ଲିଭର୍ ବା ଯକୃତଜନିତ ରୋଗ ଓ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିଚାଲିଛି। ବିଶ୍ୱରେ ୧୫୦ କୋଟିରୁ ଊର୍ଦ୍ଧ୍ୱ ଲୋକ ଯକୃତ ରୋଗରେ ପୀଡିତ ଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରତିବର୍ଷ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟୁଛି। ଲିଭର୍‌ଜନିତ ରୋଗଠାରୁ ନିଜକୁ ଦୂରେଇ ରଖିବା ପାଇଁ ସୁସ୍ଥ ଜୀବନଚର୍ଯ୍ୟା ଏକ ପ୍ରମୁଖ ଅସ୍ତ୍ର ହୋଇଥିବାବେଳେ ବ୍ୟାପକ ଜନସଚେତନତାର ଅଭାବ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକଙ୍କୁ ମୃତ୍ୟୁମୁଖକୁ ଠେଲିଦେଉଛି ବୋଲି ମତ ପ୍ରକାଶ ପାଇଛି। ଓଡ଼ିଶା ଗ୍ୟାଷ୍ଟ୍ରୋ ଓ ଲିଭର କେୟାର୍ ଫାଉଣ୍ଡେଶନ ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲରେ 'ଦି ଲିଭର୍ ୱେଲ୍‌ନେସ୍ ସମିଟ୍' ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ପେଟରୋଗ ବିଶେଷଜ୍ଞ ତଥା ଫାଉଣ୍ଡେଶନର ମୁଖ୍ୟ ଡା. ପ୍ରଫେସର ମନୋଜ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ ବିଶ୍ୱ ଯକୃତ ଦିବସ ପାଳନର ଆବଶ୍ୟକତା ସମ୍ପର୍କରେ କହିବା ସହିତ ଭାରତରେ ଦିନକୁଦିନ ବଢୁଥିବା ଫ୍ୟାଟି ଲିଭର ଭଳି ଯକୃତଜନିତ ରୋଗ ସୁସ୍ଥ ଭାରତ ଗଠନରେ ବଡ଼ ବାଧକ ସାଜିଥିବା ଦର୍ଶାଇଥିଲେ। ଶରୀରର ଅତି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯକୃତକୁ ସୁସ୍ଥ ରଖିବା ପାଇଁ ପ୍ରଥମେ ନିଜ ଅଭ୍ୟାସରେ ପରିବର୍ତ୍ତନ ଆଣିବା ଲାଗି ସ୍ୱାସ୍ଥ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏଥିସହିତ ଖୁବ୍‌ଶୀଘ୍ର କଟକ ଏସ୍‌ସିବି ମେଡିକାଲରେ ଯକୃତ ପ୍ରତ୍ୟାରୋପଣ ସେବା ପୁନଃଆରମ୍ଭ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ସହ ଅନ୍ୟମାନେ ସମ୍ମିଳନୀର ପୁସ୍ତିକା ସହ କମିଶନରେଟ ପୋଲିସ, ବରିଷ୍ଠ ନାଗରିକ ଓ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ପାଇଁ ଦେୟମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଡ ଉନ୍ମୋଚନ କରିଥିଲେ।

ସମ୍ମିଳନୀର ୫ଟି ଅଧିବେଶନରେ ଜମ୍ମୁ କଶ୍ମୀରର ପୂର୍ବତନ ଡିଜିପି ରଶ୍ମି ରଞ୍ଜନ ସ୍ୱାଇଁ, ଫାୟାର ଡିଜି ସୁଧାଂଶୁ ଷଡ଼ଙ୍ଗୀ, ଫାୟାର ଆଇଜି ଡ. ଉମାଶଙ୍କର ଦାଶ, ଅଭିନେତ୍ରୀ ଅନୁ ଚୌଧୁରୀ, ଭୂମିକା ଦାସ, ମାଷ୍ଟର ସେଫ୍ ଅଭିନାଶ ନାୟକ, ଆଦୃତ ଚିଲ୍‌ଡ୍ରେନ୍ସ ହୋମ୍‌ର ପ୍ରତିଷ୍ଠାତା ପ୍ରଫେସର ଡ. ଆଦିତ୍ୟ ମହାନ୍ତି ପ୍ରମୁଖ ଯୋଗଦେଇ ସୁସ୍ଥ ଲିଭର ପାଇଁ ନିଜ ମତ ରଖିଥିଲେ। ଏହି ଅବସରରେ ଡାକ୍ତରମାନେ ଉପସ୍ଥିତ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାଜନିତ ପ୍ରଶ୍ନର ଉତ୍ତର ରଖିଥିଲେ। କାର୍ଯ୍ୟକ୍ରମରେ ବହୁ ପୋଲିସ, ଫାୟାର ବିଭାଗର ଅଧିକାରୀ, ବରିଷ୍ଠ ନାଗରିକ, ମହିଳା ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଡା. କନିଷ୍କ ଓ ଡା. ଆକାଶ ଧୋବଡା ସମ୍ମିଳନୀ ସଞ୍ଚାଳନ କରିଥିଲେ।



ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ଅନ୍ୟମାନେ ସମ୍ମିଳନୀ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି।

**ସଂକ୍ଷେପରେ**

## ଯୁବକଙ୍କ ଘରୁ ନାବାଳିକା ଉଦ୍ଧାର

ବାଙ୍କୀ , ୧୯ ।୪( ଶୁଭେନ୍ଦୁ ମହାପାତ୍ର) : ବାଙ୍କୀ ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଉକ୍ତ ଅଞ୍ଚଳରୁ ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ସମିତ କୁମାର ସ୍ୱାଇଁ ଓ ବାଙ୍କୀ ସିଡିପିଓ ଜ୍ୟୋତିର୍ମୟୀ ମିଶ୍ର ଉଦ୍ଧାର କରିଛନ୍ତି। ଏହି ଅଞ୍ଚଳର ୨୧ ବର୍ଷୀୟ ଜଣେ ଯୁବକଙ୍କ ସହ ସମ୍ପୃକ୍ତା ନାବାଳିକାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଯୁବକ ଜଣକ ଭୁବନେଶ୍ୱରସ୍ଥିତ ୟୁନିଟ ୯ରେ କାର୍ଯ୍ୟ କରନ୍ତି। ଯୁବକଙ୍କୁ ବିବାହ କରିବା ପାଇଁ ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇଥିଲେ ମାତ୍ର ସେମାନେ ବିରୋଧ କରିଥିଲେ। ଏନେଇ ସମ୍ପୃକ୍ତା ନାବାଳିକା ଘର ଛାଡ଼ି ଗତ ଦୁଇଦିନ ପୂର୍ବେ ଚାଲିଆସିବା ସହ ଯୁବକଙ୍କ ଘରେ ରହୁଥିଲେ। ଏନେଇ ନାବାଳିକାଙ୍କ ପରିବାର ସଦସ୍ୟ ସୁବର୍ଣ୍ଣପୁର ବିଟ୍‌ହାଉସ୍‌ରେ ଅଭିଯୋଗ କରିବା ପରେ ନାବାଳିକାଙ୍କୁ ଯୁବକଙ୍କ ଘରୁ ଉଦ୍ଧାର କରାଯାଇ ଜିଲା ସିଡବ୍ଲ୍ୟୁସି କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇଛି।

## ରଚିକ ପାହାଡ଼ରେ ରହିଛି ପର୍ଶୁରାମଙ୍କ ପାଦଚିହ୍ନ

ବାଙ୍କୀ,୧୯।୦୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀର ଇଷ୍ଟଦେବୀ ମା’ଚର୍ଚ୍ଚିକାଙ୍କ ମନ୍ଦିରସ୍ଥ ପର୍ଶୁରାମ ପୀଠରେ ଓଡ଼ିଶା ବ୍ରାହ୍ମଣ ମହାସଂଘ ପକ୍ଷରୁ ରବିବାର ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରାଜ୍ୟ ସଭାପତି ପଣ୍ଡିତ ଡ. ସଦାନନ୍ଦ ଦିକ୍ଷୀତଙ୍କ ନିର୍ଦ୍ଦେଶକ୍ରମେ ଓ ରାଜ୍ୟ ପର୍ଶୁରାମ ବାହିନୀର ଉପସଭାପତି ଗୌତମ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ଆୟୋଜନ କରାଯାଇଥିଲା। ଭଗବାନ ପର୍ଶୁରାମ ମା’ଚର୍ଚ୍ଚିକାଙ୍କ ମନ୍ଦିରସ୍ଥ ରଚିକ ପାହାଡ଼ରେ ବହୁଦିନ ଧରି ରହି ତପସ୍ୟା କରୁଥିଲେ। ତାଙ୍କ ପାଦଚିହ୍ନ ଏବେବି ରଚିକ ପାହାଡ଼ ଉପରେ ରହିଛି ବୋଲି ଚର୍ଚ୍ଚା ହୋଇଥିଲା। ଏହି ଜୟନ୍ତୀ ଉତ୍ସବରେ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ପର୍ଶୁରାମଙ୍କ ଲୀଳା ବର୍ଣ୍ଣନା କରିଥିଲେ। ଶେଷରେ ରାଜ୍ୟ ପର୍ଶୁରାମ ବାହିନୀର ଉପସଭାପତି ଗୌତମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷା ଜୀବନ ଗଠନର ଏକ ମାଧ୍ୟମ: ମୁଖ୍ୟମନ୍ତ୍ରୀ



ବିଦ୍ୟାଳୟର ଜଣେ କୃତୀ ଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରୁଛନ୍ତି ।

କଣ୍ଟାପଡା,୧୯ ।୪(ସୁରନାରାୟଣ ସାହୁ): କଣ୍ଟାପଡା ବ୍ଲକ ଅନ୍ତର୍ଗତ ବାଗଲପୁର ପଞ୍ଚାୟତ ସୁନ୍ଦରଗ୍ରାମ ସରକାରୀ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ପ୍ଲାଟିନମ ଜୁବିଲି କମିଟି ସଭାପତି ସୁଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷା କେବଳ ପାଠପଢ଼ା ନୁହେଁ, ଏହା ଜୀବନ ଗଠନର ଏକ ମାଧ୍ୟମ ବୋଲି କହିଥିଲେ। ଏତଦ୍‌ବ୍ୟତୀତ ସରକାର ଚଳିତ ବର୍ଷଠାରୁ ରାଜ୍ୟରେ ନୂତନ ଜାତୀୟ ଶିକ୍ଷାନୀତି ଲାଗୁ କରିବା ସହ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନୂତନ ଶିକ୍ଷକ ନିଯୁକ୍ତି କରିବେ। ଏଥିସହ ବିଭିନ୍ନ ବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ନିୟମିତ ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି କହିଥିଲେ। ଶିକ୍ଷାନୀତି ଅନୁଯାୟୀ ଆବଶ୍ୟକ ସ୍ଥଳେ ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟରେ +୨ ଖୋଲାଯିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗର ପୂର୍ବତନ ଶାସନ ସଚିବ ତଥା ବିଦ୍ୟାଳୟର ପୁରାତନ ଛାତ୍ର ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟ ଏକ ମାଇଲଖୁଣ୍ଟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, ନିଆଳି ବିଧାୟକ ଛବି ମଲିକ, ଏନ୍‌ଆଇଟି ରାଉରକେଲାର ପୂର୍ବତନ ନିର୍ଦ୍ଦେଶକ ଡ. ସୁନୀଲ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ କର୍ମଚାରୀ, କଣ୍ଟାପଡା ବ୍ଲକ ପ୍ରଶାସନ ସ୍ଥାନୀୟ ଭାଜପା ନେତୃମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ତଥା ବାଲୁକା ଶିଳ୍ପୀ ଓ ଚିତ୍ରକର ସୌରଭ ସାହୁ ମୁଖ୍ୟମନ୍ତ୍ରୀଙ୍କର ଏକ ରେଖାଚିତ୍ର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦେଇଥିଲେ। ବିଦ୍ୟାଳୟର ୪ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ଲାଟିନମ୍ ଜୁବିଲିର ଏକ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ ଧନ୍ୟବାଦ ଦେଇଥିଲେ।

## ‘ମହାପୁରୁଷ ମହମ୍ମଦ କରୁଣାର ସାଗର ଥିଲେ’

ବାଙ୍କୀ,୧୯।୪ ( ଶୁଭେନ୍ଦୁ ମହାପାତ୍ର ) ବାଙ୍କୀ-ତୁଳସୀପୁରସ୍ଥିତ ନରଗାଙ୍ଗ ଗ୍ରାମର ଅହମ୍ମଦିୟା ମୁସ୍‌ଲିମ ସଙ୍ଗଠନ ପକ୍ଷରୁ ମହାପୁରୁଷ ହଜରତ ମହମ୍ମଦ ସଲ୍ଲମଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ଉପଲକ୍ଷେ ଏକ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ଜିଲା କଟକ-ଢେଙ୍କାନାଳ-ଅନୁଗୋଳ -କେନ୍ଦ୍ରାପଡା ସଭାପତି ମୌଲାନା ସେକ୍ ହାରୁନ ରଶିଦ୍ ପୌରୋହିତ୍ୟ କରିଥିଲେ। ମୌଲବୀ ମିର୍‌ରଜାକ୍‌ଅଲ୍ଲୀ ପବିତ୍ର କୋରାନ୍ ପାଠ କରିଥିବା ବେଳେ ଏହାର ଓଡ଼ିଆ ଅନୁବାଦ ନରଗାଙ୍ଗ ଅହମ୍ମଦିୟା ମୁସ୍‌ଲିମ ସଙ୍ଗଠନର ସଭାପତି ଆଶିକ୍ ଖାଁ କରିଥିଲେ।

ଉର୍ଦ୍ଦୁ ନଜମ ସଂଗୀତ ବରକାତ ଅଲ୍ଲୀ ପରିବେଷଣ କରିଥିଲେ । ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ଓ ନୟାଗଡ଼ର ଜିଲାର ମୌଲାନା ଇନ୍‌ଚାର୍ଜ ହଲିମ ଅହମ୍ମଦ ଯୋଗଦେଇ ପୈଗମ୍ବର ହଜରତ ମହମ୍ମଦଙ୍କ ମହିଳା ସଶକ୍ତୀକରଣ ଏବଂ ଅଧିକାର ଉପରେ ଆଲୋକପାତ କରିଥିବା କହିଥିଲେ। ଫଜଲେ ମୋମିନ ଓଡ଼ିଆ ନଜମ ସଂଗୀତ




ପଢ଼ିଥିଲେ। ମୁଖ୍ୟ ଅତିଥି ଭାବେ କଟକ-ଢେଙ୍କାନାଳ-ଅନୁଗୋଳ- କେନ୍ଦ୍ରାପଡ଼ାର ମୌଲାନା ଇନ୍‌ଚାର୍ଜ ସେକ୍ ଇସହାକ ଯୋଗଦେଇ ଆଦର୍ଶବାଦୀ ମହାପୁରୁଷ ହଜରତ ମହମ୍ମଦ ବିଶ୍ୱବାସୀଙ୍କ ପାଇଁ କରୁଣାର ସାଗର ଥିଲେ ବୋଲି କହିଥିଲେ। ମୌଲାନା ମକସୁଦ ଅଲ୍ଲୀ ଖାନ୍ ବିଶ୍ୱ ଏକତା ଓ ଭାଇଚାରା ବିଷୟରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ମୌଲାନା ହାରୁନ ରଶିଦ୍ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଖୋର୍ଦ୍ଧା ଓ ନୟାଗଡ଼ର ସଭାପତି ସୈଫୁର ଅହମ୍ମଦ, କଟକ-ଢେଙ୍କାନାଳ-ଅନୁଗୋଳ- କେନ୍ଦ୍ରାପଡ଼ାର ଜିଲା ନାଜିମ ସୟଦ ବଶିର ଅହମଦ, ଜିଲା କଟକ ଯୁବ ସଙ୍ଗଠନର ସଭାପତି ସଫାକତ ଅଲ୍ଲୀ, ନରଗାଙ୍ଗ ଅହମ୍ମଦିୟା ମୁସ୍‌ଲିମ ସଙ୍ଗଠନର ମୌଲାନା ଇଫ୍‌ତେଖାର ଅହମଦ, କଟକ ଜିଲା ଉପସଭାପତି ରଶିଦ ଅହମ୍ମଦ, କଟକର ମୌଲାନା ଫଜଲ ହକ୍ ଖାନ୍, ବାଙ୍କୀ ଭାଜପା ପ୍ରତିନିଧି ତୁଷାରକାନ୍ତ ଚକ୍ରବର୍ତ୍ତୀ, କଟକ ଏମ୍‌ପିଙ୍କ ପ୍ରତିନିଧି ସରୋଜ କୁମାର ମତଗଜସିଂ, ନରଗାଙ୍ଗ ପୂର୍ବତନ ସରପଞ୍ଚ ଗଣେଶ୍ୱର ଜେନା, ଆଡ୍‌ଭୋକେଟ ଦେବାଶିଷ ମାନସିଂ ଏବଂ ବାଙ୍କୀ ଏନ୍‌ଏସି ମଣ୍ଡଳ ସଭାପତି ସଞ୍ଜୟ ରଣା ଯୋଗଦେଇଥିଲେ।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

ଖୁଣ୍ଟୁଣୀ,୧୯ ।୪(ସଚ୍ଚିଦାନନ୍ଦ ପଣ୍ଡା): ଆଠଗଡ଼ ବ୍ଲକ ରାଧାକିଶୋରପୁର ଗ୍ରାମ ପଞ୍ଚାୟତରେ ରବିବାର ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପଗୁଡ଼ିକର ଶୁଭ ଉଦ୍‌ଘାଟନ କରିଛନ୍ତି। ଖମାରନୂଆଗାଁ, ବେଲଦା, ରାଧାକିଶୋରପୁର, ମତ୍ସ୍ୟପୁର, ପୁରୁଷୋତ୍ତମପୁର, ରାଧାଦାମୋଦରପୁର ଗ୍ରାମରେ ନିର୍ମିତ ବିଭିନ୍ନ ପାନୀୟଜଳ ପ୍ରକଳ୍ପ, ନୂଆ ସଡ଼କ, କୋଠଘର ଆଦି ଆବଶ୍ୟକ ପ୍ରକଳ୍ପଗୁଡ଼ିକୁ ବିଧାୟକ ସ୍ୱାଇଁ ଲୋକାର୍ପିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ମିନତି ଗାଗରାଇ, ସରପଞ୍ଚ ବିନୋଦ କୁମାର ମାଝୀ, ସମିତି ସଭ୍ୟ ବିଧାନ ଚନ୍ଦ୍ର ସ୍ୱାଇଁ, ଉମେଶ ଚନ୍ଦ୍ର ସ୍ୱାଇଁ, ଯୁଗଳ କିଶୋର ନାୟକ, ଆଶୁତୋଷ କରଙ୍କ ସମେତ ବହୁ ସ୍ଥାନୀୟ ଜନପ୍ରତିନିଧି, ବରିଷ୍ଠ କର୍ମକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ସ୍ଥାନୀୟ ଲୋକେ ସେମାନଙ୍କର ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ବିଷୟରେ ବିଧାୟକଙ୍କୁ ଜଣାଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଚନ୍ଦ୍ରଶେଖର


@ ଅଜୟ


@ ହରୀଶ


@ ଜିପୁ


@ ବିଦ୍ୟାଭୂଷଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଚତୁର୍ଦ୍ଧା ମୂର୍ତ୍ତିଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା



ଟିଗିରିଆ,୧୯।୪(ଜାଫର ଖାଁ): ଟିଗିରିଆ ବ୍ଲକ ବିନ୍ଧାଣିମା ପଞ୍ଚାୟତର ଆରାଧ ଦେବତା ପ୍ରଭୁ ରାମଚନ୍ଦ୍ରଙ୍କ ମନ୍ଦିର ତଥା ଶ୍ରୀ ଜଗନ୍ନାଥଙ୍କ ମାଉସୀ ମା’ ଘର ପରିସରରେ ଥିବା ଚତୁର୍ଦ୍ଧା ମୂର୍ତ୍ତିଙ୍କର ନୂତନ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ୩ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଜଳାଧିବାସ, ଶାଳା ମଣ୍ଡନ, ସୂର୍ଯ୍ୟ ପୂଜା, ଗୋ ପୂଜା, ଶାଳା ପୂଜା, କୁଣ୍ଡେ ଅଗ୍ନି ସ୍ଥାପନ, ଦେବାଦେବୀଙ୍କ ଆହୂତି, ଶ୍ରୀ ବିଗ୍ରହଙ୍କ ସ୍ନାନ ଓ ଶୟନ ବିଧି ନୀତି ପର୍ଯ୍ୟାୟ କ୍ରମେ ସମ୍ପନ୍ନ ପରେ ସନ୍ଧ୍ୟାରେ ଆଳତୀ ଓ ପରେ ପୁଷ୍ପାଞ୍ଜଳି ନୀତି ଶେଷ ହୋଇଛି। କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ବିଘ୍ନେସ ଭୂଷଣ ଯାଦବ ଓ ପତ୍ନୀ ରଶ୍ମିତା ବେହେରା କାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ସରପଞ୍ଚଙ୍କ ପ୍ରତିନିଧି ମାନସ ରଞ୍ଜନ ଜେନା, ସାମାଜିକ କର୍ମୀ ସଞ୍ଜୀବ କୁମାର ଦାସ, ସାମାଜିକ କର୍ମୀ କ୍ଷୀତିଶ ପଟ୍ଟନାୟକ, ପୂର୍ବତନ ସମିତି ସଭ୍ୟ ବିଭୂତି ଭୂଷଣ ବେହେରା, ଯୁବ ନେତା ଝୁନୁ ରାଉତ, ମୃଣ୍ମୟ ଦାଶଙ୍କ ସମେତ ଅନ୍ୟାନ୍ୟ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯୁବତୀଙ୍କୁ ବଳାତ୍କାର, ଜିମ୍ ପ୍ରଶିକ୍ଷକ ଗିରଫ

କଟକ,୧୯।୪(କାର୍ତ୍ତିକ ସାହୁ) ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ବାରମ୍ବାର ବଳାତ୍କାର କରିବା ଅଭିଯୋଗରେ ଜଗତପୁର ଅଞ୍ଚଳରେ ଅବସ୍ଥିତ ଏକ ଜିମ୍‌ର ପ୍ରଶିକ୍ଷକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଗତପୁର ନିମପୁରରେ ରହୁଥିବା ଗଞ୍ଜାମ ଜିଲା ଛତ୍ରପୁରର ତୋଫାନ ବେହେରା(୨୭)। ସୂଚନା ଅନୁଯାୟୀ, ବାଦାମବାଡ଼ି ଅଞ୍ଚଳର ଜଣେ ଯୁବତୀ ଜଗତପୁରରେ ଥିବା ଉକ୍ତ ଜିମକୁ ୨୦୨୫ରେ ପ୍ରଶିକ୍ଷଣ ନେବାକୁ ଯାଉଥିଲେ। ସେଠାରେ ଜିମ୍ ପ୍ରଶିକ୍ଷକ ତୋଫାନଙ୍କ ସହିତ ଯୁବତୀଙ୍କର ପରିଚୟ ହୋଇଥିଲା। ତୋଫାନ ପ୍ରଥମେ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ଯୋଡ଼ିଥିଲେ। ସେ ସମ୍ପର୍କ ଘନିଷ୍ଠ କରିବା ସହ ଯୁବତୀଙ୍କୁ ବିବାହର ପ୍ରସ୍ତାବ ଦେଇଥିଲେ। ବିବାହ କରିବା ଆଳରେ ତୋଫାନ କଟକର ବିଭିନ୍ନ ହୋଟେଲରେ ଯୁବତୀଙ୍କୁ ରଖି ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ତୋଫାନ ବିବାହ କରିବାକୁ ଧରାଛୁଆଁ ଦେଇ ନ ଥିଲେ। ଯୁବତୀ ଜଣକ ନିରାଶ ହେବାରୁ ବାଦାମବାଡ଼ି ଥାନାରେ ତୋଫାନଙ୍କ ବିରୋଧରେ ଅଭିଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ଟିଗିରିଆ,୧୯।୪(ଜାଫର ଖାଁ): ଟିଗିରିଆ ବ୍ଲକ ନିଜିଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷୋଡ଼ଶ ବାର୍ଷିକ ଉତ୍ସବ ରାଜବାଟିଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ସୁବୋଧ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱ ଓ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଆଠଗଡ଼ ନିର୍ବାଚନମଣ୍ଡଳୀର ଭାଜପା ନେତା ଅଭୟ କୁମାର ବାରିକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କଳାପଥର ଶିଶୁମନ୍ଦିରର ସମ୍ପାଦକ ତଥା ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଶିକ୍ଷା ବିକାଶ ସଂସ୍ଥାର ସଭାପତି ଶରତ ଚନ୍ଦ୍ର ସାମନ୍ତ, ସହ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, ଟିଗିରିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ବିକ୍ରମ କେଶରୀ ଦାଶ, ଉପ ସଭାପତି ପ୍ରଣବ ପଟ୍ଟନାୟକ, କୋଷାଧ୍ୟକ୍ଷ ବିମଳ ପ୍ରସାଦ ପଟ୍ଟନାୟକ, ସଭ୍ୟ ନାରାୟଣ ବେହେରା ଓ ପ୍ରମୋଦିନୀ ରଣା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଦାଶ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ନ୍ୟାୟିକ କ୍ଷେତ୍ରରେ ଓକିଲ, ବିଚାରପତିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବଡ଼ମ୍ବା ୧୯।୪(ମାୟାଧର ମଲ୍ଲିକ): ବଡ଼ମ୍ବାରେ ସବ୍‌ଜଜ୍ କୋର୍ଟ ଖୋଲିବା ପରେ ପ୍ରଥମ କରି ଯୋଗଦେଇଥିବା ସବ୍‌ଜଜ୍ ଦୁର୍ବାସା ଦୁର୍ଗାଙ୍କର ଅନ୍ୟତ୍ର ବଦଳି ହୋଇଛି। ସେ ନୂଆପଡା ସବ୍‌ଜଜ୍ ଭାବେ ବଦଳି ହୋଇଛନ୍ତି। ଏହି ଅବସରରେ ରବିବାର ବଡ଼ମ୍ବା ଓକିଲ ସଙ୍ଘ ପକ୍ଷରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଂଘ ସଭାଗୃହରେ ଅନୁଷ୍ଠିତ ଉକ୍ତ ସମ୍ବର୍ଦ୍ଧନା ସଭାରେ ଓକିଲ ସଂଘ ସଭାପତି ବିଧୁ ଭୂଷଣ ମହାନ୍ତି ସଭାପତିତ୍ୱ କରିଥିଲେ। ବିଦାୟୀ ସବ୍‌ଜଜ୍ ଦୁର୍ଗାଙ୍କୁ ସଂଘ ତରଫରୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ପଟ୍ଟନାୟକ, କୃଷ୍ଣାନନ୍ଦ ମିଶ୍ର, ଦୁର୍ଗା ପ୍ରସାଦ ସାହୁ, ପ୍ରଶାନ୍ତ ନାୟକଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ବିଦାୟୀ ସବଜଜ୍‌ଙ୍କ କାର୍ଯ୍ୟକଳାପ ଓ ବିଚାରଧାରା ଉପରେ ମତ ପ୍ରଦାନ କରିଥିଲେ। ଏପରିକି ବିଦାୟୀ ସବଜଜ୍ ଏଠାରେ ପ୍ରାୟ ଅଢ଼େଇ ବର୍ଷ ରହି କାର୍ଯ୍ୟ କରିଥିବା ବେଳେ କାର୍ଯ୍ୟଶୈଳୀ ବେଶ ଉଚ୍ଚକୋଟିର ରହିଥିଲା ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ବିଦାୟୀ ସବଜଜ୍ ନ୍ୟାୟପାଳିକା କ୍ଷେତ୍ରରେ ଓକିଲ ଓ ବିଚାରପତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ମ୍ବା ଜେଏମଏଫସି ଗିତି ମିଳନ ପାତ୍ର, ଓକିଲ ସଂଘ ସମ୍ପାଦକ ପ୍ରଭାତ ନାୟକ, ଉପ ସଭାପତି ପ୍ରମୋଦ ପୁହାଣଙ୍କ ସମେତ ଅନ୍ୟାନ୍ୟ ସମସ୍ତ କର୍ମକର୍ତ୍ତା, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରମୁଖ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

## ରାସ୍ତା ପାର୍ଶ୍ୱ କଂକ୍ରିଟ ବାଡ଼ାକୁ ଧକ୍କା ଦେଲା କାର୍

ବାରଙ୍ଗ,୧୯ ।୪(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଅଧୀନ ମଧୁବନ ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତା କଡରେ ଥିବା କଂକ୍ରିଟ ବାଡ଼ାକୁ ଏକ କାର ଧକ୍କା ଦେଇଛି। ଦୁର୍ଘଟଣାରେ ଚାଳକଙ୍କ ସମେତ ୪ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଛନ୍ତି। ରବିବାର ଅପରାହ୍ନରେ ବାରଙ୍ଗରୁ ଗୋଡ଼ିସାହିକୁ ଏକ କାର୍ ଦ୍ରୁତ ଗତିରେ ଆସୁଥିଲା। କାରଟି ମଧୁବନ ଗ୍ରାମ ନିକଟରେ ପହଞ୍ଚିଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ କଂକ୍ରିଟ ବାଡ଼ାକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡ଼ିକୁ ଜବତ କରିଛି।

## ଶ୍ରୀଅଠାଳୀ ଜଗନ୍ନାଥ ଜୀଉ ମନ୍ଦିରରେ ସରିଲା ରାମଲୀଳା

ଆଠଗଡ,୧୯ ।୪(ସତ୍ୟ ପ୍ରସାଦ ରଥ): ଆଠଗଡ ସହରସ୍ଥିତ ଶ୍ରୀ ଅଠାଳୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀନବମୀଠାରୁ ଆରମ୍ଭ ହୋଇଥିବା ଶ୍ରୀରାମଲୀଳା ଶନିବାର ରାତିରେ ରାବଣବଧ ସହ ଶେଷ ହୋଇଛି। ରବିବାର ସକାଳୁ ଶ୍ରୀରାମଙ୍କ ଅଭିଷେକ ପରେ ଏହା ଉଦ୍‌ଯାପିତ ହୋଇଯାଇଛି। ରାମଲୀଳା ଉପଲକ୍ଷେ ଶନିବାର ସନ୍ଧ୍ୟାରେ ଏକ ସୁସଜ୍ଜିତ ରଥରେ ରାଣୀ ମନ୍ଦୋଦରୀ ପାରିଷଦମାନଙ୍କ ସହ ସହର ପରିକ୍ରମା କରିଥିଲେ। ପରେ ମନ୍ଦିର ପ୍ରାଙ୍ଗଣରେ ରାବଣବଧ ନୃତ୍ୟ ଅଭିନୟ ପରିଷେଶ କରାଯାଇଥିଲା। ରବିବାର ସକାଳୁ ପାରମ୍ପରିକ ରୀତିନୀତି ଅନୁଯାୟୀ ଶ୍ରୀରାମଙ୍କ ରାଜ୍ୟାଭିଷେକ ସମ୍ପନ୍ନ ହୋଇଛି। ମନ୍ଦିର ପ୍ରାଙ୍ଗଣରେ ପୂଜକଙ୍କ ପୌରୋହିତ୍ୟରେ ହୋମ ଯଜ୍ଞ ସମାପନ ହୋଇଥିଲା। ଏହାପରେ ରାମ, ଲକ୍ଷ୍ମଣ,ସୀତା,ଭରତ, ଶତ୍ରୁଘ୍ନ ଓ ହନୁମାନ ବେଶରେ ସଜ୍ଜିତ କଳାକାରମାନେ ସୁସଜ୍ଜିତ ରଥରେ ରାମନାମ ଧ୍ୱନିରେ ନଗର ପରିକ୍ରମା


ରାମ, ଲକ୍ଷ୍ମଣ,ସୀତା,ଭରତ, ଶତ୍ରୁଘ୍ନ ଓ ହନୁମାନ ବେଶରେ ସଜ୍ଜିତ ହୋଇ କଳାକାରମାନେ ନଗର ପରିକ୍ରମା କରୁଛନ୍ତି।

କରିଥିଲେ। ଏହି ସମୟରେ ବିଭିନ୍ନ ସାହି, ବସ୍ତି ଓ ବ୍ୟକ୍ତି ବିଶେଷମାନେ ପୁଷ୍ପ, ଧୂପ,ଦୀପ ଦେଇ ବନ୍ଦାପନା କରି ସେମାନଙ୍କୁ ସ୍ୱାଗତ କରିଥିଲେ। ସନ୍ଧ୍ୟାରେ ଘଟ ବିସର୍ଜନ ହେବାସହ ପଂକ୍ତି ହବିଷାନ୍ନ ଭୋଜନ ଆୟୋଜନ କରାଯାଇଥିଲା। ରାମଲୀଳା ନିମନ୍ତେ ଶ୍ରୀ ଅଠାଳୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ଉତ୍ସବ ମୁଖର ହୋଇଉଠିଥିଲା। ସଂଘର ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ରଞ୍ଜନ କୁମାର ଜେନାଙ୍କ ସଂଯୋଜନା ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଆଗାମୀ ବର୍ଷ ଏହାକୁ ଅଧିକ ସୁସଙ୍ଗଠିତ କରାଯିବ ବୋଲି ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରଘୁନାଥ ମହାନ୍ତି ସୂଚନା ଦେଇଛନ୍ତି।

## ମାରୱାଡ଼ି କ୍ଲବରେ ସ୍ୱାସ୍ଥ୍ୟ ଶିବିର

କଟକ,୧୯।୪(କାର୍ତ୍ତିକ ସାହୁ) କଟକ ମାରୱାଡ଼ି ସମାଜ ଏବଂ ୱେଲ ବିଙ୍ଗ୍ ଦଳର ମିଳିତ ଆୟୋଜନରେ ରବିବାର ମାଣିକଘୋଷ ବଜାରସ୍ଥିତ ମାରୱାଡ଼ି କ୍ଲବ ପରିସରରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଜୟନ୍ତ କୁମାର ପଣ୍ଡା ଓ ଡାକ୍ତର ସଞ୍ଜୟ କୁମାର ରାମଙ୍କ ନେତୃତ୍ୱରେ ବିଶେଷଜ୍ଞ ଡାକ୍ତରମାନେ ବିଭିନ୍ନ ରୋଗର ପରାମର୍ଶ ଦେଇଥିଲେ। ଏଥିସହ ସମସ୍ତ ପ୍ରକାରର ପାଥୋଲୋଜିକାଲ ପରୀକ୍ଷା ନିଃଶୁଳ୍କ କରାଯାଇଥିଲା। କ୍ଲବ ଚେୟାରମାନ ଗଣେଶ ପ୍ରସାଦ କଣ୍ଡୋଇ, ଉପସଭାପତି ମୋହନଲାଲ ସିଙ୍ଘୀ, ଦେବକୀନନ୍ଦନ ଜୋଷୀ, ଦୀନେଶ ଜୋଷୀ, କୋଷାଧ୍ୟକ୍ଷ ସୁନୀଲ କୁମାର ଜାଲାନ ଏବଂ ସଦସ୍ୟ ମଦନଲାଲ କାଉଣ୍ଟିୟା, ଅଶୋକ ଚୌବେ, ରାଜକୁମାର ଶର୍ମା, ଅଶୋକ ଶର୍ମା, ସୁଶୀଲ ଶର୍ମା, ପ୍ରେମ ପାରିକ, ନନ୍ଦ କିଶୋର ଜୋଷୀ, ଅଶୋକ ଅଗ୍ରୱାଲ, ରାମଗୋପାଲ ଅଗ୍ରୱାଲ ଓ ରାଜେଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଜମିଲା ୭୯ତମ ପଣାଯାତ୍ରା ମେଳଣ

କୃଷ୍ଣପ୍ରସାଦ,୧୯।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)


ପଣାଯାତ୍ରାରେ ଯୋଗଦେଇଥିବା ଠାକୁରଙ୍କ ସମୂହ ମେଳଣ ପର୍ବ।

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପଞ୍ଚାୟତର ଦେଉଳପଡ଼ାଠାରେ ୩୫ ମୌଜା ପରିଚାଳନା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ୭୯ତମ ପଣାଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ପୀଠାଧୀଶ କମଳେଶ୍ୱର ଦେବଙ୍କ ନେତୃତ୍ୱରେ ବିଭିନ୍ନ ଗ୍ରାମର ୧୭ ଠାକୁର ଗତ ୧୩ ତାରିଖ ରାତିରୁ ସୁସଜ୍ଜିତ ବିମାନରେ ପଟୁଆରରେ ଆସି ପଣାଯାତ୍ରା ପଡ଼ିଆରେ ପହଞ୍ଚି ନିଜ ନିଜ ଆସନରେ ବିରାଜମାନ କରିଥିଲେ। ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ କରିଥିଲେ। ଦର୍ଶକଙ୍କ ମନୋରଞ୍ଜନ ଲାଗି ଖୋଲାମଞ୍ଚରେ ଦୁଇଟି ଗଣନାଟ୍ୟ ଯାତ୍ରା ପରିବେଷଣ କରିଥିଲେ। ଭାରତଲୀଳା, ସଂକୀର୍ତ୍ତନ, ସମରକଳା ପାଇକ ଆଖଡ଼ା ଲୋକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ପଣାଯାତ୍ରା ପଡ଼ିଆରେ ୭୦୦ରୁ ଅଧିକ ବ୍ୟବସାୟୀ ପସରା ମେଲାଇଥିଲେ। ଏହି ପଣାଯାତ୍ରା ମହୋତ୍ସବରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ରବିବାର ପାରମ୍ପରିକ ରୀତିନୀତି ଅନୁସାରେ ମେଳଣ ପର୍ବ ହୋଇଥିଲା। ଶ୍ରଦ୍ଧାଳୁଙ୍କ ହରିବୋଲ ଓ ହୁଳହୁଳିରେ ପଣାପଡ଼ିଆ ପ୍ରକମ୍ପିତ ହୋଇଉଠିଥିଲା। ପରେ ଠାକୁରମାନେ ସ୍ୱମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ୩୫ ମୌଜା ପରିଚାଳନା କମିଟି, ଧନିଶ୍ରୀ କନ୍‌ଷ୍ଟ୍ରକ୍ସନ ବଡ଼ଝାଡ଼, କମଳେଶ୍ୱର ଦେବ ଗୋଲ୍‌ଡେନ କ୍ଲବ ପକ୍ଷରୁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଭାଷ୍ୟକାର, ବିମାନରେ ବିଜେ କରିଥିବା ଠାକୁରଙ୍କ ଟାହ୍ୟା ପ୍ରତିଯୋଗିତା ତଥା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯାତ୍ରାପଡ଼ିଆ ସ୍ୱଚ୍ଛତା ନିମନ୍ତେ କମଳେଶ୍ୱର ଦେବ ଗୋଲ୍‌ଡେନ କ୍ଲବର ସଭାପତି ଉତ୍କଳ କେଶରୀ ଜେନା, ସମ୍ପାଦକ ବିକାଶ ଜେନା ଏବଂ ଗ୍ରୀନ୍ ପାରିକୁଦ ସଙ୍ଗଠନର ବରିଷ୍ଠ ସଦସ୍ୟା ଅମିତା ତରେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁନ୍ଦର ଟାହ୍ୟା ନିମନ୍ତେ ଚୁବୁକାର ଶ୍ରୀରାମଚନ୍ଦ୍ର ଦେବ ଏବଂ ଗୋଲପୁରର ବାଲୁଙ୍କେଶ୍ୱର ଦେବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତୁଳସୀ ଗଣନାଟ୍ୟ ଅଭିନେତ୍ରୀ ତଥା ପାରିକୁଦ ମାଟିର ଝିଅ ସୋନାଲି ପଣ୍ଡାଙ୍କୁ ଧନିଶ୍ରୀ କନ୍‌ଷ୍ଟ୍ରକ୍ସନ ମୁଖ୍ୟ ପରିଚାଳକ ଅଭୟ ମହାପାତ୍ର ମାନପତ୍ର ସହିତ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନ, ମାଲୁଦ ଅଗ୍ନିଶମ ଅଧିକାରୀ ପ୍ରଦୀପ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୩୫ ମୌଜା ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ, ସମ୍ପାଦକ ଦିଲୀପ କୁମାର ଦାଶଙ୍କ ସମେତ ୧୪୭ ଜଣ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କୃଷ୍ଣପ୍ରସାଦ ଥାନା ଆଇଆଇସି ପ୍ରଧାନଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ବାଇକ୍ ରାଲିରେ ଭାଜପା ଯୁବ ନେତା ମାନସଙ୍କ ଶକ୍ତି ପ୍ରଦର୍ଶନ




ବେଗୁନିଆ/ବୋଲଗଡ଼, ୧୯।୪
(ହରପ୍ରସନ୍ନ ପଣ୍ଡା/ଦେବବ୍ରତ ହୋତା)

ବେଗୁନିଆ ନିର୍ବାଚନମଣ୍ଡଳୀରେ ଭାଜପାର ରାଜ୍ୟ ଓ ଜିଲାସ୍ତରୀୟ ସଙ୍ଗଠକମାନେ ବିଭିନ୍ନ କାର୍ଯ୍ୟକ୍ରମ ଆଳରେ ନିଜର ଶକ୍ତି ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳୁଛି। ଏହି କ୍ରମରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଆଇଟି ସେଲ୍‌ର ଦାୟିତ୍ୱ ଗ୍ରହଣ କରିବା ପରେ ମାନସ ବେହେରା ରବିବାର ବେଗୁନିଆ ନିର୍ବାଚନମଣ୍ଡଳୀରେ ବିଶାଳ ବାଇକ୍ ରାଲି ମାଧମରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ସାରୁଅ ଛକଠାରୁ ରାଲିରେ ବାହାରି ବୋଲଗଡ଼ ପର୍ଯ୍ୟନ୍ତ ଯାଇଥିଲେ। ଆଗାମୀ ଦିନରେ ଭାଜପା ପକ୍ଷରୁ ବେଗୁନିଆ ନିର୍ବାଚନମଣ୍ଡଳୀର ନେତୃତ୍ୱ ନେବା ପାଇଁ ସଂକଳ୍ପ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ମାନସ କହିଛନ୍ତି, ତୃଣମୂଳସ୍ତରରେ ଦଳର ସଙ୍ଗଠନକୁ ମଜଭୁତ କରାଯିବା ଲାଗି ବୃହତ୍ ଆଭିମୁଖ୍ୟ ରଖାଯାଇଛି। ସାଧାରଣ ଜନତାଙ୍କ ସେବକ ଭାବେ ନିଜକୁ ନିୟୋଜିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭାଜପା କିପରି ବେଗୁନିଆ ନିର୍ବାଚନମଣ୍ଡଳୀରେ ଏକ ନମ୍ବର ଦଳ ଭାବେ ଉଭା ହେବ ସେନେଇ ଯୁବବର୍ଗଙ୍କୁ ଆହ୍ୱାନ କରିଥିଲେ। ଅନ୍ୟପକ୍ଷରେ ଏହି ରାଲିରେ ଶତାଧିକ ଯୁବବର୍ଗ ଓ କର୍ମୀ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ବାଘମାରୀ, ବେଗୁନିଆ ଓ ବୋଲଗଡ଼ ଥାନା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ୨୧ରେ ବରୁଣେଇ ପୀଠରେ ହେବ ବିବାହୋତ୍ସବ

ଖୋର୍ଦ୍ଧା,୧୯।୪(ପ୍ରଭାତ ପାଣିଗ୍ରାହୀ)

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା**

ଆସନ୍ତା ୨୧ ତାରିଖରେ ଖୋର୍ଦ୍ଧାର ବରୁଣେଇ ପୀଠଠାରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବିବାହୋତ୍ସବ ଅନୁଷ୍ଠିତ ହେବ। ମହିଳା ଓ ଶିଶୁ ବିକାଶ ବିଭାଗରୁ ଦିଆଯାଇଥିବା ତାଲିକା ଅନୁଯାୟୀ ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କ ଦ୍ୱାରା ଚୟନ କରାଯାଇଥିବା ଯୋଗ୍ୟ ହିତାଧିକାରୀମାନଙ୍କ ବିବାହ ହେବ। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଅତିରିକ୍ତ ଜିଲାପାଳ ବେଉରା ଏହି କାର୍ଯ୍ୟକ୍ରମ ସଫଳ କରିବା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଆର୍ଥିକ ଦୁର୍ବଳ ପରିବାରଙ୍କୁ କନ୍ୟା ବିବାହ ପାଇଁ ସହାୟତା, ସମାଜରେ ଶିଶୁ ବିବାହକୁ ରୋକିବା ଓ ବିଧିସମ୍ମତ ବୟସ ବିବାହକୁ ପ୍ରୋତ୍ସାହନ ଦେବା, ନାରୀମାନଙ୍କ ସମ୍ମାନ ଓ ସୁରକ୍ଷାକୁ ବଢ଼ାଇବା, କନ୍ୟା ସନ୍ତାନଙ୍କ ପ୍ରତି ସକାରାତ୍ମକ ମନୋଭାବ ଗଢ଼ିଉଠିବା, ସମାଜର ଲିଙ୍ଗଗତ ସମାନତାକୁ ଶକ୍ତିଶାଳୀ କରାଇବା ଏବଂ ସମାଜରେ ଯୌତୁକପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପରିଚାଳନାରେ ସ୍ୱେଚ୍ଛାସେବୀ ସଙ୍ଗଠନ ପିପୁଲ୍ସ ଫୋରମ୍, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ବିଭାଗ ଯଥା ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ, ପୋଲିସ ପ୍ରଶାସନ, ୱାଟ୍‌କୋ, ଟିପିସିଓଡିଏଲ୍, ପୌର ପରିଷଦ, ଅତ୍ୟାବଶ୍ୟକ କାର୍ଯ୍ୟ ସମ୍ପାଦନ ନିମନ୍ତେ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଉପଜିଲାପାଳ ସଂକଳ୍ପ ସତ୍ତିକ ସାହୁ, ଭୁବନେଶ୍ୱର ଉପଜିଲାପାଳ ଡ. ମନୋରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଅତିରିକ୍ତ ଅଗ୍ନିଶମ ସେବା ଅଧିକାରୀ ମୀନକେତନ ବେହେରା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ବ୍ଲକ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକକୁ ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ପରିଚାଳନା କରିଥିବା ବେଳେ ସୌଦାମିନୀ ଦାଶ ଧନ୍ୟବାଦ ଦେଇଥିଲେ।

## ଶିବଧନୁ ଭଗ୍ନ, ସୀତାବିବାହ ମଞ୍ଚସ୍ଥ



ନିରାକାରପୁର,୧୯।୪ (ମାନସ ଚନ୍ଦ୍ର ପଟ୍ଟନାୟକ)

**ରାମଲୀଳାର ଦ୍ୱିତୀୟ ସନ୍ଧ୍ୟା**

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶୀପୁରସ୍ଥିତ ବଡ଼ପାଟଣାରେ ସୀତାରାମ ନାଟ୍ୟସଂସଦ ଆନୁକୂଲ୍ୟରେ ମୁକ୍ତାକାଶ ରଙ୍ଗମଞ୍ଚରେ ରାମଲୀଳାର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ପ୍ରଭୁ ଶ୍ରୀରାମ ଶିବଧନୁ ଭାଙ୍ଗିବା ସହ ମାତା ସୀତାଙ୍କ ବିବାହ ଉତ୍ସବ ମଞ୍ଚସ୍ଥ ହୋଇଥିଲା। ନାଟକରେ ମନୋଜ ପ୍ରଧାନ ଶ୍ରୀରାମ ଭୂମିକାରେ ଅଭିନୟ କରିଥିବା ବେଳେ ଉତ୍ତମ ପ୍ରଧାନ, ଶ୍ରବଣ ଜେନା, ନବକିଶୋର ବରାଳ, ନକୁଳ ସାହୁ, ଅଗ୍ରଜ ପ୍ରଧାନ ପ୍ରମୁଖଙ୍କ ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଗାୟକ ବିପିନ ସାହୁ, ବାୟକ ମହେଶ୍ୱର ନାୟକ, ନୃସିଂହ ଦଳେଇ, ରାକେଶ ପରିଡା, ଗାନ୍ଧୀ ପରିଡା, ବିଦ୍ୟାସାଗର ପ୍ରଧାନଙ୍କ ସମେତ ସୀତାରାମ ନାଟ୍ୟସଂସଦର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ। ରାମାୟଣର ଏହି କଥାବସ୍ତୁ ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା।

## ବିଦ୍ୟାର୍ଥୀ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା

କଳାପଥର,୧୯।୪(ଗଙ୍ଗାଧର ସାହୁ)

ପାଟପୁର ଶାସନ ପଞ୍ଚାୟତ ଅଧୀନ ଖାରଡ଼ପଲ୍ଲୀ ଶାରଦା ଆଶ୍ରମ ପରିସରରେ ବିଦ୍ୟାର୍ଥୀ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ମୁଖ୍ୟ ସ୍ୱାମୀ ହରିହର ନନ୍ଦାଜୀଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟବକ୍ତାଭାବେ ଭାଗୀରଥି ପାତ୍ର, ମୁଖ୍ୟ ଅତିଥି ଜୟଶ୍ରୀ ତ୍ରିପାଠୀ, ଅଧାପିକା ସୁପ୍ରଭା ଷଡ଼ଙ୍ଗୀ, ଶୁଭଲକ୍ଷ୍ମୀ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଯୋଗ ପ୍ରାଣାୟାମ ଦ୍ୱାରା ଶରୀର କିପରି ସୁସ୍ଥ ରହିବ ସେ ବିଷୟରେ ଅତିଥିମାନେ କହିଥିଲେ। ଶିକ୍ଷକ କୁମାର ବେହେରା ଏବଂ ଭାଗୀରଥି ଦାଶ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ଓ ବୌଦ୍ଧିକ ଶିକ୍ଷାର ମହତ୍ୱ ଉପରେ କହିଥିଲେ। ପ୍ରଭାକର ନାୟକଙ୍କ ସମେତ ଆଶ୍ରମ ଅନ୍ତେବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


କର୍ମଶାଳାରେକ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

## ବିଶ୍ୱନାଥ ଦେବଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଜଟଣୀ,୧୯।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌର ପରିଷଦ ଅନ୍ତର୍ଗତ ବିଶ୍ୱନାଥ ଦେବଙ୍କ ୨୪ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ମାତା ସୀତା ଓ ବଜରଙ୍ଗବାଲୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଷୁବ ସଂକ୍ରାନ୍ତିଠାରୁ ଯଜ୍ଞ ଆରମ୍ଭ ହୋଇ ଗତ ଶନିବାର ଉଦ୍‌ଯାପିତ ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଭଜନ, ସଂକୀର୍ତ୍ତନ, ରାମନାଟକ ଆଦି ପରିବେଷଣ ହୋଇଥିଲା। ଯଜ୍ଞ ପୂର୍ଣ୍ଣାହୁତିରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଠାକୁରଙ୍କ ଦର୍ଶନ କରିବା ସହିତ ପ୍ରଭୁକୃପା ଲାଭ କରିଥିଲେ। ମୁଖ୍ୟ ପୁରୋହିତ କୃତ୍ତିବାସ ଆଚାର୍ଯ୍ୟ ଓ ସହଯୋଗୀ ପଣ୍ଡିତମାନେ ବିଗ୍ରହ ପ୍ରତିଷ୍ଠା ଏବଂ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତାକର୍ତ୍ତ୍ରୀ ଭାବେ ଗଡେଶ୍ୱର ପାଇକରାୟ ଏବଂ ଜ୍ୟୋସ୍ନାରାଣୀ ପାଇକରାୟ ଦାୟିତ୍ୱ ସମ୍ପାଦନ କରିଥିଲେ। ଏହି ଅବସରରେ ଗ୍ରାମ୍ୟ କମିଟି ପକ୍ଷରୁ ନୂତନ ମୂର୍ତ୍ତିଙ୍କୁ ବିରାଟ ପଟୁଆରରେ ରାମ ଦରବାର, ରାମନାମ ଭଜନ, କୀର୍ତ୍ତନ, ପାରମ୍ପରିକ ବାଦ୍ୟରେ ଗାଁ ସହର ପରିକ୍ରମା କରି ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ସଦାଶିବ ମଙ୍ଗରାଜ, ସମ୍ପାଦକ ତଥା ଅଧିବକ୍ତା ଶରତ ପାଇକରାୟ, ପ୍ରସନ୍ନ ପାଇକରାୟ, ସୁଶାନ୍ତ ହରିଚନ୍ଦନ, ପ୍ରଫୁଲ୍ଲ ପାଟଶାଣୀ, ଭାଗୀରଥି ସୁନ୍ଦରା, ଜନାର୍ଦ୍ଦନ ହରିଚନ୍ଦନ, ବିଶ୍ୱନାଥ ପଶ୍ଚିମକବାଟ, ତ୍ରିନାଥ ସୁନ୍ଦରା, ଶିବ ରାଉତରାୟଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ବେଲ୍ଟ ପରୀକ୍ଷାରେ ୪୯ କରାଟେକା ଉତ୍ତୀର୍ଣ୍ଣ

ବାଲୁଗାଁ,୧୯।୪(ସଂଗ୍ରାମ ପାଇକରାୟ)

ଉତ୍କଳ କରାଟେ ସ୍କୁଲ ବାଲୁଗାଁ ଶାଖାରେ ରବିବାର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁସ୍ଥିତ ମଲ୍ଟି ପର୍ପୋଜ ଇନ୍‌ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ଏହି ପରୀକ୍ଷାରେ ବାଲୁଗାଁ, ବାଣପୁର ଏବଂ ଚାନ୍ଦପୁର ଶାଖାରୁ ୪୯ ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହାନ୍‌ସି ଡ. ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱବଧାନରେ କ୍ୟୋସି ଖାରବେଳ ମଲ୍ଲିକ, କ୍ୟୋସି ଦୀପକ କୁମାର ସାମନ୍ତରା ଏବଂ ସେନ୍‌ସେଇ ସନ୍ତୋଷ ମହାରଣା ଏହି ପରୀକ୍ଷା ପରିଚାଳନା କରିଥିଲେ। ସେନ୍‌ସେଇ ଏସ୍.କେଏ.ହକ, ରଞ୍ଜନ କୁମାର ସାମନ୍ତରାୟ, ପ୍ରତାପ କେଶରୀ ଜେନା, ସଂଗ୍ରାମ ନାୟକ, ସଲୋନି ପାତ୍ର, ବୈକୁଣ୍ଠନାଥ ପ୍ରଧାନ ଏବଂ ଚାନ୍ଦପୁର ଶାଖାର ସଂଯୋଜକ ଅବିନାଶ ଦାସ ସହଯୋଗ କରିଥିଲେ। ଏହି ପରୀକ୍ଷାରେ ବ୍ରାଉନ୍ ବେଲ୍ଟରେ ୧୫ ଜଣ, ବ୍ଲୁ ବେଲ୍ଟରେ ୮ଜଣ, ଗ୍ରୀନ୍ ବେଲ୍ଟରେ ୮ଜଣ, ଅରେଞ୍ଜ ବେଲ୍ଟରେ ୧୦ ଜଣ ଏବଂ ୟେଲୋ ବେଲ୍ଟରେ ୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସମସ୍ତ ପରୀକ୍ଷାର୍ଥୀଙ୍କୁ ଉତ୍କଳ କରାଟେ ସ୍କୁଲ ଖୋର୍ଦ୍ଧା ଜିଲାର ମୁଖ୍ୟ ପ୍ରଶିକ୍ଷକ କ୍ୟୋସି ଦୀପକ କୁମାର ସାମନ୍ତରା ଶୁଭେଚ୍ଛା ଜଣାଇଛନ୍ତି। ପରୀକ୍ଷାରେ ଅଭିଭାବକମାନେ ଉପସ୍ଥିତ ରହି କରାଟେକାମାନଙ୍କୁ ଉତ୍ସାହିତ କରିଥିଲେ।



ଉତ୍କଳ କରାଟେ ସ୍କୁଲ ବାଲୁଗାଁ ଶାଖାରେ ଅନୁଷ୍ଠିତ ବେଲ୍ଟ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ପିଲାମାନେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଚନ୍ଦ୍ରଶେଖର


@ ଅଜୟ


@ ହରୀଶ


@ ଜିଷ୍ଣୁ


@ ବିଦ୍ୟାଭୂଷଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମହିଳାଙ୍କୁ ଆକ୍ରମଣ ମାମଲା: ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ବାଲୁଗାଁ,୧୯।୪(ସଂଗ୍ରାମ ପାଇକରାୟ)

ଜଣେ ମହିଳା ଏବଂ ତାଙ୍କ ପରିବାରବର୍ଗଙ୍କୁ ଆକ୍ରମଣ ମାମଲାରେ ଚିଲିକା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଯୁଧିଷ୍ଠିର ଦଳେଇ ବିଚାର କରି ସମସ୍ତ ସାକ୍ଷ୍ୟପ୍ରମାଣ ଆଧାରରେ ଗତ ଗୁରୁବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ବାଲୁଗାଁ ଚିଲିକାକୂଳ ଅଞ୍ଚଳର ମହାଦେବ ମଣ୍ଡଳ(୪୫)। ଅଭିଯୁକ୍ତଙ୍କୁ ୧ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ୭ ଦିନ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

ସୂଚନାଥାଉ କି, ଗତବର୍ଷ ଜୁଲାଇ ୭ରେ ବାଲୁଗାଁ ଚିଲିକାକୂଳସ୍ଥିତ ବଙ୍ଗୀୟ ବସ୍ତିରେ ରହୁଥିବା ହରିଚାନ୍ଦ ମଣ୍ଡଳ ଗ୍ରାମ ରାସ୍ତାରେ ଜାଳେଣି କାଠ ଶୁଖାଇଥିଲେ। ଏହି ସମୟରେ ଉକ୍ତ ବସ୍ତିର ମନିଶଙ୍କର ମଣ୍ଡଳ ସାଇକେଲରେ ଯାଉଥିବା ବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାକୁ ନେଇ ହରିଚାନ୍ଦଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଉକ୍ତ ଦିନ ରାତି ପ୍ରାୟ ୧୧ଟାରେ ହରିଚାନ୍ଦଙ୍କ ସାନଭାଇ ମହାଦେବ ନିଶାସକ୍ତ ଅବସ୍ଥାରେ ମନିଶଙ୍କରଙ୍କ ଘର ସମ୍ମୁଖରେ ପହଞ୍ଚି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ମନିଶଙ୍କରଙ୍କ ମା' କଳ୍ପନା ଏହାର ପ୍ରତିବାଦ କରିଥିଲେ। ଏଥିରେ ମହାଦେବ ଉତ୍କ୍ଷିପ୍ତ ହୋଇ କଳ୍ପନାଙ୍କୁ ଟଣାଓଟରା କରିବା ସହ ଗ୍ରାମରାସ୍ତାରେ ମାଡ଼ ମାରିଥିଲେ। ପରେ ସ୍ୱାମୀ ଓ ପୁଅ ରକ୍ଷା କରିବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ। ଏନେଇ ଅଭିଯୋଗ ପରେ ବାଲୁଗାଁ ଥାନା ପୋଲିସ ଏକ ମାମଲା (ନଂ.୧୯୯/୨୫) ରୁଜୁ କରିଥିଲା। ତେବେ ମାମଲାଟି ଅଦାଲତରେ ବିଚାରାଧୀନ ଥିଲା। ଚିଲିକା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଗତ ଗୁରୁବାର ସମସ୍ତ ସାକ୍ଷ୍ୟପ୍ରମାଣ ଆଧାରରେ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଏବଂ ହରେକୃଷ୍ଣ ଜଗଦ୍ଦେବ ମାମଲା ପରିଚାଳନା କରିଥିଲେ।

**ନାବାଳିକାଙ୍କୁ ଅପହରଣ, ଆସାମୀଙ୍କୁ ୨୦ ବର୍ଷ କାରାଦଣ୍ଡ**

କଣାସ, (ବିଭୂତି ଭୂଷଣ ତ୍ରିପାଠୀ)- କଣାସ ବ୍ଲକ ଦିବ୍ୟସିଂହପୁର ପଞ୍ଚାୟତର ବୀରକେଶରପୁର ଗ୍ରାମର ରଞ୍ଜନ ଭୋଇ ୨୦୧୬ ମସିହାରେ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ଗଡ଼ିଶାଗୋଡା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ରଞ୍ଜନଙ୍କୁ ପୋକ୍‌ସୋ ଆକ୍ଟରେ ଗିରଫ କରି କୋର୍ଟଚାଲାଣ କରିଥିଲା। ରଞ୍ଜନ ୫ବର୍ଷ ଧରି ଜେଲରେ ରହିବା ପରେ ଜାମିନ୍‌ରେ ଆସିଥିଲେ। ଶନିବାର ପୁରୀ ଜିଲା ବିଚାରପତି ମୋକଦ୍ଦମାକୁ ବିଚାରକରି ଅପହରଣ ଅଭିଯୋଗରେ ରଞ୍ଜନଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ଦେଇଥିବା ଜଣାପଡ଼ିଛି।




୧୯।୪।୨୦୨୬

| | |
|---|---|
| ୫,୬୭,୪୩୦ ଟଙ୍କା | |
| ସୁନା | ୮.୪୫୦ ଗ୍ରାମ୍ |
| ରୁପା | ୧୫୬.୪୦୦ ଗ୍ରାମ୍ |

**ସଂକ୍ଷେପରେ**

## ଆଜି ନିମାପଡ଼ାରେ ଅଭିଯୋଗ ଶୁଣାଣି

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)

ଆସନ୍ତାକାଲିଅର୍ଥାତ ୨୦ ତାରିଖ ସୋମବାର ନିମାପଡା ବ୍ଲକ ସମ୍ମିଳନୀ ଗୃହରେ ପୁରୀ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ସକାଳ ୭ଟାରୁ ଅନୁଷ୍ଠିତ ହେବ। ସେହିପରି ୨୭ରେ କଣାସ ବ୍ଲକ ସମ୍ମିଳନୀ ଗୃହରେ ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ବିବେକାନନ୍ଦ ସାହୁ ସୂଚନା ଦେଇଛନ୍ତି।

## ମହାଦେବ ମନ୍ଦିରରୁ ଚୋରି

ବଳଙ୍ଗା,୧୯।୪(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଓନିନିଙ୍ଗା ଗ୍ରାମରେ ଥିବା ବାବା ଉକ୍ରେଶ୍ୱର ମନ୍ଦିରରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମନ୍ଦିରରେ ଲାଗିଥିବା ବଡ଼ ଘଣ୍ଟି ଓ ଦାନବାକ୍ସରେ ଥିବା ସମସ୍ତ ଟଙ୍କା, ଛୋଟ ଛୋଟ ଘଣ୍ଟି ଓ ବାସନକୁସନ ଚୋରି ହୋଇଥିବା ନେଇ ବଳଙ୍ଗା ଥାନାରେ ଗ୍ରାମବାସୀ ଓ ମୁଖ୍ୟ ପୂଜକ ନାରାୟଣ ପଣ୍ଡା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ବଳଙ୍ଗା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଗତ ୩ରୁ ୪ ମାସ ମଧ୍ୟରେ ଆଖପାଖ ଗ୍ରାମ ଯଥା ଅଲଣ୍ଡାପଡ଼ା, ଚକରକୁନ୍ଦ, ବାଙ୍ଗଶ ଶାସନ ଓ ପାର୍ବତୀପୁର ଗାଁରେ ଚୋରି ହୋଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଚୋରଙ୍କୁ ପୋଲିସ ଧରିବାରେ ସଫଳ ହୋଇନାହିଁ।

## ଚୋରି ମାମଲା: ଅଭିଯୁକ୍ତଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡ

ଅସ୍ତରଙ୍ଗ,୧୯।୪(ମମତା ଜେନା)

ଏକ ଚୋରି ମାମଲାର ବିଚାର କରି କାକଟପୁର ଜେଏମ୍ଏଫ୍‌ସି କୋର୍ଟର ବିଚାରପତି ଶ୍ରୀଚନ୍ଦନ ଦାଶ ଅଭିଯୁକ୍ତଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡ ସହ ୨ହଜାର ଟଙ୍କା ଜରିମାନା କରିଛନ୍ତି। କାକଟପୁର ଜେଏମ୍ଏଫ୍‌ସି କୋର୍ଟରେ କେସ୍ ନମ୍ବର ଜିଆର-୨୧୯/୨୦୨୫ ଓ ଥାନା ପିଏସ୍ କେସ୍ ନମ୍ବର ୨୭୪/୨୦୨୫ର ସମସ୍ତ ସାକ୍ଷ୍ୟ, ପୋଲିସ ତଦନ୍ତ ରିପୋର୍ଟ ଓ ସମସ୍ତ ପ୍ରମାଣକୁ ଆଧାର କରି ଅଦାଲତ ଅଭିଯୁକ୍ତ ଗଗନ ବିହାରୀ ଛୁଆଳସିଂକୁ ୟୁ/ଏସ୍ ୩୩୧(୪)/୩୦୫ ବିଏନ୍ଏସ୍‌ରେ ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୩ମାସ ଜେଲ୍ ଦଣ୍ଡର ପ୍ରାବଧାନ ରହିଛି। ଏହି କେସ୍‌ଟିକୁ ସରକାରୀ ଓକିଲ ପ୍ରଭାତ କୁମାର ଦୀକ୍ଷିତ ଓ ତପନ ପଟ୍ଟନାୟକ ପରିଚାଳନା କରୁଥିବା ବେଳେ ତଦନ୍ତକାରୀ ଅଫିସର ଭାବେ କାକଟପୁର ଥାନା ଏଏସ୍ଆଇ ରମେଶ ଚନ୍ଦ୍ର ନିଶଙ୍କ ରହିଥିଲେ।

## ଭୂତଳଜଳ ହ୍ରାସ ଯୋଗୁ ନଳକୂପ, କୂପ ଅଚଳ

କଣାସ,୧୯।୪(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ବର୍ଷ ସାରା ପାନୀୟଜଳ ସମସ୍ୟା ଲାଗି ରହିବାରୁ ପାନୀୟଜଳ ଯୋଗାଇବା ପାଇଁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ୯ଶହରୁ ଊର୍ଦ୍ଧ୍ୱ ନଳକୂପ ଓ ୬୦ରୁ ଊର୍ଦ୍ଧ୍ୱ କୂପ ଖନନ କରାଯାଇଥିଲା। ଲୁଣିପାଣି ପଡ଼ିବା ହେତୁ ଅର୍ଦ୍ଧାଧିକ ନଳକୂପର ଜଳକୁ ଗ୍ରାମବାସୀ ବ୍ୟବହାର ନ କରିବାରୁ ଉକ୍ତ ନଳକୂପଗୁଡ଼ିକ ଭାଙ୍ଗିରୁଜି ଯାଇଛି। ଯେଉଁ କେତେକ ନଳକୂପ କାମ କରୁଥିଲା ଅସହ୍ୟ ରୌଦ୍ରତାପ ଯୋଗ ଭୂତଳ ଜଳସ୍ତର ହ୍ରାସ ପାଇବାରୁ ଅନେକ ନଳକୂପରୁ ବାଲିମାଟି ମିଶ୍ରିତ ଜଳ ବାହାରୁଥିବାରୁ ତାହା ପାନୀୟ ପାଇଁ ଉପଯୋଗୀ ହେଉନାହିଁ । ଅନେକ ଗଭୀର କୂପ ମଧ୍ୟ ଶୁଖିଗଲାଣି। ବ୍ଲକ ପ୍ରଶାସନ ପକ୍ଷରୁ ସରପଞ୍ଚମାନଙ୍କୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଇବାକୁ ନିର୍ଦ୍ଦେଶ ଦେବାରୁ ଟ୍ୟାଙ୍କର ମାଧ୍ୟରେ ପାନୀୟଜଳ ଯୋଗାଣ ଚାଲିଛି। ତାହା ସମୁଦ୍ରକୁ ଶଙ୍ଖେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ରଥ ଅନୁକୂଳ, ଶ୍ରୀମନ୍ଦିରରେ ବିଶେଷ ନୀତି

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)

ବୈଶାଖ ଶୁକ୍ଲପକ୍ଷ ତୃତୀୟାକୁ ଅକ୍ଷୟ ତୃତୀୟା ବୋଲି କୁହାଯାଏ। ଉକ୍ତ ଦିନ ଯେକୌଣସି କାର୍ଯ୍ୟକଲେ ଶୁଭ ହୋଇଥାଏ। ପରମ୍ପରା ଅନୁସାରେ, ଉକ୍ତ ଦିନଠାରୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ହୋଇଥାଏ। ସେହିପରି ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାର ଆୟମାରମ୍ଭ ହୋଇଥାଏ। ଶ୍ରୀକ୍ଷେତ୍ର ତଥା ଆଖପାଖ ଅଞ୍ଚଳରେ ଘଡ଼ି ପଥୁଲି ପୂଜା କରାଯାଏ। ଅକ୍ଷୟ ତୃତୀୟା ଏକ ଶୁଭଦିନ ହୋଇଥିବାରୁ ଚାଷୀମାନେ ସେମାନଙ୍କ ଚାଷ ଜମିରେ ଅଖିମୁଠି ଅନୁକୂଳ କରିବାର ବିଧି ରହିଛି। ତେଣୁ ବିଭିନ୍ନ ଦୃଷ୍ଟିକୋଣରୁ ଅକ୍ଷୟ ତୃତୀୟା ଏକ ଶୁଭଦିନ।

ରଥ ସଂହିତା ଅନୁଯାୟୀ, ଅକ୍ଷୟ ତୃତୀୟା ଅବସରରେ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟର ଶୁଭ ଅନୁକୂଳ ନୀତି ସମ୍ପନ୍ନ ହୋଇଥାଏ। ଉକ୍ତ ଦିନ ଶ୍ରୀମନ୍ଦିରରେ ବିଶେଷ ନୀତି ମଧ୍ୟ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁଙ୍କ ସକାଳଧୂପ ପରେ ଯାତ୍ରାଙ୍ଗୀ ମହାସ୍ନାନ ଅନୁଷ୍ଠିତ ହୋଇଥାଏ। ପରେ ପୂର୍ବଦିନରୁ ଅଧିବାସ ହୋଇ ରହିଥିବା ପ୍ରାୟ ୭ କେଜି ଚନ୍ଦନକୁ ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର, ମୁଦିରସ୍ଥ ଏବଂ ୩ ଜଣ ପାଳିଆ ପୁଷ୍ପାଳକ ଭୋଗମଣ୍ଡପ ଘରଠାରୁ ବେଢ଼ାକୁ ନେଇ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ତିନିଘେରା ପରିକ୍ରମା କରାଇବା ପରେ ସର୍ବାଙ୍ଗ ଚନ୍ଦନଲାଗି ହେବ। ଅପରପକ୍ଷରେ ରଥକାର୍ଯ୍ୟ ଅନୁକୂଳ ନିମନ୍ତେ ୩ ବାଡ଼ରୁ ୩ ପୂଜାପଣ୍ଡା ଆଜ୍ଞାମାଳ ଧରି ଆଗରେ ଏବଂ ବିଜେ ପ୍ରତିମା ପଟୁଆରରେ ଶ୍ରୀନଅର ନିକଟ ରଥଖଳାକୁ ବିଜେ କରିଥାନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ବିଧିବିଧାନ ଅନୁଯାୟୀ ରଖାଯାଇଥାଏ। ପରେ ତିନିରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ଅନୁକୂଳ ନୀତି ସମ୍ପନ୍ନ ହୋଇଥାଏ।


ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦ ଓ ଭଦ୍ରା ୨ଟି ଚାପ ପ୍ରସ୍ତୁତ ହୋଇ ରହିଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

### ଚନ୍ଦନ ଯାତ୍ରା ଆରମ୍ଭ

ଅକ୍ଷୟ ତୃତୀୟାଠାରୁ ୨୧ ଦିନ ବ୍ୟାପୀ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହେବ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ଶ୍ରୀବିଗ୍ରହଙ୍କଠାରୁ ୩ଟି ଆଜ୍ଞାମାଳ ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ରଥଖଳାକୁ ବିଜେ ହୋଇଥାଏ। ଘଣ୍ଟ, ଛତା, କାହାଳି ଏବଂ ସେବାୟତଙ୍କ ଗହଣରେ ବିମାନବଡୁ ସେବକମାନେ ଠାକୁର ଠାକୁରାଣୀଙ୍କୁ ଶ୍ରୀନଅର ସମ୍ମୁଖକୁ ନେଇଥାନ୍ତି। ରଥ ନିର୍ମାଣ ଅନୁକୂଳ ସମ୍ପନ୍ନ ହେବା ପରେ ରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଭାବେ ପରିଚିତ ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ ଏବଂ ଶ୍ରୀନୀଳକଣ୍ଠ ଚନ୍ଦନଯାତ୍ରା ଲାଗି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଶୋଭାଯାତ୍ରାରେ ଯିବେ। ଠାକୁର ନରେନ୍ଦ୍ର ପୁଷ୍କରିଣୀରେ ପହଞ୍ଚିବା ପରେ ଭିତରଛୁ ମହାପାତ୍ର ଜଳଲାଗି କରିଥାନ୍ତି। ଠାକୁରଙ୍କୁ ଦୁଇ ଚାପଡଙ୍ଗାରେ ବିଜେ କରାଯାଇ ଚାପ ଖେଳାଯାଏ। ମାଣ୍ଡୁଆ ଭୋଗ ଓ ବିଡ଼ିଆ ମଣୋହୀ ପରେ ଠାକୁରମାନେ ରାତି ଚାପ ଖେଳି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାନ୍ତି।

## ଆଜି ଅକ୍ଷୟ ତୃତୀୟା

### ଘଡ଼ି ପଥୁଲି ପୂଜା

ଅକ୍ଷୟ ତୃତୀୟା ଅବସରରେ ଶ୍ରୀକ୍ଷେତ୍ରରେ ଘଡ଼ି ପଥୁଲି ପୂଜା ଦେଖିବାକୁ ମିଳିଥାଏ। ବିଶେଷ କରି ମା'ମାନେ ନିଜ ସନ୍ତାନମାନଙ୍କ ମଙ୍ଗଳ କାମନା କରି ଏହି ପୂଜା କରିଥାନ୍ତି। ଶ୍ରୀକ୍ଷେତ୍ରରେ ବାସ କରୁଥିବା ସେବକ, ବ୍ରାହ୍ମଣ ଏବଂ ଅନେକ ଗୃହସ୍ଥ ପରିବାରରେ ଘଡ଼ି ପଥୁଲି ପୂଜା କରାଯାଏ। ମା' ଷଷ୍ଠୀଦେବୀଙ୍କ ନକଟରେ ଘଡି ପଥୁଲି ପୂଜା ହେବା ପରେ ଉକ୍ତ ଘଡି ପଥୁଲି ଗୁଡିକୁ କୁନି କୁନି ପିଲାମାନଙ୍କ ମଧ୍ୟରେ ବଣ୍ଟା ଯାଇଥାଏ। ଅକ୍ଷୟ ତୃତୀୟା ଦିନ ଘରର ଠାକୁର ଘରେ ପଞ୍ଚ ମୁରୁଜରେ କୋଷ୍ଠି କଟାଯାଇ ତା' ମଧ୍ୟରେ ଘଡ଼ି ପଥୁଲିଗୁଡ଼ିକୁ ରଖାଯାଏ। ଏହି ଘଡ଼ି ପଥୁଲିରେ ଚୁଡ଼ାଭଜା, ଖଇ, ନଡ଼ିଆ, ଆମ୍ବ, ତାଳ, ଖଣ୍ଡଘୋଡା, ବିଭିନ୍ନ ପ୍ରକାରର ଫଳ ଏବଂ ଖେଳନା କଣ୍ଢେଇ ରଖାଯାଇ ମା' ଷଷ୍ଠୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା।

### ଅଖିମୁଠି ଅନୁକୂଳ

ଅକ୍ଷୟ ତୃତୀୟା କୃଷକଙ୍କ ନିମନ୍ତେ ଏକ ଶୁଭଦିନ। ଏହିଦିନ ଚାଷୀଭାଇମାନେ ସେମାନଙ୍କ କ୍ଷେତରେ ଚାଷକାର୍ଯ୍ୟ ଆରମ୍ଭ କରିଥାନ୍ତି। ଚାଷୀ ଜମିରେ ପୂଜାର୍ଚ୍ଚନା କରିବା ପରେ ଅଖିମୁଠି ଅନୁକୂଳ କରି ଚାଷକାର୍ଯ୍ୟ ଆରମ୍ଭ କରିଥାନ୍ତି। ଏହି ଦିନ ଚାଷକାର୍ଯ୍ୟ ଅନୁକୂଳ କଲେ ଫସଲ ଭଲ ହୋଇଥାଏ ବୋଲି ଚାଷୀଙ୍କ ମଧ୍ୟରେ ବିଶ୍ୱାସ ରହିଛି।

# ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ସମାଜର ବିକାଶ କରିବ


ପୁରୀ ସର୍ବୋଦୟ ନଗର ପରିସରରେ ବରିଷ୍ଠ ନାଗରିକଙ୍କ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)

ବରିଷ୍ଠ ନାଗରିକମାନେ ଅଲୋଡ଼ା ନୁହନ୍ତି। ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ସମାଜକୁ ବିକାଶ ଓ ସମୃଦ୍ଧି ପଥରେ ମାର୍ଗଦର୍ଶନ କରାଇଥାଏ ବୋଲି କହିଛନ୍ତି ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ। ରବିବାର ପୂର୍ବାହ୍ନରେ ସର୍ବୋଦୟନଗର ଶିରିଡ଼ି ସାଇ ମନ୍ଦିର ପ୍ରାଙ୍ଗଣରେ ପୁରୀ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଷଡ଼ଙ୍ଗୀ ବରିଷ୍ଠ ନାଗରିକଙ୍କର ସଂଗଠନ ପ୍ରତିଷ୍ଠା ଦ୍ୱାରା ସେମାନଙ୍କ ପାରସ୍ପରିକ ସହଯୋଗ, ଭାବର ଆଦାନପ୍ରଦାନ, ସମନ୍ୱୟ ଓ ସେବା ମନୋଭାବ ବୃଦ୍ଧି ପାଉଛି। 'ଏକ ହେ, ତୋ ସେଫ୍ ହେ' ବୋଲି ସେ କହିବା ସହ ବରିଷ୍ଠଙ୍କୁ ସୁରକ୍ଷା, ସେମାନଙ୍କ ଆବଶ୍ୟକତା, ସଂଗଠନ ପାଇଁ ଗୃହ, ମନ୍ଦିର ଦର୍ଶନ ଲାଗି ଦାବି କରାଯାଇଥିଲା ଇତ୍ୟାଦି ସମ୍ପର୍କରେ ବ୍ୟବସ୍ଥା କରାଯିବ ବୋଲି ମତ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ବରିଷ୍ଠ ନାଗରିକଙ୍କ ପାଇଁ ସରକାର ବିବିଧ ବ୍ୟବସ୍ଥା କରିଛନ୍ତି। ସେମାନେ ମଧ୍ୟ ସଂଘ ମାଧ୍ୟମରେ ସେମାନଙ୍କ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ କରି ଖୁସି ଅନୁଭବ କରୁଛନ୍ତି। ସେମାନଙ୍କ ବିଭିନ୍ନ ଆବଶ୍ୟକତାକୁ ପର୍ଯ୍ୟାୟକ୍ରମେ ପୂରଣ କରାଯାଉଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଅରବିନ୍ଦ ଶତପଥୀ, ରବିନ ଦାସ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ତ୍ୟାଗ, ପରୋପକାର, ଦାୟିତ୍ୱ, କର୍ତ୍ତବ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ରବି ନାରାୟଣ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ କୃତୀବାସ କାମଲା ବାର୍ଷିକ ବିବରଣୀ ପାଠ ଓ ପ୍ରଫେସର ଡ. ମନୋଜ ସାମନ୍ତରାୟ ସ୍ୱାଗତ ଭାଷଣ ଏବଂ ମଞ୍ଚ ସଞ୍ଚାଳନ କରିଥିଲେ। କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ପଞ୍ଚ, ମୁଖ୍ୟ ପରାମର୍ଶଦାତା ଭୀମସେନ୍ ପଣ୍ଡା, କୋଷାଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ, ସହକାରୀ ସମ୍ପାଦକ ଗୋପୀନାଥ ମହାନ୍ତି, ନିରଞ୍ଜନ ଦାସ, ଦୀପକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଜୀବନ ସଦସ୍ୟ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, କଳ୍ପନା ପ୍ରଧାନ, ସୁରେନ୍ଦ୍ର ପରିଡ଼ା, ହରପ୍ରସାଦ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜମି ସମସ୍ୟାକୁ ନେଇ ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)

ପୁରୀ ସହରରେ ଥିବା ଜମି ସମସ୍ୟା ସମ୍ପର୍କରେ ଭୂସମ୍ପତ୍ତି ସୁରକ୍ଷା ପରିଷଦ ପକ୍ଷରୁ ଏକ ଟିମ୍ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଭେଟି ଆଲୋଚନା କରିବା ସହ ସମସ୍ୟା ସମାଧାନ ପାଇଁ ଦାବି କରିଛନ୍ତି। ପରିଷଦ ପକ୍ଷରୁ ଉଲ୍ଲେଖ କରାଯାଇଛି, ପୁରୀ ସହରରେ ଥିବା ପ୍ରାୟ ୮୦ ହଜାର ବାସିନ୍ଦା ଯେଉଁମାନଙ୍କର ଜମି ମାଲିକାନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡଭୁକ୍ତ ହୋଇଛି। ତାହାର ଆଶୁ ଓ ଗ୍ରହଣଯୋଗ୍ୟ ସମାଧାନ କରାଯାଉ। ମହାପ୍ରଭୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପ୍ରଜା ଭାବରେ ଗ୍ରହଣ କରିବା କିମ୍ବା ୟୁନିଫର୍ମ ପଲିସି ୧ରେ ଥିବା ବ୍ୟବସ୍ଥାକୁ ଲାଗୁ କରିବାକୁ ଦାବି ଉପସ୍ଥାପନା କରିଛନ୍ତି। ତେବେ ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ମହାପାତ୍ର ପ୍ରତିଶ୍ରୁତି ପ୍ରଦାନ କରିଥିବା ପରିଷଦ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଆଲୋଚନା ସମୟରେ ପରିଷଦର ସଭାପତି ଆଇନଜୀବୀ ପୁଷ୍କର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଆଦିତ୍ୟ ହୃଦୟ ମିଶ୍ର, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାସ, ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ଶତପଥୀ, ଓକିଲ ସଂଘ ସଭାପତି ପ୍ରେମାନନ୍ଦ ମହାପତି, ଯୁଗ୍ମ ସମ୍ପାଦକ ସଂଗ୍ରାମ କେଶରୀ ମିଶ୍ର, ସଂଯୋଜକ ଦେବେନ୍ଦ୍ର ବ୍ରହ୍ମଚାରୀଙ୍କ ସମେତ ପରିଷଦର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଚନ୍ଦ୍ରଶେଖର


@ ଅଜୟ


@ ହରୀଶ


@ ଜିପୁ


@ ବିଦ୍ୟାଭୂଷଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚନ୍ଦନ ଯାତ୍ରା ପ୍ରସ୍ତୁତି ବୈଠକ

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)

ଜିଲା ପ୍ରଶାସନ ଓ ଶ୍ରୀକ୍ଷେତ୍ର ପଞ୍ଚ ମହାଦେବ ସେବାୟତ ନିଯୋଗର ମିଳିତ ଆନୁକୂଲ୍ୟରେ ମହାପ୍ରଭୁଙ୍କ ଚଳିତ ବର୍ଷର ଚନ୍ଦନ ଯାତ୍ରା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ରବିବାର ଲୋକନାଥ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଅକ୍ଷୟ ତୃତୀୟ ଠାରୁ ଆରମ୍ଭ ହେବାକୁ ଥିବା ୨୧ ଦିନ ଧରି ଚନ୍ଦନ ଯାତ୍ରାକୁ ଯେପରି ଶାନ୍ତି ଓ ଶୃଙ୍ଖଳାର ଶେଷ ହେବ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଠାକୁର ଯିବାଆସିବା ରାସ୍ତାରେ ମଇଳା ପାଣି ଯେପରି ନ ଭାସେ ତାହାକୁ ରୋକାଯିବା, ସ୍ଥାନେ ସ୍ଥାନେ ରାସ୍ତାରେ ଛାଇ ବ୍ୟବସ୍ଥା ସହ ରାସ୍ତାରେ ପାଣି ଢାଳି ରାସ୍ତାକୁ ଥଣ୍ଡା କରିବା, ରାତ୍ରି ସମୟରେ ଆଲୋକ ଓ ସୁରକ୍ଷା ବ୍ୟବସ୍ଥା କରିବା ସହିତ ମନ୍ଦିରରେ ଚନ୍ଦନ ଯାତ୍ରା ପାଇଁ ଆଲୋକ ବ୍ୟବସ୍ଥା କରିବା ପାଇଁ ସେବାୟତମାନେ ଅନୁରୋଧ କରିଥିଲେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟକୁ ଠିକ୍ ଭାବେ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ରାଜକିଶୋର ଜେନା, ମନ୍ଦିର ଉପପ୍ରଶାସକ ରଞ୍ଜନ କୁମାର ବେହେରା, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଟାଉନ୍ ଥାନା ଆଇଆଇସି ଗୋକୁଳାନନ୍ଦ ଦାଶ, ଆଇଆଇସି ବାସେଲୀ ସାହି, ପଞ୍ଚ ମହାଦେବ କମିଟି ସଭାପତି ରବି ନାରାୟଣ ପଣ୍ଡା, ସମ୍ପାଦକ ମଦନ ଖୁଣ୍ଟିଆ, କାହ୍ନୁଚରଣ ପଣ୍ଡାଙ୍କ ସମେତ ପଞ୍ଚ ମହାଦେବ ମନ୍ଦିର ସଭାପତି, ସମ୍ପାଦକ ଓ ବୟୋଜ୍ୟେଷ୍ଠ ସଦସ୍ୟ ରହି ଆଲୋଚନାରେ ଭାଗ ନେଇଥିଲେ।

# ସନ୍ତାନ ପାଇଁ ମା' ହେଉଛନ୍ତି ଈଶ୍ୱରଙ୍କ ଅବତାର

ସାକ୍ଷୀଗୋପାଳ,୧୯।୪(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ଜ୍ୟୋତିଷ ବିଶାରଦ ଓ ବାସ୍ତୁବିଦ୍ ଦେବୀପ୍ରସାଦ ମହାପାତ୍ରଙ୍କ ମାତା ସତ୍ୟଭାମା ମହାପାତ୍ରଙ୍କ ସ୍ମୃତିରେ ଆୟୋଜିତ ୪ର୍ଥ ସତ୍ୟଭାମା ଶବ୍ଦରାଗ ଉତ୍ସବ ସ୍ଥାନୀୟ ବରାଳ ଗ୍ରାମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷାବିତ୍ ପ୍ରାଧ୍ୟାପକ କୈଳାଶ ଚନ୍ଦ୍ର ଟିକାୟତରାୟ ଯୋଗଦେଇ ସନ୍ତାନ ପାଇଁ ମା' ହେଉଛନ୍ତି ଈଶ୍ୱରଙ୍କ ଅବତାର ବୋଲି କହିଥିଲେ। ମା'ର ମମତା ଏବଂ ସମର୍ପିତ ଗୁଣ ସର୍ବଦା ବନ୍ଦନୀୟ ବୋଲି ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ପାଲା ଗାୟକ ପରିଷଦର ସଭାପତି ଗାୟକ ସିଦ୍ଧାନ୍ତଦର୍ଶୀ ମଦନମୋହନ ଜେନା, ଓଡ଼ିଶା ବିଧାନସଭାର ପୂର୍ବତନ ଅନୁଶାସନ ସଚିବ ସୁରେଶ କୁମାର ନାୟକ, ବିଶିଷ୍ଟ ଜ୍ୟୋର୍ତିବିତ ନିରଞ୍ଜନ ମହାପାତ୍ର, ଆଦିତ୍ୟ ପବ୍ଲିକେଶନର ସମ୍ପାଦକ ଦେବାଶିଷ ସାମନ୍ତରାୟ, ଖବରଦାତା ଦିଲୀପ କୁମାର ଧାଉଡ଼ିଆ ପ୍ରମୁଖ ଆୟୋଜିତ ସଭାରେ ଅତିଥି ଭାବେ ଯୋଗଦେଇ ସମବେତ ସାରସ୍ୱତ ସାଧକଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ମା' ପାଇଁ ଉତ୍ସର୍ଗୀକୃତ ଏହି କାର୍ଯ୍ୟକ୍ରମ ଆଗକୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପରିଣତ ହେବ ବୋଲି ମତବ୍ୟକ୍ତ କରିଥିଲେ। ସାହିତ୍ୟିକ ତଥା ଗବେଷକ ଗାୟକ ଜ୍ଞାନସାଗର ସଚ୍ଚିଦାନନ୍ଦ ମହାପାତ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ପାର୍ବତୀ ମହାପାତ୍ରଙ୍କ ସ୍ମୃତିରେ ରାଜ୍ୟର କୋଣଅନୁକୋଣର କବିମାନଙ୍କ ଆଲେଖ୍ୟରେ ସମୃଦ୍ଧ ସ୍ମରଣିକା 'ସତ୍ୟଭାମା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଶତାଧିକ କବି କବୟିତ୍ରୀ 'ମା' ଶୀର୍ଷକ ସ୍ୱରଚିତ କବିତା ଆବୃତ୍ତି କରି ପରିବେଶକୁ ମା' ମୟ କରିଦେଇଥିଲେ। କବୟିତ୍ରୀ ତଥା କଣ୍ଠଶିଳ୍ପୀ ସର୍ବାଣୀ ଦାସ କବିତା ଆସର ସଂଯୋଜନା କରିଥିଲେ। ସାହିତ୍ୟ, କଳା, ସଂସ୍କୃତି ଓ ସାମ୍ବାଦିକତା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ ଓଡ଼ିଶୀ ନୃତ୍ୟାଙ୍ଗନା ସୁଦତ୍ତା ସାୟଂସ୍ମାତା ମିଶ୍ର ନବଦୁର୍ଗା ନୃତ୍ୟ ନିଖୁଣ ଭାବେ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସଦାଶିବ ବରାଳ, ବିଜୟ ଚନ୍ଦ୍ର ସାମନ୍ତରାୟ, ସୁଧୀର ସ୍ୱାଇଁ, ହେମେନ୍ଦ୍ର ପଟ୍ଟନାୟକ, ବିଶ୍ୱନାଥ ବିଶ୍ୱାଳ ଓ ବିଶ୍ୱନାଥ ପଟ୍ଟନାୟକଙ୍କ ସହଯୋଗରେ ମାନସ ରଞ୍ଜନ ପଟ୍ଟନାୟକ ଓ ରମେଶ ଚନ୍ଦ୍ର ପଲେଇ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବି ଶବ୍ଦଭାରତୀ ଦେବଦତ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।



### ସତ୍ୟଭାମା ଶବ୍ଦରାଗ ୨୦୨୬ ଅନୁଷ୍ଠିତ

# ସପ୍ତାହରେ ରାଜଧାନୀରୁ ୧୫ରୁ ଊର୍ଦ୍ଧ୍ୱ ବାଇକ୍ ଚୋରି

## ଇନ୍ସ୍ୟୁରାନ୍ସ ନ ଥିଲେ ମାମଲା ରୁଜୁ କରୁନି ପୋଲିସ

ଭୁବନେଶ୍ୱର, ୧୯।୪ (ତ୍ରିନାଥ ମହାନ୍ତି)

ରାଜଧାନୀରେ ଏବେ ପୁଣି ସକ୍ରିୟ ହୋଇଛନ୍ତି ଗଞ୍ଜାମ ବାଇକ୍ ଚୋରି ଗ୍ୟାଙ୍ଗ। ସେମାନେ ରାତିରେ ସହରସାରା ବୁଲି ଘର ଆଗରେ ପାର୍କିଂ ହୋଇଥିବା ବାଇକ୍ ଚୋରି କରି ନେଉଛନ୍ତି। ପୋଲିସ ଏହାକୁ ଗୁରୁତ୍ୱ ଦେଉନଥିଲେ ମଧ୍ୟ ସପ୍ତାହରେ ୧୫ରୁ ଊର୍ଦ୍ଧ୍ୱ ବାଇକ୍ ଚୋରି ପୋଲିସର ଚିନ୍ତା ବଢ଼ାଇଛି। ବଡ଼ କଥା ହେଲା ଇନ୍ସ୍ୟୁରାନ୍ସ ନଥିବା ବାଇକ୍ ଚୋରି ହେଲେ ମଧ୍ୟ ପୋଲିସ ମାମଲା ରୁଜୁ କରୁନି। କେବଳ ଏକ ମିସିଂ ରସିଦ ଧରାଇ ଥାନାକୁ ବିଦା କରି ଦେଉଛି। କେବଳ ରାଜଧାନୀର ସପ୍ତାହରେ ଅଧିକ ବାଇକ ଚୋରି ହୋଇଥିଲେ ମଧ୍ୟ କେବଳ ୧୫ଟି ମାମଲା ହୋଇଥିବା ସୂଚନା ମିଳିଛି। ଏହିଭଳି ଗତ ୧୫ ତାରିଖରେ ଏୟାରଫିଲ୍ଡ ଥାନା ପାଞ୍ଚଗାଁରେ ରହୁଥିବା କୃଷଚନ୍ଦ୍ର ବାରିକଙ୍କ ବାଇକ୍ ଚୋରି ହୋଇଛି। ଗାଁରେ ଯାତ୍ରା ହେଉଥିବାରୁ ସେ ଯାତ୍ରା ହୋଉଥିବା ନିକଟରେ ଗାଡି ରଖି ଭିତରକୁ ଯାଇ ଯାତ୍ରା ଦେଖୁଥିଲେ। ଏହାର ସୁଯୋଗରେ କେହି ଦୁର୍ବୃତ୍ତ ତାଙ୍କ ବାଇକ୍ ଚୋରି କରି ଚମ୍ପଟ ମାରିଥିଲା। ସେ ଏନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସେହିପରି ବଡ଼ଗଡ଼ ଥାନା କୋରଡ଼କଣ୍ଟା ଗ୍ରାମର ବୁଲୁ ଚରଣ ଜେନା ଅଫିସ୍ କାମ ସାରି ଘରକୁ ଫେରିଥିଲେ। ଘର ଆଗରେ ବାଇକ୍ ପାର୍କିଂ କରି ଘରେ ଶୋଇଥିବା ବେଳେ ଗତ ୧୪ ସକାଳୁ ଘର ଆଗରେ ବାଇକ୍ ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ସେହିପରି ଲକ୍ଷ୍ମୀସାଗରରେ ରହୁଥିବା ଶୁଭକାନ୍ତ ମହାନ୍ତି କୌଣସି କାମରେ ଗତ ୮ତାରିଖରେ ବରମୁଣ୍ଡା ଯାଇଥିଲେ। ସେଠାରେ ଥିବା ବିଡ଼ିଏ ପାର୍କ ନିକଟରେ ବାଇକକୁ ପାର୍କିଂ କରି ଅଫିସକୁ ଯାଇଥିଲେ। ଫେରିବା ପରେ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସେହିପରି ଚନ୍ଦକା ଥାନା ପାଣିଓରା ଗ୍ରାମରେ ରହୁଥିବା ମନମୋହନ ସ୍ୱାଇଁଙ୍କ ବାଇକ୍ ଚୋରି ହୋଇଯାଇଛି। ଗତ ୧୪ ତାରିଖ ରାତିରେ ଘର ଆଗରେ ବାଇକ୍ ରଖିଥିବା ବେଳେ କେହି ଦୁର୍ବୃତ୍ତ ଘର ଆଗକୁ ବାଇକ୍‌କୁ ଚୋରି କରି ନଇଥିଲେ। ଗତ ୧୭ ତାରିଖରେ ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀବିହାରରେ ରହୁଥିବା ଅମଜାତ ଅଲ୍ଲୀ ଖାଁଙ୍କ ବାଇକ୍ ଚୋରି ହୋଇଯାଇଛି। ସେ ସବୁଦିନ ପରି ଘର ଆଗରେ ବାଇକ୍ ରଖି ଶୋଇଥିବା ବେଳେ ସକାଳୁ ଦୁର୍ବୃତ୍ତ ବାଇକ୍ ଚୋରି କରି ଚମ୍ପଟ ମାରିଥିଲେ। ସେ ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସେହିପରି ଗତ ୧୫ ତାରିଖରେ ଧଉଳି ଥାନା ଝିଙ୍କି ଶାସନ ନିକଟରେ ଥିବା ଏକ ଜନସେବା କେନ୍ଦ୍ର ଆଗରୁ ଶରତ ଚନ୍ଦ୍ର ଚେନାରୀଙ୍କ ବାଇକ୍ ଚୋରି ହୋଇଯାଇଥିଲା। ସେ ପିପିଲରୁ ଗ୍ୟାସ ଟାଙ୍କି ବାଇକ୍‌ରେ ବାନ୍ଧି ଆଣି ଘରକୁ ଫେରୁଥିବା ବେଳେ ଝିଙ୍କି ଶାସନ ନିକଟରେ ଥିବା ଜନସେବା କେନ୍ଦ୍ରରେ କାମ ରହିଥିଲା। ସେ ଜନସେବା କେନ୍ଦ୍ର ଆଗରେ ବାଇକ୍ ରଖି ଭିତରକୁ ଯାଇଥିଲେ। କାମ ସାରି ଫେରିବା ପରେ ସେଠାରୁ ଗ୍ୟାସ୍ ଟାଙ୍କି ସହ ବାଇକ୍ ମଧ୍ୟ ଚୋରି ହୋଇଯାଇଥିଲା। ଧଉଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା କରି ତଦନ୍ତ କରୁଛି।

ଦୁର୍ବୃତ୍ତମାନେ ବିଶେଷ କରି ରାଜଧାନୀର ଉପକଣ୍ଠ ଥାନା ଅଞ୍ଚଳରୁ ଏକାଧିକ ବାଇକ୍ ଚୋରି କରୁଛନ୍ତି। ସେମାନେ ବାଇକ୍ ଚୋରି କରିବା ପରେ ଏହାର ନମ୍ବର ପ୍ଲେଟ୍‌କୁ ବଦଳାଇ ବାହାରକୁ ଚାଲାଣ କରୁଛନ୍ତି। ବିଶେଷ କରି ଚିଲିକା ଏବଂ ପୁରୀକୁ ଚାଲାଣ କରାଯାଉଥିବା କୁହାଯାଉଛି। ବୋଟ୍‌ରେ ବାଇକ୍ ମେସିନ୍ ଲାଗୁଥିବାରୁ ଅଭିଯୁକ୍ତମାନେ ଶାଗ ମୁଗ ଦରରେ ବିକ୍ରି କରୁଛନ୍ତି। ବୋଟ୍ ମାଲିକ ନେଇ ବାଇକ୍ ଇଞ୍ଜିନ୍ ଶସ୍ତାରେ ପାଇ ବୋଟ୍‌ରେ ଲଗାଉଛନ୍ତି।

# ଶକ୍ତି ଭରିଲା ଅଟିଜମ୍ ଶିଶୁଙ୍କ ଚିତ୍ରକଳା ପ୍ରଦର୍ଶନୀ



ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ।

ଭୁବନେଶ୍ୱର, ୧୯।୪ (ସୌମ୍ୟରଞ୍ଜନ ରାଉତ)

ଏପ୍ରିଲକୁ ବିଶ୍ୱ ଅଟିଜମ୍ ସଚେତନତା ମାସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ଅଟିଜମ୍ ସ୍ପେକ୍ଟ୍ରମ୍‌ରେ ଥିବା ବ୍ୟକ୍ତିମାନଙ୍କ ପ୍ରତି ସ୍ୱୀକୃତି ଦେବା ପାଇଁ ପ୍ରଥମଥର 'ଅଙ୍କନ' ନାମକ ଏକ ଚିତ୍ରକଳା ପ୍ରଦର୍ଶନୀ ଆରମ୍ଭ ହୋଇଛି। ନିଆରା ପ୍ରୟାସର ଅଂଶ ଭାବେ ୨ଜଣ ନ୍ୟୁରୋଡାଇଭର୍ଜେଣ୍ଟ ଶିଶୁଙ୍କ ଚିତ୍ରକଳା ଉପସ୍ଥିତ ଅତିଥିଙ୍କ ସହ ଅନ୍ୟମାନଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏହି ପ୍ରଦର୍ଶନୀ ତାଙ୍କର ପ୍ରତିଭା, ସଂଘର୍ଷଶୀଳତା ଓ ପାରମ୍ପରିକ ସୀମାରୁ ପାର୍ ହୋଇଥିବା ଅଭିବ୍ୟକ୍ତିର ଶକ୍ତିକୁ ଉତ୍ସବ ରୂପେ ପ୍ରକାଶ କରିଥିଲା। ପ୍ରଦର୍ଶନୀରେ ଅତିଥି ଭାବେ ପ୍ରଫେସର ପ୍ରତାପ ରଥ, କସ୍ତୁରୀ ମହାପାତ୍ର, ରାଧାମାଧବ ରଥ, ପଞ୍ଚମୀ ମାନୁ ଓକିଲ, ମୋନାଲିସା ବଳ, ସ୍ୱାଗତିକା ସାମନ୍ତରାୟ, ଗାର୍ଗୀ ଭଟ୍ଟାଚାର୍ଯ୍ୟ, ସୁଜିତ ମହାପାତ୍ର ଓ ନୀଳାମ୍ବର ରଥ ପ୍ରମୁଖ ଯୋଗଦେଇଥିଲେ।

# ୧୧ ହଜାର ଡଲାର ଠକିନେଇ ସ୍ପା ଆକାଉଣ୍ଟାଣ୍ଟ ଚମ୍ପଟ

ଭୁବନେଶ୍ୱର, ୧୯।୪ (ତ୍ରିନାଥ ମହାନ୍ତି)

ବିମାନବନ୍ଦର ଭିତରେ ଥିବା ମସାଜ ସ୍ପା'ର ମାଲିକଙ୍କୁ ଠକେଇ କରି ଫେରାର ହୋଇଯାଇଛନ୍ତି ଆକାଉଣ୍ଟାଣ୍ଟ ଶିବ ଚରଣ ଦାଶ। ଅଭିଯୁକ୍ତ ଶିବ ସଂଗ୍ରହ କରିଥିବା କମ୍ପାନୀର ୧୦.୯୬୨ ୟୁଏସ୍ ଡଲାର (୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ) ଏବଂ ୩୫ ହଜାର ଟଙ୍କାକୁ ଜମା ନ କରି ନିଜେ ଆତ୍ମସାତ୍ କରିଦେଇଛନ୍ତି। ଏନେଇ ସ୍ପା ମାଲିକ ଖୁସ୍ ଗୋସ୍ୱାମୀ ଏୟାରପୋର୍ଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ଶିବଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ଖୁସ୍‌ଙ୍କ ଘର ଉତ୍ତରପ୍ରଦେଶରେ ହୋଇଥିବା ବେଳେ ସେ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଭିତରେ ମସାଜ ସ୍ପା କରିଛନ୍ତି। ତାଙ୍କ ସ୍ପାକୁ ଆମେରିକା ସମେତ ବିଭିନ୍ନ ଦେଶର ଲୋକ ମସାଜ ପାଇଁ ଆସି ଟଙ୍କା ବଦଳରେ ଡଲାର ଦେଇଥାନ୍ତି। ଏହି ଡଲାରକୁ ବ୍ୟାଙ୍କରେ ଜମା କରିବାକୁ ସେ ତାଙ୍କ ଆକାଉଣ୍ଟାଣ୍ଟ ଶିବଙ୍କୁ ଦେଇଥାନ୍ତି। ସବୁଥର ଭଳି ଗତ ୧୪ ତାରିଖ ଦିନ ଖୁସ୍ ତାଙ୍କର ଆକାଉଣ୍ଟାଣ୍ଟଙ୍କୁ ୧୦.୯୬୨ ଡଲାଲ ଏବଂ ୩୫ ହଜାର ଟଙ୍କା ଜମା କରିବାକୁ ଦେଇଥିଲେ। ହେଲେ ଏହି ଟଙ୍କାକୁ ଶିବ ଜମା ନ କରି ଫେରାର ହୋଇଯାଇଥିଲେ।

# ସର୍ବଭାରତୀୟ ନହରକଣ୍ଟା କପ୍: ବାରିପଦା ମହାକାଳ ଚାମ୍ପିୟନ




ଅତିଥିଙ୍କଠାରୁ ଚାମ୍ପିୟନ୍ସ ଟ୍ରଫି ଗ୍ରହଣ ଅବସରରେ ବାରିପଦାର ମହାକାଳ ଇଲେଭେନ ଟିମ୍।

ବାଲିଅନ୍ତା, ୧୯।୪ (ନୀଳମାଧବ ସାହୁ)

ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡର ନହରକଣ୍ଟା କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ନହରକଣ୍ଟା ମିନି ଷ୍ଟାଡିୟମ୍‌ରେ ଚାଲିଥିବା ପ୍ରଥମ ସର୍ବଭାରତୀୟ ନହରକଣ୍ଟା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୭ ଦିନ ଧରି ଚାଲିଥିବା ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଭାଗନେଇଥିଲେ। ଅନୁଷ୍ଠିତ ଫାଇନାଲ ମ୍ୟାଚରେ କଟକର ସିଲଭର ଷ୍ଟାରକୁ ୮ ଉଇକେଟ୍‌ରେ ହରାଇ ବାରିପଦାର ମହାକାଳ ଇଲେଭେନ ଦଳ ଚାମ୍ପିୟନ ହୋଇଛି। ଟସ୍ ଜିତି ମହାକାଳ ଇଲେଭେନ ଟିମ୍ ପ୍ରଥମେ ବୋଲିଂ କରିଥିଲା। କଟକର ସିଲ୍‌ଭର ଷ୍ଟାର ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୦୧ ରନ୍ ସଂଗ୍ରହ କରିଥିଲା। ଜବାବରେ ବାରିପଦା ଦଳ ୬-୧ ଓଭରରେ ୨ ଉଇକେଟ ହରାଇ ୧୦୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଧାକର ନାୟକ ୨୪ ବଲ୍‌ରେ ୭୨ ରନ୍ ଓ ଶୁଭଜିତ ଜାନା ୧୨ ବଲ୍ ୩୬ ରନ୍ କରିଥିଲେ। ଅମ୍ପାୟର ସୁନୀଲ କୁମାର ବେହେରା ଓ ରାଜେଶ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ସିନେ ଅଭିନେତ୍ରୀ ଭୂମିକା ଦାସ, ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ଖୁଣ୍ଟିଆ, ସାମାଜିକ କର୍ମୀ ବ୍ରହ୍ମାନନ୍ଦ ପଣ୍ଡା, ଦେବରଞ୍ଜନ ଜେନା, କେଦାର ନାଥ ସାହୁ ଓ ଜଳନ୍ଧର ସୁବୁଦ୍ଧି ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳ ଓ ରନର୍ସ ଅପ୍ ଦଳକୁ ଟ୍ରଫି ଓ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ।

# କାର୍ ଜବତ, ସମ୍ପର୍କୀୟ ଭାଇ ଗିରଫ

ଭୁବନେଶ୍ୱର, ୧୯।୪ (ପ୍ରସନଜିତ୍ ସାହୁ)

ଠକେଇ ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ରବିବାର ଭରତପୁର ଲକ୍ଷ୍ମୀପ୍ରିୟା କଲୋନୀର ସତ୍ୟବ୍ରତ ଓଝା (୨୨)ଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ ଅଭିଯୁକ୍ତ ସତ୍ୟବ୍ରତ ନୟାପଲ୍ଲୀ କଳିଙ୍ଗ ଷ୍ଟାଡିଅମ ନିକଟରେ ରହୁଥିବା ମିନାକ୍ଷୀ ଓଝାଙ୍କ ସମ୍ପର୍କୀୟ ଭାଇ। ସେ ୨୦୨୫ ମସିହା ମେ ୨୪ ତାରିଖରେ କିଛି ଜରୁରୀ କାମ ବାହାନାରେ ମିନାକ୍ଷୀଙ୍କ କାର ନେଇ ଆଉ ଫେରାଉ ନ ଥିଲେ। ଏନେଇ ମିନାକ୍ଷୀ ଗତ ଫେବ୍ରୁୟାରୀ ୧୬ରେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ସତ୍ୟବ୍ରତ ମାର୍ଚ୍ଚ ୪ରେ କାର ଫେରାଇବେ ବୋଲି କହି ଆଉ ଧରାଛୁଆଁ ଦେଇ ନ ଥିଲେ। କିନ୍ତୁ ସେ ଦେଇଥିବା ସମୟାନୁସାରେ କାର ନ ଫେରାଇବାରୁ ପୁନର୍ବାର ଗତ ମାର୍ଚ୍ଚ ୨୫ ତାରିଖରେ ମିନାକ୍ଷୀ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୮୮/୨୦୨୬) ରୁଜୁକରି ବେଲଗୁଣ୍ଠା ଥାନା ଅଧୀନ ଗିରିସୋଳରୁ ତାଙ୍କ କାର ଜବତ କରିଥିଲା।

# ସମ୍ପୂର୍ଣ୍ଣା ଲେଡିଜ କ୍ଲବ୍ ପକ୍ଷରୁ ପଣା ବଣ୍ଟନ



ଭୁବନେଶ୍ୱର, ୧୯।୪
(ସୌମ୍ୟରଞ୍ଜନ ରାଉତ)

ସମ୍ପୂର୍ଣ୍ଣା ଲେଡିଜ କ୍ଲବ ପକ୍ଷରୁ ପଣା ବଣ୍ଟନ କାର୍ଯ୍ୟକ୍ରମ ରବିବାର ପୋଖରୀପୁଟ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୧୦ ଲିଟରରୁ ଅଧିକ ପଣା ପଥଚାରୀ, ନିର୍ମାଣ ଶ୍ରମିକ, ଡେଲିଭରି କର୍ମଚାରୀ, ଅଟୋ ଏବଂ ଟ୍ୟାକ୍ସି ଚାଳକଙ୍କ ସହିତ ଅଞ୍ଚଳକୁ ଆସୁଥିବା ସାଧାରଣ ନାଗରିକମାନଙ୍କୁ ବଣ୍ଟନ କରାଯାଇଥିଲା। କ୍ଲବ ଅଧକ୍ଷା ପ୍ରତିମା ଦାଶ କହିଛନ୍ତି, ଜଳଛତ୍ର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣା ଲେଡିଜ କ୍ଲବର ସଦସ୍ୟାଙ୍କର ଏକ ସାମାଜିକ ପ୍ରୟାସ। ଗ୍ରୀଷ୍ମ ଋତୁରେ ବିନା ବିରତିରେ ଆମକୁ ଯେଉଁମାନେ ସେବା ଦେବା ନିମନ୍ତେ ପରିଶ୍ରମ କରୁଛନ୍ତି, ସେମାନଙ୍କୁ କ୍ଲବ୍ ସହାୟତା କରିବାକୁ ପ୍ରତିବଦ୍ଧ। ସୁପର୍ଣ୍ଣା ମିଶ୍ର, ସଂଘମିତ୍ରା ସତପଥୀ, ମହୁଆ ରାୟ, ସ୍ମିତା ପଣ୍ଡା, ରଶ୍ମି ଗୌଡ, ମୃଣ୍ମୟୀ ମହାପାତ୍ର, ସ୍ନେହପ୍ରଭା ଦାସ, ଅନିମା ଦାଶ ଓ ଦେବଶ୍ରୀ ବାନାର୍ଜୀଙ୍କ ସହ କ୍ଲବର ଅନ୍ୟ ସଦସ୍ୟାଙ୍କ ସମନ୍ୱୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଗୋପୀନାଥ ଦେବଙ୍କ ଭୋଗମଣ୍ଡପ ଉଦ୍‌ଘାଟିତ

## ଭାଜପାରେ ମିଶିଲେ ବହୁ ନେତା, କର୍ମୀ



ପୁରୁଣା ଭୁବନେଶ୍ୱର, ୧୯।୪ (ସୁବାସ ଚନ୍ଦ୍ର ପ୍ରଧାନ)

ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁରର ଆରାଧ୍ୟ ଗୋପୀନାଥ ଦେବଙ୍କ ଭୋଗମଣ୍ଡପ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୁରୀ ଏମ୍‌ପି ଡା. ସମ୍ବିତ୍ ପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ଏମ୍‌ପି ପାତ୍ର କହିଥିଲେ, ଭାରତର ୧୯ ରାଜ୍ୟରେ ଭାଜପା ସରକାର ରହିଛି। ସମ୍ପ୍ରତି ହେବାକୁଥିବା ୫ ରାଜ୍ୟର ନିର୍ବାଚନରେ ଆପଣମାନେ ଭାଜପାକୁ ଜିତାଇଆଣନ୍ତୁ। ୨୪ ଘଣ୍ଟା ଆପଣମାନଙ୍କ ସାଥିରେ ରହିବା ସହ କଥା ବୁଝିବୁ। ଏହା ଆମ୍ଭମାନଙ୍କର କର୍ତ୍ତବ୍ୟ। ବିରୋଧୀଙ୍କ ନକାରାତ୍ମକ ଚିନ୍ତାଧାରା ଏବଂ ବିରୋଧ ପାଇଁ ପାର୍ଲାମେଣ୍ଟରେ ମହିଳା ସ୍ଥାନ ସଂରକ୍ଷଣ ବିଲ୍ ପାରିତ ହୋଇପାରିଲା ନାହିଁ। ଏହାସତ୍ତ୍ୱେ ମହିଳାମାନଙ୍କ ଅଧିକାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତିବଦ୍ଧ। ଏହି ଅବସରରେ ଏକ ମିଶ୍ରଣ ପର୍ବ ହୋଇଥିଲା। ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅଞ୍ଚଳର ବହୁ ନେତା, କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଭାଜପା ଯୁବ ନେତା ଶୁଭାଶିଷ ରଥ ସଭାପତିତ୍ୱ କରିଥିବା ବେଳେ ଆମ୍ବା ଅଧକ୍ଷ ସୁବୋଧ ମହାନ୍ତି ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଭାଜପା ନେତା ରାମଚନ୍ଦ୍ର ବାରିକ, ଅଭୟ ମିଶ୍ର, ଶ୍ୟାମସୁନ୍ଦର ସାହୁ, ଦୀପକ ସ୍ୱାଇଁ, ନାରୀନେତ୍ରୀ ସସ୍ମିତା ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଇଟିକିଲି ମିଟିକିଲିର ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ଭୁବନେଶ୍ୱର, ୧୯।୪ (ସୌମ୍ୟରଞ୍ଜନ ରାଉତ)

ଇଟିକିଲି ମିଟିକିଲି ପକ୍ଷରୁ ୩୧ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତା 'ବନ୍ଦେ ମାତରମ୍ ଚିତ୍ରାଙ୍କନ ଉତ୍ସବ' ରବିବାର ପଠାଣି ସାମନ୍ତ ପ୍ଲାନେଟାରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ ଯୋଗଦେଇ ପିଲାମାନଙ୍କୁ ଭଲ ଚିତ୍ରଶିଳ୍ପୀ ହେବା ପାଇଁ ଲକ୍ଷ୍ୟ ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନର ଉପସଭାପତି ଚିତ୍ତ ମହାପାତ୍ର ଓ ସଚିବ ଶରତ କୁମାର ନାୟକ ଯୋଗଦେଇଥିଲେ। ୟୁକେଜିରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୨୪ ଜଣ ଛାତ୍ରୀଛାତ୍ର ୩ଟି ବିଭାଗରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସାଧାରଣ ବର୍ଗର ପିଲାଙ୍କ ସହିତ ୭୨ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ର ବେଶ୍ ଚମତ୍କାର ଭାବରେ ଚିତ୍ର ଅଙ୍କନ କରିଥିଲେ। ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିବା ପିଲାମାନେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁକୁ ରଙ୍ଗ ଓ ତୂଳୀ ମାଧ୍ୟମରେ ରୂପ ଦେଇଥିଲେ। ସାଂସ୍କୃତିକ ସମ୍ପାଦିକା ଅନିତା ରଥ, ସଂଗଠନ ସମ୍ପାଦକ ପ୍ରିୟଦର୍ଶୀ ଶୁଭକାନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଇଟିକିଲି ମିଟିକିଲିର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପିଲାମାନେ ଚିତ୍ରାଙ୍କନ କରୁଛନ୍ତି।

# ଏନ୍‌ସିସି କ୍ୟାଡେଟ୍‌ଙ୍କ ପକ୍ଷରୁ ଜଳ ପଖୱାଡା




ଜଳ ପଖୱାଡା ଅବସରରେ ୧ ନମ୍ବର କେନ୍ଦ୍ରୀୟ ବିଦ୍ୟାଳୟରେ ଅନୁଷ୍ଠିତ ଜଳଛତ୍ର ଶିବିରରେ ଏନ୍‌ସିସି କ୍ୟାଡେଟ୍‌ଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୧୯।୪ (ବନ୍ଦନା ସେଠୀ)

ଜଳ ପଖୱାଡା ପାଳନ ଅବସରରେ ରବିବାର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୧ ଏନ୍‌ସିସି ଆର୍ମି ୱିଙ୍ଗ୍‌ର କ୍ୟାଡେଟ୍‌ଙ୍କ ଦ୍ୱାରା ଏକ ଜଳଛତ୍ର ଶିବିର ଆୟୋଜିତ ହୋଇଯାଇଛି। ଜଳ ସଂରକ୍ଷଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ମାନବ ଶରୀର ଉପରେ ଗ୍ରୀଷ୍ମ ତାପର କୁପ୍ରଭାବ ବିଷୟରେ ଜଣାଇବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ଏନ୍‌ସିସି କ୍ୟାଡେଟ୍‌ମାନେ ସ୍ୱାସ୍ଥ୍ୟ ଉପଯୋଗୀ ପାନୀୟ ପ୍ରସ୍ତୁତ କରି ସାଧାରଣ ଲୋକଙ୍କୁ ବଣ୍ଟନ କରିଥିଲେ। ବିଦ୍ୟାଳୟର ଶିକ୍ଷକମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଧାନାଚାର୍ଯ୍ୟ ଆଦିତ୍ୟ କୁମାର ପଣ୍ଡା କ୍ୟାଡେଟ୍‌ଙ୍କ ଏହି ପ୍ରୟାସକୁ ପ୍ରଶଂସା କରି ସମାଜସେବା କାର୍ଯ୍ୟରେ ସକ୍ରିୟ ଭାଗ ନେବାକୁ ଉତ୍ସାହିତ କରିଥିଲେ। ଏପରି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମ୍ବେଦନଶୀଳତା, ଦାୟିତ୍ୱବୋଧତା ଓ ନାଗରିକତାର ମୂଲ୍ୟବୋଧକୁ ଉନ୍ନତ କରିଥାଏ ବୋଲି ପ୍ରଧାନାଚାର୍ଯ୍ୟ ମତ ରଖିଥିଲେ। ସେହିପରି କ୍ୟାଡେଟ୍‌ମାନେ ଏହି କାର୍ଯ୍ୟରୁ ଆତ୍ମସନ୍ତୋଷ ଅନୁଭବ କରିବା ସହିତ ଅନ୍ୟମାନଙ୍କୁ ସହାୟତା କରିବା ଓ ସମାଜ ସେବା କରି ଆନନ୍ଦ ପାଉଥିବା କହିଥିଲେ।

# ଶିକ୍ଷା ଜୀବନ ଗଠନର ଏକ ମାଧ୍ୟମ: ମୁଖ୍ୟମନ୍ତ୍ରୀ

## ସୁନ୍ଦରଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ ଜୁବିଲି

କଣ୍ଟାପଡା, ୧୯।୪ (ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବାଗଲପୁର ପଞ୍ଚାୟତ ସୁନ୍ଦରଗ୍ରାମ ସରକାରୀ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ପ୍ଲାଟିନମ ଜୁବିଲି କମିଟି ସଭାପତି ସୁଶାନ୍ତ କୁମାର ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷା କେବଳ ପାଠପଢ଼ା ନୁହେଁ, ଏହା ଜୀବନ ଗଠନର ଏକ ମାଧ୍ୟମ ବୋଲି କହିଥିଲେ। ଏତଦ୍‌ବ୍ୟତୀତ ସରକାର ଚଳିତ ବର୍ଷଠାରୁ ରାଜ୍ୟରେ ନୂତନ ଜାତୀୟ ଶିକ୍ଷାନୀତି ଲାଗୁ କରିବା ସହ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନୂତନ ଶିକ୍ଷକ ନିଯୁକ୍ତି କରିବେ। ଏଥିସହ ବିଭିନ୍ନ ବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ନିୟମିତ ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି କହିଥିଲେ। ଶିକ୍ଷାନୀତି ଅନୁଯାୟୀ ଆବଶ୍ୟକ ସ୍ଥଳେ ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟରେ +୨ ଖୋଲାଯିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗର ପୂର୍ବତନ ଶାସନ ସଚିବ ତଥା ବିଦ୍ୟାଳୟର ପୁରାତନ ଛାତ୍ର ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାକ୍ଷେତ୍ରରେ ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟ ଏକ ମାଇଲଖୁଣ୍ଟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, ନିଆଳି ବିଧାୟକ ଛବି ମଲିକ, ଏନ୍‌ଆଇଟି ରାଉରକେଲାର ପୂର୍ବତନ ନିର୍ଦ୍ଦେଶକ ଡ. ସୁନୀଲ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ କର୍ମଚାରୀ, କଣ୍ଟାପଡା ବ୍ଲକ ପ୍ରଶାସନ ସ୍ଥାନୀୟ ଭାଜପା ନେତୃମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ତଥା ବାଲୁକା ଶିଳ୍ପୀ ଓ ଚିତ୍ରକର ସୌରଭ ସାହୁ ମୁଖ୍ୟମନ୍ତ୍ରୀଙ୍କର ଏକ ରେଖାଚିତ୍ର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦେଇଥିଲେ। ବିଦ୍ୟାଳୟର ୪ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ଲାଟିନମ୍ ଜୁବିଲିର ଏକ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ କୃତୀ ଛାତ୍ରାଙ୍କୁ ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### ଓଡ଼ିଶୀ ସଂକୀର୍ତ୍ତନ ଉତ୍ସବ ଉଦ୍‌ଯାପିତ

ବେଗୁନିଆ, ୧୯।୪ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପୋଡ଼ାଡ଼ିହ ପଞ୍ଚାୟତ ଅନ୍ତର୍ଗତ ଦିନିଆରି ଗ୍ରାମର ନୂଆସାହିସ୍ଥିତ ଭାଗବତ ବାସୁଦେବଙ୍କ ୨୪ତମ ବାର୍ଷିକ ଉତ୍ସବ ଅବସରରେ ତିନିଦିନ ଧରି ଚାଲିଥିବା ଓଡ଼ିଶୀ ସଂକୀର୍ତ୍ତନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦିନିଆରି ଗ୍ରାମର ଓଡ଼ିଶୀ ସଂକୀର୍ତ୍ତନ ଗାୟକ ମକରଧ୍ୱଜ ପଣ୍ଡା, କାଦୁଅପଡ଼ା ଗ୍ରାମର ଅଭିଜିତ୍ ହୋତା, ଭୋଗଡ଼ା ଗ୍ରାମର ଗଣେଶ୍ୱର ନିଶଙ୍କ, ବସନ୍ତ ଗ୍ରାମର ପ୍ରଭାତ ବେହେରା, ପଙ୍ଗାରସିଂହ ଗ୍ରାମର ପ୍ରଶାନ୍ତ ଦାସ, ନୟାଗଡ଼ର ଚନ୍ଦ୍ରମଣି ମାଝୀ, କନ୍ଦରପୁର ଅଜୟ ଦାସ, ଉଅଁସର ଗ୍ରାମର ଅଶାନ୍ତ ଜେନା, ମଙ୍ଗଳପୁର ଗ୍ରାମର ବାନାମ୍ବର ପ୍ରଧାନ ପ୍ରମୁଖ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଗୀତିକାର ସୁଧାଂଶୁ ମହାପାତ୍ର ଭଜନ ପରିବେଷଣ କରିଥିଲେ।

### ଜିଲା ପ୍ରେସ୍ କ୍ଲବ୍ ପକ୍ଷରୁ ଦିବଂଗତ ଖବରଦାତାଙ୍କ ପରିବାରକୁ ଆର୍ଥିକ ସହାୟତା

ଖୋର୍ଦ୍ଧା, ୧୯।୪ (ପ୍ରଭାତ ପାଣିଗ୍ରାହୀ)

ସାପ୍ତାହିକ ଖବରକାଗଜ 'ପ୍ରଥମ'ର ଖୋର୍ଦ୍ଧା ଜିଲା ପ୍ରତିନିଧି ଭାବେ କାର୍ଯ୍ୟରତ ଅୟସକାନ୍ତ ମହାନ୍ତିଙ୍କ ବିୟୋଗରେ ଜିଲା ପ୍ରେସ୍ କ୍ଲବ ପକ୍ଷରୁ ଏକ ଶୋକସଭା ହୋଇଯାଇଛି। ରବିବାର କ୍ଲବର ଏକ ପ୍ରତିନିଧି ମଣ୍ଡଳୀ ପ୍ରକାଶ କୁମାର ହାତୀ, ଦିଲୀପ କୁମାର ପଟ୍ଟନାୟକ, ସୟଦ ଅନସର ଅଲ୍ଲୀ, ଶୁଭକାନ୍ତ ମହାପାତ୍ର, ଶୁଭଲକ୍ଷ୍ମୀ ସାମନ୍ତରାୟ, ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ଏମ୍.ଡି. ଇମଦାଦ ସରିଫ ପ୍ରମୁଖ ଅୟସକାନ୍ତଙ୍କ ବାସଭବନକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହିତ ପ୍ରେସ୍ କ୍ଲବ୍ ସଦସ୍ୟଙ୍କ ପକ୍ଷରୁ ସଂଗୃହୀତ ୧୧,୫୦୦ ଟଙ୍କା ତାଙ୍କ ଭଉଣୀଙ୍କୁ ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ମୃତ୍ୟୁବରଣ କରିଥିବା ସାମ୍ବାଦିକମାନଙ୍କ ନିମନ୍ତେ ଯେଉଁ ସହାୟତା ରାଶି ଘୋଷଣା କରାଯାଇଛି ତାହା କିପରି ଅୟସକାନ୍ତଙ୍କ ପରିବାର ପାଇପାରିବେ ସେଥିନିମନ୍ତେ ଜିଲା ପ୍ରେସ୍ କ୍ଲବ୍ ଖୋର୍ଦ୍ଧା ପକ୍ଷରୁ ସହାୟତା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

### ଖବରଦାତାଙ୍କ ପିତୃ ବିୟୋଗ

ନିରାକାରପୁର, ୧୯।୪ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଅଞ୍ଚଳର ଖବରଦାତା ଦୀପକ ପ୍ରଧାନଙ୍କ ବାପା ଇଂ. ଅପର୍ତ୍ତି ପ୍ରଧାନଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ଦୀର୍ଘଦିନ ଧରି ସେ ସ୍ଥାନୀୟ ଶ୍ରୀରାମ ଦୟା ପରିଷଦର ସଭାପତି ଦାୟିତ୍ୱ ତୁଲାଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ମଧ୍ୟମପୁତ୍ର ଦୀପକ ମୁଖାଗ୍ନି ଦେଇଥିଲେ।

### ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ବେଗୁନିଆର ଶତବାର୍ଷିକୀ ସମାରୋହ ଜୁନ ୨୭ରେ

ବେଗୁନିଆ, ୧୯।୪ (ସନ୍ଧ୍ୟାରାଣୀ ମିଶ୍ର)

ସରକାରୀ ପ୍ରାଥମିକ ବିଦ୍ୟାଳୟ ବେଗୁନିଆର ଶତବାର୍ଷିକୀ ସମାରୋହ ପାଳନ ଉପଲକ୍ଷେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଦୀପ ସାହୁଙ୍କ ସମେତ ସ୍ଥାନୀୟ ସରପଞ୍ଚ ଏବଂ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପ୍ରତାପ ସାହୁଙ୍କ ଦ୍ୱାରା ସ୍ତୋତ୍ରପାଠ ସମାପନ ପରେ ଶତବାର୍ଷିକୀ କମିଟିର ସମ୍ପାଦକ ସରୋଜ ବେହେରା ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହୁ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲେ। ଶତବାର୍ଷିକୀ କମିଟିର ସଭାପତି ସରପଞ୍ଚ ସତ୍ୟନାରାୟଣ ପ୍ରଧାନଙ୍କ ସୂଚନା ପରେ ବିଧାୟକଙ୍କ ପରାମର୍ଶକ୍ରମେ ଆସନ୍ତା ଜୁନ ୨୭ ଓ ୨୮ତାରିଖ ଦୁଇ ଦିନ ଶତ ବାର୍ଷିକୀ ସମାରୋହ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ପୁରାତନ ଛାତ୍ର ଭାଗୀରଥି ପରିଡ଼ା ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ପ୍ରଭାତ ବଳିଆରସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଫ୍ୟାଟି ଲିଭର୍' ସୁସ୍ଥ ଭାରତ ଗଠନରେ ବଡ଼ ବାଧକ: ସ୍ୱାସ୍ଥ୍ୟମନ୍ତ୍ରୀ

**ଖୁବ୍‌ଶୀଘ୍ର ଏସ୍‌ସିବିରେ ପୁନଃ କାର୍ଯ୍ୟକ୍ଷମ ହେବ ଯକୃତ ପ୍ରତ୍ୟାରୋପଣ**

ଭୁବନେଶ୍ୱର, ୧୯।୪ (ବନ୍ଦନା ସେଠୀ)


ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ଅନ୍ୟମାନେ ଦେୟମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଡ ଉନ୍ମୋଚନ କରୁଛନ୍ତି।

ବିଶ୍ୱରେ ଦିନକୁ ଦିନ ଲିଭର୍ ବା ଯକୃତଜନିତ ରୋଗ ଓ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିଚାଲିଛି। ବିଶ୍ୱରେ ୧୫୦ କୋଟିରୁ ଊର୍ଦ୍ଧ୍ୱ ଲୋକ ଯକୃତ ରୋଗରେ ପୀଡିତ ଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରତିବର୍ଷ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟୁଛି। ଲିଭର୍‌ଜନିତ ରୋଗଠାରୁ ନିଜକୁ ଦୂରେଇ ରଖିବା ପାଇଁ ସୁସ୍ଥ ଜୀବନଚର୍ଯ୍ୟା ଏକ ପ୍ରମୁଖ ଅସ୍ତ୍ର ହୋଇଥିବାବେଳେ ବ୍ୟାପକ ଜନସଚେତନତାର ଅଭାବ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକଙ୍କୁ ମୃତ୍ୟୁମୁଖକୁ ଠେଲିଦେଉଛି ବୋଲି ମତ ପ୍ରକାଶ ପାଇଛି। ଓଡ଼ିଶା ଗ୍ୟାଷ୍ଟ୍ରୋ ଓ ଲିଭର କେୟାର୍ ଫାଉଣ୍ଡେଶନ ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲରେ 'ଦି ଲିଭର୍ ୱେଲ୍‌ନେସ୍ ସମିଟ୍' ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ପେଟରୋଗ ବିଶେଷଜ୍ଞ ତଥା ଫାଉଣ୍ଡେଶନର ମୁଖ୍ୟ ଡା. ପ୍ରଫେସର ମନୋଜ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ ବିଶ୍ୱ ଯକୃତ ଦିବସ ପାଳନର ଆବଶ୍ୟକତା ସମ୍ପର୍କରେ କହିବା ସହିତ ଭାରତରେ ଦିନକୁଦିନ ବଢୁଥିବା ଫ୍ୟାଟି ଲିଭର ଭଳି ଯକୃତଜନିତ ରୋଗ ସୁସ୍ଥ ଭାରତ ଗଠନରେ ବଡ଼ ବାଧକ ସାଜିଥିବା ଦର୍ଶାଇଥିଲେ। ଶରୀରର ଅତି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯକୃତକୁ ସୁସ୍ଥ ରଖିବା ପାଇଁ ପ୍ରଥମେ ନିଜ ଅଭ୍ୟାସରେ ପରିବର୍ତ୍ତନ ଆଣିବା ଲାଗି ସ୍ୱାସ୍ଥ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏଥିସହିତ ଖୁବ୍‌ଶୀଘ୍ର କଟକ ଏସ୍‌ସିବି ମେଡିକାଲରେ ଯକୃତ ପ୍ରତ୍ୟାରୋପଣ ସେବା ପୁନଃ ଆରମ୍ଭ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ସହ ଅନ୍ୟମାନେ ସମ୍ମିଳନୀର ପୁସ୍ତିକା ସହ କମିଶନରେଟ ପୋଲିସ, ବରିଷ୍ଠ ନାଗରିକ ଓ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ପାଇଁ ଦେୟମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଡ ଉନ୍ମୋଚନ କରିଥିଲେ।

ସମ୍ମିଳନୀର ୫ଟି ଅଧିବେଶନରେ ଜମ୍ମୁ କଶ୍ମୀରର ପୂର୍ବତନ ଡିଜିପି ରଶ୍ମି ରଞ୍ଜନ ସ୍ୱାଇଁ, ଫାୟାର ଡିଜି ସୁଧାଂଶୁ ଷଡ଼ଙ୍ଗୀ, ଫାୟାର ଆଇଜି ଡ. ଉମାଶଙ୍କର ଦାଶ, ଅଭିନେତ୍ରୀ ଅନୁ ଚୌଧୁରୀ, ଭୂମିକା ଦାସ, ମାଷ୍ଟର ସେଫ୍ ଅଭିନାଶ ନାୟକ, ଆଦୃତ ଚିଲ୍‌ଡ୍ରେନ୍ସ ହୋମ୍‌ର ପ୍ରତିଷ୍ଠାତା ପ୍ରଫେସର ଡ. ଆଦିତ୍ୟ ମହାନ୍ତି ପ୍ରମୁଖ ଯୋଗଦେଇ ସୁସ୍ଥ ଲିଭର ପାଇଁ ନିଜ ମତ ରଖିଥିଲେ। ଏହି ଅବସରରେ ଡାକ୍ତରମାନେ ଉପସ୍ଥିତ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାଜନିତ ପ୍ରଶ୍ନର ଉତ୍ତର ରଖିଥିଲେ। କାର୍ଯ୍ୟକ୍ରମରେ ବହୁ ପୋଲିସ, ଫାୟାର ବିଭାଗର ଅଧିକାରୀ, ବରିଷ୍ଠ ନାଗରିକ, ମହିଳା ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଡା. କନିଷ୍କ ଓ ଡା. ଆକାଶ ଧୋବଡା ସମ୍ମିଳନୀ ସଞ୍ଚାଳନ କରିଥିଲେ।

## ଶକ୍ତି ଭରିଲା ଅଟିଜମ୍ ଶିଶୁଙ୍କ ଚିତ୍ରକଳା ପ୍ରଦର୍ଶନୀ


ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ।

ଭୁବନେଶ୍ୱର, ୧୯।୪ (ସୌମ୍ୟରଞ୍ଜନ ରାଉତ)

ଏପ୍ରିଲକୁ ବିଶ୍ୱ ଅଟିଜମ୍ ସଚେତନତା ମାସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ଅଟିଜମ୍ ସ୍ପେକ୍ଟ୍ରମ୍‌ରେ ଥିବା ବ୍ୟକ୍ତିମାନଙ୍କ ପ୍ରତି ସ୍ୱୀକୃତି ଦେବା ପାଇଁ ପ୍ରଥମଥର 'ଅଙ୍କନ' ନାମକ ଏକ ଚିତ୍ରକଳା ପ୍ରଦର୍ଶନୀ ଆରମ୍ଭ ହୋଇଛି। ନିଆରା ପ୍ରୟାସର ଅଂଶ ଭାବେ ୨ଜଣ ନ୍ୟୁରୋଡାଇଭର୍ଜେଣ୍ଟ ଶିଶୁଙ୍କ ଚିତ୍ରକଳା ଉପସ୍ଥିତ ଅତିଥିଙ୍କ ସହ ଅନ୍ୟମାନଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏହି ପ୍ରଦର୍ଶନୀ ତାଙ୍କର ପ୍ରତିଭା, ସଂଘର୍ଷଶୀଳତା ଓ ପାରମ୍ପରିକ ସୀମାରୁ ପାର୍ ହୋଇଥିବା ଅଭିବ୍ୟକ୍ତିର ଶକ୍ତିକୁ ଉତ୍ସବ ରୂପେ ପ୍ରକାଶ କରିଥିଲା। ପ୍ରଦର୍ଶନୀରେ ଅତିଥି ଭାବେ ପ୍ରଫେସର ପ୍ରତାପ ରଥ, କସ୍ତୁରୀ ମହାପାତ୍ର, ରାଧାମାଧବ ରଥ, ପଞ୍ଚମୀ ମାନୁ ଓକିଲ, ମୋନାଲିସା ବଳ, ସ୍ୱାଗତିକା ସାମନ୍ତରାୟ, ଗାର୍ଗୀ ଭଟ୍ଟାଚାର୍ଯ୍ୟ, ସୁଜିତ ମହାପାତ୍ର ଓ ନୀଳାମ୍ବର ରଥ ପ୍ରମୁଖ ଯୋଗଦେଇଥିଲେ।

## ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ ଆରମ୍ଭ


ବାଲ୍ୟ ବିବାହମୁକ୍ତ ଭାରତର ବାର୍ତ୍ତା ନେଇ ଅନୁଷ୍ଠିତ ଶୋଭାଯାତ୍ରା।

ଭୁବନେଶ୍ୱର, ୧୯।୪ (ସୌମ୍ୟରଞ୍ଜନ ରାଉତ)

ବାଲ୍ୟ ବିବାହକୁ ବିରୋଧ କରି ଅକ୍ଷୟତୃତୀୟା ଅବସରରେ ଖୋର୍ଦ୍ଧା ଜିଲାର ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଭରତପୁରଠାରେ ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ଅଧିକ ସଂଖ୍ୟାରେ ନାରୀ ନେତ୍ରୀ, ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିରର ପୂଜକ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ଶିକ୍ଷୟିତ୍ରୀଶିକ୍ଷକ ତଥା ବାଲ୍ୟ ବିବାହ ନିରୋଧୀ ଅଧିକାରିଣୀ ଯୋଗଦେଇ ସେମାନଙ୍କ ସମର୍ଥନ ଏବଂ ପ୍ରତିବଦ୍ଧତା ପ୍ରତିପାଦନ କରିଥିଲେ। 'ବାଲ୍ୟ ବିବାହମୁକ୍ତ ଭାରତ' ଲେଖାଥିବା ବ୍ୟାନର ଧରି ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇବା ସହ ବାଲ୍ୟ ବିବାହ ବିରୋଧରେ ଶପଥପାଠ କରାଇଥିଲେ। ସଂଗଠନର ଜିଲା ସଂଯୋଜିକା ଶିବାନୀ ନାୟକ, ହରପ୍ରିୟା ପତି, ଘନଶ୍ୟାମ ଭୋଇ, ଶ୍ରଦ୍ଧାଞ୍ଜଳି ବାରିକ, ରିଙ୍କିନା ସ୍ୱାଇଁ ଏବଂ ଅଜୟ କୁମାର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରଘୁନାଥଦେବଙ୍କ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ ୨୬ରୁ

ବେଗୁନିଆ, ୧୯।୪ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ନିକଟସ୍ଥ କୁଶପଲ୍ଲୀସ୍ଥିତ ବୀର ହନୁମାନ ପୀଠ(କୁମ୍ଭି ଗୋସାଇଁ)ରେ ରଘୁନାଥ ଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ରାମଦୂତ ପରିଚାଳନା ପରିଷଦ ପକ୍ଷରୁ କୁହାଯାଇଛି। କୁଶପଲ୍ଲୀ ଏବଂ ସିମୋର ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ହେବ। ୨୬ ତାରିଖରେ ଅଙ୍କୁରାରୋପଣ ଓ ନବବ୍ୟୂହ ପୂଜା, ୨୭ରେ ଶାଳାମଣ୍ଡନ, ଜଳଯାତ୍ରା, ସର୍ବଦେବଦେବୀ ଆବାହନ, ଅଗ୍ନିସ୍ଥାପନ, ଆଳତି ଓ ପୁଷ୍ପାଞ୍ଜଳି ପ୍ରଦାନ, ବିଗ୍ରହମାନଙ୍କର ଗର୍ଭାଧାନ, ସନ୍ଧ୍ୟା ୭ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୨୮ରେ ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା, ବିଗ୍ରହମାନଙ୍କ ମହାସ୍ନାନ, ଶୟନ, ହବନ, ଆଳତି ଓ ପୁଷ୍ପାଞ୍ଜଳି ପ୍ରଦାନ, ୧୦୮ ହନୁମାନ ଚାଳିଶା ପାଠ, ସନ୍ଧ୍ୟା ୭ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୨୯ ତାରିଖରେ ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା, ରଘୁନାଥ ଦେବ ଓ ପରିବାର ଦେବତାଙ୍କ ଜୀବନ୍ୟାସ ଓ ପ୍ରାଣପ୍ରତିଷ୍ଠା, ଶ୍ରୀରାମ ତାରକେମନ୍ତେ ଆହୁତି ପ୍ରଦାନ, ସନ୍ଧ୍ୟା ୬ଟା ୧୦ ମଧ୍ୟେ ପୂର୍ଣ୍ଣାହୁତି ପ୍ରଦାନ, ସନ୍ଧ୍ୟା ୭ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

## ୫୫୨ ରୋଗୀଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା




ଟାଙ୍ଗୀ, ୧୯।୪ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସାଂସଦ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ବାସନ୍ତୀ ମହାପାତ୍ର, ଭାଜପା ପୂର୍ବତନ ଜିଲା ସଭାପତି ନିକୁଞ୍ଜ କିଶୋର ପଟ୍ଟନାୟକ, ପୁରୀ ଏମ୍‌ପିଙ୍କ ପ୍ରତିନିଧି ଦୀନବନ୍ଧୁ ସାହୁ, ପୂର୍ବତନ ସରପଞ୍ଚ ପବିତ୍ର ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ଡାକ୍ତର ରୋଗୀମାନଙ୍କ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରିଥିଲେ। କୁହୁଡ଼ି, ରତନପୁର, କୁଞ୍ଜୁରୀ, ପାରିଓରଡ଼ ପଞ୍ଚାୟତର ୫୫୨ଜଣ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ସହଯୋଗ କରିଥିଲେ। କୁହୁଡ଼ି ସରପଞ୍ଚ, ପୂର୍ବତନ ସରପଞ୍ଚଙ୍କ ସମେତ ସ୍ଥାନୀୟ କର୍ମକର୍ତ୍ତାମାନେ ଶିବିର ପରିଚାଳନା କରିଥିଲେ।

## ୧୦୦ ମିଟର ଘୁଞ୍ଚିଗଲାଣି ଚନ୍ଦ୍ରଭାଗା ସମୁଦ୍ର



କୋଣାର୍କ, ୧୯।୪ (ଜ୍ୟୋତିରାଜ ମହାନ୍ତି)

୧୦୦ ମିଟର ପଛକୁ ଘୁଞ୍ଚିଯାଇଛି ଚନ୍ଦ୍ରଭାଗା ସମୁଦ୍ର। କୋଣାର୍କସ୍ଥିତ ପୁରାଣପ୍ରସିଦ୍ଧ ଚନ୍ଦ୍ରଭାଗା ସମୁଦ୍ର କୂଳରେ ନିଆରା ଦୃଶ୍ୟ ଦେଖିବାକୁ ମିଳିଛି। ସତେଯେପରି ଚନ୍ଦ୍ରଭାଗା ନଦୀ ପୁନର୍ବାର ଜନ୍ମ ନେଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଗୋଟିଏପଟେ ସମୁଦ୍ର ୧୦୦ ମିଟର ଦୂରକୁ ଯାଇଥିବା ବେଳେ ମଝିରେ ବଡ଼ ବାଲିବନ୍ତ ସୃଷ୍ଟି ହୋଇଛି। ଖାଲି ସେତିକି ନୁହେଁ, ବାଲିବନ୍ତ ତଳକୁ ଏକ ନଦୀର ଧାର ପରି ପାଣିଜମି ଲୋକେ କହୁଛନ୍ତି ନୂଆ ଜନ୍ମ ନେଇଛି ଚନ୍ଦ୍ରଭାଗା ନଦୀ, ଯାହା ଦିନେ ସମୁଦ୍ରରେ ଲୁଚିଯାଇଥିଲା। ସେହି ନଦୀ ନୂଆ ଜନ୍ମ ନେଇ କୋଣାର୍କ ତଥା ଆଖପାଖ ଅଞ୍ଚଳରେ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

**ଜଳବାୟୁ ପରିବର୍ତ୍ତନର ସଂକେତ ଦେଲେ ବିଶେଷଜ୍ଞ**

ଅପରପକ୍ଷେ ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି ପରିବେଶବିତ୍ ମହଲରେ ଆଲୋଚନା ହେଉଛି। ଏଭଳି ଘଟଣା ଘଟିଲେ ସୁନାମି ହୁଏ ବୋଲି ଅନୁମାନ କରାଯିବା ସହିତ ଗ୍ଲୋବାଲ ୱାର୍ମିଂ ହେତୁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଅନେକ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ବିଶେଷଜ୍ଞ ଓ ପରିବେଶବିତ୍ ମହଲରେ ଆଲୋଚନା ହେବା ସହିତ ଏହା ଏକ ବଡ଼ଧରଣର ଦୁର୍ବିପାକର ପ୍ରାକ୍ ସୂଚନା ବୋଲି ମତବ୍ୟକ୍ତ କରିଛନ୍ତି।

## ହଜରତ ମୁହମ୍ମଦଙ୍କ ଜୀବନୀ ଚର୍ଚ୍ଚା, ଧର୍ମସଭା



କଳାପଥର, ୧୯।୪ (ଗଙ୍ଗାଧର ସାହୁ): ତୁଳସୀପୁର ସ୍ଥିତ ନରଗାଙ୍ଗ ଗ୍ରାମର ଅହମ୍ମଦିୟା ମୁସଲିମ ସଙ୍ଗଠନ ପକ୍ଷରୁ ମହାପୁରୁଷ ହଜରତ ମୁହମ୍ମଦ ସଲ୍ଲମଙ୍କ ଜୀବନୀ ଚର୍ଚ୍ଚା ଓ ଧର୍ମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୌଲାନା ସେକ ହାରୁନ ରଶିଦ ପୌରୋହିତ୍ୟ କରିଥିଲେ। କୋରାନ ପାଠ ମୌଲବି ମିର ରଜାକ ଅଲ୍ଲି କରିଥିବା ବେଳେ ଏହାର ଓଡ଼ିଆ ଅନୁବାଦ ନରଗାଙ୍ଗ ଅହମଦିୟା ମୁସଲିମ ସଙ୍ଗଠନର ସଭାପତି ଆଶିକ ଖାଁ ପଢି ଶୁଣାଇଥିଲେ। ଉର୍ଦ୍ଦୁ ନଜମ ସଂଗୀତ ବରକାତ ଅଲ୍ଲି ପରିବେଷଣ କରିଥିଲେ। ମୁଖ୍ୟ ବକ୍ତାଭାବେ ଯୋଗଦେଇ ଜିଲା ଖୋର୍ଦ୍ଧା ଓ ନୟାଗଡ଼ର ମୌଲାନା ଇନଚାର୍ଜ ହଲିମ ଅହମଦ ପୈଗମ୍ବର ହଜରତ ମୁହମ୍ମଦଙ୍କ ମହିଳା ସଶକ୍ତୀକରଣ, ତାଙ୍କର ଅଧିକାର ତଥା ସମାଜରେ ନାରୀର ପ୍ରକୃତ ସ୍ଥାନ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବେ ସେକ୍ ଇସହାକ ଯୋଗଦେଇ ମହାପୁରୁଷ ହଜରତ ମୁହମ୍ମଦଙ୍କ ଆଦର୍ଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୌଲାନା ମକସୁଦ ଅଲ୍ଲି ଖାନ ବିଶ୍ୱଏକତା ଓ ଭାଇଚାରା ବିଷୟରେ ହିନ୍ଦୀ କବିତା ପଢି ଶୁଣାଇଥିଲେ। ପୌରୋହିତ୍ୟ ଭାଷଣରେ ମୌଲାନା ହାରୁନ ରଶିଦ ଦିବ୍ୟ ଅବତାର ଓ ଜଗତଗୁରୁ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଈଶ୍ୱର ପ୍ରତି ଥିବା ଦୃଢ ଆସ୍ଥା ଓ ଏକାଗ୍ରତା, ମାନବ ସମାଜ ପ୍ରତି ସହାନୁଭୂତି ଓ ସଦଭାବନା ତଥା ମାନବ କଲ୍ୟାଣ ସମ୍ବନ୍ଧରେ ତାଙ୍କର ଆଦର୍ଶକୁ ଆପଣାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ସୈଫୁର ଅହମଦ, ନାଜିମ ସୟଦ ବଶିର ଅହମଦ, ସଫାକତ ଅଲ୍ଲି, ଇଫତେଖାର ଅହମଦ, ରଶିଦ ଅହମଦ, ଫଜଲ ହକ ଖାନ, ତୁଷାରକାନ୍ତ ଚକ୍ରବର୍ତ୍ତୀ, ସରୋଜ କୁମାର ମତଗ ସିଂ, ଗଣେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଭୋଗମଣ୍ଡପ ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର, ୧୯।୪ (ସୁବାସ ଚନ୍ଦ୍ର ପ୍ରଧାନ)

ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁରର ଆରାଧ୍ୟ ଗୋପୀନାଥ ଦେବଙ୍କ ଭୋଗମଣ୍ଡପ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୁରୀ ଏମ୍‌ପି ଡା. ସମ୍ବିତ୍ ପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ହୋଇଥିଲା। ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅଞ୍ଚଳର ବହୁ ନେତା, କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଭାଜପା ନେତା ଶୁଭାଶିଷ ରଥ ସଭାପତିତ୍ୱ କରିଥିବା ବେଳେ ଆମ୍ବା ଅଧ୍ୟକ୍ଷ ସୁବୋଧ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ବ୍ରାହ୍ମଣ ମହାସଂଘ ପାଳିଲା ପର୍ଶୁରାମ ଜୟନ୍ତୀ



ପର୍ଶୁରାମ ଜୟନ୍ତୀରେ ଓଡ଼ିଶା ବ୍ରାହ୍ମଣ ମହାସଂଘର କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୧୯।୪ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ବ୍ରାହ୍ମଣ ମହାସଂଘ ଭୁବନେଶ୍ୱର ଶାଖା ଆନୁକୂଲ୍ୟରେ ଖାରବେଳନଗରସ୍ଥିତ ଓଡେଶା ଭବନ ସଭାଗୃହରେ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ମହାସଂଘର ଭୁବନେଶ୍ୱର ଶାଖା ସଭାପତି ରମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅତିଥି ଭାବେ ଡ. ଅମ୍ବରୀଶ ଶତପଥୀ, ଅନନ୍ତ ଗୋପାଳ ପଣ୍ଡା, ପଦ୍ମନାଭ ଦାଶ, ଇଂ. ହରିହର ତ୍ରିପାଠୀ, ଶିକ୍ଷୟିତ୍ରୀ ଭବାନୀ କୁମାରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଭଗବାନ ପର୍ଶୁରାମ କେବଳ ଜଣେ ଅବତାର ନ ଥିଲେ, ସେ ଥିଲେ ଅଦ୍ୱିତୀୟ ଯୁଗ ପୁରୁଷ ଓ ଆଦର୍ଶ ବ୍ରାହ୍ମଣ। ତାଙ୍କର ଶାସ୍ତ୍ର ଓ ଶସ୍ତ୍ରର ସମନ୍ୱୟ ଆଜିର ଯୁବପିଢିଙ୍କ ପାଇଁ ଏକ ବଡ଼ ଶିକ୍ଷା। ତାଙ୍କ ଜୀବନୀରୁ ଆଜିର ସମାଜ ବହୁତ କିଛି ଶିଖିବାର ଅଛି ବୋଲି ମତପ୍ରକାଶ ପାଇଛି। ଭୁବନେଶ୍ୱର ଶାଖା ସମ୍ପାଦକ ପରମେଶ୍ୱର ମିଶ୍ର ସ୍ୱାଗତ ଭାଷଣ ଓ ଇଞ୍ଜିନିୟର ଶରତ ଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ।

# ଲେଣ୍ଡୋ ସେବା ସମବାୟ ସମିତିରେ ତାଲା

**ଚାଷୀ ହଇରାଣ, ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**

ନିରାକାରପୁର, ୧୯।୪ (ମାନସ ଚନ୍ଦ୍ର ପଟ୍ଟନାୟକ)



ଲେଣ୍ଡୋ ସେବା ସମବାୟ ସମିତି ସମ୍ପାଦକ ଦେବବ୍ରତ ସାମନ୍ତରାୟଙ୍କ ଗତ ୪ତାରିଖରେ ଅକାଳ ବିୟୋଗ ପରେ ସମିତି କାର୍ଯ୍ୟାଳୟ ବନ୍ଦ ରହିଛି। ଫଳରେ ସ୍ଥାନୀୟ ଚାଷୀଙ୍କ ଚିନ୍ତା ବଢ଼ିଛି। ଏଠାରେ ଜଣେ ସ୍ଥାୟୀ ସମ୍ପାଦକ ନିଯୁକ୍ତି ହେବା ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ଥିବା ସେବା ସମବାୟ ସମିତିର ସମ୍ପାଦକଙ୍କୁ ଏହାର ଦାୟିତ୍ୱ ଦେବାର ନିୟମ ରହିଛି। ହେଲେ ବିଭାଗ ପକ୍ଷରୁ ନିୟମ ଉଲ୍ଲଂଘନ କରାଯାଇ ଏଠାରୁ ପ୍ରାୟ ୧୫କିଲୋମିଟର ଦୂର ସୁନ୍ଦରପୁର ସେବା ସମବାୟ ସମିତି ସମ୍ପାଦକଙ୍କୁ ଦାୟିତ୍ୱ ଦେବାର ଉଦ୍ଦେଶ୍ୟ କ'ଣ ବୋଲି ବୋର୍ଡ ଡାଇରେକ୍ଟର ରମେଶ ପ୍ରଧାନ ଏବଂ ଅନ୍ୟମାନେ ପ୍ରଶ୍ନ ଉଠାଇଛନ୍ତି। ଗତ ଶୁକ୍ରବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କାର୍ଯ୍ୟାଳୟ ତାଲା ଖୋଲାଯାଇ ସୁନ୍ଦରପୁର ସମିତି ସମ୍ପାଦକଙ୍କୁ ଦାୟିତ୍ୱ ହସ୍ତାନ୍ତର ହେବାର ଥିଲା। ସେହିକ୍ରମରେ ଖୋର୍ଦ୍ଧା ଏଆରସିଏସ ଭଗବତ ମାରାଣ୍ଡିଙ୍କ ସମେତ ବିଭାଗୀୟ କର୍ମଚାରୀ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ଟାଙ୍ଗୀ ବ୍ଲକ ଅତିରିକ୍ତ ଆଡିସିନାଲ ତହସିଲଦାର ସନାତନ ମଲ୍ଲିକ ପ୍ରମୁଖ ପହଞ୍ଚିଥିଲେ। ହେଲେ ମୃତ ସମ୍ପାଦକଙ୍କ ପରିବାର, ସମିତିର ବୋର୍ଡସଭ୍ୟ, ସ୍ଥାନୀୟବାସୀ ଓ ଚାଷୀକୂଳ ଅନୁପସ୍ଥିତ ରହିବା ଯୋଗୁ ଅଫିସ କାର୍ଯ୍ୟାଳୟ ଖୋଲାଗଲା ନାହିଁ। ଏନେଇ ୭ଦିନ ମଧ୍ୟରେ ସମସ୍ତଙ୍କୁ ନେଇ ଏକ ବୈଠକ କରାଯାଇ ନିଷ୍ପତ୍ତି ପରେ ଅଫିସ କାର୍ଯ୍ୟାଳୟ ଖୋଲାଯିବ ବୋଲି ଆଡିସିନାଲ ତହସିଲଦାର ମଲ୍ଲିକ କହିଛନ୍ତି। ଅନ୍ୟପଟେ ସ୍ଥାନୀୟବାସୀ, ବୋର୍ଡ ସଭ୍ୟ କିମ୍ବା ମୃତ ସମ୍ପାଦକଙ୍କ ପରିବାରଙ୍କୁ ଅବଗତ କରା ନ ଯାଇ ଅଫିସ କାର୍ଯ୍ୟାଳୟ ଖୋଲିବା ନିଷ୍ପତ୍ତି ନେବା ପଛରେ କ'ଣ ରହସ୍ୟ ରହିଛି ବୋଲି ସ୍ଥାନୀୟବାସୀ ଅଭିଯୋଗ କରିଛନ୍ତି। ଏନେଇ ଏଆର୍‌ସିଏସ ଭଗତ ମାରାଣ୍ଡିଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

ସୂଚନାଥାଉ କି, ବିଶେଷକରି ଖରିଫ ଋଣ ଆଦାନପ୍ରଦାନର ଚଳିତମାସ ୩୧ତାରିଖ ପାଖେଇ ଆସୁଥିବାରୁ ଋଣ ଖିଲାପି ହେବା ଭୟରେ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ସେହିପରି ଅକ୍ଷିମୁଠି ଅନୁକୂଳ ଦିବସ ପାଖେଇ ଆସୁଥିବାରୁ ବିହନ ଯୋଗାଣ ସମସ୍ୟା ପ୍ରମୁଖ ସମସ୍ୟାଭାବେ ଉଭା ହୋଇଛି। ସେହିପରି ଅନ୍ୟାନ୍ୟ ସେବା ସମବାୟ ସମିତି ସାର ଆଣି ସାରିଥିବା ବେଳେ ଏଠାରେ ପହଞ୍ଚିନି। ଆଗାମୀ ଦିନରେ ଚାଷୀଙ୍କ ନିମନ୍ତେ ସାର ସଙ୍କଟ ଆଶଙ୍କା ଉପୁଜିଛି। ତୁରନ୍ତ ଏହାର ସ୍ଥାୟୀ ସମାଧାନ କରାଯାଉ ବୋଲି ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

**ନବଗ୍ରହ ପୀଠରେ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା**

କୋଣାର୍କ,(ଜ୍ୟୋତିରାଜ ମହାନ୍ତି)-ବୈଶାଖ ମାସ ତୃତୀୟ ପାଳି ଶନିବାର ଉପଲକ୍ଷେ କୋଣାର୍କସ୍ଥିତ ନବଗ୍ରହ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭୋର୍ ୪ଟାରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ମାନସିକଧାରୀ ମହିଳାମାନେ ଉପବାସ ବ୍ରତ ପାଳନ ସହ ପରିବାର ରିଷ୍ଟ ଖଣ୍ଡନ ଓ ମାନସିକ ଶାନ୍ତି ପାଇଁ ପୂଜାର୍ଚ୍ଚନା କରିଥିଲେ। ଏଠାରେ ପୂଜାର୍ଚ୍ଚନା କଲେ ବ୍ରତଧାରୀଙ୍କ ଦୀର୍ଘଦିନର ଅଶାନ୍ତି ଓ ରିଷ୍ଟ ଖଣ୍ଡନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଅନେକ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା ପରେ ଐତିହ୍ୟ ସୂର୍ଯ୍ୟ ମନ୍ଦିର ବୁଲି ଫେରୁଥିବା ଦେଖିବାକୁ ମିଳିଥିଲା। କୋଣାର୍କ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

## ସଂକ୍ଷେପରେ

### ଖାଦ୍ୟ ଦେବାରେ ବିଳମ୍ବକୁ ନେଇ ହାତାହାତି

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)

କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଗଜପତି ନଗର ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଫାଷ୍ଟ ଫୁଡ୍ ଦୋକାନୀ ଖାଦ୍ୟ ବିଳମ୍ବରେ ଦେବାକୁ ନେଇ ଦୋକାନୀ ଏବଂ ଗ୍ରାହକଙ୍କ ମଧ୍ୟରେ ହାତାହାତି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଥିରେ ଉତ୍ୟକ୍ତ ହୋଇ ଗ୍ରାହକମାନେ ଦୋକାନୀଙ୍କୁ ଆକ୍ରମଣ କରିଥିଲେ। ଏହାପରେ ଦୋକାନୀ ଏହାକୁ ବିରୋଧ କରିବାକୁ ଯାଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ଦୋକାନୀଙ୍କ ସହ ସ୍ଥାନୀୟ ଦୋକାନୀମାନେ ଏକାଠି ହୋଇ ଗ୍ରାହକଙ୍କୁ ମାଡ ମାରିଥିଲେ। ଫଳରେ ଗ୍ରାହକମାନେ ଗୁରୁତର ହୋଇଥିଲେ।

### ୩ ରାସ୍ତାରୁ ଉଠିଗଲା ପିଚୁ

ଯୋଗେଶ୍ୱରପୁର,୧୯।୪(ରଶ୍ମିରଞ୍ଜନ ସାହୁ)

ନୟାହାଟ ଅଞ୍ଚଳର ୩ଟି ରାସ୍ତା କାମ ଗତ ମାର୍ଚ୍ଚରେ ହୋଇଥିବାବେଳେ ଏବେ ପିଚୁ ଉଠିଲାଣି। ସରକାରୀ ଅର୍ଥର ଅପବ୍ୟବହାର ସାଙ୍ଗକୁ ତଦାରଖର ଅଭାବ ଓ ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ହୋଇଥିବା ଇଶାଣପୁର ସରପଞ୍ଚ ବିନୋଦିନୀ ପାଳ ଏବଂ ଦେସ୍ଥଳି ସରପଞ୍ଚ ରିଷ୍ମା ସ୍ୱାଇଁଙ୍କ ସମେତ ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ମୁରୁଡ଼ାଠାରୁ କଜଳପାତିଆ, ଦୁର୍ଗାପୁରରୁ ଉଗରାସାଇ ଓ ଗଡ଼କରମଳାଠାରୁ ବାଲିଦଣ୍ଡା ରାସ୍ତା ବଜୁରିରେ ପୁରୁଣା ପିଚୁ ଦିଆଯାଇଛି। ପିଚୁର ଅଠା ଅଂଶ କମ୍ ଥିବାବେଳେ ଏଷ୍ଟିମେଣ୍ଟ ଅନୁଯାୟୀ କାମ ହୋଇ ନ ଥିବାରୁ ବିଭିନ୍ନ ସ୍ଥାନରେ ପିଚୁ ଉଠି ଖାଲ ସୃଷ୍ଟି ହୋଇଛି। ତେଣୁ ବିଭାଗୀୟ ଯନ୍ତ୍ରୀଙ୍କ ଦାୟିତ୍ୱ ନେଇ ମହିଳା ସରପଞ୍ଚ ଦ୍ୱୟ ପ୍ରଶ୍ନ ଉଠାଇଛନ୍ତି। ତେବେ ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଶ୍ରୀଜଗନ୍ନାଥ ସେନାର ଆବାହକଙ୍କ ବିରୋଧରେ ଅଭିଯୋଗ କଲେ ପୂର୍ବତନ ଉପନଗରପାଳ

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)

ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଉପରେ ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଅଯଥାରେ ମିଥ୍ୟା ଆରୋପ ଲଗାଉଥିବା ନେଇ ପୂର୍ବତନ ଉପନଗରପାଳ ସବ୍ୟସାଚୀ ମହାପାତ୍ର ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ମହାପାତ୍ର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଜଗନ୍ନାଥ ସେନା ଆବାହକ ଭାବେ ନିଜକୁ ପରିଚୟ ଦେଇ ପ୍ରିୟଦର୍ଶନ ପଟ୍ଟନାୟକ (ପିଙ୍କୁ) ନାମକ ବ୍ୟକ୍ତି ଗତ ୧୦ ତାରିଖଠାରୁ ଆଜିପର୍ଯ୍ୟନ୍ତ ସାମାଜିକ ଗଣମାଧ୍ୟମରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ବିରୋଧରେ ଏକ ନିନ୍ଦନୀୟ, ମିଥ୍ୟା, ମନଗଢ଼ା ତଥା ଧାର୍ମିକ ଭାବନାକୁ ଆଘାତ ଦେଲାଭଳି ବୟାନ ଜାରି ରଖିଛନ୍ତି। ପଟ୍ଟନାୟକ ଆରୋପ କରିଛନ୍ତି ଯେ, ଦାସ ନିଜ ଘର କାର୍ଯ୍ୟରେ ପୁରୀ ଶ୍ରୀଜଗନ୍ନାଥ ପ୍ରକଳ୍ପରେ ବ୍ୟବହୃତ ଖଣ୍ଡୋଲାଇଟ୍ ପଥର ଚୋରି କରି ଆଣି ଲଗାଇଛନ୍ତି। ଯାହା ଏକ ସମ୍ବେଦନଶୀଳ ପ୍ରମାଣବିହୀନ ତଥ୍ୟ। ଶୂନ୍ୟ ତଥା ସମ୍ମାନ ହାନି ଆରୋପ ଆଗତ କରି ବରିଷ୍ଠ ରାଜନେତାଙ୍କ ମର୍ଯ୍ୟାଦାର କ୍ଷୁଣ୍ଣ କରିଛନ୍ତି। ତେଣୁ ଅଭିଯୋଗକୁ ଗ୍ରହଣ କରି ପ୍ରିୟଦର୍ଶନ ପଟ୍ଟନାୟକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମହାପାତ୍ର ଦାବି କରିଛନ୍ତି।

### ଶିକ୍ଷା ବିଭାଗରେ ବିଦାୟ ସମ୍ବର୍ଦ୍ଧନା ସମାରୋହ

ବଲଙ୍ଗୀ,୧୯।୪(କେଦାରେଶ୍ୱର ନନ୍ଦ)

ବଲଙ୍ଗୀ ମହାବିଦ୍ୟାଳୟ ଶିକ୍ଷା ବିଭାଗର ବିଦାୟ ସମ୍ବର୍ଦ୍ଧନା ସମାରୋହ ଭାର୍ଗବୀ ନଦୀ ତଟରେ ଅନୁଷ୍ଠିତ ହୋଇଯାଇଛି। +୩ ବର୍ଷର ୧ମ, ୨ୟ ସମ୍ମାନ ଏବଂ ବିଦ୍ୟାର୍ଥୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ. ପ୍ରଦୋଷ କୁମାର ପତି ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ବାଣିଜ୍ୟ ବିଭାଗର ମୁଖ୍ୟ ବିନୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଅର୍ଥନୀତିବିଭାଗ ମୁଖ୍ୟ ମାନସ ରଞ୍ଜନ ମହାନ୍ତି ଓ ଗଣିତ ବିଭାଗ ମୁଖ୍ୟ ସୁମିତ୍ରା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ନାତକ ଶିକ୍ଷା ସମ୍ମାନର ଶେଷ ବର୍ଷର ବିଦ୍ୟାର୍ଥୀମାନେ ନିଜର ଅନୁଭୂତି ପ୍ରଦାନ କରିଥିଲେ ଓ ବିଭାଗୀୟ ଅଧ୍ୟାପକ, ଅଧ୍ୟାପିକାଙ୍କର ତ୍ୟାଗ ତଥା ଗୁଣଗାନ କରିଥିଲେ। ଅତିଥିଙ୍କ ଦ୍ୱାରା ବିଦାୟୀ ଛାତ୍ରୀଛାତ୍ରଙ୍କୁ ଉପହାର, ସଙ୍କଳିତ କବିତାର ପୃଷ୍ଠା ତଥା ସାମୂହିକ ଗ୍ରୁପ ଫଟୋ ପ୍ରଦାନ କରାଯାଇଛି। ଛାତ୍ରୀ ସ୍ମୃତିରେଖା ବେହେରା ଓ ଅପରାଜିତା ମହାପାତ୍ର ସଭା ସଞ୍ଚାଳନା କରିଥିଲେ। ଛାତ୍ରୀ ବିଜୟିନୀ ନାୟକ ନୃତ୍ୟ ପରିବେଷଣ କରିଥିଲା ବେଳେ ଛାତ୍ରୀ ଜ୍ୟୋତ୍ସ୍ନାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।

# ଖୋ ଖୋ ବାଳକ, ବାଳିକାରେ କେ.ପି.ପି ଡେଲାଙ୍ଗ ଚାମ୍ପିୟନ

## ଜିଲାସ୍ତରୀୟ ସିଏମ୍ ଟ୍ରଫି ୨.୦ର ପ୍ରଥମ ସଂସ୍କରଣ ଉଦ୍‌ଯାପିତ



ପୁରୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ସିଏମ୍ ଟ୍ରଫିର ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ ଖେଳାଳିମାନେ।

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ଯୁବ କ୍ରୀଡ଼ା ବିଭାଗ ପକ୍ଷରୁ ଚାଲିଥିବା ସିଏମ୍ ଟ୍ରଫି ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ରବିବାର ଶେଷ ହୋଇଛି। ଫୁଟବଲ, ଖୋ ଖୋ, ଭଲିବଲ୍ ଓ କବାଡ଼ି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିର୍ଦ୍ଦେଶରେ ରାଜ୍ୟର କୋଣଅନୁକୋଣରେ ଲୁଚି ରହିଥିବା ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ସର୍ବସାଧାରଣରେ ପରିପ୍ରକାଶ ସହ କ୍ରୀଡ଼ାବିତ୍‌ଙ୍କୁ ଦେଶର ଏକ ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ଗଢିତୋଳିବା ଏହି ପ୍ରତିଯୋଗିତାର ଲକ୍ଷ୍ୟ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ପିଲାଙ୍କ ଖେଳ ପ୍ରଦର୍ଶନକୁ ପ୍ରଶଂସା କରିବା ସହ କ୍ରୀଡ଼ାବିତ୍‌ମାନେ ନିଜର ପ୍ରତିଭା ପ୍ରଦର୍ଶନ କରି ଜୋନ୍‌ସ୍ତରରୁ ରାଜ୍ୟସ୍ତରରେ ନାମ ରଖି ଭଲ କ୍ରୀଡ଼ାବିତ ଭାବେ ପରିଚିତ ହୋଇପାରିବେ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡ଼ିଶା ଅଲିମ୍ପିକ୍ସ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପତିହରୀ, ଭାରତୀୟ ଖୋ ଖୋ ମହାସଂଘ ଫେଡେରେଶନର ଉପସଭାପତି ତଥା ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପୂର୍ବତନ ଶାରୀରିକ ଶିକ୍ଷା ଶିକ୍ଷକ ବଟକୃଷ୍ଣ ଜେନା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ସରକାରଙ୍କ ଲୋକାଭିମୁଖୀ ତଥା ତୃଣମୂଳସ୍ତରରେ କୋମଳମତି କ୍ରୀଡ଼ାବିତ୍‌ଙ୍କ ପ୍ରତିଭାର ବିକାଶ ପାଇଁ ଏହା ଏକ ସୁନ୍ଦର ପଦକ୍ଷେପ ବୋଲି ଅତିଥିମାନେ କହିଥିଲେ। ଖୋ ଖୋରେ ବାଳକ ବିଭାଗରେ ଡେଲାଙ୍ଗ ବ୍ଲକ କେପିପି ଚାମ୍ପିୟନ, ଦ୍ୱିତୀୟ ଡେଲାଙ୍ଗ ବ୍ଲକ୍ ଅମାଳଙ୍ଗ ଓ କୃଷ୍ଣପ୍ରସାଦ ବ୍ଲକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବାଳିକା ବିଭାଗରେ ଡେଲାଙ୍ଗ କେ.ପି.ପି ଚାମ୍ପିୟନ, ଅମାଳଙ୍ଗ ଦ୍ୱିତୀୟ ଓ ପୁରୀସଦର ତୃତୀୟ ହୋଇଛି। କବାଡ଼ିରେ ବାଳକ ବିଭାଗରେ ଡେଲାଙ୍ଗ ବ୍ଲକ ମହତାବ ସ୍ପୋର୍ଟ୍ସ ଏକାଡମୀ ଚାମ୍ପିଅନ, ଦ୍ୱିତୀୟ ପୁରୀ ନିତା ସ୍ପୋର୍ଟ୍ସ ଏକାଡେମୀ ଓ ବାଳିକା ବିଭାଗରେ ଡେଲାଙ୍ଗ ମହତାବ ସ୍ପୋର୍ଟ୍ସ ଏକାଡେମୀ, ପୁରୀ ନିତା ସ୍ପୋର୍ଟ୍ସ ଏକାଡେମୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଭଲିବଲ ବାଳକ ବିଭାଗରେ କଣାସ ଚାମ୍ପିଅନ ଓ ଗୋପ ରନର୍ସଅପ୍‌କୁ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା। ଭଲିବଲ ପର୍ଯ୍ୟବେକ୍ଷକ ସୁବୋଧ ଜେନା ଉପସ୍ଥିତ ରହି ପ୍ରତିଯୋଗିତାକୁ ନିରୀକ୍ଷଣ କରିଥିଲେ। ଭଲିବଲ୍ କୋଚ୍ ଶ୍ରୀକାନ୍ତ ନାୟକ, ଖୋ ଖୋ କୋଚ୍ ଚୌଧୁରୀ ପାର୍ଥସାରଥୀ ମହାପାତ୍ର ଓ କବାଡ଼ି କୋଚ୍ ସଦାଶିବ ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରୁଥିବା ବେଳେ ସୂର୍ଯ୍ୟ ନାରାୟଣ ଜେନା ସମସ୍ତ ଖେଳ ପ୍ରତିଯୋଗିତାକୁ ତଦାରଖ କରିଥିଲେ। ୪ଟି ବିଭାଗର ଖେଳ କୋଚ୍, ଅଫିସର, ମ୍ୟାନେଜର୍, ରେଫରୀମାନେ ଉପସ୍ଥିତ ରହି ପ୍ରତିଯୋଗିତାରେ ସହଯୋଗ କରିଥିଲେ।




ବାଲୁକା କଳା ମାଧ୍ୟମରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଅକ୍ଷୟତୃତୀୟା ଓ ରଥ ଅନୁକୂଳର ଶୁଭକାମନା ଜଣାଉଛନ୍ତି ।

# ୧୦୦ ମିଟର ଘୁଞ୍ଚିଗଲାଣି ଚନ୍ଦ୍ରଭାଗା ସମୁଦ୍ର

## ଜଳବାୟୁ ପରିବର୍ତ୍ତନର ସଂକେତ ଦେଲେ ବିଶେଷଜ୍ଞ

କୋଣାର୍କ,୧୯।୪(ଜ୍ୟୋତିରାଜ ମହାନ୍ତି)

୧୦୦ ମିଟର ପଛକୁ ଘୁଞ୍ଚିଯାଇଛି ଚନ୍ଦ୍ରଭାଗା ସମୁଦ୍ର। କୋଣାର୍କ ସ୍ଥିତ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ସମୁଦ୍ର କୂଳରେ ନିଆରା ଦୃଶ୍ୟ ଦେଖିବାକୁ ମିଳିଛି। ସତେ ଯେପରି ଚନ୍ଦ୍ରଭାଗା ନଦୀ ପୁନର୍ବାର ଜନ୍ମ ନେଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଗୋଟିଏ ପଟେ ସମୁଦ୍ର ୧୦୦ ମିଟର ଦୂରକୁ ଯାଇଥିବା ବେଳେ ମଝିରେ ବଡ଼ ବାଲିବନ୍ତ ସୃଷ୍ଟି ହୋଇଛି। ଖାଲି ସେତିକି ନୁହେଁ ବାଲିବନ୍ତ ତଳକୁ ଏକ ନଦୀର ଧାର ପରି ପାଣି ଜମି ଲୋକେ କହୁଛନ୍ତି ନୂଆ ଜନ୍ମ ନେଇଛି ଚନ୍ଦ୍ରଭାଗା ନଦୀ, ଯାହା ଦିନେ ସମୁଦ୍ରରେ ଲୁଚି ଯାଇଥିଲା। ସେହି ନଦୀ ନୂଆ ଜନ୍ମ ନେଇ କୋଣାର୍କ ତଥା ଆଖପାଖ ଅଞ୍ଚଳରେ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

ଅପରପକ୍ଷେ ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି ପରିବେଶବିତ୍ ମହଲରେ ଆଲୋଚନା ହେଉଛି। ଏଭଳି ଘଟଣା ଘଟିଲେ ସୁନାମି ହୁଏ ବୋଲି ଅନୁମାନ କରାଯିବା ସହିତ ଗ୍ଲୋବାଲ ୱାର୍ମିଂ ହେତୁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଅନେକ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ବିଶେଷଜ୍ଞ ଓ ପରିବେଶବିତ ମହଲରେ ଆଲୋଚନା ହେବା ସହିତ ଏହା ଏକ ବଡ଼ଧରଣର ଦୁର୍ବିପାକର ପ୍ରାକ୍ ସୂଚନା ବୋଲି ମତବ୍ୟକ୍ତ କରିଛନ୍ତି।

# ଜୁଣେଇରେ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଆରମ୍ଭ

କୋଣାର୍କ,୧୯।୪(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନଏସି ଅନ୍ତର୍ଗତ ଜୁଣେଇ ଗ୍ରାମରେ ରବିବାର ବିଶ୍ୱଶାନ୍ତି ଶ୍ରୀରାମ କୃପା ପରିଷଦ ଆନୁକୂଲ୍ୟରେ ୨୫ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମର ପୂର୍ଣ୍ଣାହୂତି ଆସନ୍ତା ୨୮ ତାରିଖରେ ସଂପନ୍ନ ହେ। ରବିବାର ଶୁଭାଧିବାସ ଅବସରରେ ପୂର୍ବାହ୍ନରେ ଚନ୍ଦ୍ରଭାଗା ତୀର୍ଥରୁ ଜୁଣେଇ ହାଟପଡିଆ ସଂଲଗ୍ନ ଯଜ୍ଞମଣ୍ଡପ ପର୍ଯ୍ୟନ୍ତ କଳସ ଶୋଭାଯାତ୍ରା, ବିଗ୍ରହ ପ୍ରତିଷ୍ଠା, ଆଦ୍ୟପୂଜା ଓ ହୋମ ସଂପନ୍ନ ହେବା ସହିତ ସଂଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ନଦିନ୍ୟାପି ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରତ୍ୟହ ସକାଳୁ ହନୁମାନ ଚାଳିଶା ପାଠ ଓ ଶ୍ରୀରାମ ଚରିତ ମାନସ ଗ୍ରନ୍ଥ ପାରାୟଣ ହେବା ସହିତ ସଂଧ୍ୟାରେ ପ୍ରବଚନ ଅନୁଷ୍ଠିତ ହେବ। ମୈଥିଳି ଦାସ ବ୍ୟାସ ଭୂମିକାରେ ମାନସ ଗ୍ରନ୍ଥ ପାଠ ଏବଂ ବିଭିନ୍ନ ସନ୍ଧ୍ୟାରେ ପ୍ରବକ୍ତା ପୁରୁଷୋତ୍ତମ ଦାଶ, ପଣ୍ଡିତ ରତ୍ନାକର ନାୟକ, ପଣ୍ଡିତ ରବୀନ୍ଦ୍ର ଦାଶ, ପଣ୍ଡିତ ବସନ୍ତ ପଣ୍ଡା ଓ ପ୍ରବକ୍ତା ଅନନ୍ତ ପରିଡ଼ା ପ୍ରବଚନ ଦେବେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବହୁଳ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବାକୁ ବିଶ୍ୱଶାନ୍ତି ଶ୍ରୀରାମ କୃପା ପରିଷଦ ପକ୍ଷରୁ ନିବେଦନ କରାଯାଇଛି।



ପାରାୟଣ ଅବସରରେ କଳସ ଯାତ୍ରା ।

# ମଦ୍ୟପାନ: ୯୭ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସ ଅଧୀନସ୍ଥ ସିଟି ସବ୍‌ଡିଭିଜନରେ ସମସ୍ତ ଥାନା ପକ୍ଷରୁ ସାର୍ବଜନୀନ ସ୍ଥାନରେ ମଦ୍ୟପାନ, ଅସାମାଜିକ କାର୍ଯ୍ୟକଳାପ ଓ ସାମାଜିକ ଶୃଙ୍ଖଳା ଭଙ୍ଗକୁ ରୋକିବା ପାଇଁ ନିରନ୍ତର ଭାବେ ବିଶେଷ ଅଭିଯାନ ଚାଲୁ ରହିଛି। ପର୍ଯ୍ୟଟନ ସହର ଭାବେ ପରିଚିତ ପୁରୀରେ ପ୍ରତିଦିନ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆଗମନ କରୁଥିବାରୁ ସାର୍ବଜନୀନ ସ୍ଥାନରେ ଶାନ୍ତି, ନିରାପତ୍ତା ଓ ସୁସ୍ଥ ପରିବେଶ ବଜାୟ ରଖିବା ପୁରୀ ପୋଲିସର ପ୍ରାଥମିକ ଦାୟିତ୍ୱ। ଏହି ପରିପ୍ରେକ୍ଷୀରେ ସମସ୍ତ ଥାନା ଅଞ୍ଚଳରେ ଏକ ବିଶେଷ ଅଭିଯାନ ଜାରି ରହିଛି। ଏହି ଅଭିଯାନ ସମୟରେ ସାର୍ବଜନୀନ ସ୍ଥାନରେ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ଅବଧିରେ ସର୍ବମୋଟ ୭୧ ବ୍ୟକ୍ତିଙ୍କ ବିରୋଧରେ ପିଆର ଦାଖଲ କରାଯାଇଛି। ଏହାସହିତ ଗୁରୁବାର ଏହି ଅଭିଯାନରେ ୨୬ ବ୍ୟକ୍ତିଙ୍କ ବିରୋଧରେ ପିଆର ଦିଆଯାଇଛି। ଏହିପରି ମୋଟ ୯୭ ବ୍ୟକ୍ତିଙ୍କ ବିରୋଧରେ ସାର୍ବଜନୀନ ସ୍ଥାନରେ ମଦ୍ୟପାନ ଅଭିଯୋଗରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି। ଟାଉନ୍ ଥାନା ୬, ସି'ବି଼ଟ୍ ଥାନା ୧୨, କୁମ୍ଭାରପଡ଼ା ଥାନା ୧୭, ବଳିଆପଣ୍ଡା ଥାନା ୧୫, ଟ୍ରାଫିକ୍ ଥାନା ୬, ତାଳବଣିଆ ଥାନା ପକ୍ଷରୁ ୧୫ ଜଣଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେହିପରି ଗୁରୁବାର ଟାଉନ୍ ଥାନା ୩, ସି'ବିଟ୍ ଥାନା ୯, କୁମ୍ଭାରପଡ଼ା ଥାନା ୫, ବଳିଆପଣ୍ଡା ଥାନା ୬, ଟ୍ରାଫିକ୍ ଥାନା ୧, ତାଳବଣିଆ ଥାନା ୨ ଜଣଙ୍କ ବିରୋଧରେ ପିଆର୍ ଦିଆଯାଇଛି। ପୁରୀ ପୋଲିସ ସର୍ବଦା ନାଗରିକ ସୁରକ୍ଷା, ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରତିବଦ୍ଧ।

# ୬ ଦଫା ଦାବିରେ ଜିଲାପାଳଙ୍କ ଅଫିସ ଘେରିବ ସଂଘ



ବୈଠକରେ ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘର କର୍ମକର୍ତ୍ତା ଓ ସଦସ୍ୟ ବୃନ୍ଦ।

## ପେସାଦାର ସାମ୍ବାଦିକ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ

ନିମାପଡ଼ା,୧୯।୪(ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ନିମାପଡ଼ା ପ୍ରେସ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଅଧ୍ୟକ୍ଷତା କରି ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ତୁରନ୍ତ ଲାଗୁ କରାଯିବା, ସାମ୍ବାଦିକଙ୍କ ପାଇଁ ଉର୍ଦ୍ଧ୍ୱଷ୍ଟ ସ୍ୱାସ୍ଥ୍ୟବୀମାକୁ ୫ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ସହ ବୀମାରେ ସାମ୍ବାଦିକଙ୍କ ପିତାମାତାଙ୍କ ନାମକୁ ସଂଲଗ୍ନ କରାଯିବା ଆଦି ୬ଦଫା ଦାବି ନେଇ ଆସନ୍ତା ୨୯ରେ ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ପକ୍ଷରୁ ଜିଲାପାଳଙ୍କ ଅଫିସ ଘେରାଉ ଓ ଅଫିସ୍ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳଙ୍କୁ ୬ଦଫା ସମ୍ମିଳିତ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଜିଲା କାର୍ଯ୍ୟକାରୀ ସଭାପତି କମଳ ଲୋଚନ ଦୀକ୍ଷିତ, ଉପସଭାପତି ସଞ୍ଜୟ ପତି, ସାଧାରଣ ସମ୍ପାଦକ ଆଦିତ୍ୟ ରାଉତ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଉପଦେଷ୍ଟା ବିଚିତ୍ରାନନ୍ଦ ସାହୁ, ଅକ୍ଷୟ ବେହେରା, ଚାରିଛକ ଜୋନ୍ ସମ୍ପାଦକ ପ୍ରଫୁଲ୍ଲ କର, ବରିଷ୍ଠ ଖବରଦାତା ଭାଗବତ ସ୍ୱାଇଁ, ବିଶ୍ୱଜିତ୍ ମିଶ୍ର, ସୁଦର୍ଶନ ବେହେରା, ମୋହନ ପାତ୍ରଙ୍କ ସମେତ ଜିଲା ସଂଘ ଓ ନିମାପଡ଼ା ପ୍ରେସ କ୍ଲବର ବହୁ ଖବରଦାତା ଓ ସଦସ୍ୟ ଯୋଗ ଦେଇଥିଲେ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୬ତମ ବାର୍ଷିକ ଉତ୍ସବ

ଡେଲାଙ୍ଗ,୧୯।୪(ରଶ୍ମିରଞ୍ଜନ ପ୍ରଧାନ)

ନୂତନ ଜାତୀୟ ଶିକ୍ଷାନୀତି ବିଦ୍ୟାର୍ଥୀଙ୍କ ଶିକ୍ଷା ଓ ଅନ୍ତର୍ନିହିତ ପ୍ରତିଭା ବିକାଶରେ ସହାୟକ ହେବ। ଏଥିସହ ସେମାନଙ୍କୁ ସର୍ବଗୁଣସମ୍ପନ୍ନ ଭାବେ ଗଢିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରେଞ୍ଚସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୬ତମ ବାର୍ଷିକ ଉତ୍ସବରେ ଉତ୍କଳ ଶିକ୍ଷା ବିକାଶ ପରିଷଦ ସଭାପତି ମଙ୍ଗୁଳି ଚରଣ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଉତ୍ସବରେ ଶିକ୍ଷାକେନ୍ଦ୍ର ସଭାପତି ତ୍ରିଲୋଚନ ମହାରଣା ଅଧ୍ୟକ୍ଷତା କରିଥିଲେ। ସ୍ଥାୟୀ ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, ଉପସଭାପତି ସୁବାସ ଚନ୍ଦ୍ର ଜେନା, ଅଧ୍ୟାପକ ଡ. ଲକ୍ଷ୍ମୀଧର ପାଇକରାୟ, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ, ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ମାନସ ରଞ୍ଜନ ବାରିକ ଏବଂ ଉତ୍କଳ ଶିକ୍ଷା ବିକାଶ ପରିଷଦର ସାଧାରଣ ସମ୍ପାଦକ ସୁରେନ୍ଦ୍ରନାଥ ଖୁଣ୍ଟିଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ଉତ୍ତମ ସଂସ୍କାର ଦେଇ ଭଲମଣିଷ ଭାବେ ଗଢିତୋଳିବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷୟିତ୍ରୀ ଅନୁସୟା ପାଠୀ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ଚିତ୍ତରଞ୍ଜନ ପରିଡା ସଭା ସଂଯୋଜନା କରିଥିଲେ। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ପରିଡ଼ା, ଶିକ୍ଷୟିତ୍ରୀ ମିନତି ବାରିକ, ଛବିତା ତିନାରା, ଚପଳା ତ୍ରିପାଠୀ, ଜୟନ୍ତୀ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନରେନ୍ଦ୍ର ପୁଷ୍କରିଣୀ ସଫେଇ ନେଇ ଅସନ୍ତୋଷ



ନରେନ୍ଦ୍ର ପୁଷ୍କରିଣୀରେ ପଡିଥିବା ଅଳିଆ ।

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)

ଅକ୍ଷୟ ତୃତୀୟା ଠାରୁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହେବ। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ସହ ଶ୍ରୀଦେବୀ, ଭୂଦେବୀ, ରାମକୃଷ୍ଣଙ୍କ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ଚାପରେ ନୈକାବିହାର କରିବେ। ତେଣୁ ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତି ପ୍ରାୟ ଶେଷ ହୋଇଛି। ରାତିପାହିଲେ ଶ୍ରୀଚନ୍ଦନ ଯାତ୍ରା ଆରମ୍ଭ ହେବାକୁ ଥିବାବେଳେ ନରେନ୍ଦ୍ର ପୁଷ୍କିଣୀରେ କୁଢ଼କୁଢ଼ ଅଳିଆ ଆବର୍ଜନା ଭାସୁଥିବା ଦେଖିବାକୁ ମିଳୁଛି। ପୁଷ୍କରିଣୀ ଭିତରେ ମଦ ବୋତଲ, ଦେବଦେବୀଙ୍କ ଫଟୋ ସାଙ୍ଗକୁ କୁଢ଼କୁଢ଼ ଅଳିଆ ଭାସୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଅଗଣିତ ଜଗନ୍ନାଥପ୍ରେମୀ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି। ମହାପ୍ରଭୁଙ୍କ ଚନ୍ଦନଯାତ୍ରାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତଙ୍କ ସୁଅ ପୁଷ୍କରଣୀ ନିକଟକୁ ଛୁଟିବ। ଏପରି ଦୃଶ୍ୟ ଭକ୍ତମାନଙ୍କ ମଧ୍ୟରେ ନକରାତ୍ମକ ଭାବ ସୃଷ୍ଟି କରିବ। ତେଣୁ ଯଥାଶୀଘ୍ର ପ୍ରଶାସନ ପୁଷ୍କରିଣୀ ସଫା କରି ପବିତ୍ରତା ରକ୍ଷା କରୁବୋଲିସାଧାରଣରେଦାବିକରାଯାଇଛି।

# ସାହିତ୍ୟ ଭିତରେ ସମ୍ପର୍କ ବାଣ୍ଟିବା ଗାଁରେ ହିଁ ମିଳିଥାଏ

## ଗଡ଼କରମଳାରେ 'ଆମ ଗାଁ ସାହିତ୍ୟ' ଉତ୍ସବ

ଗୋପ,୧୯।୪(ଭାରତୀ ଭୂଷଣ ଉପାଧ୍ୟାୟ)

ସାହିତ୍ୟରୁ ସମ୍ପର୍କ ସୃଷ୍ଟି। ସାହିତ୍ୟ ଏପରି ଏକ ଶବ୍ଦ ଯାହାକୁ ତୁଳନା କରିହୁଏ ନାହିଁ। ସାହିତ୍ୟ ଭିତରେ ସମ୍ପର୍କ ଗାଁରେ ବାଣ୍ଟିବା ଏକ ନିଆରା ଅନୁଭୂତି ପ୍ରଦାନ କରିଥାଏ ବୋଲି ରବିବାର ଗୋପ ବ୍ଲକ ଅନ୍ତର୍ଗତ ଗଡ଼କରମଳା କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ୨ୟ ଆମ ଗାଁ ସାହିତ୍ୟ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଂଗ୍ରେସ ନେତା ସତ୍ୟବ୍ରତ ପାତ୍ର କହିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୋଣାର୍କ ଓଡ଼ିଶା ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। କୋଣାର୍କ ଓଡ଼ିଶା ଟ୍ରଷ୍ଟର ସମ୍ପାଦକ ବିଚିତ୍ର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ଦାଶ ବେନହୁର, ସମ୍ମାନିତ ଅତିଥି ଭାବେ ଗୀତିକାର ଓ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ମହାନ୍ତି ଯୋଗଦେଇ ଗାଁ ଓ ସହର ମଧ୍ୟରେ ଥିବା ଭିନ୍ନତା ଓ ସାହିତ୍ୟ ଆଦ୍ୟସ୍ୱରୂପ, ସାହିତ୍ୟ ହେଉଛି ଜୀବନ, ପ୍ରକୃତିର ଦାନ ହେଉଛି ସାହିତ୍ୟ ବୋଲି ମତବ୍ୟକ୍ତ କରିଥିଲେ।

ଏବେ ସାହିତ୍ୟକୁ ଓଡ଼ିଆ ଭାଷା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ଅନ୍ୟ ଶୁଭେଚ୍ଛା ଅତିଥି ଭାବେ ଯୋଗ ଦେଇଥିବା ଗୋପ ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା, ବରିଷ୍ଠ ରାଜନେତା ଶିବିର ପରିଡ଼ା ଓ ସାହିତ୍ୟକ ରମାକାନ୍ତ ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ନିଜକୁ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଦେଇଥିବା ବିଷ୍ଣୁମୋହନ ପ୍ରଧାନ, ସୌମ୍ୟରଞ୍ଜନ ରାଉତ, ନିହାରିକା ତ୍ରିପାଠୀ ଓ କବି ଦେବବ୍ରତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷ ଭାଗରେ ରାଜ୍ୟ ଓ ବିଭିନ୍ନ ଜିଲାରୁ ଆସିଥିବା କବି ପ୍ରଫୁଲ୍ଲ କୁମାର ଚକ୍ର, ବିପିନ କୁମାର ମହାନ୍ତି, ନିଶିପୂର୍ଣ୍ଣା ଶୁଭଦର୍ଶିନୀ, ସତ୍ୟାନାଶଙ୍କ ସହିତ ଶତାଧିକ କବି ସେମାନଙ୍କ କବିତା ପାଠ କରିଥିଲେ।



ମୁଖ୍ୟ ଅତିଥିଙ୍କ ସହିତ ସାହିତ୍ୟିକ, ଗୀତିକାର ଓ ସଙ୍ଗୀତ ନିର୍ଦ୍ଦେଶକଙ୍କୁ ସଂଗଠନ ପକ୍ଷରୁ ସମ୍ମାନିତ କରାଯାଉଛି।

## ସଂକ୍ଷେପରେ

### ସକାଳ ୬ଟା ୩୦ରୁ ୯ ଯାଏ ପାଠପଢ଼ା

**ଗ୍ରୀଷ୍ମପ୍ରବାହ ଦୃଷ୍ଟିରୁ ଜିଲାପାଳଙ୍କ ନିର୍ଦ୍ଦେଶନାମା**

କଟକ,୧୯।୪(କାର୍ତ୍ତିକ ସାହୁ)

ଅସହ୍ୟ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି କଟକ ଜିଲାର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ ସକାଳ ୬ଟା ୩୦ରୁ ୯ ଘଡ଼ିକା ପର୍ଯ୍ୟନ୍ତ ପାଠ ପଢ଼ାଯିବ। ଏନେଇ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ରବିବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲାର ସମସ୍ତ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ଚଳିତ ଏପ୍ରିଲ ପ୍ରାରମ୍ଭରୁ ପ୍ରାତଃ ୬ଟା ୩୦ରୁ ପୂର୍ବାହ୍ନ ୧୦.୩୦ମି ପର୍ଯ୍ୟନ୍ତ ଖୋଲାଯାଇ ଶିକ୍ଷାଦାନ କରାଯାଉଛି। ବର୍ତ୍ତମାନ ଗ୍ରୀଷ୍ମପ୍ରବାହର ବୃଦ୍ଧିକୁ ପରିଲକ୍ଷିତ କରି ସୋମବାରଠାରୁ ଏହି ନିର୍ଦ୍ଦେଶାନାମା ଅନୁସାରେ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ କାର୍ଯ୍ୟ କରିବେ। ତେବେ ଏ ସଂକ୍ରାନ୍ତରେ ସମୀକ୍ଷାପୂର୍ବକ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଏବେ ପରିବର୍ତ୍ତନ ଆସିଛି: ପ୍ରଭାତ ବିଶ୍ୱାଳ

କଟକ,୧୯।୪(ଶିଳ୍ପା ପ୍ରିୟଦର୍ଶିନୀ)

ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ରବିବାର ସନ୍ଧ୍ୟାରେ ଓଏମ୍‌ପି ଡାକବଙ୍ଗଳାଠାରେ ତାଙ୍କ ସମର୍ଥକମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଭାତଙ୍କୁ ସମର୍ଥନ ଦେଉଥିବା କେତେଜଣ କର୍ପୋରେଟର ଉପସ୍ଥିତ ଥିବାବେଳେ ଅନ୍ୟ କର୍ପୋରେଟରମାନଙ୍କୁ ଦେଖିବାକୁ ମିଳି ନ ଥିଲା। ଏନେଇ ପ୍ରଭାତ କହିଛନ୍ତି ଯେ, ଦୀର୍ଘବର୍ଷ ହେବ ଧଳା ପୋଷାକ ପିନ୍ଧିଆସୁଥିଲି। ଏବେ ପରିବର୍ତ୍ତନ ଆସିଛି। ସମର୍ଥକଙ୍କ ଭଲ ପାଇବା ରହିଛି। ଦୃଢ଼ ମନୋବଳ ନେଇ କାର୍ଯ୍ୟ କରିବି ବୋଲି ସେ ପ୍ରକାଶ କରିଛନ୍ତି। ପ୍ରଭାତ ବିଜେଡିରୁ ବହିଷ୍କାର ହେବା ପରେ ଧଳା ପୋଷାକ ପିନ୍ଧିବା ଚର୍ଚ୍ଚାକୁ ଆସିଛି। ସେହିପରି ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ବିଜେଡି ବନାମ ପ୍ରଭାତ ବିଶ୍ୱାଳ ସ୍ଥିତି ସୃଷ୍ଟି ହୋଇଛି।

### ଜିଲା ସଂଖ୍ୟାଲଘୁ ମୋର୍ଚ୍ଚାର ନବନିଯୁକ୍ତ ସଭାପତି ସମ୍ବର୍ଦ୍ଧିତ

କଟକ,୧୯।୪(ଶିଳ୍ପା ପ୍ରିୟଦର୍ଶିନୀ)

ଭାଜପା ପକ୍ଷରୁ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ-୧୬ର କଟକ ଜିଲା ସଂଖ୍ୟାଲଘୁ ମୋର୍ଚ୍ଚାର ନବନିଯୁକ୍ତ ସଭାପତି ମହମ୍ମଦ ସବୀରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବାରବାଟୀ ମଣ୍ଡଳ ସାଧାରଣ ସମ୍ପାଦକ ସୁମନ ରାଉତ ଓ ସୁରେଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ସଞ୍ଜୟ ମହାନ୍ତି, ବିକ୍ରମ ମହାନ୍ତି, ରମେଶ ପ୍ରଧାନ, ଅମିୟ ମହାନ୍ତି, ମଜିଦ୍ ଖାନ୍, ସୁମନ୍ତ ପାଲ, ସେକ୍ ମୁନା, ସେକ୍ ଅବଦୁଲ ଅଜିଜ, ସେକ୍ ମୁନା, ବିଚିତ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ‘୩ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରୁଛି’

**ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଅସୁସ୍ଥ ହେବା ଘଟଣା**

କଟକ,୧୯।୪(ଶିଳ୍ପା ପ୍ରିୟଦର୍ଶିନୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ କାକବନ୍ଧ ଆଶ୍ରମ ସ୍କୁଲ୍‌ର ଶତାଧିକ ଛାତ୍ରୀଛାତ୍ର ବିଷାକ୍ତ ଖାଦ୍ୟ ଖାଇ ଅସୁସ୍ଥ ହୋଇପଡ଼ିବା ଘଟଣାରେ ଗୁରୁତର ୩ଜଣଙ୍କୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କର ଚିକିତ୍ସା ଜାରି ରହିଥିବା ବେଳେ ଧୀରେ ଧୀରେ ସ୍ୱାସ୍ଥ୍ୟାବସ୍ଥା ସୁଧୁରୁଛି। ପୂର୍ବରୁ ଜଣେ ଛାତ୍ର ହାଇଡିପେଣ୍ଡେନ୍ସି ୟୁନିଟ୍ (ଏଚ୍‌ଡିୟୁ)ରେ ଚିକିତ୍ସିତ ହେଉଥିବାବେଳେ ରବିବାର ଦୁଇଜଣ ଛାତ୍ରୀଙ୍କୁ ଆଇସିୟୁରୁ ଏଚ୍‌ଡିୟୁକୁ ସ୍ଥାନାନ୍ତର କରାଯାଇଛି। ଏଥିସହ ତିନିଜଣଙ୍କ ସଂକ୍ରମଣ କମିଛି। ଏବେ ସେମାନେ ସୁସ୍ଥ ହେଉଥିବାରୁ ଆଗାମୀ ସପ୍ତାହରେ ସ୍ୱାସ୍ଥ୍ୟାବସ୍ଥା ଦେଖି ଡିସ୍‌ଚାର୍ଜ କରାଯିବ ବୋଲି ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର ରବିବାର ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ଗତ ୧୫ ତାରିଖରେ ପ୍ରଥମେ ଜଣେ ଛାତ୍ରୀଙ୍କୁ ଶିଶୁଭବନ ସ୍ଥାନାନ୍ତର କରାଯାଇଥିଲା। ପରେ ଆଉ ଜଣେ ଛାତ୍ରୀ ଓ ଜଣେ ଛାତ୍ରଙ୍କୁ ଶିଶୁଭବନ ଅଣାଯାଇଥିଲା। ଏବେ ତିନିଜଣଙ୍କ ଚିକିତ୍ସା ଜାରି ରହିଛି। ସ୍ୱାସ୍ଥ୍ୟ ସଚିବଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କ ଚିକିତ୍ସା ପାଇଁ କଟକ ଶିଶୁଭବନ ଅଧୀକ୍ଷକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଥିଲା।

# ସରକାରୀ ଗେଜେଟ୍‌କୁ ନେଇ ଦ୍ୱନ୍ଦ୍ୱ

**ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନର୍ସିଂହୋମ୍ କର୍ତ୍ତୃପକ୍ଷ**

- ଅଗ୍ନି ନିରାପତ୍ତା ସାର୍ଟିଫିକେଟ ମିଳୁ ନ ଥିବା ଅଭିଯୋଗ
- ଚିନ୍ତାରେ ପଡ଼ିଛନ୍ତି କଟକର ୨୪୦ ନର୍ସିଂହୋମ୍ ମାଲିକ
- ନିୟମକୁ ଠିକ୍ ଭାବେ ବୁଝିନାହାନ୍ତି: ଅଗ୍ନିଶମ ଡିଜି

କଟକ,୧୯।୪(କୁମାରଶ୍ରୀ)

ଅଗ୍ନି ନିରାପତ୍ତା ନିୟମ ସଂକ୍ରାନ୍ତ ସରକାରୀ ଗେଜେଟ୍‌କୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ୨୦୨୦ ଏବଂ ୨୦୨୫ରେ ଗୃହ ବିଭାଗ ନିୟମରେ ପରିବର୍ତ୍ତନ ଆଣିଥିଲା। ଅଗ୍ନି ନିରାପତ୍ତା ନିୟମକୁ କୋହଳ କରାଯାଇଥିଲା। ତେବେ ଅଗ୍ନିଶମ ବିଭାଗ ୨୦୧୭ ମସିହାର ଗେଜେଟ୍ ଅନୁପାଳନ କରିବାକୁ ଯାଇ କଟକର ଶତାଧିକ ନର୍ସିଂହୋମ୍‌କୁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପ୍ରଦାନ କରୁନାହିଁ। ଫଳରେ ସହରର ପ୍ରାୟ ୨୪୦ ନର୍ସିଂହୋମ୍ ଅଗ୍ନି ନିରାପତ୍ତା ସାର୍ଟିଫିକେଟ ପାଇପାରୁନାହାନ୍ତି। ଅଗ୍ନିଶମ ବିଭାଗରେ ଆବେଦନଗୁଡ଼ିକ ପଡ଼ିରହିଛି। ଏଭଳି ଅଭିଯୋଗ ଆଣି ଘରୋଇ ନର୍ସିଂହୋମ୍ ସଂଘ କ୍ଷୋଭ ପ୍ରକାଶ କରିଛି। ଏକ ପ୍ରତିଷ୍ଠିତ ନର୍ସିଂହୋମ୍‌ର ମାଲିକ ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମଧ୍ୟ ଲେଖିଛନ୍ତି। ଘରୋଇ ନର୍ସିଂହୋମ୍‌ର ଅଭିଯୋଗ ଅନୁସାରେ, ୨୦୧୭ରେ ସମ୍ ହସ୍ପିଟାଲ୍ ଅଗ୍ନିକାଣ୍ଡ ଘଟଣା ପରେ ରାଜ୍ୟ ସରକାର ଅଗ୍ନି ନିରାପତ୍ତା ନିୟମକୁ କଡ଼ାକଡ଼ି କରିଥିଲେ। ସେହି ସମୟରେ ଜାରି ହୋଇଥିବା ଗେଜେଟ୍ ନୋଟିଫିକେଶନ୍ (ନଂ-୪୬୧/୨୦୧୭) ଅନୁଯାୟୀ ସମସ୍ତ କ୍ଲିନିକ ଓ ହେଲ୍‌ଥ କେୟାର ସଂସ୍ଥା ପାଇଁ ଅଗ୍ନି ନିରାପତ୍ତା ସାର୍ଟିଫିକେଟ ବାଧ୍ୟତାମୂଳକ ହୋଇଥିଲା। ଯେଉଁ କୋଠାର ୪ ମହଲା ପଟେ ରାସ୍ତା ଥିବ ଏବଂ ବିଲ୍ଡିଂ ପ୍ଲାନ୍ କମର୍ସିଆଲ ହୋଇଥିବ, ତାକୁ ସାର୍ଟିଫିକେଟ ମିଳିବ ବୋଲି କୁହାଯାଇଥିଲା। କିନ୍ତୁ ବାସ୍ତବ ସ୍ଥିତିରେ ଅଗ୍ନି ନିରାପତ୍ତାର ପୂର୍ଣ୍ଣ ନିୟମଗୁଡ଼ିକ ପାଳନ କରିବାରେ ଅନେକ ନର୍ସିଂହୋମ୍ ପଛରେ ପଡ଼ିଥିଲେ। ଏଣୁ ୨୦୨୦ରେ ଗୃହ ବିଭାଗ (ଚିଠି ନଂ-୨୮୫୫୦) ପକ୍ଷରୁ କିଛି ନିୟମକୁ କୋହଳ କରାଯାଇଥିଲା। ସର୍ବକ୍ଷମା ନିୟମ ଅଣାଯାଇ ୨୦୧୭ ପୂର୍ବରୁ ଗଢ଼ିଉଠିଥିବା ନର୍ସିଂହୋମଗୁଡ଼ିକ ପାଇଁ ନୂଆ ନିୟମ ହୋଇଥିଲା। ଦୁଇପଟେ ରାସ୍ତା ଥିଲେ ଏବଂ କୋଠାର ଉଚ୍ଚତା ୧୨ମିଟର ଭିତରେ ଥିଲେ ଅଗ୍ନି ନିରାପତ୍ତା ସାର୍ଟିଫିକେଟ ମିଳିବ ବୋଲି କୁହାଯାଇଥିଲା। ପୁନର୍ବାର ୨୦୨୫ରେ ଗୃହ ବିଭାଗ ଦ୍ୱାରା ଜାରି ହୋଇଥିବା ନୂତନ ସଂଶୋଧନ (ଚିଠି ନଂ-୪୫୫୩୮) ଅନୁଯାୟୀ, ୨୦୧୭ ପୂର୍ବରୁ ନିର୍ମିତ ଭବନ ପାଇଁ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ନେବା ସମୟରେ ବିଲ୍ଡିଂ ପ୍ଲାନ୍ ଅନୁମୋଦନ ଆବଶ୍ୟକ ନୁହେଁ ବୋଲି ସ୍ପଷ୍ଟ ଭାବେ କୁହାଯାଇଥିଲା। ମାତ୍ର ସାମ୍ପ୍ରତିକ ପରିସ୍ଥିତିରେ ଅଗ୍ନିଶମ ବିଭାଗ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଯାଇ ସହରର ୨୪୦ ନର୍ସିଂହୋମ୍‌ର ଆବେଦନକୁ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ନର୍ସିଂହୋମ୍‌ର ଚତୁଃପାର୍ଶ୍ୱରେ ରାସ୍ତା ନ ଥିଲେ ପ୍ରମାଣପତ୍ର ମିଳିବ ନାହିଁ ବୋଲି ରୋକଠୋକ୍ ଭାବେ କୁହାଯାଉଛ, ଯଦ୍ୱାରା ନର୍ସିଂହୋମ୍‌ଗୁଡ଼ିକ ଭବିଷ୍ୟତରେ ଚାଲିବ ନା ସେଥିରେ ତାଲା ଝୁଲିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କଲାଣି। କଟକର ଏକ ପ୍ରତିଷ୍ଠିତ ନର୍ସିଂହୋମର ମାଲିକ ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସେ ଚିଠିରେ ଦର୍ଶାଇଛନ୍ତି ଯେ, କଟକ ଭଳି ଗଳିକନ୍ଦିର ସହରରେ ଶତାଧିକ ନର୍ସିଂହୋମ୍ ଦୀର୍ଘବର୍ଷ ଧରି ରୋଗୀଙ୍କୁ ସେବା ଯୋଗାଇ ଆସୁଛି। ଏଣୁ ସଂଶୋଧିତ ସରକାରୀ ଗେଜେଟ୍‌କୁ ଅନୁପାଳନ କରି ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପ୍ରଦାନ କରାଯିବାକୁ ସେ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି ଯେ, ନର୍ସିଂହୋମ୍ ମାଲିକମାନେ ନିୟମକୁ ଠିକ ଭାବେ ବୁଝିନାହାନ୍ତି। ବିଲ୍ଡିଂ ପ୍ଲାନ୍ ନ ଥିଲେ ଅଗ୍ନି ନିରାପତ୍ତା ସାର୍ଟିଫିକେଟ ମିଳିପାରିବ, ହେଲେ ଚାରିପଟେ ରାସ୍ତା ନ ଥିଲେ ସାର୍ଟିଫିକେଟ ଦିଆଯାଇପାରିବ ନାହିଁ।



କଳାବିକାଶ କେନ୍ଦ୍ର ଅଡିଟୋରିୟମ୍‌ରେ ରବିବାର ଗୁରୁ ଗୋପୀନାଥ ମହାନ୍ତିଙ୍କ ସଙ୍ଗୀତ ସମାରୋହରେ ପରିବେଷିତ ଓଡ଼ିଶୀ ନୃତ୍ୟ। (ଫଟୋ- ରାଜକିଶୋର ମହାନ୍ତି)

## ୧୫ ଦିନ ପରେ ବି ମିଳିନି ନୂଆ ପାଠ୍ୟପୁସ୍ତକ

**ଶିଶୁ ମନ୍ଦିରଗୁଡ଼ିକରେ ଶିକ୍ଷାଦାନ ଠପ୍**

କଟକ ସଦର,୧୯।୪(ସୁଶାନ୍ତ କୁମାର ଜେନା)

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏପ୍ରିଲ ୪ତାରିଖରେ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶ୍ରେଣୀ ପ୍ରବେଶ ସହ ଖଡ଼ିଛୁଆଁ ସମାରୋହ ଅନୁଷ୍ଠିତ ହୋଇଥିଲା। ସେହିଦିନ ସମସ୍ତ ସରକାରୀ ବିଦ୍ୟାଳୟରେ ପିଲାମାନଙ୍କୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂଆ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା। ମାତ୍ର ସରକାରୀ ମାନ୍ୟତାପ୍ରାପ୍ତ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ଅଦ୍ୟାବଧି ନୂଆ ପାଠ୍ୟପୁସ୍ତକ ପାଇନାହାନ୍ତି। ତେଣୁ ସମ୍ପୃକ୍ତ ଶିଶୁ ମନ୍ଦିରଗୁଡ଼ିକରେ ଶିକ୍ଷାଦାନ ଠପ୍ ହୋଇଯାଇଛି। ପିଲାମାନେ କଷ୍ଟେମଷ୍ଟେ କିଛିଦିନ ଯାଏ ବହିର ଜେରକ୍ସ କପି ଦ୍ୱାରା ପାଠ ପଢ଼ିଥିଲେ। ଏବେ କିନ୍ତୁ ଆଉ ତାହା ସମ୍ଭବ ହେଉନାହିଁ। ପ୍ରଥମ ଥର ପାଇଁ ନୂଆ ପାଠ୍ୟକ୍ରମ ପ୍ରଚଳନ ହୋଇଥିବାରୁ ବଜାରରେ ବହି ଉପଲବ୍ଧ ହେଉନାହିଁ। ଏପରିକି ଗୁରୁମା ଗୁରୁଜୀମାନେ ପାଠ ପଢ଼ାଇବା ପାଇଁ ଗୋଟିଏ ସେଟ୍ ବହି ମଧ୍ୟ ପାଇପାରୁନାହାନ୍ତି। ଫଳରେ ଶିକ୍ଷାଦାନରେ ସମସ୍ୟା ଉପୁଜୁଛି। ଅନ୍ୟପକ୍ଷରେ ସରକାରୀ ବହି ଦେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଏପର୍ଯ୍ୟନ୍ତ ଆସି ନ ଥିବାରୁ ଘରୋଇ ବିଦ୍ୟାଳୟକୁ ବହି ଯୋଗାଇବା ସମ୍ଭବପର ହେଉନାହିଁ ବୋଲି କଟକ ସଦର ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅନନ୍ତ ଚରଣ ଦେହୁରୀ କହିଛନ୍ତି।

## ‘ସାଧନା ବଳରେ ସଫଳ ଭବିଷ୍ୟତ ଗଢ଼’



ସ୍ୱାଗତ ଉତ୍ସବରେ ଛାତ୍ରୀଛାତ୍ରଙ୍କ ସହ ଡ୍ରିମ୍ସ ଚେୟାରମ୍ୟାନ୍ ଡ. ପ୍ରମୋଦ ଚନ୍ଦ୍ର ରଥ ଏବଂ ଅନ୍ୟ ଅତିଥି।

**ଡ୍ରିମ୍‌ସରେ ସ୍ୱାଗତ ଉତ୍ସବ ‘ଆଗମ୍ୟ-୨୦୨୬’**

କଟକ,୧୯।୪(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସ୍କୁଲ ଅଫ୍ ଆଲାଏଡ୍ ଓ ହେଲଥ୍ କେୟାର ସାଇନ୍ସ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ‘ଆଗମ୍ୟ-୨୦୨୬’ ଜୟଶ୍ରୀ ଅଡିଟୋରିୟମ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଏବଂ ପଦ୍ମିନୀ କେୟାର ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉତ୍ସବକୁ ଉଦ୍‌ଘାଟନ କରି ନବାଗତ ବିଦ୍ୟାର୍ଥୀଙ୍କୁ ସାଧନା ବଳରେ ସଫଳ ଭବିଷ୍ୟତ ଗଢ଼ିବାକୁ ଦିଗ୍‌ଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, କୁଳସଚିବ କୃଷ୍ଣପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଯୋଗଦେଇ ଛାତ୍ରୀଛାତ୍ରମାନେ ଭଲ ମଣିଷ ହୋଇ ସମାଜ ଓ ଦେଶର ଗୌରବ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବୋର୍ଡ ଅଫ୍ ଗଭର୍ନର ସଦସ୍ୟ ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ଉପକୁଳସଚିବ ଶିଶିର କୁମାର ସାହୁ, ନିର୍ଦ୍ଦେଶିକା ପ୍ରଫେସର ଡା. ନିରୁପମା ଚୟନୀ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ ଅତିଥି ପରିଚୟ ଓ ‘ଡିନ୍’ ଡା. ଦୁର୍ଗାପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସଫଳତାର ସହ ଶିକ୍ଷା ସମାପ୍ତ କରି ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥା ଓ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ କର୍ମ ନିଯୋଜନ ସୁଯୋଗ ପାଇଥିବା ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷ ଡ. ରଥ ‘ବ୍ରାଣ୍ଡ ଆମ୍ବାସାଡର୍’ର ପରିଚୟ ନେଇ ସେମାନେ ଶିକ୍ଷାନୁଷ୍ଠାନର ସୁନାମ ବୃଦ୍ଧି କରିବେ ବୋଲି ଆଶାବ୍ୟକ୍ତ କରିଥିଲେ।

### ଓଏସ୍‌ଏଫ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘର ବନ୍ଧୁମିଳନ

କଟକ,୧୯।୪(କୁମାରଶ୍ରୀ)

ଓଡ଼ିଶା ରାଜ୍ୟ ଅର୍ଥ ନିଗମ (ଓଏସ୍‌ଏଫ୍‌ସି) ଅବସରପ୍ରାପ୍ତ କର୍ମଚାରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଯୋବ୍ରା ନୌବାଣିଜ୍ୟ ସଂଗ୍ରହାଳୟ ପରିସର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅର୍ଥ ନିଗମର ଦିବଂଗତ କର୍ମଚାରୀଙ୍କ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମହେନ୍ଦ୍ର କୁମାର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିବାବେଳେ ପ୍ରଭାତ କୁମାର ମହାପାତ୍ର, ଅର୍ଜୁନ ଚରଣ ସାହୁ ଓ ରବୀନ୍ଦ୍ର କୁମାର ଦାସ ଅତିଥି ଭାବେ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ କର୍ମଚାରୀଙ୍କ ଭିତରେ କିପରି ଅଧିକ ଅଧିକ ଆତ୍ମୀୟତା ଭାବ ସୃଷ୍ଟି କରାଇ ପରସ୍ପର ଭିତରେ ନିୟମିତ ବ୍ୟବଧାନରେ ଏକତ୍ରିତ ହୋଇ ମତ ବିନିମୟ କରାଯାଇ ପାରିବ ସେ ଦିଗରେ ମତ ପ୍ରକାଶ ପାଇଥିଲା। ଡିସେମ୍ବର ଦ୍ୱିତୀୟ ରବିବାରରେ ଅବସରପ୍ରାପ୍ତ କର୍ମଚାରୀଙ୍କ ସମାବେଶ ଆୟୋଜନ କରିବାକୁ ସ୍ଥିର ହୋଇଥିଲା। ରବୀନ୍ଦ୍ର କୁମାର ଦାସଙ୍କ ଆବାହକତ୍ୱରେ ଏକ କାର୍ଯ୍ୟକାରୀ କମିଟି ଗଠନ କରି ଅର୍ଥ ନିଗମ ଅବସରପ୍ରାପ୍ତ କର୍ମଚାରୀ ସଂଘକୁ ଅଧିକ କ୍ରିୟାଶୀଳ କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ହରେକୃଷ୍ଣ ରାୟ, ପ୍ରଦୀପ୍ତ କିଶୋର ଦାଶ, ଅଶୋକ ପଟ୍ଟନାୟକ, ପ୍ରକାଶ ପଟ୍ଟନାୟକ, ଅଶୋକ ଦ୍ୱିବେଦୀ, ଜାନକୀବଲ୍ଲଭ ରାୟ, ଶିଳଭଦ୍ର ମହାନ୍ତି, ଦେବରାଜ ମହାପାତ୍ର, ଯଦୁମଣି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋକ ଦାଶ ଧନ୍ୟବାଦ ଦେଇଥିଲେ।

## ବ୍ରାହ୍ମଣଝରିଲୋରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

ବ୍ରାହ୍ମଣଝରିଲୋ,୧୯।୪

କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ଛକରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ଉତ୍ସବରେ ଯୋଗଦେବା ପାଇଁ ଯାଉଥିବା ବେଳେ ନିଆଳି ବିଧାୟକଙ୍କ ପ୍ରତିନିଧି ତଥା ଭାଜପା ନେତା ଧୀରେନ୍ଦ୍ର କୁମାର ବାରିକଙ୍କ ନେତୃତ୍ୱରେ ସମର୍ଥକ ଓ ଦଳୀୟ କର୍ମୀମାନେ ରାସ୍ତା ଦୁଇପାର୍ଶ୍ୱରେ ଠିଆ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ନିଆଳି ବିଧାୟକ ଛବି ମଲ୍ଲିକ, ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପଣ୍ଡା, ଯୁବ ସଂଗଠକ ଆଲୋକ ଲେଙ୍କା, ଏମ୍‌ପିଙ୍କ ପ୍ରତିନିଧି ଦିଲୀପ ପାତ୍ର, ଜୟନ୍ତ କୁମାର ଜେନା, ଗୌରାଙ୍ଗ ଚରଣ ନାଥ, ରାଜକିଶୋର ସ୍ୱାଇଁ ଏବଂ କ୍ଷୀରୋଦ ଜେନା ପ୍ରମୁଖ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସ୍ଥାନୀୟ ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ପାଖରେ ପାଇ ଅତ୍ୟନ୍ତ ଉଲ୍ଲସିତ ହୋଇଉଠିଥିଲେ। ଏହା କେବଳ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମ ନୁହେଁ, ବରଂ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଜନମନର ଅଭିନବ ଆସ୍ଥା, ଭରସା ଓ ଆଦରର ପ୍ରତୀକ ବୋଲି ମତ ପ୍ରକାଶ ପାଇଥିଲା। ଉପେନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ବେହେରା, କବି ନାରାୟଣ ଜେନା, ତୁଷାର ଜେନା, ବିଜୟ ରାୟ, ବ୍ରଜ କିଶୋର ମହାନ୍ତି, ପ୍ରଦୀପ ସୁନ୍ଦରରାୟ, ପ୍ରଦୀପ ସ୍ୱାଇଁ, ବିକାଶ ସାହୁ, ସନ୍ଦୀପ ବାରିକ ଓ ବିଜୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## କଟକ ସାମ୍ବାଦିକ ସେବା ସଂଘ ପକ୍ଷରୁ ଦହିପଣା ବଣ୍ଟନ

କଟକ,୧୯।୪(କାର୍ତ୍ତିକ ସାହୁ)

କଟକ ସାମ୍ବାଦିକ ସେବା ସଂଘ ଆନୁକୂଲ୍ୟରେ ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଅନ୍ଦରପୁରସ୍ଥିତ ନାଗେଶ୍ୱର ମନ୍ଦିର ଛକରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସମୀର କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ମଧୁପାଟଣା ଥାନା ଆଇଆଇସି ଚିତ୍ତରଞ୍ଜନ ରାଉତ, କର୍ପୋରେଟର ଅରବିନ୍ଦ ଜେନା, ସୌଭାଗିନୀ ଜେନା, ସନ୍ତୋଷ ଭୋଳ, ଇଂ. ସୁବ୍ରତ ଘଡ଼ାଇ, ସିନେ ଅଭିନେତା ଶକ୍ତି ବରାଳ ପ୍ରମୁଖ ଯୋଗଦେଇ ଦହିପଣା ବଣ୍ଟନ କରିଥିଲେ। ଲୋକମାନଙ୍କୁ ଦହିପଣା, ଲସି, ଟଙ୍କତୋରାଣି, ତରଭୁଜ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ସଂଘର କାର୍ଯ୍ୟକର୍ତ୍ତାମାନେ ସୂଚନା ଦେଇଛନ୍ତି।

## ବାଣିପଦାରେ ଆଇନ ସଚେତନତା ଶିବିର

କଟକ,୧୯।୪(କାର୍ତ୍ତିକ ସାହୁ)

ଆଇନ ସେବା ସଂସ୍ଥା ଓଡ଼ିଶା ଲିଗାଲ ଏଡ୍ କାଉନସିଲ ପକ୍ଷରୁ ରବିବାର ଚୌଦ୍ୱାର ଅନ୍ତର୍ଗତ ବାଣିପଦା ପଞ୍ଚାୟତରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାସିନ୍ଦା ଲୋକନାଥ ରାଉତଙ୍କ ଆବାହକତ୍ୱରେ ଆୟୋଜିତ ଶିବିରରେ ସ୍ଥାନୀୟ ଭଦ୍ରବ୍ୟକ୍ତି, ୱାର୍ଡମେମ୍ବର ଓ ପଞ୍ଚାୟତ ସଭ୍ୟମାନେ ଉପସ୍ଥିତ ଥିଲେ। କାଉନସିଲର ପ୍ରତିଷ୍ଠାତା ଆଡ୍‌ଭୋକେଟ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇ ମହିଳା ଆଇନ, ଶିଶୁ ଆଇନ, ଶିଶୁ ଶ୍ରମିକ, ପୋକ୍ସୋ ଆଇନ, ପୈତୃକ ସମ୍ପତ୍ତିରେ ଝିଅର ଅଧିକାର ଆଇନ ଉପରେ ଆଲୋକପାତ କରିଥିଲେ। ପାରସ୍ପରିକ ବୁଝାମଣା ମାଧ୍ୟମରେ ପାରିବାରିକ ସମସ୍ୟା, ଅଦାଲତରେ ଚାଲୁଥିବା ଫୌଜଦାରି ଓ ଦେୱାନୀ ମାମଲାଗୁଡ଼ିକର ସମାଧାନର ସୂତ୍ର ଉପରେ ସଚେତନ କରିଥିଲେ। ବାଣିପଦା ପଞ୍ଚାୟତର ବହୁ ଚାଷୀ ପରିବାର ଜମି ମାଫିଆଙ୍କ ପାଇଁ ନିଜ ଜମିଚାଷ କରିପାରୁ ନ ଥିବା ଆଲୋଚନା କରିଥିଲେ। ଉକ୍ତ ସମସ୍ୟାର ନିରାକରଣ ନିମନ୍ତେ କାଉନସିଲ ପକ୍ଷରୁ ସହାୟତା ଦେବା ପାଇଁ ସ୍ଥିର କରାଯାଇଛି। ଚାନ୍ଦିନୀ ବିଶ୍ୱାଳ, ଅନିଲ ସାହା, ବି. ଏନ୍. ଦ୍ୱିବେଦୀ, ସନାତନ ସାମଲ, ସୂର୍ଯ୍ୟମଣି ସାହୁ, ବିଜୟ ରାଉତ, ଇମାମ ଅଲି ଶାହା ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ ସାମଲ ଧନ୍ୟବାଦ ଦେଇଥିଲେ।

## ଫ୍ଲଡ୍ ଲାଇଟ କ୍ରିକେଟ ମ୍ୟାଚ୍: ପାଟପୁର ଚାମ୍ପିୟନ

ବାଙ୍କୀ,୧୯।୪(ଶୁଭେନ୍ଦୁ ମହାପାତ୍ର)

ଡମପଡ଼ା ବ୍ଲକ ଶିମିଳିପୁରଠାରେ ଶନିବାର ଫ୍ଲଡ୍ ଲାଇଟ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ଡମପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅଜୟ କୁମାର ରାଉତ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ୍ ଶିମିଳିପୁର ଓ ପାଟପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଶିମିଳିପୁର ଦଳ ୪୨ ରନ୍ ସଂଗ୍ରହ କରିଥିଲା। ପ୍ରତିଦ୍ୱନ୍ଦ୍ୱୀରେ ପାଟପୁର ଦଳ ୩ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇ ଚାମ୍ପିୟନ୍ ଘୋଷିତ ହୋଇଥିଲା।



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

ଚାମ୍ପିୟନ୍ ଦଳକୁ ନଗଦ ୩ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ୍ ଦଳକୁ ନଗଦ ୨୨ ଶହ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଅଧିକ ରନ୍ ସଂଗ୍ରହ କରିଥିବା ଖେଳାଳିଙ୍କୁ ଆରେଞ୍ଜ କ୍ୟାପ ପ୍ରଦାନ କରାଯାଇଥିଲା। ଶିବାନୀ ନାୟକ ଓ ଅବିନାଶ ସ୍ୱାଇଁ ସୁଚାରୁରୂପେ ମ୍ୟାଚ୍ ପରିଚାଳନା କରିଥିଲେ। ଜ୍ଞାନରଞ୍ଜନ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ସଞ୍ଜୀବ ନାୟକ, ଅଭିଜିତ ମହାନ୍ତି, ଶୁଭମ୍ ନାୟକ, ସିଦ୍ଧାର୍ଥ ସ୍ୱରୂପ ସ୍ୱାଇଁ, ସୁଜ୍ଞାନ ନାୟକ, ଅଭିରାମ ସ୍ୱାଇଁଙ୍କ ସମେତ ଶିମିଳିପୁରର ସମସ୍ତ କ୍ରୀଡ଼ାପ୍ରେମୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ କ୍ଲବର ବରିଷ୍ଠ ସଦସ୍ୟ ପ୍ରବୀଣ କୁମାର ସ୍ୱାଇଁଙ୍କ ପରିଚାଳନାରେ ହୋଇଥିଲା।

**ଫଟୋ ରେଖ ବର**





ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ରବିବାର ଅନୁଷ୍ଠିତ ପ୍ରାଦେଶିକ ସର୍ବୋଦୟ ସମାଜ ସମ୍ମିଳନୀ।





ଶହୀଦ ଭବନରେ ରବିବାର ‘ଆମେ କଳାକାର’ ପକ୍ଷରୁ ଆୟୋଜିତ ‘ସଙ୍ଗୀତ ସନ୍ଧ୍ୟା’ରେ ଉପସ୍ଥିତ ଗୀତିକାର ରଜନୀକାନ୍ତ ନାୟକ ଏବଂ ଅନ୍ୟ ଅତିଥିବୃନ୍ଦ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ରିଦ୍ଧି
ପରିବାରବର୍ଗ


ସିବାନୀ
ପରିବାରବର୍ଗ


ଆଦ୍ୟାନ୍ତ
ପରିବାରବର୍ଗ


ଭୂମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଡେମ୍ପୋକୁ ହରାଇଲା ରାଜସ୍ଥାନ ୟୁନାଇଟେଡ୍

**ମାରଗାଓ, ୧୯।୪ (ପି.ଟି.)**

ଚଳିତ ଇଣ୍ଡିଆନ ଫୁଟ୍‌ବଲ ଲିଗ୍ (ଆଇଏଫ୍ଏଲ୍)ରେ ରବିବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ୨-୧ ଗୋଲ୍‌ରେ ଡେମ୍ପୋ ଏସ୍‌ସିକୁ ହରାଇ ଦେଇଛି। ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଖେଳରେ ମାର୍କସ ଜୋଶେଫଙ୍କ ଗୋଲ୍ ବଳରେ ଡେମ୍ପୋ ଏଫ୍‌ସି ପ୍ରଥମେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ଦ୍ୱିତୀୟାର୍ଦ୍ଧରେ ଜେରାର୍ଡ ଆର୍ଟିଗାସ ଓ ଥୋମ୍ୟୋ ଏଲ୍ ସିମରୟଙ୍କ ଗୋଲ୍ ସହାୟତାରେ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ୨-୧ ଗୋଲ୍‌ରେ ବିଜୟ ଲାଭ କରିଥିଲା। ରବିବାର ଏହି ଫଳାଫଳ ଦ୍ୱାରା ରାଜସ୍ଥାନ ଏପର୍ଯ୍ୟନ୍ତ ଖେଳିଥିବା ୯ଟି ମ୍ୟାଚ୍‌ରୁ ୧୭ ପଏଣ୍ଟ ସହ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ଡେମ୍ପୋ ସମାନ ସଂଖ୍ୟକ ମ୍ୟାଚ୍‌ରୁ ୯ ପଏଣ୍ଟ ସହ ପୂର୍ବଭଳି ୬ଷ୍ଠ ସ୍ଥାନରେ ରହିଛି।

# ସ୍କୁଲ୍ସ ଓପନ ଚେସ୍: ମନୀଷ ଚାମ୍ପିୟନ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୧୯।୪ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୫ମ କେ.ଡି. ପିଲାଇ ସ୍ମାରକୀ ସ୍କୁଲ୍ସ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ୪.୫ ପଏଣ୍ଟ ପାଇ ମନୀଷ ଦାସ ଚାମ୍ପିୟନ ହୋଇଛନ୍ତି। ସ୍ୱସ୍ତିକ୍ ତ୍ରିପାଠୀ, ପ୍ରିୟଦର୍ଶନ ରାୟ, ଆରିଶ ନନ୍ଦ ଗୋସ୍ୱାମୀ ଓ ଆୟାଭନ୍ଷ ମହାନ୍ତି ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟିଟିଇ ସୁଧୀର କୁମାର ସାହୁ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶଯୋଗ୍ୟ, କେ.ଡି. ପିଲାଇ ନାମରେ ବିଶେଷ ପରିଚିତ କ୍ରିଷ୍ଣା ଦୁରୁସ୍ୱାମୀ ପିଲାଇ ଦୀର୍ଘ ଦୁଇ ଦଶନ୍ଧି ଧରି ଏହି ୬୪-ସ୍କୋୟାର ବିଶିଷ୍ଟ ଗେମ୍‌ରେ ଲୋକପ୍ରିୟ ଥିଲେ। ସେ ୧୯୬୦ରୁ ୧୯୮୨ ମଧ୍ୟରେ ୧୧ ଥର ରାଜ୍ୟ ଚାମ୍ପିୟନ ହୋଇଥିଲେ। ଜଣେ ସରକାରୀ କର୍ମଚାରୀ ହୋଇ ମଧ୍ୟ ରାଜ୍ୟରେ ଚେସ୍ ପ୍ରମୋଶନ ପାଇଁ ଅନେକ କାର୍ଯ୍ୟ କରିଥିଲେ। ତାଙ୍କ ସ୍ମୃତିରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।




ଧ-୧୬୩



ଧ-୧୬୨

**୨ୟ ଜନ୍ମଦିନ ଶୁଭେଚ୍ଛା**



**ଆଦ୍ୟାନ୍ତ (KING)**

ଯାଜପୁର, କରଡ଼ାପାଳ ନିବାସୀ ମୃଣୟ ଏବଂ ଓଁକାରମାୟୀଙ୍କ ସୁପୁତ୍ର ଆଦ୍ୟାନ୍ତର ଜନ୍ମବାର୍ଷିକୀ ଅବସରରେ ଶ୍ରୀଜଗନ୍ନାଥଙ୍କ ନିକଟରେ ତାର ସର୍ବମଙ୍ଗଳ ଓ ଦୀର୍ଘଆୟୁଷ କାମନା କରୁଅଛୁ।
ଧ-୧୬୪


## ଅଗରକରଙ୍କ କାର୍ଯ୍ୟକାଳ ବୃଦ୍ଧି

**ନୂଆଦିଲ୍ଲୀ, ୧୯।୪ (ପି.ଟି.)**

ଭାରତୀୟ କ୍ରିକେଟ ଦଳର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ କାର୍ଯ୍ୟକାଳ ଏକ ବର୍ଷ ପାଇଁ ନବୀକରଣ କରାଯାଇଛି। ସେ ଆସନ୍ତାବର୍ଷ ପର୍ଯ୍ୟନ୍ତ ତାଙ୍କ ପଦବୀରେ ରହିବେ। ୨୦୨୭ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ପଦକ୍ଷେପ ନେଇଛି। ଅଗରକରଙ୍କ ଅଧ୍ୟକ୍ଷତାରେ ଚୟନକମିଟି ଅଧୀନରେ ୨୦୨୩ ଅକ୍ଟୋବର ଓ ୨୦୨୬ ମାର୍ଚ୍ଚ ମଧ୍ୟରେ ମନୋନୀତ ଭାରତୀୟ ଦଳଗୁଡ଼ିକ ଚାରୋଟି ଆଇସିସି ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପ୍ରବେଶ କରିପାରିଛି ଏବଂ ତିନୋଟିରେ (ଦୁଇ ଟି୨୦ ବିଶ୍ୱକପ୍ ଏବଂ ଗୋଟିଏ ଆଇସିସି ଚାମ୍ପିୟନ୍ସ ଟ୍ରଫି) ବିଜୟ ଲାଭ କରିପାରିଛି। ଏହି କାରଣରୁ ତାଙ୍କ ସହିତ ହୋଇଥିବା ଚୁକ୍ତିର ଚତୁର୍ଥ ବର୍ଷ ପାଇଁ ନବୀକରଣ କରାଯାଇଛି। ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ ସୂତ୍ରରୁ ପ୍ରକାଶ ଅଗରକର ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ ଚାହୁଁ ନ ଥିଲେ। ଜଣେ ଚୟନକର୍ତ୍ତା ଜୁନିୟର କିମ୍ବା ସିନିୟରରେ ୪ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ, କିମ୍ବା ଉଭୟ କମିଟିରେ ମୋଟ ୫ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ। ମାତ୍ର ଏଠାରେ ଅଗରକରଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇ ନାହିଁ ବରଂ ନବୀକରଣ କରାଯାଇଛି। ଅଗରକର ସବୁବେଳେ କହିଆନ୍ତି ତାଙ୍କ କମିଟିରେ କାର୍ଯ୍ୟଦକ୍ଷତାକୁ ଅନୁଧାନ କରି ଉପରିସ୍ଥ କର୍ମକର୍ତ୍ତା ଯାହା ନିଷ୍ପତ୍ତି ନିଅନ୍ତୁ। ସେ ନିଜ ଆଡୁ ତାଙ୍କ ଚୁକ୍ତି ନବୀକରଣ କରିବାକୁ ଚାହିବେ ନାହିଁ। ଆସନ୍ତା ୫୦ ଓଭର ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ବୋର୍ଡ ଅଗରକରଙ୍କୁ ହଟାଇବାକୁ ଚାହୁଁନି। ଅଗରକର ତାଙ୍କ କାର୍ଯ୍ୟକାଳ ସମୟରେ ଅନେକ କଠୋର ପଦକ୍ଷେପ ନେଇଛନ୍ତି। ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭଳି ଖେଳାଳିଙ୍କୁ ଟେଷ୍ଟରୁ ଅବସର ଦିଆଇଛନ୍ତି। ସିନିୟର ପେସ୍ ବୋଲର ମହମ୍ମଦ ଶାମିଙ୍କୁ ଅନ୍ତର୍ଜାତୀୟ କ୍ରିକେଟରୁ ବାଦ୍ ଦେଇଛନ୍ତି। ପୁନଶ୍ଚ ସେ ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଟି୨୦ ବିଶ୍ୱକପ୍ ଦଳରୁ ବାଦ୍‌ଦେଇ ଫର୍ମରେ ଥିବା ଇଶାନ କିଶନଙ୍କୁ ଦଳରେ ସ୍ଥାନ ଦେଇଥିଲେ।

# ବିଶ୍ୱରେକର୍ଡ ଭାଙ୍ଗିଲା ମାନବୀୟ ରୋବୋ




**ବେଜିଂ, ୧୯।୪ (ପି.ଟି.)**

ଏକ ଚାଇନିଜ କମ୍ପାନୀ ଦ୍ୱାରା ନିର୍ମିତ ଏକ ମାନବୀୟ ରୋବୋ ଏଠାରେ ସୌଖୀନ ଧାବକମାନଙ୍କ ସହିତ ଏକ ହାଫ୍ ମାରାଥନ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଛି। କେବଳ ସେତିକି ନୁହେଁ, ଏହି ରୋବୋ ୫୦ ମିନିଟ୍ ୨୬ ସେକେଣ୍ଡ ଟାଇମିଂ ସହ ମନୁଷ୍ୟ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱ ରେକର୍ଡକୁ ଭଙ୍ଗ କରିଦେଇଛି। ଚାଇନାର ଶେନଝେନ ହନର ସ୍ମାର୍ଟ ଟେକ୍ନୋଲୋଜି ଡେଭଲପମେଣ୍ଟ କୋ,

### ହାଫ୍ ମାରାଥନ

ଲିମିଟେଡ୍ ଦ୍ୱାରା ନିର୍ମିତ ଏହି ମାନବୀୟ ରୋବୋଟିର ନାମ 'ଫ୍ଲାଶ୍ ବେଜିଂ ଇ' ଟାଉନ୍ ହାଫ୍ ମାରାଥନରେ ସ୍ୱୟଂଚାଳିତ ନ୍ୟାଭିଗେଶନ ଦ୍ୱାରା ପରିଚାଳିତ। ଏହା ମନୁଷ୍ୟ ଦ୍ୱାରା ୫୭:୨୦ ଟାଇମିଂରେ ସୃଷ୍ଟି ବିଶ୍ୱ ରେକର୍ଡକୁ ଭଙ୍ଗ କରିଦେଇଛି। ପୁରୁଷ ହାଫ୍ ମାରାଥନ ବିଶ୍ୱରେକର୍ଡ ଉଗାଣ୍ଡାର ଷ୍ଟାର ଡିଷ୍ଟାନ୍ସ ରନର ଜାକବ କିପ୍ ଲିମୋଙ୍କ ନାମରେ ରହିଛି। ସେ ଗତ ମାସରେ ପର୍ତ୍ତୁଗାଲରେ ଅନୁଷ୍ଠିତ ଲିସ୍‌ବନ ହାଫ୍ ମାରାଥନରେ ରେକର୍ଡର ଅଧିକାରୀ ହୋଇଥିଲେ। ରେସ୍‌ରେ ମଣିଷ ଧାବକଙ୍କ ସହ ଚାଇନା, ଫ୍ରାନ୍ସ, ଜର୍ମାନୀ ଓ ବ୍ରାଜିଲ ଆଦି ଦେଶରୁ ୧୦୦ରୁ ଅଧିକ ଦଳ ଭାଗ ନେଇଥିଲେ। ପ୍ରତିଯୋଗିତାର ନିୟମାନୁସାରେ ୨୧ କି.ମି. ଦୂରତା ବିଶିଷ୍ଟ ରେସ୍‌ରେ ଧାବକ ଏବଂ ମାନବୀୟ ରୋବୋଗୁଡ଼ିକ ସମାନ ରାସ୍ତାରେ ସୁରକ୍ଷା ଦୃଷ୍ଟିରୁ ପୃଥକ୍ ଲେନ୍‌ରେ ଦୌଡ଼ିଥିଲେ। ରୋବୋ ଲାଗି କଟ୍‌ଅଫ୍ ଟାଇମିଂ ୩ ଘଣ୍ଟା ୪୦ ମିନିଟ ରଖାଯାଇଥିଲା।

### ଆଇରିଶ୍ ଓପନ ବିଲିୟାର୍ଡ୍ସ

## ସୁବ୍ରତ ନକ୍‌ଆଉଟରୁ ବଞ୍ଚିତ

**ଭୁବନେଶ୍ୱର, ୧୯।୪(ତପନ ସ୍ୱାଇଁ)**

ଆଇବିଏସ୍‌ଏଫ୍ ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ରେ ଭାଗନେବା ପୂର୍ବରୁ ଓଡ଼ିଶାର କ୍ୟୁ ସ୍ପୋର୍ଟ୍ସ ତାରକା ସୁବ୍ରତ ଦାସ ଆୟର୍ଲାଣ୍ଡରେ ଚାଲିଥିବା ଆଇରିଶ୍ ଓପନ ବିଲିୟାର୍ଡ୍ସର ନକ୍‌ଆଉଟରେ ପ୍ରବେଶରୁ ଅଳ୍ପକେ ବଞ୍ଚିତ ହୋଇଛନ୍ତି। ନିଜର ପ୍ରଥମ ଲିଗ୍ ମ୍ୟାଚରେ ଇଂଲଣ୍ଡର ଟେରୀ ଆଜୋରଙ୍କୁ ୨୧୭-୧୭୪ ଓ ଦ୍ୱିତୀୟ ମ୍ୟାଚରେ ସ୍କଟଲାଣ୍ଡର ପିଟର ଷ୍ଟାନରଙ୍କୁ ୨୩୦-୧୧୬ରେ ପରାସ୍ତ କରିଥିବା ସୁବ୍ରତ ରବିବାର ୧୬ଥର ବିଶ୍ୱ ଚାମ୍ପିୟନ ମାଇକ୍ ରସେଲଙ୍କଠାରୁ ୭୦-୫୬୦ ପଏଣ୍ଟରେ ହାରି ଯାଇଛନ୍ତି। ଏହାପରେ ନିର୍ଣ୍ଣାୟକ ମ୍ୟାଚରେ ଇଂଲଣ୍ଡର ଖ୍ରିଷ୍ଟିଆନ କିର୍କଙ୍କଠାରୁ ମାତ୍ର ୫ (୨୨୦-୨୨୫)ରେ ପରାଜୟ ତାଙ୍କ ପାଇଁ ମହଙ୍ଗା ପଡ଼ିଛି। ସେ ନକ୍‌ଆଉଟରେ ଖେଳିବାକୁ ଯୋଗ୍ୟତା ପାଇପାରି ନାହାନ୍ତି। ସୋମବାରଠାରୁ ସୁବ୍ରତ ଏହାପରେ ୪ ଦିନ ବିଶିଷ୍ଟ ୱାର୍ଲ୍ଡ ମ୍ୟାଚପ୍ଲେ ବିଲିୟାର୍ଡ୍ସ ଚାମ୍ପିୟନଶିପ୍ (ପଏଣ୍ଟ ଫର୍ମାଟ)ରେ ଖେଳିବେ। ଏହା ଆସନ୍ତା ୨୦ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାପରେ ସେ ଆଇବିଏସ୍‌ଏଫ୍ ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତା ଆୟର୍ଲାଣ୍ଡର କାର୍ଲୋଠାରେ ଚଳିତ ମାସ ୨୪ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍

### ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର

**ଭୁବନେଶ୍ୱର, ୧୯।୪ (ତପନ ସ୍ୱାଇଁ)**

ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଓପନ ୧୦ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। କ୍ୱାର୍ଟର ଫାଇନାଲର ପ୍ରଥମ ମ୍ୟାଚରେ ଆଶୁତୋଷ ପାଢ଼ୀ ଓ ନିଶାନ୍ତ ବିଶ୍ୱାଳ, ଦ୍ୱିତୀୟରେ ରାକେଶ ରୋଶନ ପ୍ରଧାନ ଓ ଉଭାସ ମହାପାତ୍ର, ତୃତୀୟରେ ଚେତନ ଆନନ୍ଦ ଓ ଅନୁଜ କୁମାର ପଣ୍ଡା ଏବଂ ଚତୁର୍ଥ କ୍ୱାର୍ଟର ଫାଇନାଲରେ ମିଶାଲ ସ୍ୱାଇଁ ଓ ଆକାଶ ମହାପାତ୍ରଙ୍କ ମଧ୍ୟରେ ମୁକାବିଲା ହେବ। ରବିବାର ଅନୁଷ୍ଠିତ ମ୍ୟାଚରେ ଅନୁଜ ପଣ୍ଡା ୨-୧ରେ ଚିରାଗ ଆରୋରା, ମିଶାଲ ସ୍ୱାଇଁ ୨-୦ରେ ଶିବପ୍ରସାଦ ସେଠୀ, ଆକାଶ ମହାପାତ୍ର ୨-୦ରେ ରୁମିତ ଗୁପ୍ତା, ଆଶୁତୋଷ ପାଢ଼ୀ ୨-୦ରେ ସବ୍ୟସାଚୀ ପଟ୍ଟନାୟକ ଓ ରାକେଶ ରୋଶନ ପ୍ରଧାନ ୨-୧ରେ ସିଦ୍ଧାର୍ଥ ସେନ୍‌ଙ୍କୁ ପରାସ୍ତ କରିଛନ୍ତି।



ଅନୁଜ କୁମାର ପଣ୍ଡା

## ମୁଚୋଭାଙ୍କୁ ହରାଇ ରିବାକିନା ଚାମ୍ପିୟନ

**ଷ୍ଟଟଗାର୍ଟ (ଜର୍ମାନୀ), ୧୯।୪ (ଏପି)**

କାଜାଖସ୍ତାନର ଏଲିନା ରିବାକିନା ଦ୍ୱିତୀୟ ଥର ପୋର୍ସେ ଟେନିସ ଗ୍ରାଁ ପ୍ରି ଟାଇଟଲ ଜିତିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ କାରୋଲିନା ମୁଚୋଭାଙ୍କୁ ୭-୫୪, ୬-୧ରେ ହରାଇ ଦେଇଛନ୍ତି। ୨୬ ବର୍ଷୀୟା ଏହି ଖେଳାଳି ପୂର୍ବରୁ ଏଠାରେ ୨୦୨୪ରେ ଚାମ୍ପିୟନ ହୋଇଥିଲେ। କାତାରରେ ବିଜୟ ଲାଭ କରିବା ପରେ ଚେକ୍ ରିପବ୍ଲିକର ମୁଚୋଭାଙ୍କର ଏହାଥିଲା ଦ୍ୱିତୀୟ ଫାଇନାଲ।

# ଜାଇନୁଲଙ୍କୁ 'ତୁଷାରଶ୍ରୀ' ଟାଇଟଲ

### ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା


ଅତିଥିଙ୍କ ଗହଣରେ 'ତୁଷାରଶ୍ରୀ' ଟାଇଲଟ ବିଜୟୀ ଏସ.କେ. ଜାଇନୁଲ।

**ଭୁବନେଶ୍ୱର, ୧୯।୪ (ତପନ ସ୍ୱାଇଁ)**

ଆଚାର୍ଯ୍ୟ ବିହାରସ୍ଥିତ ଆଚାର୍ଯ୍ୟ ହରିହର ପାର୍କରେ ୮ମ 'ତୁଷାରଶ୍ରୀ' ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତା ମୋଟ ୫ଟି ବିଭାଗରେ ହୋଇଥିବାବେଳେ ଏସ୍.କେ. ଜାଇନୁଲ ଟାଇଟଲ ବିଜେତା ହୋଇଛନ୍ତି। ୬୦ କେଜିରେ ବର୍ଗରେ କିଶୋର କୁମାର ଜେନା ପ୍ରଥମ, ରାକେଶ କୁମାର ସାହୁ ଦ୍ୱିତୀୟ ଏବଂ ସନ୍ତୋଷ କୁମାର ସେଠୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୭୦ କେଜିରେ ଏସ୍.କେ. ଜାଇନୁଲ ପ୍ରଥମ, ଆଶିଷ କୁମାର ରାୟ ୨ୟ ଓ ସନାତନ ସାହୁ ତୃତୀୟ ହୋଇଛନ୍ତି। ୭୫ କେଜିରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ରଞ୍ଜନ ନାୟକ, ଦ୍ୱିତୀୟ ପ୍ରମୋଦ କୁମାର ସ୍ୱାଇଁ ଓ ତୃତୀୟ ଓମ୍ ପ୍ରସାଦ ମିଶ୍ର। ୭୫ କେଜିରୁ ଉର୍ଦ୍ଧ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସୁରେନ୍ଦ୍ର କୁମାର ଦାସ, ଦ୍ୱିତୀୟ ଆଶିଷ ରଞ୍ଜନ ଦତ୍ତ, ତୃତୀୟ ଓମ୍ ସ୍ୱରୂପ ମହାନ୍ତି। ସେହିପରି ଫିଟ୍‌ନେସ୍ ପ୍ରତିଯୋଗିତାରେ ପ୍ରଥମ ହୋଇଛନ୍ତି ସୁରେନ୍ଦ୍ର କୁମାର ଦାସ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ସାଗର ଦଳେଇ ଓ ଦୁର୍ଗାଚରଣ ସାମନ୍ତରାୟ। ପ୍ରତିଯୋଗିତାକୁ ଆୟୋଜନ କରିଥିଲେ ତୁଷାର ଚାରିଟେବଲ ଟ୍ରଷ୍ଟ, ମା' ସୁନାଦେଈ ୱାର୍କର୍ସ କ୍ଲବ ଏବଂ ଆଚାର୍ଯ୍ୟ ବିହାର ପରିଷଦ। ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିକାଶ ପଟ୍ଟନାୟକ, ନବକିଶୋର ବେହେରା, ପଦ୍ମଜା ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସୁବାରାମ ସିଂ, ଭଜମନ ମହାନ୍ତି, ଶିଶିର ମହାପାତ୍ର, ଅମ୍ଳେଶ ଦାସ, ତୁଷାର ଚାରିଟେବଲ ଟ୍ରଷ୍ଟର ସଭାପତି ଜିତେନ୍ଦ୍ର କୁମାର ଜେନା ଓ ସମ୍ପାଦକ ବିବେକାନନ୍ଦ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଥିଲେ ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନ ସଭାପତି ସୁମିତ୍ରା ତ୍ରିପାଠୀ ଓ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର।


# Classified Everyday

0674-2580101, 9692975378


REAL ESTATE

**SALE**

**Ready to move apartment Sale Near Hanspal, Rasulgarh, Bhubaneswar. 9777433701.** D-29

**Plot Sale Near Sundarpada OEC College with Boundary wall- 6372670155.** D-30

**ବାଲିଅନ୍ତାରୁ 5K.M. Pitchu Road side Schedulecaste plot 2100sqft.- 40,00,000/-. 7978947520.** D-32




All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Newly opening full body massage. Best therapist, Good Looking: 7205888795. D-135

All types of physiotherapy and massage. Contact: 9556924059 / 7656969134. D-109

**AFFIDAVIT**

I, Sumitra Das aged about 52 years, D/o Banabihari Mishra, W/o- Ratanlal Dash, At/ Post/P.S.- Baisinga, Dist.- Mayurbhanj, PIN- 757028 Odisha declared by this affidavit No- 18, dated 9.4.2026 that onwards I shall be known as Sumitra Dash for all purpose. D-156

By virtue an affidavit (V 068309 and CF No.- 138) sworn before the Executive Magistrate, BBSR on dated- 10.04.26, I, A. Babu Rao, S/o- Late Alapana Mohan Rao, Qtr. No.- D-18/1, Type-II, Mancheswar Railway Colony, BBSR, PIN- 751017 declare that I have changed my name A. Babu Rao to Alapana Babu Rao and my wife's name from A. Bhulaxmi to Alapana Bhulakshmi. Henceforth, my and my wife's name will be known as Alapana Babu Rao and Alapana Bhulakshmi respectively in the KV No-3, BBSR School admission register as the parents of my daughter Alapana Dharani. D-158

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



By virtue of an affidavit sworn before the Notary Public, G.Udayagiri, Dtd-15.04.2026, I, Manoj Kumar Pradhan, S/o- Maheswar Pradhan, Address: At- Katadaganda, P.O.- Nilungia, P.S./ Tahasil- G.Udayagiri, Dist.- Kandhamal, Odisha Aadhaar No. XXXX XXXX 5478 declare that my name has been mentioned in ROR of Mauza Katadaganda, Khata No. 29 as Manoj Kumar Mallick, Cast: Kandha instead of my actual name Manoj Kumar Pradhan, Cast: Kandha. I swear in this affidavit and declare that Manoj Kumar Mallick and Manoj Kumar Pradhan is one and same Person. Henceforth, I shall be known as Manoj Kumar Pradhan for all purposes.
Manoj Kumar Pradhan
D-155

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବ୍ରହ୍ମାନନ୍ଦ ମିଶ୍ର**

ଆବିର୍ଭାବ ୨୮/୦୭/୧୯୩୨ ଶ୍ରାବଣ ଦଶମୀ
ତିରୋଧାନ ୨୮/୦୪/୨୦୧୭ ଅକ୍ଷୟ ତୃତୀୟା

ଆପଣଙ୍କ ଅବର୍ତ୍ତମାନକୁ ସହଜରେ ବିଶ୍ୱାସ କରିହୁଏନା। ଚାହୁଁ ଚାହୁଁ ୯ବର୍ଷ ବିତିଗଲା। ହେ କର୍ମଯୋଗୀ ଆପଣଙ୍କ ପ୍ରଦର୍ଶିତ ସ୍ୱାଭିମାନ, ସରଳ ଜୀବନ ଯାପନ, ନିଷ୍ପାପର କର୍ତ୍ତବ୍ୟ କର୍ମ ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

**ଶୋକସନ୍ତପ୍ତ**
ଆତ୍ମୀୟସ୍ୱଜନ, ବନ୍ଧୁବର୍ଗ, ଅଗଣିତ ଛାତ୍ର-ଛାତ୍ରୀ ଓ ପରିବାରବର୍ଗ
ଧ-୧୧୨

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**୰ସୁମନ୍ତ କୁମାର ବେହେରା**

ଛେଣ୍ଡିପଦା
ଆବିର୍ଭାବ: ୦୬।୦୯।୧୯୮୨
ତିରୋଧାନ: ୨୦।୦୪।୨୦୨୪
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ଆହିଲ୍, ବେହେରା ପରିବାରବର୍ଗ ଏବଂ ବନ୍ଧୁବାନ୍ଧବ
ଧ-୧୬୧

# ଭିଟାମିନ୍-ଡି’ ଅଭାବରୁ ହୋଇପାରେ ହୃଦ୍‌ଘାତ



ଆମ ଶରୀର ପାଇଁ ଭିଟାମିନ୍ ‘ଡି’ କେତେ ଉପକାରୀ, ତାହା ପ୍ରାୟ ଅନେକ ଜାଣନ୍ତି। ଏହା ବିଭିନ୍ନ ଖାଦ୍ୟ ପଦାର୍ଥରେ ଭରି ରହିଛି ଏବଂ ଏହାର ଅନ୍ୟତମ ପ୍ରମୁଖ ଉତ୍ସ ହେଉଛି ସୂର୍ଯ୍ୟକିରଣ। ତେବେ ଏହି ଭିଟାମିନ୍ ଅଭାବରେ ଆମେ କେତେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଉ। ତେବେ ଏହାର ପରିମାଣ ଯଦି ଶରୀରରେ ଅସନ୍ତୁଳିତ ରହିଲା, ତେବେ ହୃଦ୍‌ଘାତ ପରି ସମସ୍ୟାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏଭଳି ବିଷୟକୁ ନେଇ ସେମାନେ କରିଥିବା ଏକ ସର୍ଭେରୁ ଏକଥା ଜଣାପଡିଥିଲା। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୨୦% ବ୍ୟକ୍ତିଙ୍କଠାରେ ହୃଦ୍‌ଜନିତ ସମସ୍ୟା ଦେଖିବାକୁ ମିଳିଥିଲା। ସେମାନଙ୍କ ଶରୀରରେ ଭିଟାମିନ୍ ‘ଡି’ର ପରିମାରଣ କମ୍ ଥିବାର ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କଦଳୀ, କମଳା, ଆଲ୍‌ମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍ ଆଦିରେ ଭିଟାମିନ୍ ‘ଡି’ ଭରିରହିଛି।

# ଦୀର୍ଘକାଳୀନ କିଡ୍‌ନୀ ରୋଗ



ଦୀର୍ଘକାଳୀନ କିଡ୍‌ନୀ ରୋଗ ପାଇଁ ମୁଖ୍ୟତଃ ଦାୟୀ ହେଉଛି ଡାଇବେଟିସ୍ ଏବଂ ଉଚ୍ଚ ରକ୍ତଚାପ। ଏହା ଧୀରେ ଧୀରେ କିଡ୍‌ନୀକୁ ଅକାମୀ କରିଦିଏ। ଶରୀରର ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କିଡ୍‌ନୀ ପକ୍ଷେ ସମ୍ଭବ ହୋଇପାରେ ନାହିଁ। ୟୁରିନାରି ଟ୍ରାକ୍ ଇନ୍‌ଫେକଶନ ବା ମୂତ୍ରମାର୍ଗରେ ଜୀବାଣୁ ସଂକ୍ରମଣକୁ ଚିକିତ୍ସା ନ କଲେ ତାହା କିଡ୍‌ନୀ କାର୍ଯ୍ୟକୁ ଅକ୍ଷମ କରିପକାଏ। ନେଫ୍ରୋଟିକ୍ ସିଣ୍ଡ୍ରୋମରେ ପରିସ୍ରାରେ ବହୁ ପରିମାଣରେ ପ୍ରୋଟିନ ନିଷ୍କାସିତ ହୁଏ। ଫଳରେ ରକ୍ତରେ ଆଲବୁମିନ୍ ନାମକ ପ୍ରୋଟିନ୍‌ର ମାତ୍ରା କମିଯାଏ। ଶରୀରରେ ଜଳ ଜମିଯାଇ ପେଟ, ମୁହଁ, ଗୋଡ଼ ଏବଂ ପାଦ ଫୁଲିଯାଏ। ଡାଇବେଟିକ୍ ନେଫ୍ରୋପାଥିରେ ଡାଇବେଟିସ୍ ଯୋଗୁ କିଡ୍‌ନୀ ନଷ୍ଟ ହୋଇ ଜାତ ହୁଏ କିଡ୍‌ନୀ ଅକ୍ଷମତା। କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠଗ୍ଲାସ ପାଣି ପିଅନ୍ତୁ। ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାଷିତ ହୋଇଯିବ। ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ସପ୍ତାହରେ ଅନ୍ତତଃ ୧୫୦ ମିନିଟ୍ ଚାଲନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ। ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ।

# ପାଚିଲା ଫଳରେ ହାନିକାରକ କାର୍ବାଇଡ୍



ଡ. ଆଶିଷ କୁମାର ଯେନା

“ଫଳକୁ ପଚାଇବା ସହିତ ହାନିକାରକ ଆର୍ସେନିକ୍ ଓ ଫସ୍‌ଫରସ୍ ହାଇଡ୍ରାଇଡ୍ ସହ ମିଶି ମଣିଷ ଶରୀରକୁ ଆସିବାର ଆଶଙ୍କା ଥାଏ। ଏହିସବୁ କ୍ଷତିକାରକ ରାସାୟନିକ ପଦାର୍ଥଗୁଡ଼ିକ ଶରୀରରେ ଥକାପଣ, ଶୋଷ ଲାଗିବା, କୁଣ୍ଡେଇ ହେବା, ବାନ୍ତି, ପାଟିରେ ଘା’, କିଡ୍‌ନୀ ସମସ୍ୟା, ମଧୁମେହ ବା ଡାଇବେଟିସ୍, ହୃଦ୍‌ରୋଗ ଏବଂ କ୍ୟାନ୍‌ସର ପରି ମାରାତ୍ମକ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି। କ୍ୟାଲ୍‌ସିୟମ୍ କାର୍ବାଇଡ୍ ଫଳରେ ଥିବା ପୁଷ୍ଟିକର ମୂଲ୍ୟକୁ କମାଇଥାଏ।”

ଆଜିର ବ୍ୟସ୍ତବହୁଳ ଓ ସହରୀକରଣ ଜୀବନଶୈଳୀ ମଧ୍ୟରେ ବାଡ଼ିବଗିଚା ସ୍ୱପ୍ନ ପରି ମନେହୁଏ। ଅଧିକାଂଶ ସମୟରେ ଆମ୍ଭେମାନେ ଫଳ ପାଇଁ ବଜାର ଉପରେ ନିର୍ଭରଶୀଳ। ଅନେକ ଫଳ ଯଥା ଆମ୍ବ, କଦଳୀ ଇତ୍ୟାଦି ଆମ ଅଞ୍ଚଳରେ ଉତ୍ପାଦନ ହେଉଥିଲେ ମଧ୍ୟ ବର୍ଦ୍ଧିତ ଚାହିଦା ମେଣ୍ଟାଇବା ପାଇଁ ଅନ୍ୟ ରାଜ୍ୟରୁ କ୍ରୟ କରାଯାଏ। ପାଚିଲା ଫଳଗୁଡ଼ିକ ରପ୍ତାନି ସମୟରେ ନଷ୍ଟ ହେବାର ସମ୍ଭାବନାକୁ ଆଖିଆଗରେ ରଖି କଞ୍ଚା ଫଳଗୁଡ଼ିକୁ ବ୍ୟବସାୟୀମାନେ ଆମଦାନୀ କରିଥା’ନ୍ତି। ଲୋକମାନଙ୍କର ଚାହିଦା ପୂରଣ କରିବାକୁ ଯାଇ ଫଳଗୁଡ଼ିକୁ ଶୀଘ୍ର ପଚାଇବାର ବ୍ୟବସ୍ଥା ମଧ୍ୟ କରାଯାଇଥାଏ। ଏଥିପାଇଁ ବଜାରରେ ଉପଲବ୍ଧ କ୍ୟାଲ୍‌ସିୟମ୍ କାର୍ବାଇଡ୍ ନାମକ ରାସାୟନିକ ପଦାର୍ଥର ଉପଯୋଗ କରାଯାଏ, ଯାହା ସର୍ବସାଧାରଣରେ କାର୍ବାଇଡ୍ ରୂପେ ପରିଚିତ। କ୍ୟାଲ୍‌ସିୟମ କାର୍ବାଇଡ୍ ଜଳକଣା ସଂସ୍ପର୍ଶରେ ଆସି ଏସିଟିଲିନ୍ ନାମକ ରାସାୟନିକ ଗ୍ୟାସ୍ ତିଆରି କରିଥାଏ। ଏହି ଏସିଟିଲିନ୍





ଏବଂ କ୍ୟାଲ୍‌ସିୟମ୍ କାର୍ବାଇଡ୍ ଫଳକୁ ପଚାଇବାରେ ସହାୟକ ହୋଇଥାଏ। ଏସିଟିଲିନ୍ ଉଭିଦରୁ ସ୍ୱତଃ ପ୍ରସ୍ତୁତ ହେଉଥିବା ଇଥିଲିନ୍ ନାମକ ହରମୋନ୍‌କୁ ଅନୁକରଣ କରି ଫଳକୁ ପଚାଇଥାଏ। କିନ୍ତୁ ଚିନ୍ତାର ବିଷୟ ହେଉଛି, କ୍ୟାଲ୍‌ସିୟମ୍ କାର୍ବାଇଡ୍‌ରେ ଥିବା ହାନିକାରକ ରାସାୟନିକ ପଦାର୍ଥ ଯଥା ଆର୍ସେନିକ୍ ଏବଂ ଫସ୍‌ଫରସ୍ ହାଇଡ୍ରାଇଡ୍ ଇତ୍ୟାଦି କ୍ୟାଲ୍‌ସିୟମ୍ କାର୍ବାଇଡ୍ ଫଳ ସଂସ୍ପର୍ଶରେ ଆସି କଞ୍ଚାଫଳକୁ ପଚାଇବା ସହିତ ହାନିକାରକ ଆର୍ସେନିକ୍ ଓ ଫସ୍‌ଫରସ୍ ହାଇଡ୍ରାଇଡ୍ ସହ ମିଶି ମଣିଷ ଶରୀରକୁ ଆସିବାର ଆଶଙ୍କା ଥାଏ। ଏହିସବୁ କ୍ଷତିକାରକ ରାସାୟନିକ ପଦାର୍ଥଗୁଡ଼ିକ ଶରୀରରେ ଥକାପଣ, ଶୋଷ ଲାଗିବା, କୁଣ୍ଡେଇ ହେବା, ବାନ୍ତି, ପାଟିରେ ଘା’, କିଡ୍‌ନୀ ସମସ୍ୟା, ମଧୁମେହ ବା ଡାଇବେଟିସ୍, ହୃଦ୍‌ରୋଗ ଏବଂ କ୍ୟାନ୍‌ସର ପରି ମାରାତ୍ମକ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି। କ୍ୟାଲ୍‌ସିୟମ୍ କାର୍ବାଇଡ୍ ଫଳରେ ଥିବା ପୁଷ୍ଟିକର ମୂଲ୍ୟକୁ କମାଇଥାଏ। ଉଦାହରଣ ସ୍ୱରୂପ ଭିଟାମିନ୍ ସି। ଏହି ଭିଟାମିନ୍‌ର ଆଣ୍ଟି ଅକ୍ସିଡାଣ୍ଟ ଶରୀର ପାଇଁ ଲାଭଦାୟକ। ଆମ ଶରୀର ଭିଟାମିନ୍ ‘ସି’କୁ ତିଆରି କରିବାରେ ସକ୍ଷମ ହୋଇନଥାଏ। ମୁଖ୍ୟତଃ ଫଳରୁ ଭିଟାମିନ୍ ‘ସି’ ମିଳିଥାଏ। କ୍ୟାଲ୍‌ସିୟମ୍ କାର୍ବାଇଡ୍ ଦ୍ୱାରା ପଚାଯାଉଥିବା ଫଳରେ ଭିଟାମିନ୍ ‘ସି’ର ପରିମାଣ ଅପେକ୍ଷାକୃତ କମ୍ ରହିଥାଏ। ପ୍ରକୃତିରୁ ମିଳୁଥିବା ପାଚିଲା ଫଳରେ ବିଭିନ୍ନ ପ୍ରକାର ଆଣ୍ଟି ଅକ୍ସିଡାଣ୍ଟ ଯଥା ଆନ୍ଥୋସିଆନିନ୍, ଭିଟାମିନ୍ ‘ସି’ ଓ କାରୋଟିନଏଡ୍ସ ରହିଥାଏ। କାର୍ବାଇଡ୍ ଏବଂ ଅନ୍ୟ ରାସାୟନିକ ପଦାର୍ଥକୁ ବ୍ୟବହାର କରି ପଚାଯାଉଥିବା ଫଳରେ ଏହି ଆଣ୍ଟି ଅକ୍ସିଡାଣ୍ଟର ପରିମାଣ କମ୍ ରହିଥାଏ। କୃତ୍ରିମ ଉପାୟରେ ପଚାଯାଉଥିବା ଫଳର ସ୍ୱାଦ ଓ ବାସ୍ନା ପ୍ରକୃତି ଦ୍ୱାରା ପ୍ରଦତ୍ତ ପାଚିଲା ଫଳଠାରୁ ଅନେକ ଗୁଣରେ କମ୍। ଏହାଛଡ଼ା କ୍ୟାଲ୍‌ସିୟମ୍ କାର୍ବାଇଡ୍ ପ୍ରୟୋଗ ଫଳର ବ୍ୟବହାର ଯୋଗୁଁ ସମୟସୀମାକୁ ମଧ୍ୟ କମାଇଥାଏ। ତେଣୁ ଆମ ଦେଶରେ ଖାଦ୍ୟ ସୁରକ୍ଷା ଓ ମାନକ ନିୟମାବଳୀ ୨୦୧୧ ଅନୁଯାୟୀ କାର୍ବାଇଡ୍‌କୁ ଫଳ ପଚାଇବା ପାଇଁ ବାରଣ କରାଯାଇଅଛି।

ସମ୍ପ୍ରତି ମଣିଷର ଅଗ୍ରଗତି ସହିତ ତା’ର ଚାହିଦା ଅନେକ ମାତ୍ରାରେ ବଢ଼ିଛି। ତତ୍‌କ୍ଷଣାତ୍ ସବୁକିଛି ପାଇବାର ମୋହ ତାକୁ ଗ୍ରାସ କରିଛି। ତେଣୁ ଇଥୋଫେନ୍ ପରି ଅନ୍ୟ ଏକ କୀଟନାଶକ ଦ୍ରବଣକୁ ଫଳ ପଚାଇବା ପାଇଁ ଆଜିକାଲି ବ୍ୟବହାର କରାଯାଉଅଛି। ଇଥୋଫେନ୍ ହେଉଛି ଫସ୍‌ଫରସ୍‌ଯୁକ୍ତ ଉଚ୍ଚ ଅମ୍ଳ ଜଡ଼ିତ ରାସାୟନିକ ପଦାର୍ଥ, ଯାହା କ୍ଷାରକ ସଂସ୍ପର୍ଶରେ ଆସି ଇଥିଲିନ୍ ଗ୍ୟାସ ପ୍ରସ୍ତୁତ କରିଥାଏ। ଏହି ଇଥିଲିନ୍ ଗ୍ୟାସ ଫଳକୁ ପଚାଇଥାଏ। ଇଥୋଫେନ୍‌ର ପ୍ରତ୍ୟକ୍ଷ ବ୍ୟବହାର ଇଥିଲିନ୍ ଗ୍ୟାସ୍ ପ୍ରସ୍ତୁତ କରିବା ସହିତ କ୍ଷତିକାରକ ୨-ହାଇଡ୍ରୋକସି ଫସ୍‌ଫୋନିକ୍ ଏସିଡ୍ ମଧ୍ୟ ତିଆରି କରିଥାଏ। ତେଣୁ ଇଥୋଫେନ୍ ଦ୍ରବଣର ପାର୍ଶ୍ୱ ପ୍ରତିକ୍ରିୟା ଥିବାରୁ ଏହାର ସିଧାସଳଖ ପ୍ରୟୋଗକୁ ମଧ୍ୟ ବାରଣ କରାଯାଇଛି। ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ନିୟମାବଳୀ ଅନୁଯାୟୀ ଇଥୋଫେନ୍‌ରୁ ଉତ୍ପନ୍ନ ହେଉଥିବା ଇଥିଲିନ୍ ଗ୍ୟାସ ବ୍ୟବହାର ପାଇଁ ଅନୁମୋଦିତ ପଦ୍ଧତି ଉଲ୍ଲେଖ କରାଯାଇଅଛି। କାର୍ବାଇଡ୍ ଏବଂ ଇଥୋଫେନ୍ ଦ୍ରବଣ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇଥିବାରୁ ଏହାକୁ ଫଳ ପଚାଇବା ପାଇଁ ବ୍ୟବହାର କରିବା ପରିବର୍ତ୍ତେ ଇଥିଲିନ୍ ଗ୍ୟାସର ବ୍ୟବହାର ଅନୁକରଣୀୟ। ବର୍ତ୍ତମାନ ଇଥିଲିନ୍ ଗ୍ୟାସକୁ ବ୍ୟବହାର କରାଯାଇ ଅନେକ ଫଳ ପଚାଇବା କେନ୍ଦ୍ର ପ୍ରତିଷ୍ଠା କରାଯାଇଅଛି।

- ସହକାରୀ ପ୍ରଫେସର, ରସାୟନ ବିଜ୍ଞାନ ବିଭାଗ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା, ମୟୂରଭଞ୍ଜ
ମୋ : ୯୮୫୩୨୨୨୯୧୯

# ଯକ୍ଷ୍ମା ନିର୍ଣ୍ଣୟ ପାଇଁ ପରୀକ୍ଷା

ଯକ୍ଷ୍ମା ରୋଗର ନିର୍ଣ୍ଣୟ ପାଇଁ ଡାକ୍ତର ପ୍ରଥମେ ଷ୍ଟେଥେସ୍କୋପ ସାହାଯ୍ୟରେ ରୋଗୀର ଫୁସ୍‌ଫୁସ୍ ପରୀକ୍ଷା କରିଥାଆନ୍ତି। ବେକରେ ଲସିକା ଗ୍ରନ୍ଥି ବଢ଼ିଛି କି ନାହିଁ ପରୀକ୍ଷା କରି ଦେଖନ୍ତି। ଚର୍ମ ତଳେ ଇଞ୍ଜେକ୍‌ସନ ଦେଇ ମାଣ୍ଟ ପରୀକ୍ଷା କରାଯାଏ। ରକ୍ତ ପରୀକ୍ଷା ଏବଂ ଛାତିର ଏକ୍ସ-ରେ ମଧ୍ୟ ହୋଇଥାଏ। ସ୍ଥଳ ବିଶେଷରେ ଫୁସ୍‌ଫୁସ୍‌ର ସିଟି ସ୍କାନ ଆବଶ୍ୟକ ପଡ଼ିପାରେ । ତେବେ ଯକ୍ଷ୍ମା ରୋଗ ନିର୍ଣ୍ଣୟ ପାଇଁ ରୋଗୀର ଖଙ୍କାର ପରୀକ୍ଷା ଜରୁରୀ, ଯେଉଁଥିରୁ ସେଥିରେ ଯକ୍ଷ୍ମା ଜୀବାଣୁ ଅଛି କି ନାହିଁ ଜଣାପଡ଼ିଲେ ରୋଗ ନିର୍ଣ୍ଣୟରେ ଆଉ କୌଣସି ସନ୍ଦେହ ରହେ ନାହିଁ। ରୋଗ ନିର୍ଣ୍ଣୟ ହେବା ପରେ ଆରମ୍ଭ କରାଯାଏ ଚିକିତ୍ସା। ଯକ୍ଷ୍ମାର ଫଳପ୍ରଦ ଚିକିତ୍ସା ପାଇଁ ଅନେକ ଔଷଧ ଉପଲବ୍ଧ। ନିୟମିତ ତଥା ଯଥାର୍ଥ ଚିକିତ୍ସାରେ ରହିଲେ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ। ଏହାବ୍ୟତୀତ ଔଷଧ ଖାଇବାରେ ଅନିୟମିତତା, ଚିକିତ୍ସିତ ହେଲା ବେଳେ ଟିକିଏ ସୁସ୍ଥ ଅନୁଭବ କଲେ ଚିକିତ୍ସା ଅଧାରୁ ଔଷଧ ବନ୍ଦ କରିଦେବା ଠିକ୍ ନୁହେଁ। ଡାକ୍ତରଙ୍କ ପରାମଶ ; ଅନୁସାରେ ଔଷଧି ଖାଆନ୍ତୁ। ଏବେ ଡାଇରେକ୍ଟଲି ଅବ୍‌ଜରର୍ଭଡ ଥେରାପି ବା ‘ଡଟ୍’ (DOT) ପଦ୍ଧତିରେ ଚିକିତ୍ସା କରାଯାଇ ସୁଫଳ ମିଳୁଛି। ଏହି ପଦ୍ଧତିରେ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତ୍ୟକ୍ଷ ତଦାରଖରେ ରୋଗୀକୁ ନିୟମିତ ଔଷଧ ଖୁଆଇବା ବ୍ୟବସ୍ଥା ଅନୁସୃତ ହେଉଛି। ଯକ୍ଷ୍ମାରୋଗର ନିବାରଣ ପାଇଁ ଶିଶୁଙ୍କୁ ବିସିଜି ଟିକା ଦିଆଯାଉଛି ।



# ସନ୍ତୁଳିତ ଖାଦ୍ୟ ଓ କୋଲେଷ୍ଟରଲ ପରିମାଣ

ଆମ ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ। ତେବେ ଏଥିପାଇଁ କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ବିଶେଷଭାବରେ ଜଣେ ଯଦି ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତି, ତେବେ ତାଙ୍କ ଶରୀରରେ କୋଲେଷ୍ଟରଲ ପରିମାଣ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। କେବଳ ସେତିକି ନୁହେଁ, ଆଉ ଏକ ସରଳ ଉପାୟ ରହିଛି, ଯଦ୍ୱାରା ଏହାକୁ ସନ୍ତୁଳିତ ରଖିହେବ। ତାହା



ହେଲା ରକ୍ତଦାନ। ଅର୍ଥାତ୍ ଯଦି ଜଣେ ବ୍ୟକ୍ତି ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରନ୍ତି, ତେବେ ତାଙ୍କ ଶରୀରରେ କୋଲେଷ୍ଟୋରଲ ପରିମାଣ ସନ୍ତୁଳିତ ରହିଥାଏ। ନିୟମିତ ବ୍ୟାୟାମ କରନ୍ତୁ। କାରଣ ଏହାଦ୍ୱାରା ଆପଣଙ୍କ ଶରୀରରେ କୋଲେଷ୍ଟରଲ ନିୟନ୍ତ୍ରଣରେ ରହିବ। ଏଥିଲାଗି ଆଉ ଏକ ଦିଗ ପ୍ରତି ଦୃଷ୍ଟି ଦେବାକୁ ଭୁଲନ୍ତୁ ନାହିଁ। ନିଜର ଓଜନକୁ ସବୁବେଳେ ସନ୍ତୁଳିତ ରଖନ୍ତୁ। ଯଦି କୋଲେଷ୍ଟରଲଜନିତ ସମସ୍ୟା ରହିଛି, ତେବେ ଏ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

# ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଦହି

ଦହିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ୍ ମଧ୍ୟ ଅଛି। ତେବେ ଯଦି ଜଣେ ବ୍ୟକ୍ତି ନିୟମିତ ଦହି ଖାଆନ୍ତି, ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଦହିରେ କ୍ୟାଲ୍‌ସିୟମ୍ ଥିବାରୁ ଏହା ହାଡ଼ ଓ ଆଣ୍ଠୁଗଣ୍ଠିକୁ ମଜଭୁତ କରିବାରେ ସାହାଯ୍ୟ କରେ। ଅଷ୍ଟିଓପୋରେସିସ୍ ଆଶଙ୍କାଠାରୁ ଏହା ମଧ୍ୟ କେତେକାଂଶରେ ଦୂରେଇ ରଖିଥାଏ। ଦହିରେ ଆଣ୍ଟି-ଫଙ୍ଗାଲ୍ ଗୁଣ ଭରି ରହିଛି। ପ୍ରତିଦିନ ଖାଉଥିବା ଖାଦ୍ୟରେ ଦହିକୁ ସାମିଲ କରନ୍ତୁ। ପ୍ରତିଦିନ ଦହି ଖାଇଲେ ତାହା ହଜମ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। କେବଳ ସେତିକି ନୁହେଁ, ଏହାକୁ ଖାଇଲେ କୋଲେଷ୍ଟରଲ୍ ଏପରି କି ମେଦବହୁଳତାକୁ ନିୟନ୍ତ୍ରଣରେ ରଖିଥାଏ। ଉଚ୍ଚ ରକ୍ତଚାପ ସମସ୍ୟା ସହ ଜଡ଼ିତ ବ୍ୟକ୍ତି ଦହି ମଧ୍ୟ ଖାଇପାରନ୍ତି। ନିୟମିତ ଦହି ଖାଇଲେ ତାହା ହରମୋନ୍‌କୁ କେତେକାଂଶରେ ସନ୍ତୁଳିତ ରଖିବାରେ ସାହାଯ୍ୟ କରିଥାଏ। ଦହି ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳିତ ରଥିଥାଏ।



# ସ୍ୱା ସ୍ଥ୍ୟ ସୂ ଚ ନା

➢ପ୍ରତିଦିନ ସକାଳ ବ୍ରେକ୍‌ଫାଷ୍ଟ ତାଲିକାରେ ସାଲାଡ଼, ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଏହା ହେଉଛି ଦିନର ପ୍ରଥମ ଖାଦ୍ୟ। ଏହି ତାଲିକାରେ ଯେତେ ହାଲୁକା ଖାଦ୍ୟ ରଖିବେ, ସେତେ ଭଲ।

➢ଯେତେ ବ୍ୟସ୍ତ ରହିଲେ ମଧ୍ୟ ପ୍ରତିଦିନ ସକାଳୁ କିଛି ସମୟ ବ୍ୟାୟାମ କରିବାକୁ ଭୁଲନ୍ତୁ ନାହିଁ। ତା’ସହ ନିୟମିତ କିଛି ସମୟ ଯୋଗ କରନ୍ତୁ।



➢ଆଖୁରସରେ ଭିଟାମିନ୍-ସି’ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ଏହା ରକ୍ଷା କରିଥାଏ।

➢ସବୁବେଳେ ନିଜର ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। କାରଣ ଏହାଦ୍ୱାରା ଆପଣ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବେ।

➢ଅଧିକ ତେଲମସଲା ଏବଂ ରାଗଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ, ସେତେ ଭଲ। ବାହାର ଖାଦ୍ୟ ଖାଇବା ଅଭ୍ୟାସକୁ ସବୁବେଳେ ନିୟନ୍ତ୍ରଣରେ ରଖନ୍ତୁ। କାରଣ ଏହାଦ୍ୱାରା ପେଟଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି।

➢ମନକୁ ସର୍ବଦା ଶାନ୍ତ ରଖନ୍ତୁ ଏବଂ ନିଜକୁ ନକାରାତ୍ମକ ଚିନ୍ତାଧାରାଠାରୁ ଯେତେ ଦୂରେଇ ରଖିବେ, ସେତେ ଭଲ।

# ଉପକାରୀ କଳରା

କଳରାର ସ୍ୱାଦ ପିତା, କିନ୍ତୁ ଏହା ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଥିବା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ସମ୍ପର୍କରେ...



- ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଳରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।
- ଏଥିରେ ଭିଟାମିନ୍-ଏ’ ଭରି ରହିଛି। ପ୍ରତିଦିନ କଳରା ଖାଇଲେ ତାହା ଆଖି ପାଇଁ ମଧ୍ୟ ମହୌଷଧି ସଦୃଶ କାମ କରେ।
- ଡାଇବେଟିସ୍ ରୋଗୀମାନେ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରିବେ। ଏହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ।
- କଳରା ଜୁସ୍ ମଧ୍ୟ ବେଶ୍ ଉପକାରୀ।
- ଇନ୍‌ସୁଲିନ୍ କ୍ଷରଣକୁ ସନ୍ତୁଳିତ ରଖିବା ସହ ରକ୍ତ ସଞ୍ଚାଳନକୁ କେତେକାଂଶରେ ସକ୍ରିୟ କରାଇଥାଏ କଳରା। ଉଚ୍ଚ ରକ୍ତଚାପ, ଆଜ୍‌ମା ଭଳି ଆଶଙ୍କାକୁ ଏହା ଦୂରେଇ ରଖିବାରେ ସାହାଯ୍ୟ କରିଥାଏ।
- କଳରାରେ କ୍ୟାଲୋରି, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ରହିଛି, ଯାହା ଶରୀରର ଓଜନକୁ ସନ୍ତୁଳିତ ରଖେ। ଏହା ସହ ଯକୃତ ବା ଲିଭରରୁ ବାଇଲ୍ ଏସିଡ୍ କ୍ଷରଣ କରି ମେଟାବୋଲିଜିମ୍‌କୁ ସନ୍ତୁଳିତ ରଖିଥାଏ।
- କଳରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ।
- ନିୟମିତ କଳରା ଖାଇଲେ ତାହା ଶରୀରରେ ଆଲର୍ଜି ଆଶଙ୍କାକୁ କେତେକାଂଶରେ ଦୂରେଇରଖେ।
- ଖାଦ୍ୟ ହଜମରେ ମଧ୍ୟ ଏହା ସାହାଯ୍ୟ କରେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ Business queries: <advt@dharitri.com>